
# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୧୫/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 15/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 83 | ମୂଲ୍ୟ ₹୭/-

**ପ୍ରମୋଦ ଭଗତଙ୍କୁ ଦୁଇ ସ୍ୱର୍ଣ୍ଣ**

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ।

୧୪

୦୪

**ବିବାହ କଥା କେବଳ ଗୁଜବ : ମୃଣାଳ**

ମୋ ବିବାହକୁ ନେଇ ସୋସିଆଲ ମିଡିଆରେ ଯେଉଁ ଚର୍ଚ୍ଚା ଚାଲିଛି ତାହା କେବଳ ଗୁଜବ ବୋଲି କହିଛନ୍ତି ବଲିଉଡ୍ ଅଭିନେତ୍ରୀ ମୃଣାଳ ଠାକୁର ।



# ସମୃଦ୍ଧିର ସ୍ତମ୍ଭ ଶିଳ୍ପ: ମୁଖ୍ୟମନ୍ତ୍ରୀ

## ■ କେନ୍ଦୁଝରରେ ୧୦୦ କୋଟିର ଟେକ୍ସଟାଇଲ ପାର୍କ ଶିଳାନ୍ୟାସ
## ■ ଧରଣୀଧର ବିଶ୍ୱବିଦ୍ୟାଳୟରେ ଆଧୁନିକ ଡାଟା ସେଣ୍ଟରର ଭିତ୍ତିପ୍ରସ୍ତର

କେନ୍ଦୁଝର,୧୪।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଦିନିକିଆ କେନ୍ଦୁଝର ଜିଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ଏହା କହିଛନ୍ତି। ଏହି ଜିଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ ଭିତ୍ତିଭୂମି ବିକାଶ ପାଇଁ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ ପାର୍କ, ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟାସେଣ୍ଟରର ଶିଳାନ୍ୟାସ କରିଛନ୍ତି। ଆୟୋଜିତ ସାଧାରଣ ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଆମ ସରକାରପ୍ରତ୍ୟେକ ଜିଲାକୁ ସମୃଦ୍ଧ କରିବା ପାଇଁ ସଂକଳ୍ପବଦ୍ଧ। ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। କେବଳ ଖଣି କିମ୍ବା ଇସ୍ପାତ ନୁହେଁ, ବରଂ ଟେକ୍ସଟାଇଲ ଏବଂ ଆଇଟି ପରି କ୍ଷେତ୍ରରେ ଶିଳ୍ପର ବିବିଧକରଣ କରି ଆମେ ଯୁବପିଢ଼ି ଓ ମହିଳାଙ୍କ ପାଇଁ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛୁ। ସମୃଦ୍ଧ ଜିଲାରୁ ହିଁ ସମୃଦ୍ଧ ଓଡ଼ିଶା ମନ୍ତ୍ରକୁ ପାଥେୟ କରି ଆମେ ଶିଳ୍ପ ଅନୁକୂଳ ନୀତି ଏବଂ ମାନବ ସମ୍ବଳର ବିକାଶ ଉପରେ ଗୁରୁତ୍ୱ ଦେଉଛୁ। ବିକଶିତ ଭାରତ ପରିକଳ୍ପନାରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିତୋଳିବା ସହ ସୁନାର କେନ୍ଦୁଝର ଗଠନ ପାଇଁ ଆମର ଏହି ପ୍ରୟାସ ନିରନ୍ତର ଜାରି ରହିବ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁ ଥିବା ଟେକ୍ସଟାଇଲ ପାର୍କରେ ୧୨୦୦ ଯୁବତୀ ଯୁବକ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ ସହାୟତା ସହ ହିଣ୍ଡାଲ୍‌କୋ କମ୍ପାନୀ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ। ଗତବର୍ଷ ଜୁଲାଇରେ ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ (ଓ-ଟେକ୍ସ)ରେ ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ରାଜ୍ୟ ସାରା ୫୩,୦୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ ଟେକ୍ସଟାଇଲ ପାର୍କ ସହ କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ଜଗତ୍‌ସିଂହପୁରଠାରେ ମଧ୍ୟ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି। ଆମର ଯୁବପିଢ଼ି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜଭୁତ କରୁଛନ୍ତି। ଏବେ ଲୋକେ ନିଜ ଘର ପାଖରେ କାମ କରିପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଓକାକ୍ ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟାସେଣ୍ଟର ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟାସେଣ୍ଟରର ଏକ ବ୍ୟାକ୍‌ଅପ୍ ଭାବେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ। କେନ୍ଦୁଝର କମ୍ ଭୂମିକମ୍ପ-ବିପଦ ପ୍ରବଣ ହୋଇଥିବା ଯୋଗୁ ଏଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜିଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ବ୍ୟୟବରାଦ କରାଯାଇଛି। ମକର ପର୍ବ ସମୟରେ ୧୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା। ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ ଶକ୍ତି ଏକ ବିକଶିତ ଭାରତ ଆଡ଼କୁ ଆମ ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ନାଏକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ଜିଲାପାଳ ବିଶାଲ ସିଂହ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଓକାକ୍ ସିଇଓ ପ୍ରଦୀପ କୁମାର ରାଉତ, ହିଣ୍ଡାଲ୍‌କୋ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ବରିଷ୍ଠ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବୋଧିତ କରୁଛନ୍ତି।

# ଭାରତ-ପାକିସ୍ତାନ ମୁକାବିଲା ଆଜି

**ଟି୨୦ ବିଶ୍ୱକପ୍**

କଲମ୍ବୋ, ୧୪।୨

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ସବୁଠାରୁ ଚର୍ଚ୍ଚିତ ଭାରତ-ପାକିସ୍ତାନ ମୁକାବିଲା ରବିବାର ପ୍ରେମଦାସା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରୁ ବାଂଲାଦେଶକୁ ବାଦ୍ ଦିଆଯିବାକୁ ନେଇ କ୍ରିକେଟ ସହିତ ରାଜନୀତିର ସମ୍ମିଶ୍ରଣ ହୋଇଥିଲା ଏବଂ ଭାରତ ବିପକ୍ଷ ମ୍ୟାଚକୁ ପାକିସ୍ତାନ ବର୍ଜନ କରିବ ବୋଲି କହିବାରୁ ନାଟକୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ମାତ୍ର ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି), ବାଂଲାଦେଶ ଓ ଶ୍ରୀଲଙ୍କା କ୍ରିକେଟ ବୋର୍ଡର ହସ୍ତକ୍ଷେପ ପରେ ପାକିସ୍ତାନ ୟୁଟର୍ନ ମାରିବାସହ ଖେଳିବାକୁ ରାଜି ହେବାପରେ ଏହି ହାଇପ୍ରୋଫାଇଲ ମ୍ୟାଚ ଲାଗି କ୍ଷେତ୍ର ପ୍ରସ୍ତୁତ ହୋଇଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାରୁ ଭାରତ-ପାକିସ୍ତାନ ମ୍ୟାଚରେ ଉଭୟ ଦଳର ଖେଳାଳି ଅତ୍ୟଧିକ ଚାପଗ୍ରସ୍ତ ଥାଆନ୍ତି। ଫଳରେ ମ୍ୟାଚ ସ୍ୱାଭାବିକ ଉତ୍ତେଜନାପୂର୍ଣ୍ଣ ହୋଇଥାଏ। ଦର୍ଶକଙ୍କ ହୃଦ୍‌ସ୍ପନ୍ଦନ ମଧ୍ୟ ବଢ଼ିଥାଏ। ତେଣୁ ସବୁ ଆଇସିସି ଇଭେଣ୍ଟରେ ଏହା ଏକ ନିଆରା ମ୍ୟାଚଭାବେ ପରିଗଣିତ ହୋଇଥାଏ। ମ୍ୟାଚ ପାଇଁ ଶେଷ ପ୍ରସ୍ତୁତିଲାଗି ଉଭୟ ଦଳ ଶନିବାର ନେଟ୍ସ ସେସନରେ ଝାଳ ବୁହାଇଛନ୍ତି। ହ୍ୟାଣ୍ଡସେକ୍‌ପରି ଅନେକ ବିବାଦୀୟ ପ୍ରସଙ୍ଗ ଆଗକୁ ରହିଥିଲେ ହେଁ ଏବେ ମ୍ୟାଚ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

ଅଭିଷେକ ଶର୍ମା ସମ୍ପୂର୍ଣ୍ଣ ଫିଟ୍ ଥିବାରୁ ଆଗାମୀ ମ୍ୟାଚରେ ଖେଳିବା ସମ୍ଭାବନା ବଢ଼ିଛି। ପାକସ୍ଥଳୀରେ ସଂକ୍ରମଣ ଯୋଗୁ ସେ ନାମ୍ବିଆ ବିପକ୍ଷ ମ୍ୟାଚ ଖେଳିପାରି ନ ଥିଲେ। ଯଦି ସେ ସମ୍ପୂର୍ଣ୍ଣ ଫିଟ୍ ନ ହୁଅନ୍ତି ତେବେ ସଞ୍ଜୁ ସାମସନଙ୍କୁ ଅପରିବର୍ତ୍ତିତ ରଖାଯାଇପାରେ କିମ୍ବା ୱାଶିଂଟନ ସୁନ୍ଦର ଇନ୍‌ଫର୍ମ ଇଶାନ କିଶନଙ୍କ ସହ ଇନିଂସ ଓପନ କରିପାରନ୍ତି। ପ୍ରେମଦାସା ପିଚ୍ ସ୍ଲୋ ବୋଲରଙ୍କୁ ସୁହାଇବା ପୂର୍ବାନୁମାନ କରାଯାଉଥିବାରୁ ☞ପୃଷ୍ଠା-୪

# ପ୍ରେମିକାଙ୍କ ସ୍ୱାମୀଙ୍କୁ ଏସ୍‌ଆଇଆର୍ ପାଇଁ ଡାକି ହତ୍ୟା

## କେନାଲରେ ଫିଙ୍ଗିଲେ ଖଣ୍ଡବିଖଣ୍ଡିତ ମୃତଦେହ

କୋଲକାତା,୧୪।୨

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ଦିନକୁ ଦିନ ଅନେକ ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଏହି କ୍ରମେ ଜଣେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ନିଜ ପ୍ରେମିକାଙ୍କ ସ୍ୱାମୀଙ୍କୁ ଏସ୍‌ଆଇଆର୍ ସମ୍ପର୍କରେ ଆଲୋଚନା ପାଇଁ ଡାକି ହତ୍ୟା କରିଛନ୍ତି। ଉତ୍ତର ୨୪ ପ୍ରଗଣା ଜିଲାରେ ପରକୀୟା ପ୍ରୀତିର ଏହି କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଶନିବାର ନ୍ୟାୟ ଦାବିରେ ରାସ୍ତା ଅବରୋଧ କରିଥିବାବେଳେ ପୋଲିସ ସମ୍ପୃକ୍ତ ବିଏଲ୍‌ଓ ଏବଂ ତାଙ୍କ ସହଯୋଗୀଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଉତ୍ତର ୨୪ ପ୍ରଗଣା ଜିଲାର ୩୦ ବର୍ଷୀୟ ନାସିର ଅଲୀ ସୋମବାର ରାତିରୁ ନିଖୋଜ ଥିଲେ। ପରିବାର ଲୋକେ ଏନେଇ ମଙ୍ଗଳବାର ଥାନାରେ ରିପୋର୍ଟ କରିଥିଲେ। ନାସିରଙ୍କ ସ୍ତ୍ରୀଙ୍କ ସହ ବିଏଲ୍‌ଓ ରିଜ୍‌ୱାନ ହାସନ ମଣ୍ଡଳଙ୍କ ପ୍ରେମ ସମ୍ପର୍କ ଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ ଘନୀଭୂତ ହୋଇଥିଲା। ପୋଲିସ ରିଜ୍‌ୱାନଙ୍କ ମୋବାଇଲ ଫୋନ୍ କଲ୍ ଟ୍ରାକ୍ କରି ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। ବଦୁରିଆସ୍ଥିତ ଏକ କେନାଲରେ ଶୁକ୍ରବାର ନାସିରଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଠାବହେବା ପରେ ☞ପୃଷ୍ଠା-୪






# ୧୬ରୁ ଓକାକ୍‌ରେ ଆଧାର ଶୁଣାଣି

ଭୁବନେଶ୍ୱର,୧୪।୨
(ସୁଚିସ୍ମିତା ସାହୁ)

ଆଧାର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ଆସନ୍ତା ୧୬ ତାରିଖ ସୋମବାରଠାରୁ ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ଓକାକ୍ ଟାୱାରର ତଳମହଲାରେ ଅଭିଯୋଗ ଶୁଣାଣି ଆରମ୍ଭ ହେବ। ଏଥିପାଇଁ ପ୍ରଥମେ ଓକାକ୍ ପୋର୍ଟାଲ https://www.ocac.inରେ ଦିଆଯାଇଥିବା ଲିଙ୍କ୍ ମାଧ୍ୟମରେ ପଞ୍ଜୀକରଣ କରିବାକୁ ପଡ଼ିବ। ପ୍ରତ୍ୟେକ ସୋମବାର (ସରକାରୀ କାର୍ଯ୍ୟଦିବସ) ପୂର୍ବାହ୍ନ ୧୦ଟା ୩୦ରୁ ଅଧିକାରୀମାନଙ୍କୁ ଆଧାର ସମ୍ବନ୍ଧୀୟ ଅଭିଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ**

**ଦେଶଭକ୍ତି ଚିନ୍ତା**







# ବୋମା ଭୟ: ସିଲଂ ଯିବାକୁ ଥିବା ଇଣ୍ଡିଗୋ ବିମାନ ଅଟକିଲା

କୋଲକାତା,୧୪।୨

ସିଲଂ ଯିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ବୋମା ଖଞ୍ଜାଯାଇଥିବା ନେଇ ଏକ ହାତଲେଖା ନୋଟ୍ ମିଳିବା ପରେ ଏହାକୁ କୋଲକାତା ବିମାନବନ୍ଦରର ଏକ ନିର୍ଜନ ସ୍ଥାନକୁ ନିଆଯାଇଛି। ଇଣ୍ଡିଗୋ ବିମାନ ୬ଇ୩୦୭୪ ଶନିବାର ସକାଳ ୯ଟା ୧୫ରେ ସିଲଂ ଅଭିମୁଖେ ଉଡ଼ାଣ କରିବାକୁ ଥିବାବେଳେ ଯାତ୍ରୀ ବସିବା ପୂର୍ବରୁ ଏହାର ଟଏଲେଟ୍‌ରୁ ହାତଲେଖା ନୋଟ୍ ମିଳିଥିଲା। ଫଳରେ ଯାତ୍ରୀମାନଙ୍କୁ ସେଠାରୁ ହଟାଇ ଦିଆଯାଇଥିଲା। ବିମାନକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲେ ମଧ୍ୟ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳି ନ ଥିବା ଏଏଆଇ ମୁଖପାତ୍ର କହିଛନ୍ତି।

# ଲମ୍ବା ଯୁଦ୍ଧ ପାଇଁ ଆମେରିକାର ସଜବାଜ

## ଇରାନ ସହ ଆଲୋଚନା ବିଫଳ

ୱାଶିଂଟନ୍,୧୪।୨

ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ଫେଲ୍ ମାରିଛି। ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଗତ ସପ୍ତାହରେ ଓମାନ ମଧ୍ୟସ୍ଥତାରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନାରୁ ସମାଧାନର ବାଟ ବାହାରିପାରି ନାହିଁ। କାରଣ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପରେ ଇରାନ ଆଣବିକ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରି ନ ଥିବାବେଳେ ଏବେ ଆମେରିକା ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବା ସ୍ପଷ୍ଟ ହୋଇଛି।



ଏପରିକି ଲମ୍ବା ସମୟ ଧରି ଯୁଦ୍ଧ କରିବାକୁ ଆମେରିକା ସେନା ପ୍ରସ୍ତୁତି ନେଇସାରିଛି ବୋଲି ପେଣ୍ଟାଗନ୍‌ର କେତେଜଣ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଆମେରିକାର ଶକ୍ତିଶାଳୀ ଯୁଦ୍ଧ ଜାହାଜ ଆବ୍ରାହମ୍ ଲିଙ୍କନ ସମେତ ଅନ୍ୟ ଯୁଦ୍ଧପୋତ ଇରାନ ଉପକୂଳ ନିକଟରେ ଡେରା ପକାଇଥିଲା। ଶୁକ୍ରବାର ଆମେରିକା ଅଧିକ ଯୁଦ୍ଧଜାହାଜ, ଲଢୁଆ ବିମାନ, ଗାଇଡେଡ୍ ମିଶାଇଲ୍ ଡେଷ୍ଟ୍ରୟର ସମେତ ହଜାରରୁ ଅଧିକ ସୈନ୍ୟ ଇରାନ ଅଭିମୁଖେ ପ୍ରେରଣ କରିଛି। ଏବେ ଆବ୍ରାହମ୍ ଲିଙ୍କନ ସହିତ ଆଣବିକ ଶକ୍ତିସମ୍ପନ୍ନ ଯୁଦ୍ଧ ଜାହାଜ ୟୁଏସ୍ଏସ୍ ଗେରାଲ୍ଡ ଆର୍.ଫୋର୍ଡ ସାମିଲ ହେବାକୁ ଯାଉଛି। ଇରାନ ସହ ବୁଝାମଣା କରିବା କଷ୍ଟକର ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସେନାକୁ ସମ୍ବୋଧନ କରି କହିବା ସହିତ ପୂର୍ବ ଆକ୍ରମଣ ତୁଳନାରେ ଏଥର ଆକ୍ରମଣ ଭୟାନକ ହେବ ବୋଲି ଇସାରା କରିଛନ୍ତି। ଫଳରେ ଆଗାମୀ ଦିନରେ ମଧ୍ୟପ୍ରାଚ୍ୟ ସ୍ଥିତି ବିଗିଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗତ ସପ୍ତାହରେ ମସ୍କାଟ୍‌ରେ ଆମେରିକା ପ୍ରତିନିଧିମାନଙ୍କ ସହ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବାସ୍ ଆରଘାଚି ଆଲୋଚନା କରିବା ପରେ ପରବର୍ତ୍ତୀ ପର୍ଯ୍ୟାୟ ବୈଠକ ତୁର୍କୀ କିମ୍ବା ଇଜିପ୍ଟରେ ହେବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ଇରାନ ନିଜର ଆଣବିକ କାର୍ଯ୍ୟକ୍ରମ ସୂଚୀରେ ପରିବର୍ତ୍ତନ କରିବ ନାହିଁ ବୋଲି ଇଙ୍ଗିତ କରିବା ପରେ ଆମେରିକା ଯୁଦ୍ଧ ପାଇଁ ନିଷ୍ପତ୍ତି ନେଇଥିବା କୁହାଯାଉଛି।

# ନ୍ୟାୟପ୍ରାପ୍ତି କେବଳ ଆଇନଗତ ଭାବେ ସଶକ୍ତ ଲୋକଙ୍କ ପାଇଁ ସୀମିତ ହୋଇପାରିବ ନାହିଁ: ସିଜେଆଇ

ନୂଆଦିଲ୍ଲୀ,୧୪।୨(ପି.ଟି.)

ନ୍ୟାୟପ୍ରାପ୍ତି କେବଳ ଆଇନଗତ ଭାବେ ସଶକ୍ତ ଲୋକଙ୍କ ପାଇଁ ସୀମିତ ଥିବା ଏକ ଅବ୍ୟବହାର୍ଯ୍ୟ ଆଦର୍ଶ ହୋଇ ରହିପାରିବ ନାହିଁ। ଏହା ଅବହେଳିତ ନାଗରିକମାନଙ୍କ ପାଇଁ ବାସ୍ତବ ପରିଣତରେ ପରିବର୍ତ୍ତନ ହେବା ଜରୁରୀ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଶନିବାର କହିଛନ୍ତି। ରାଜ୍ୟଗୋଷ୍ଠୀ ନ୍ୟାୟିକ ପ୍ରଶିକ୍ଷକ(ସିଜେଇ)ମାନଙ୍କ ୧୧ତମ ଦ୍ୱିବାର୍ଷିକ ବୈଠକରେ ସିଜେଆଇ କହିଛନ୍ତି, ନ୍ୟାୟିକ ନେତୃତ୍ୱ କଦାପି ପ୍ରଶାସନିକ କର୍ତ୍ତୃପକ୍ଷ କିମ୍ବା ଆନୁଷ୍ଠାନିକ ପଦାନୁକ୍ରମ ହୋଇପାରିବ ନାହିଁ। ଏହାକୁ ଏକ ବୌଦ୍ଧିକ ଏବଂ ନୈତିକ ଆଭିମୁଖ୍ୟ ଭାବେ ବୁଝିବା ଜରୁରୀ। ନ୍ୟାୟିକ ବ୍ୟବସ୍ଥାରେ ପ୍ରଯୁକ୍ତିର



ସିଜେଆଇ ସୂର୍ଯ୍ୟ କାନ୍ତ

ସଂଯୋଗ ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି, ଏଆଇ ସହଯୋଗ କରିବା ଉଚିତ ନ୍ୟାୟିକ ବିଚାରଧାରାର ସ୍ଥାନ ନେବା ଉଚିତ ନୁହେଁ। ନ୍ୟାୟିକ ନେତୃତ୍ୱ କେବଳ ପ୍ରଶାସନିକ ଦୂରଦର୍ଶିତା ନୁହେଁ, ବରଂ ଗଭୀର ସହାନୁଭୂତି ମଧ୍ୟ ଆବଶ୍ୟକ କରେ। ସୁରକ୍ଷାର ଆବଶ୍ୟକତା ଥିବା ଲୋକଙ୍କ ପାଇଁ ପ୍ରକ୍ରିୟାଗତ ଜଟିଳତାକୁ ବାଧାରେ ପରିଣତ ହେବାକୁ ନ ଦେବା ଆବଶ୍ୟକ।

# ପନ୍ନୁଙ୍କ ହତ୍ୟା ଉଦ୍ୟମ କରିଥିବା ମାନିଲେ ନିଖିଲ ଗୁପ୍ତା

କୋଲକାତା,୧୪।୨

ଆମେରିକା ନାଗରିକ ତଥା ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୁରପତୱନ୍ତ ସିଂ ପନ୍ନୁଙ୍କ ବିରୋଧରେ ହତ୍ୟା ଯୋଜନାରେ ଭାରତୀୟ ନାଗରିକ ନିଖିଲ ଗୁପ୍ତା ନିଜକୁ ଦୋଷୀ ବୋଲି ସ୍ୱୀକାର କରିଛନ୍ତି। ଆମେରିକା ଆଇନ ପ୍ରବର୍ତ୍ତନ ସଂସ୍ଥାର କାର୍ଯ୍ୟାନୁଷ୍ଠାନ ଯୋଗୁ ହତ୍ୟା ଯୋଜନାକୁ ରୋକାଯାଇପାରିଥିଲା ବୋଲି ଆମେରିକାର ସଂଘୀୟ ତଦନ୍ତକାରୀ ସଂସ୍ଥା (ଏଫ୍‌ବିଆଇ) କହିଛି। ଏହି ତଦନ୍ତକାରୀ ସଂସ୍ଥା ଏକ ବାର୍ତ୍ତାରେ ସ୍ପଷ୍ଟ କରିଦେଇଛି ଯଦି ତୁମେ ଆମ ନାଗରିକମାନଙ୍କର କ୍ଷତି କରିବାକୁ ଉଦ୍ୟମ କର, ତେବେ ଆଇନର କାଠଗଡ଼ାକୁ ନ ଆଣିବା ପର୍ଯ୍ୟନ୍ତ ଆମେ ଅଟକିବୁ ନାହିଁ। ପନ୍ନୁ ଦେଶ ବାହାରେ ଥାଇ ସରକାରଙ୍କ ଟାର୍ଗେଟରେ ଥିବା ବ୍ୟକ୍ତି ବୋଲି ଏଫ୍‌ବିଆଇ କହିଛି।

# ଭାରତ ସହ ସମ୍ପର୍କ ଆମ ସ୍ୱାର୍ଥରକ୍ଷା ଉପରେ ନିର୍ଭରଶୀଳ

## ଗଣମାଧ୍ୟମକୁ ରହମାନଙ୍କ ପ୍ରଥମ ସମ୍ବୋଧନ

ଢାକା,୧୪।୨

ବାଂଲାଦେଶ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବା ବିଏନ୍‌ପି ଅଧ୍ୟକ୍ଷ ତାରିକ୍ ରହମାନ ଶନିବାର ପ୍ରଥମଥର ପାଇଁ ଗଣମାଧ୍ୟମକୁ ସମ୍ବୋଧିତକରି ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ଦଳର ବିଜୟକୁ ସେ ଦେଶବାସୀଙ୍କ ବିଜୟ ବୋଲି କହିବା ସହ ଏହା ଗଣତନ୍ତ୍ରର ମଧ୍ୟ ବିଜୟ ବୋଲି କହିଛନ୍ତି। ସ୍ୱାଧୀନତାର ବାସ୍ତବ ଅନୁଭବ ଏବଂ ଅଧିକାର ହାସଲ କରିବା ଦିଗରେ ଆଜିଠାରୁ ସମସ୍ତେ ମୁକ୍ତ ବୋଲି ସେ କହିଛନ୍ତି। ରାସ୍ତା ଓ ବିଚାରଧାରା ଅଲଗା ହୋଇପାରେ କିନ୍ତୁ ଦେଶର ସାମୂହିକ ହିତସାଧନ ଲାଗି ସଂହତି ସବୁଠୁ ଜରୁରୀ। ଏହିକ୍ରମରେ ସେ ବାଂଲାଦେଶର ବିଦେଶ



ତାରିକ୍ ରହମାନ

ନୀତିକୁ ନେଇ ଟିପ୍ପଣୀ କରିଥିଲାବେଳେ ଭାରତ ସହ ବାଂଲାଦେଶର ସମ୍ପର୍କ କିଭଳି ରହିବ ସେ ସମ୍ପର୍କରେ ମଧ୍ୟ ନିଜର ଆଭିମୁଖ୍ୟ ଦର୍ଶାଇଛନ୍ତି। ଭାରତ ସହ ସମ୍ପର୍କ ବାଂଲାଦେଶର ସ୍ୱାର୍ଥରକ୍ଷା ଉପରେ ନିର୍ଭର କରେ ବୋଲି କହିଛନ୍ତି। ରହମାନ ଦୀର୍ଘ ୧୭ ବର୍ଷ ଧରି ବିଦେଶରେ ନିର୍ବାସନ ଜୀବନ ବିତାଇବା ପରେ ନିର୍ବାଚନର ମାତ୍ର ୨ ମାସ ପୂର୍ବରୁ ବାଂଲାଦେଶ ଆସି ନିଜ ଦଳ ପାଇଁ ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ।

# ଆସାମର ଜରୁରୀ ଅବତରଣ ସ୍ଥଳରେ ପ୍ରଧାନମନ୍ତ୍ରୀ

- ବ୍ରହ୍ମପୁତ୍ରରେ ସେତୁ ଉଦ୍‌ଘାଟିତ
- ଆଇଆଇଏମ୍, ଡାଟା ସେଣ୍ଟର ଉନ୍ମୋଚିତ

ଗୁଆହାଟୀ,୧୪।୨(ପି.ଟି.)

ଆସାମ ଡିବ୍ରୁଗଡ଼ ଜିଲାରେ ଉତ୍ତରପୂର୍ବାଞ୍ଚଳ ସୀମାର ପ୍ରଥମ ଜରୁରୀ ଅବତରଣ ସ୍ଥଳ (ଇଏଲ୍ଏଫ୍)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଅବତରଣ କରି ଇତିହାସ ସୃଷ୍ଟି କରିଛନ୍ତି। ମୋଦି ଚାବୁଆ ଏୟାରଫିଲ୍ଡରୁ ବାୟୁସେନାର ସି-୧୩୦ଜେ ବିମାନରେ ଯାଇ ୩୭ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ମୋରାନସ୍ଥିତ ଇଏଲ୍ଏଫ୍‌ରେ ଅବତରଣ କରିଥିଲେ। ଉତ୍ତରପୂର୍ବାଞ୍ଚଳକୁ ଜରୁରୀ ଅବତରଣ ସୁବିଧା ମିଳିବା ଅତ୍ୟନ୍ତ ଗର୍ବର ବିଷୟ ବୋଲି ଇଏଲ୍ଏଫ୍‌ର ଉଦ୍‌ଘାଟନ ପରେ ପ୍ରଧାନମନ୍ତ୍ରୀ Xରେ ପୋଷ୍ଟ କରିଛନ୍ତି। ରଣନୀତି ଦୃଷ୍ଟିରୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ମୋରାନ ବାଇପାସ୍‌ରେ ୧୦୦ କୋଟି ଟଙ୍କା ବିନିଯୋଗରେ ୪.୨ କି.ମି. ରନ୍‌ୱେ ଭାରତୀୟ ବାୟୁସେନାର ଯୁଦ୍ଧବିମାନ ଏବଂ ପରିବହନ ବିମାନଗୁଡ଼ିକ ପାଇଁ ରଣନୀତିକ ତଥା ବହୁବିଧ ବ୍ୟବହାର୍ଯ୍ୟ ରନ୍‌ୱେ ଭାବେ ବ୍ୟବହୃତ ହେବ। ଏହା ଦେଶର ପ୍ରତିରକ୍ଷା, ଲଜିଷ୍ଟିକ୍ ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବ। ଇଏଲ୍ଏଫ୍‌ରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ଏୟାର ଚିଫ୍ ମାର୍ଶାଲ ଏ.ପି. ଶର୍ମା ପ୍ରମୁଖ ମୋଦିଙ୍କୁ ସ୍ୱାଗତ କରିଥିଲେ।

ପ୍ରଧାନମନ୍ତ୍ରୀ ଶନିବାର ବ୍ରହ୍ମପୁତ୍ର ନଦୀରେ ଏକ ସେତୁ, ଉତ୍ତରପୂର୍ବାଞ୍ଚଳ ପାଇଁ ଆଇଆଇଏମ୍ ଏବଂ ଡାଟା ସେଣ୍ଟର




ମୋରାନସ୍ଥିତ ଜରୁରୀ ଅବତରଣ ସ୍ଥଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାୟୁସେନା ବିମାନରୁ ଓହ୍ଲାଉଛନ୍ତି।

ସମେତ ଆସାମରେ ମୋଟ ୫,୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ନିର୍ମିତ ଅନେକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହିସବୁ ପ୍ରକଳ୍ପ ରାଜ୍ୟରେ ଯୋଗାଯୋଗ ବଢ଼ାଇବା ସହ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବ, ଉଚ୍ଚଶିକ୍ଷାର ପ୍ରୋତ୍ସାହନ କରିବ।

DSPL-



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପୂରଣ ହେଲା ନବରଙ୍ଗପୁର ଜିଲ୍ଲାବାସୀଙ୍କର ସ୍ୱପ୍ନ



ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ ନବରଙ୍ଗପୁର ଜିଲ୍ଲାବାସୀଙ୍କ
ବହୁ ଆକାଂକ୍ଷିତ ଭେଷଜ ମହାବିଦ୍ୟାଳୟର
ଭିତ୍ତିପ୍ରସ୍ତର ସ୍ଥାପନ ହେଲା



- ମହାବିଦ୍ୟାଳୟରେ ୧୦୦ଟି ଏମ.ବି.ବି.ଏସ୍. ସିଟ୍
- ରୋଗୀମାନଙ୍କ ପାଇଁ ୪୨୦ ଶଯ୍ୟାର ବ୍ୟବସ୍ଥା

ନବରଙ୍ଗପୁର ସହ ଆଖପାଖ ଜିଲ୍ଲାବାସୀ ଉନ୍ନତମାନର ଅତ୍ୟାଧୁନିକ ଚିକିତ୍ସା ପାଇ ପାରିବେ।

OIPR-

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/



କୋରାପୁଟ ଜିଲା ମାଡ଼କାର ଗ୍ରାମରେ ଆନ୍ଧ୍ରପ୍ରଦେଶର ଅଧିକାରୀମାନେ ଲୋକଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ବଜେଟ ଚିଠା ପ୍ରସ୍ତାବକୁ ମନ୍ତ୍ରୀ ପରିଷଦରେ ମଞ୍ଜୁରୀ

**ଆସିପାରେ ୩.୧୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ**

ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)

ରାଜ୍ୟ ବଜେଟ ଅଧିବେଶନ ଆସନ୍ତା ୧୭ ତାରିଖରୁ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥର ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବଜେଟ୍ ଆଗତ କରିବେ। ଏଥିଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶନିବାର ସନ୍ଧ୍ୟା ୭ଟା ୧୦ରେ ଲୋକସଭା ଭବନର ୩ୟ ମହଲା ସମ୍ମିଳନୀ କକ୍ଷଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପରିଷଦ ବୈଠକ ପ୍ରାୟ ଦେଢ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ଏହି ଅବସରରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଚିଠା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବିଶ୍ୱସ୍ତସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ରାଜ୍ୟ ସରକାର ଆଣିବାକୁ ଥିବା ପ୍ରାୟ ୩ ଲକ୍ଷ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ ଆଣିବେ ବୋଲି ଜଣାପଡ଼ିଛି। ଏନେଇ ବିସ୍ତୃତ ଭାବେ ମନ୍ତ୍ରୀ ପରିଷଦ ବୈଠକରେ ଆଲୋଚନା ହେବା ସହ ଏ ସମ୍ପର୍କିତ ଚିଠା ପ୍ରସ୍ତାବ ଉପରେ ମୋହର ବାଜିଛି।

ଚଳିତ ବର୍ଷର ବଜେଟ ସରକାର ଏବଂ ଶାସକ ଦଳ ପାଇଁ ବହୁ ଗୁରୁତ୍ୱ ରଖିବ। ଆସନ୍ତା ବର୍ଷ ଆରମ୍ଭରୁ ଉଭୟ ପଞ୍ଚାୟତିରାଜ ଏବଂ ଘୋଷଣା ହୋଇଥିବା ନୂଆ ଏନ୍ଏସି ଓ ମ୍ୟୁନିସିପାଲିଟିଗୁଡିକରେ ଭୋଟ ହେବ। ତେଣୁ ବଜେଟରେ ସବୁ ଲୋକଙ୍କୁ ଖୁସିକରିବା ଭଳି ଯୋଜନା ସରକାର ଆଣିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ୨୦୨୫-୨୬ ତୁଳନାରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ବଡ କରାଯାଇଛି। ମୁଖ୍ୟତଃ ଆସନ୍ତା ଆର୍ଥିକ ବର୍ଷ ବଜେଟରେ ସୂଚନା ପ୍ରଯୁକ୍ତିବିଦ୍ୟା, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, କୃଷି ଏବଂ ☞ପୃଷ୍ଠା-୧୨

## କୋଟିଆରେ ଆନ୍ଧ୍ରର ସର୍ଭେ

**ବାଣ୍ଟିବ ପିଏମ୍ କିଷାନ କାର୍ଡ**

ପଟ୍ଟାଙ୍ଗି,୧୪।୨(ଶରତ କୁମାର ଧଳ)

ତାଗିଦ ସତ୍ତ୍ୱେ ଶୁଣୁନାହିଁ ଆନ୍ଧ୍ର ପ୍ରଶାସନ। ବାରମ୍ବାର କରୁଛି ଅନୁପ୍ରବେଶ। ଶନିବାର ପୁଣି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ସୀମାନ୍ତ ମାଡକାର ଗ୍ରାମରେ ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ୍ ମାନ୍ୟାମ୍ ଜିଲାର ସାଲୁର ବ୍ଲକ୍ କୃଷି ବିଭାଗ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କୁ ଏକାଠି କରିଥିଲେ। ଗ୍ରାମବାସୀଙ୍କ ଆଧାର କାର୍ଡ ଯାଞ୍ଚକରି ପିଏମ୍ କିଷାନ କାର୍ଡ ପ୍ରଦାନ ପାଇଁ ସର୍ଭେ କରିଥିବା ଜଣାପଡ଼ିଛି।

ମାଡ଼କାର ଗ୍ରାମର ଚାଷୀଙ୍କୁ ଉଭୟ ଓଡ଼ିଶା ଓ ଆନ୍ଧ୍ର ପକ୍ଷରୁ ପିଏମ୍ କିଷାନ କାର୍ଡ ଯୋଗାଇବା ପାଇଁ ସର୍ଭେ କରିଛନ୍ତି। ଆନ୍ଧ୍ର ପକ୍ଷରୁ ମିଳୁଥିବା କାର୍ଡରେ ୩ ପର୍ଯ୍ୟାୟରେ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ଓଡ଼ିଶା କାର୍ଡରେ ବର୍ଷକୁ ତିନୋଟି ପର୍ଯ୍ୟାୟରେ ୧୦ହଜାର ଟଙ୍କା ଆର୍ଥିକ ସହାୟତା ମିଳୁଛି। ତେଣୁ ସୀମାନ୍ତ ଗ୍ରାମବାସୀ ଆନ୍ଧ୍ର ପକ୍ଷରୁ ମିଳୁଥିବା କାର୍ଡ ନେବାକୁ ତତ୍ପରତା ଦେଖାଉଛନ୍ତି। ଆନ୍ଧ୍ରର ବିଭିନ୍ନ ସରକାରୀ କର୍ମଚାରୀ ନିୟମିତ କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମ ପରିଦର୍ଶନ କରି ନିଜ ବିଭାଗର ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଉଥିବାବେଳେ ଓଡ଼ିଶାର ପ୍ରଶାସନ ସେଭଳି କିଛି ପଦକ୍ଷେପ ନେଉ ନ ଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ତେଣୁ ଆନ୍ଧ୍ର ପ୍ରତି ସୀମାନ୍ତବାସୀ ଢଳୁଥିବା ଅଭିଯୋଗ ହେଉଛି। ଉକ୍ତ ପଞ୍ଚାୟତରେ ଏବେ ମଧ୍ୟ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ୮ ମାସ ହେଲା କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ। ବର୍ତ୍ତମାନ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ପକ୍ଷରୁ ୫ଟି ଗାଁ ପାଇଁ ୨୫ଲକ୍ଷ ଟଙ୍କା ଅନୁଦାନ ଆସିଛି। ପଞ୍ଚାୟତର ଏହିପରି କାର୍ଯ୍ୟକ୍ରମକୁ ଦେଖି ସୀମାନ୍ତବାସୀ ଆନ୍ଧ୍ର ଆଡ଼କୁ ଢଳୁଛନ୍ତି ବୋଲି ସରପଞ୍ଚ ଲିଉ ଗେମେଲ କହିଛନ୍ତି।

# ଚୋର ସନ୍ଦେହ: ଯୁବକଙ୍କୁ ପିଟି ହତ୍ୟା

**୨୦ ଗିରଫ, ଭୟରେ ଗାଁ ପୁରୁଷଶୂନ୍ୟ**

ଭଞ୍ଜନଗର,୧୪।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ସାର୍ଦ୍ଦୁଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅମାନବୀୟ ଘଟଣା ଘଟିଛି। ଚୋର ସନ୍ଦେହରେ ଗ୍ରାମର କେତେଜଣ ଲୋକ ଜଣେ ଯୁବକଙ୍କୁ ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଉଛନ୍ତି ବାଣଧର ପ୍ରଧାନ(୪୦)। ତାଙ୍କ ଘର କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅନ୍ତର୍ଗତ କୁରୁମୁଙ୍ଗିଆ ଗ୍ରାମରେ ବୋଲି ଜଣାପଡ଼ିଛି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ୨୦ ଜଣଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ଏଥିରେ ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଗ୍ରାମରେ ଉତ୍ତେଜନା ଆଶଙ୍କାରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଅତିରିକ୍ତ ଏସ୍‌ପି ରଞ୍ଜନ ଦେ କହିଛନ୍ତି।

ଘଟଣାରୁ ପ୍ରକାଶ, ଶୁକ୍ରବାର ରାତିପ୍ରାୟ ୧ଟାରୁ ୨ଟା ମଧ୍ୟରେ କେତେଜଣ ଦୁର୍ବୃତ୍ତ ସାର୍ଦ୍ଦୁଳ ଗାଁକୁ ଚୋରି କରିବାକୁ ଯାଇଥିଲେ।



ମୃତ ବାଣଧର ପ୍ରଧାନ

ସୁଶାନ୍ତ ଗୌଡ଼ଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ। ଘରେ ଥିବା ବିଭିନ୍ନ ଜିନିଷ ଭଙ୍ଗାଭାଙ୍ଗି କରିବାବେଳେ ଶବ୍ଦ ଶୁଣି ପଡ଼ିଶା ଲୋକେ ଉଠିପଡ଼ି ହୋହଲ୍ଲା କରିଥିଲେ। ଏହି ସମୟରେ କେତେଜଣ ଦୌଡ଼ି ପଳାଇଥିଲେ। ମାତ୍ର ବାଣଧର ଦୌଡ଼ି ଯାଇପାରି ନ ଥିଲେ। ଗ୍ରାମବାସୀ ବାଣଧରଙ୍କୁ କାବୁକରି ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଥିଲେ। ପରେ ଗ୍ରାମବାସୀ ବାଣଧରଙ୍କୁ ଆଖିବୁଜା ମାଡ଼ ମାରିଥିଲେ। ତାଙ୍କ ହାତ ଓ ଗୋଡ଼ର ଦୁଇଟି ନଖକୁ ଗ୍ରାମବାସୀ ଉପାଡ଼ି ଦେଇଥିଲେ। ମାଡ଼ ମାରି ଗୋଡ ଭାଙ୍ଗିଦେଇଥିଲେ। ରାତିସାରା ଲୋକଙ୍କଠାରୁ ମାଡ଼ ଖାଇ ବାଣଧର ଅଚେତ ହୋଇପଡ଼ିଥିଲେ। ଶନିବାର ସକାଳେ ଏନେଇ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଣଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ତାଙ୍କୁ ମୁମୂର୍ଷ ଅବସ୍ଥାରେ ଭଞ୍ଜନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାଣଧରଙ୍କ ମୃତ୍ୟୁ ଘଟିଛି। ପୋଲିସ ନଂ. ୧୪୫/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅତିରିକ୍ତ ଏସ୍‌ପି ଦେ, ଏସ୍‌ଡିପିଓ ଡ. ଦୀପକ ମିଶ୍ର, ଆଇଆଇସି ଜୀବନାନନ୍ଦ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଲୋକମାନଙ୍କୁ ଚିହ୍ନଟ କରିଥିଲେ। ଚୋରି କରିବାକୁ ଆସିଥିବା ଯୁବକଙ୍କୁ ପୋଲିସ ଜିମା ନ ଦେଇ ଆଇନକୁ ହାତକୁ ନେଇଥିବା ସମସ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ଗିରଫ ଭୟରେ ଗ୍ରାମ ପୁରୁଷଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ଦୁର୍ବୃତ୍ତମାନେ ଘରେ ପଶି ଚୋରି ଉଦ୍ୟମ କରିଥିବାନେଇ ସୁଶାନ୍ତ ଶନିବାର ସନ୍ଧ୍ୟାରେ ଭଞ୍ଜନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ଏସି କୋଚ୍‌ରୁ ୩୧୧ ବିଲୁପ୍ତପ୍ରାୟ କଇଁଛ ଜବତ

ଭୋପାଳ,୧୪।୨

ମଧ୍ୟପ୍ରଦେଶର ଭୋପାଳରେ ଏକ ଏସି ଫାଷ୍ଟକ୍ଲାସ୍ କୋଚ୍‌ରୁ ୩୧୧ଟି ବିଲୁପ୍ତପ୍ରାୟ କଇଁଛ ଜବତ ହୋଇଛି। ଏହି କୋଚ୍‌ଗୁଡ଼ିକୁ ଭାରତୀୟ ରେଳୱେର ସବୁଠୁ ସୁରକ୍ଷିତ ଏବଂ ବିଳାସପୂର୍ଣ୍ଣ ଭ୍ରମଣ ସ୍ଥାନ ଭାବେ ଦୀର୍ଘଦିନ ହେଲା ବିବେଚିତ ହୋଇଆସୁଥିବାବେଳେ ଏହା ଏବେ ବନ୍ୟପ୍ରାଣୀ ଅପରାଧର କରିଡର ପାଲଟିଛି। ଏକ ଆନ୍ତଃରାଜ୍ୟ ର୍‍ୟାକେଟ ବିରଳ ତଥା ବିଲୁପ୍ତପ୍ରାୟ କଇଁଛ ଚୋରାଚାଲାଣ ପାଇଁ ଉକ୍ତ ବିଳାସପୂର୍ଣ୍ଣ କମ୍ପାର୍ଟମେଣ୍ଟକୁ ବ୍ୟବହାର କରିଆସୁଥିଲେ। ଉତ୍ତରପ୍ରଦେଶରୁ ଉକ୍ତ କଇଁଛଗୁଡ଼ିକୁ ମଧ୍ୟପ୍ରଦେଶ ନିଆଯାଉଥିଲା। ସେଠାରୁ ସେଗୁଡ଼ିକୁ ପଶ୍ଚିମ ଭାରତରେ ଆବଣ୍ଟନ କରାଯାଇଥାନ୍ତା। ମଧ୍ୟପ୍ରଦେଶ ରାଜ୍ୟ ବ୍ୟାଘ୍ର ସୁରକ୍ଷା ବଳ (ଏସ୍‌ଟିଏସ୍‌ଏଫ୍), ରେଳୱେ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ଭୋପାଳ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରି ଉକ୍ତ କଇଁଛଗୁଡ଼ିକୁ ଭୋପାଳର ହୃଦରାମ ରେଳଷ୍ଟେଶନରେ ୧୯୩୨୨ ପାଟନା-ଇନ୍ଦୋର ଏକ୍ସପ୍ରେସ୍‌ର ଏସି ଫାଷ୍ଟକ୍ଲାସ୍ କୋଚରୁ ଜବତ କରିଛନ୍ତି।


ତଦନ୍ତରୁ ଜଣାପଡ଼ିଛି ଯେ, ଉକ୍ତ ର୍‍ୟାକେଟର ଉତ୍ତରପ୍ରଦେଶର ମୁଖ୍ୟତଃ ଗଙ୍ଗା, ଗୋମତି, ଓ ଏହାର ଶାଖା ନଦୀଗୁଡ଼ିକରୁ କଇଁଛ ସଂଗ୍ରହ କରି ସେଗୁଡ଼ିକୁ ଏସି ପ୍ରଥମ ଶ୍ରେଣୀ କୋଚ୍‌ରେ ଲୁଚାଇ ମଧ୍ୟପ୍ରଦେଶ ନେଉଥିଲେ। ପରିବହନ ସମୟରେ କଇଁଛଗୁଡ଼ିକୁ ଲୁଚାଇ ରଖିବା ପାଇଁ ସେମାନେ କୋଚ୍ ଆଟେଣ୍ଡାଣ୍ଟମାନଙ୍କ ସହାୟତା ନେଉଥିଲେ। କୋଚ୍ ଆଟେଣ୍ଡାଣ୍ଟ ଅଜୟ ସିଂ ରାଜପୁତଙ୍କଠାରୁ ୩୧୧ଟି କଇଁଛ ଜବତ ହୋଇଛି, ଯିଏ କି ଏହି ସିଣ୍ଡିକେଟ୍‌ର ଜଣେ କୋରିଅର ଭାବେ କାର୍ଯ୍ୟ କରୁଥିଲେ। ଜବତ କଇଁଛଗୁଡ଼ିକ ମଧ୍ୟରେ ବିଲୁପ୍ତପ୍ରାୟ କ୍ରାଉନ୍ଡ ରିଭର ଟର୍ଟଲ, ଇଣ୍ଡିଆନ୍ ଟେଣ୍ଟ ଟର୍ଟଲ, ଇଣ୍ଡିଆନ ରୁଫ୍‌ଡ ଟର୍ଟଲ ରହିଛନ୍ତି, ଯାହାକୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ ଅନୁଯାୟୀ ସୁରକ୍ଷା ଦିଆଯାଉଛି।

## ଚୌଦ୍ୱାର ଜେଲରୁ ଫେରାର କଏଦୀ ମଥୁରାରୁ ଗିରଫ

ଭୁବନେଶ୍ୱର,୧୪।୨(ତ୍ରିନାଥ ମହାନ୍ତି)

ଗତ ଅକ୍ଟୋବର ୨ତାରିଖ ବିଳମ୍ବିତ ରାତିରେ ଚୌଦ୍ୱାର ମଣ୍ଡଳ କାରାଗାରରୁ ଫେରାର ଦୁଇ ଅପରାଧୀଙ୍କ ମଧ୍ୟରୁ ଜଣଙ୍କୁ କମିଶନରେଟ୍ ପୋଲିସ ଗିରଫ କରିଛି। ହାର୍ଡକୋର ଅପରାଧୀ ମଧୁକାନ୍ତ କୁମାର ରାନାଙ୍କୁ ମଥୁରା ବୃନ୍ଦାବନରୁ ଗିରଫ କରାଯାଇଥିବାବେଳେ ଅନ୍ୟତମ ଅପରାଧୀ ରାଜା ସାହାଣୀଙ୍କୁ ଗିରଫ ପାଇଁ ସ୍ପେଶାଲ୍ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଶନିବାର ପୋଲିସ ସେବା ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସିଂ କହିଛନ୍ତି, ହାର୍ଡକୋର ଅପରାଧୀ ମଧୁକାନ୍ତଙ୍କୁ ଧରିବାକୁ କଟକ ଯୁପିଡିର ୨୬ ଜଣ ସ୍ପେଶାଲ ଟିମ୍ ଲାଗିଥିଲେ। ଡିଜିଟାଲ ଏଭିଡେନ୍ସ, ମାନବ ସୂଚନା, ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଏହି ଟିମ୍ ସଫଳ ହୋଇଛି। ହେଲେ ଅନ୍ୟତମ ଅପରାଧୀ ରାଜା ଫେରାର ହୋଇଛନ୍ତି। ସେ ପାତାଳରେ ଲୁଚିଥିଲେ ମଧ୍ୟ ଟିମ୍ ତାଙ୍କୁ ଖୁବ୍ ଶୀଘ୍ର ଗିରଫ କରିବ ବୋଲି ପୋଲିସ କମିଶନର କହିଛନ୍ତି। ଅକ୍ଟୋବର ୨-୩ ତାରିଖ ରାତି ୧ଟା ୪୫ରେ ଚୌଦ୍ୱାର ଜେଲରୁ ୨ ଅଭିଯୁକ୍ତ ମଧୁକାନ୍ତ ଏବଂ ରାଜା କମ୍ବଳ ସାହାଯ୍ୟରେ ଜେଲ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ପରେ ଜେଲ ପଛରେ ଥିବା ପାଣିରେ ପଶି ନିକଟ ଟ୍ରେନ୍ ଲାଇନ୍‌କୁ ଯାଇଥିଲେ। ଟ୍ରେନ୍ ଲାଇନରେ ଚାଲିଚାଲି ଏକ ଛୋଟ



ମଧୁକାନ୍ତ କୁମାର ରାନା

**■ ଗେଷ୍ଟ ହାଉସ୍‌ରେ ମଧୁକାନ୍ତ ନାମ ବଦଳାଇ କାମ କରୁଥିଲେ**

ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ପାସେଞ୍ଜର ଟ୍ରେନ୍ ଧରି ପୁରୀ ପଳାଇଥିଲେ। ପୁରୀରେ ବୁଲିବା ସହ ଏକ ଶୌଚାଳୟରେ ଲୁଚିଥିଲେ। କମିଶନରେଟ ପୋଲିସ ସୂଚନାଦାତାଙ୍କୁ ୫୦ ହଜାର ପୁରସ୍କାରା ରାଶି ଘୋଷଣା କରିବା ପରେ ଉଭୟଙ୍କୁ ପୁରୀ ଷ୍ଟେଶନରେ କିଛି ଲୋକ ଦେଖି ପୋଲିସକୁ ଫଟୋ ପଠାଇଥିଲେ। ପୋଲିସ ଜାଣିବା ପରେ ସେମାନେ ଟ୍ରେନ୍ ଯୋଗେ ଦିଲ୍ଲୀ ପଳାଇଥିଲେ। ସେଠାରୁ ପୁଣି ଦୁହେଁ ୟୁପି ଏବଂ ବିହାର ଯାଇଥିଲେ। ଧରାପଡ଼ିବା ଭୟରେ ଉଭୟେ ପୁଣି ନେପାଳକୁ ଚାଲିଯାଇଥିଲେ। ସେଠାରେ କିଛିଦିନ ଉଭୟ ରହିବା ପରେ ଗୟାକୁ ଆସିଥିଲେ। ☞ପୃଷ୍ଠା-୧୨

## ଭୁଶୁଡ଼ିଲା ନିର୍ମାଣାଧୀନ ମେଟ୍ରୋ ସ୍ଲାବ୍, ଜଣେ ମୃତ

ମୁମ୍ବାଇ,୧୪।୨

ମୁମ୍ବାଇର ମୁଲୁନ୍ଦ ଅଞ୍ଚଳରେ ନିର୍ମାଣାଧୀନ ମେଟ୍ରୋ ରେଳ ପ୍ରକଳ୍ପର ଏକ ସ୍ଲାବ୍ ଶନିବାର ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହେବା ସହିତ ଆଉ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ ଚାଲିଥିଲା ବେଳେ ଅଚାନକ ଏକ ସ୍ଲାବ୍ ଭୁଶୁଡ଼ି ପଡ଼ି ତଳେ ରହିଥିବା ବହୁ ଗାଡ଼ି ଉପରେ ପଡ଼ିଥିଲା। ଫଳରେ ଗାଡ଼ିରେ ଥିବା ଏକାଧିକ ଲୋକ ଆହତ ହୋଇଥିଲେ। ଆହତ ଲୋକମାନଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଜଣଙ୍କର ମୃତ୍ୟୁ ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ଘଟଣାର ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ନେଇ ସେ ସୁରକ୍ଷା ଦିଗକୁ ନିଶ୍ଚିତ କରିବାକୁ କହିଛନ୍ତି।

## ସହର ଉନ୍ନତୀକରଣ ପାଇଁ ୧ ଲକ୍ଷ କୋଟି

**କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ**

ନୂଆଦିଲ୍ଲୀ,୧୪।୨(ପି.ଟି.)

ଭାରତର ସହରାଞ୍ଚଳଗୁଡ଼ିକର ଭିତ୍ତିଭୂମି ବିକାଶ ଓ ଉନ୍ନତୀକରଣ ପାଇଁ କେନ୍ଦ୍ର କ୍ୟାବିନେଟ୍ ମୋଟ ୧ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ସହ ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ (ୟୁସିଏଫ୍)କୁ ମଞ୍ଜୁରୀ ପ୍ରଦାନ କରିଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର କହିଛନ୍ତି। ଏହି ଯୋଜନାରେ ପ୍ରକଳ୍ପ ମୂଲ୍ୟର ୨୫ ପ୍ରତିଶତ କେନ୍ଦ୍ରୀୟ ସହାୟତା ଭାବେ ଯୋଗାଇ ଦିଆଯିବା ସହ ବ୍ୟୟର ଅନ୍ୟୂନ ୫୦ ପ୍ରତିଶତ ମାର୍କେଟରୁ ସଂଗ୍ରହ କରାଯିବ। ଫଳରେ ଆଗାମୀ ୫ ବର୍ଷରେ ସହରାଞ୍ଚଳ ସେକ୍ଟରଗୁଡ଼ିକରେ ମୋଟ ୪ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବ। ଦେଶର ସହରାଞ୍ଚଳ ନୂଆ ବିକାଶ ଆଭିମୁଖ୍ୟରେ ଏହା ଏକ ମୌଳିକ ପରିବର୍ତ୍ତନ, ଯାହା କେବଳ ସରକାରୀ ଅନୁଦାନ ଉପରେ ନିର୍ଭର ନ କରି ବଜାର ପୁଞ୍ଜି, ନୀତିଗତ ପରିବର୍ତ୍ତନ ଏବଂ ପ୍ରତ୍ୟକ୍ଷ ଫଳାଫଳ ଉପରେ ଗୁରୁତ୍ୱ ଦେଇଥାଏ। ଉନ୍ନତମାନର ସହରୀ ଭିତ୍ତିଭୂମି ନିର୍ମାଣ ପାଇଁ ୟୁସିଏଫ୍ ବଜାର ଆଧାରିତ ପାଣ୍ଠି, ଘରୋଇ କ୍ଷେତ୍ରର ଅଂଶଗ୍ରହଣ ଏବଂ ନାଗରିକ କୈନ୍ଦ୍ରିକ ସଂସ୍କାରର ବ୍ୟବହାର କରିବ। ଏହି ପାଣ୍ଠିର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ, ଉତ୍ପାଦନକ୍ଷମ, ସମାବେଶୀ ଏବଂ ଜଳବାୟୁସମ୍ବେଦନଶୀଳ ସହରାଞ୍ଚଳ ଭିତ୍ତିଭୂମି ଯୋଗାଇଦେବା। ଦେଶର ଆର୍ଥିକ ବିକାଶର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଏକ ବିବୃତିରେ କୁହାଯାଇଛି। ୟୁସିଏଫ୍ ୨୦୨୫-୨୬ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୨୦୩୩-୩୪ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରିବ।

ଏହା ବ୍ୟତୀତ ବ୍ୟବସାୟରେ ବିନିଯୋଗ ପାଇଁ ପାଣ୍ଠି ଯୋଗାଡ଼ କରିବା ଏବଂ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳକୁ ସହାୟତା ପାଇଁ କେନ୍ଦ୍ର କ୍ୟାବିନେଟ୍ ଶୁକ୍ରବାର ଷ୍ଟାର୍ଟଅପ୍‌ଗୁଡ଼ିକ ନିମନ୍ତେ ୧୦,୦୦୦ କୋଟି ଟଙ୍କାର ପାଣ୍ଠିକୁ ଅନୁମୋଦନ କରିଛନ୍ତି। ଷ୍ଟାର୍ଟଅପ୍ ଇଣ୍ଡିଆ ଇନିସିଏଟିଭ୍‌ରେ ଫଣ୍ଡ ଅଫ୍ ଫଣ୍ଡସ୍ (ଏଫ୍‌ଓଏଫ୍) ଯୋଜନାର ଏହା ଦ୍ୱିତୀୟ ପର୍ଯ୍ୟାୟ। ସେହିପରି ୧୮,୫୦୯ କୋଟି ଟଙ୍କା ମୂଲ୍ୟର ୩ଟି ରେଳ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସମ୍ପର୍କିତ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ସେଥିରେ ରହିଛି କସରା-ମନମଦ, ଦିଲ୍ଲୀ, ଅମ୍ବାଲା ଏବଂ ବେଲାରି-ହୋସାପେଟେ ମଧ୍ୟରେ ତୃତୀୟ ଓ ଚତୁର୍ଥ ରେଳଲାଇନ। ଏହା ରେଳ ପରିବହନ ସାମର୍ଥ୍ୟ ବଢ଼ାଇବା ସହ ସେବା ବିଶ୍ୱସନୀୟତାରେ ଉନ୍ନତି ଆଣିବ।

## ପାରାଦୀପ ବେଳାଭୂମିରେ ବିଷାକ୍ତ ପଫର୍ ମାଛ

ପାରାଦୀପ,୧୪।୨(ଶରତ ରାଉତ)

ପାରାଦୀପ ବତିଘର ପାଖ ସମୁଦ୍ର ବେଳାଭୂମିରେ ଶନିବାର ଏକ ବିରଳ ମାଛ ଦେଖିବାକୁ ମିଳିଛି। ଏହାକୁ ପଫର୍ ମାଛ ବୋଲି ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଜଙ୍ଗଲୀ ଜୀବ ଝିଙ୍କ ଭଳି ଏହି ମାଛର ଦେହସାରା ବିଷାକ୍ତ କଣ୍ଟା ରହିଛି। ବେଳାଭୂମିରୁ ଜଣେ ଅଟୋଚାଳକ ତାକୁ ଦେଖି ଉଦ୍ଧାର କରିଥିଲେ। ପରେ ତାକୁ ବାଲିରେ ପକେଇ ପଳାଇ ଯାଇଥିଲେ। ବେଳାଭୂମିରେ ବହୁ ସଂଖ୍ୟାରେ ପଫର୍ ମାଛ ମରିପଡ଼ିଥିବା ଜଣାପଡ଼ିଛି। ଉକ୍ତ ମାଛ ସମ୍ପର୍କରେ ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ ସୁବ୍ରତ କୁମାର ଦାଶଙ୍କୁ ପଚାରିଲେ କୁହନ୍ତି, ଏହି ମାଛଗୁଡ଼ିକ ଗଭୀର ସମୁଦ୍ରରେ ରୁହନ୍ତି। ଏହା ଅତ୍ୟନ୍ତ ବିଷାକ୍ତ ମାଛ। କ୍ୱଚିତ୍ ସମୟରେ ଏହି ମାଛ କୂଳକୁ ଆସିଥାନ୍ତି। ଏହାକୁ ମଣିଷ ଖାଇବା ଅନୁଚିତ। ଏହା ସାଧାରଣତଃ ସୁନ୍ଦରବନ ଅଞ୍ଚଳରେ ଦେଖାଯାଆନ୍ତି। ଓଡ଼ିଶା ଉପକୂଳରେ ଏହି ମାଛ ଦେଖାଯିବା ବିରଳ ବୋଲି ଦାଶ କହିଛନ୍ତି। ଏ ସମ୍ପର୍କରେ ବୋଟ ମାଲିକ ଅରବିନ୍ଦ ସ୍ୱାଇଁ କୁହନ୍ତି, ଏପରି ମାଛ ପାରାଦୀପରେ ପୂର୍ବରୁ କେବେ ଦେଖାଯାଇ ନ ଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୨୦ତମ ତୋଷାଳି ସ୍ୱଦେଶୀ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୨ଟା।
- ୧୨ତମ ଭୁବନେଶ୍ୱର ରେଡିଓ ମେଳା, ସ୍ଥାନ: ଏକାମ୍ର ହାଟ, ସମୟ: ଅପରାହ୍ନ ୪ଟା।
- ମହାଶିବରାତ୍ରୀ ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: ହଂସପାଳ ବାଟ ମହାବୀର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ବାଦୀପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକ ଶାଳେଶ୍ୱର ଗ୍ରାମ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।
- ଜାଗର ଉପଲକ୍ଷେ ଶ୍ରୀଶ୍ରୀ ବାବା ଜଳେଶ୍ୱର ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ପ୍ରଥମ ରଜନୀରେ ମଞ୍ଚସ୍ଥ ନାଟକ 'କେତେ ଦୁଃଖ ଦେବୁ କହ ଦଇବ', ସ୍ଥାନ: କଳାରାହାଙ୍ଗ ଜଳେଶ୍ୱର ମନ୍ଦିର ଯାତ୍ରା ପଡ଼ିଆ, ସମୟ: ରାତି ୧୧ଟା।

## ବାଲେଶ୍ୱର

- ମହାଶିବରାତ୍ରି ଉତ୍ସବ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ନୂଆବଜାର, ବାଲେଶ୍ୱର, ସମୟ: ସକାଳ ୭ଟା।
- କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଟ ବଣ୍ଟନ, ସ୍ଥାନ: ଶୈବପୀଠ ପରିସର, ଲଙ୍ଗଳେଶ୍ୱର, ସମୟ: ସକାଳ ୮ଟା।
- ଶ୍ରଦ୍ଧା ବୃଦ୍ଧା ଆଶ୍ରମରେ ଭୂମିପୂଜନ, ସ୍ଥାନ: ଡେମୁରିଆ, ବାଲିଆପାଳ, ସମୟ: ସକାଳ ୯ଟା।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧ଲକ୍ଷ ଦୀପ ପ୍ରଜ୍ୱଳନ ଓ ଭଜନ ସନ୍ଧ୍ୟା, ସ୍ଥାନ: ଭୂଷଣ୍ଡେଶ୍ୱର ମହାଦେବ, କୁମ୍ଭୀରଗଡ଼ି ପାହି, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।
- ମହାଶିବରାତ୍ରିରେ ଜାଗର ଜାଳିବେ ଲକ୍ଷାଧିକ ଶ୍ରଦ୍ଧାଳୁ, ସ୍ଥାନ: ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ସହ ଭୋଗରାଇର ଶତାଧିକ ଶୈବପୀଠ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଉତପଡ଼ା ବାବା ବାଳକେଶ୍ୱରନାଥ ଶୈବପୀଠ, ରୂପସା, ସମୟ: ରାତି ୮ଟା।

## ଭଦ୍ରକ

- ଜାଗର ଯାତ୍ରା, ସ୍ଥାନ: ଲୋକନାଥ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଟିଲୋ ହନୁମାନ ପଡ଼ିଆ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱେଶ୍ୱର ପୀଠରେ ଜାଗର ଯାତ୍ରା, ସ୍ଥାନ: ରାଢୋ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ବାବା କପିଳମୁନିଙ୍କ ବାର୍ଷିକୋତ୍ସବ, ସ୍ଥାନ: ପଳିକିରି, ଧାମନଗର, ସମୟ: ଅପରାହ୍ନ ୪ଟା।
- ସାଳନ୍ଦୀ ସାହିତ୍ୟ ସଙ୍ଗମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସଙ୍ଗମ କନଭେନ୍‌ଶନ୍, ଭଦ୍ରକ ବାଇପାସ୍, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ସୋମେଶ୍ୱର ମନ୍ଦିରରେ ମହାଦୀପ ଉଠିବା ସମୟ, ସ୍ଥାନ: ସ୍ୱାମ ଶାସନ, ପାଟଣା, ସମୟ: ରାତି ୯ଟା।
- ଜାଗର ଉତ୍ସବ ଓ ମହାଦୀପ ଉଠିବା ସମୟ,ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ରାତି ୧୦ଟା୩୦।
- ଆନନ୍ଦେଶ୍ୱର ମହାଦେବ ମନ୍ଦିର ମହାଦୀପ ଉଠିବା, ସ୍ଥାନ: ପାଟଣାସ୍ଥିତ ମନ୍ଦିର ପରିସର,ସମୟ: ରାତି ୧୧ଟା।

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମହାଶିବରାତ୍ରି ଜାଗରମେଳା, ସ୍ଥାନ: ମାଣଦ୍ରୀ, ବଡ଼ସାହି, ସମୟ: ପ୍ରାତଃ ୪ଟା।
- ବାବା ଝିଙ୍କେଶ୍ୱର ପୀଠରେ ଜାଗର ଯାତ୍ରା,ସ୍ଥାନ: କପ୍ତିପଦା, ସମୟ: ପ୍ରାତଃ ୪ଟା୩୦।
- ଜାଗରମେଳା ଓ ମହାଶିବରାତ୍ରି, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ପ୍ରାତଃ ୫ଟା।
- ମହାଶିବରାତ୍ରି ଓ ଜାଗରମେଳା, ସ୍ଥାନ: ବୁଢ଼ାରାଉଳ ମଠ ତେନ୍ତୁଳିଡିଙ୍ଗା ବାରିପଦା,ସମୟ: ପ୍ରାତଃ ୫ଟା।
- ସତ୍ୟ ସ୍ୱରୂପ କ୍ରିକେଟ ଟୁର୍ନାମେଟ ଉଦ୍‌ଘାଟନ,ସ୍ଥାନ: ନାଗପାଳ ଖେଳ ପଡ଼ିଆ, ଉଦଳା, ସମୟ: ସକାଳ ୯ଟା୩୦।
- ଗୋଶାଳା କପ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗୋଶାଳା ପଡ଼ିଆ ତୁଳସୀଚଉରା, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ବୁଦ୍ଧଖୋଲରେ ମହାଶିବରାତ୍ରୀ, ସ୍ଥାନ: ବୁଗୁଡ଼ା,ବୁଦ୍ଧଖୋଲ, ସମୟ: ସକାଳ ୬ ଟା।
- ମହାଶିବରାତ୍ରୀ ଉପଲକ୍ଷେ ନାମ ସଂକୀର୍ତ୍ତନ ଯଜ୍ଞ, ସ୍ଥାନ: ବୁଗୁଡ଼ା,ଏକଡାଳ, ସମୟ: ସକାଳ ୭ ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପକ୍ଷରୁ ୨୫ ତମ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଗଲ୍ଫ ପଡ଼ିଆ, ପାରାଦୀପ, ସମୟ: ସକାଳ ୬ଟା।
- ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବ୍ରହ୍ମାକୁମାରୀ ପକ୍ଷରୁ ଜାଗର ଉପଲକ୍ଷେ ଶୈବ ମିଳନ, ସ୍ଥାନ: ଆଶ୍ରମ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ମୁକ୍ତେଶର ମନ୍ଦିର ପରିସରରେ ମହାଶିବରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ନୁଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: କପିଳେଶ୍ୱର ମନ୍ଦିର ପରିସର, ରଣସିଂସାହି, ବଡପାଳ, ମାର୍ଶାଘାଇ, ସମୟ:ସକାଳ ୬ଟା ।
- ଗ୍ରାମେଶ୍ୱର ମହୋତ୍ସବ, ସ୍ଥାନ: ମନ୍ଦିର ପରିସର, ଜମ୍ବିଲୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।
- ଜାଗର ମହୋତ୍ସବ, ସ୍ଥାନ: ମହାଦେବ ମନ୍ଦିର, କପାଳେଶ୍ୱର, କେନ୍ଦ୍ରାପଡା, ପାଟଣା, କୋର, ଆଗପଡା, ଅରସା, କଣ୍ଟପଡା, ନରହରିପୁର ଶାସନ, ରାଜକନିକା, ନଡିଆବରେଇ, ଗରଦପୁର, ଜଗନ୍ନାଥପୁର, ନୀଳକଣ୍ଠପୁର, ଚାଟରା ଶାସନ, ଗୋଲରହାଟ, ଡେରାବଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ମହାବିନାୟକ ମନ୍ଦିରରେ ଜାଗର ଯାତ୍ରା, ସ୍ଥାନ: ମହାବିନାୟକ ପୀଠ, ଚଣ୍ଡିଖୋଲ, ସମୟ: ସକାଳ ୬ଟା।
- ନାନପୁର ମହୋତ୍ସବ, ସ୍ଥାନ: ବଡଚଣା ବ୍ଲକ ଅନ୍ତର୍ଗତ ନାନପୁର ସ୍ଥିତ ବିରୂପା ନଦୀ ପଠା, ସମୟ: ପୂର୍ବାହ୍ନ ୧୦ଟା।
- ୨୭ତମ ଜାତୀୟ ସଂହତି ଉତ୍ସବର ୩ୟ ଦିନ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ଗୋଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଏନ୍‌ସି ହାଇସ୍କୁଲ ପ୍ଲାଟିନମ ଜୁବୁଲି ଉତ୍ସବର ୨ୟ ଦିନ କାର୍ଯ୍ୟକ୍ରମ, ସ୍ଥାନ: ଏନସି ହାଇସ୍କୁଲ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ଜାଗର ଯାତ୍ରା, ସ୍ଥାନ: କନ୍ହେଇପୁର ଚନ୍ଦ୍ରଶେଖର ମନ୍ଦିର, ଚାନ୍ଦମା ଚନ୍ଦନେଶ୍ୱର, ଧବଳେଶ୍ୱର ମନ୍ଦିର, ଦେବେଶ୍ୱର ମନ୍ଦିର, ବଗେଇ ବିଶେଶ୍ୱର ମନ୍ଦିର, ସ୍ୱପ୍ନେଶ୍ୱର, ଓଙ୍କାରେଶ୍ୱର, ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ମହାଶିବରାତ୍ରୀ ଅବସରରେ ଜାଗରଯାତ୍ରାର ଶୁଭାରମ୍ଭ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ପ୍ରାତଃ ୪ଟା(ସର୍ବ ସାଧାରଣ ଦର୍ଶନ, ରାତ୍ର ୧୧ଟା (ମହାଦୀପ ଉଠାଣ)।
- ଭୈମୀ ଏକାଦଶୀ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ୨୪ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଜାଗର ଯାତ୍ରା, ସ୍ଥାନ: ରଣପୁର ସହରର ଶାମୁକାସାହିର ସ୍ୱପ୍ନେଶ୍ୱର, ଚଣ୍ଡେଶ୍ୱର ସାହିର ଚଣ୍ଡେଶ୍ୱର ଓ ପୁରୁଣାବସନ୍ତର ବାଲୁଙ୍କେଶ୍ୱର, ସମୟ: ଅପରାହ୍ନ ୫ଟା।
- ଜାଗର ଯାତ୍ରା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ଖଣ୍ଡପଡା ନୀଳକଣ୍ଠେଶ୍ୱର ମନ୍ଦିର, ଖଣ୍ଡପଡା ଜଗନ୍ନାଥପ୍ରସାଦ ଦରଦା ମହିଷାକ୍ଷୁଣୀ ମନ୍ଦିର, ଖଣ୍ଡପଡା ଜଗନ୍ନାଥପ୍ରସାଦ ଦରଦା ମହିଷାକ୍ଷୁଣୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଜାଗରଯାତ୍ରା ଅବସରରେ ମହାଦୀପ ଉଠାଣ, ସ୍ଥାନ:ଗୋଡିପଡା ଲଡୁକେଶ ମହେଶଙ୍କ ପୀଠ: ରାତ୍ର ୧୧ଟା ।

## ରାୟଗଡ଼ା

- ମହାଶିବରାତ୍ରୀ ଓ ଜାଗର, ସ୍ଥାନ: ବାଲୁଙ୍କେଶ୍ୱର ମନ୍ଦିର, ରାୟଗଡ଼ା, ସମୟ: ସକାଳ ୫ଟା।
- ପଣା ବଣ୍ଟନ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଚତୁର୍ଥ ତ୍ରିବେଣୀ ମହୋତ୍ସବ ସହ ଜାଗର ଯାତ୍ରା, ସ୍ଥାନ: ମୀନାଖୋଲା, ସମୟ, ଅପରାହ୍ନ ୫ଟା।

## ନବରଙ୍ଗପୁର

- କେଲିଆ ଶୈବପୀଠରେ ମହାଦୀପ ଦର୍ଶନ, ସ୍ଥାନ: ଡାବୁଗାଁ, ସମୟ: ରାତି ୧୦ଟା।

## ସମ୍ବଲପୁର

- ସ୍ୱପ୍ନେଶ୍ୱର ବାବା ଶୈବପୀଠରେ ମହା ଶିବରାତ୍ରୀ ପୂଜାର୍ଚ୍ଚନା, ସ୍ଥାନ: ଗୋବିନ୍ଦତୋଲା, ସମୟ : ପ୍ରାତଃ ୫ଟା।
- ମହାଶିବ ରାତ୍ରୀ ପୂଜାର୍ଚ୍ଚନା ଓ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ : ବୁଢ଼ାରଜା ପାହାଡ ସ୍ଥିତ ମହାଦେବ ମନ୍ଦିର, ସମୟ : ପ୍ରାତଃ ୫ଟାରୁ ଆରମ୍ଭ।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଏମ୍‌ସିଏଲ ହୀରାକୁଦ ଆନ୍ତର୍ଜାତୀୟ ହାଫ ମାରାଥନ ଶୁଭାରମ୍ଭ, ସ୍ଥାନ : ଜମାଦାରପାଲି ନିକଟସ୍ଥ ସୋନୁ ଟିକିରା, ସମୟ : ସକାଳ ୫ଟା ୪୫।
- ସିଆଇଆଇ ଆୟୋଜିତ କର୍ମଶାଳା, ସ୍ଥାନ : ହୀରାକୁଦ ଇକୋ ରିଟ୍ରିଟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସିଆଇଆଇ ମଡେଲ କ୍ୟାରିୟର ସେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଭୁତାପଡା, ସମୟ : ଅପରାହ୍ନ ୨ଟା ୩୦।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ଆୟୋଜିତ ତୃତୀୟ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ଜାଗର ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ : ବାଳିବନ୍ଧ ସ୍ଥିତ ସୋମନାଥ ପୀଠ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ମହାଶିବରାତ୍ରୀ ଉପଲକ୍ଷେ ପୂଜାର୍ଚ୍ଚନା, ସ୍ଥାନ: ଶ୍ରୀ ଧବଳେଶ୍ୱର ବାବା ମନ୍ଦିର, ଖୁଜେନପାଲି, ବଲାଙ୍ଗୀର, ସମୟ: ଭୋର ୪ଟାରୁ ।
- ମହାଶିବରାତ୍ରୀ ଉପଲକ୍ଷେ ମହାଦୀପ, ସ୍ଥାନ: ଶ୍ରୀ ଧବଳେଶ୍ୱର ବାବା ମନ୍ଦିର, ଖୁଜେନପାଲି, ବଲାଙ୍ଗୀର, ସମୟ: ରାତି ୯ଟା ୧୫।
- ମହା ଶିବରାତ୍ରୀ ମେଳା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଶ୍ରୀ ଶଙ୍କର ମନ୍ଦିର, ଖୁଟୁଲୁମୁଣ୍ଡା, ତୁରେଇକେଲା ବ୍ଲକ, ସମୟ : ଅପରାହ୍ନ ୫ ଟା ୩୦ ମିନିଟ।
- ଧବଳେଶ୍ୱର ବାବାଙ୍କ ଜାଗର ଯାତ୍ରା ଉପଲକ୍ଷେ ମହାଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ, ସ୍ଥାନ: କୁମୁଡା ପାହାଡ , ଟିଟିଲାଗଡ ସହର, ସମୟ: ରାତ୍ରି ୧୨ଟା।

## କଳାହାଣ୍ଡି

- ବାଲୁଙ୍କେଶ୍ୱର ମନ୍ଦିରରେ ହରିହର ଭେଟ, ସ୍ଥାନ: ଭବାନୀପାଟଣା ପୁରୁଣାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜାଗର ମହୋତ୍ସବ ପାଇଁ ନାମଯଜ୍ଞ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚୈଗୁଡା ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସକାଳ ୬ଟା।
- ମା' ଯୋଗମାୟା ଶକ୍ତିପୀଠରେ ମହାଶିବରାତ୍ରି ଉପଲକ୍ଷେ ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ମହାଦୀପ ପ୍ରଜ୍ୱଳନ, ସ୍ଥାନ: କେସିଙ୍ଗା ବ୍ଲକ ଗୁର୍ଜିମୁଣ୍ଡା ଶ୍ରୀ ପାତାଳେଶ୍ୱର ମହାଦେବ ମନ୍ଦିର, ସମୟ: ସକାଳ ୮ଟା।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼, ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ମହାଶିବରାତ୍ରି ଅବସରରେ ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ବ୍ଲକ ନିକିତିମାଲ ଗ୍ରାମର ସିଦ୍ଧେଶ୍ୱର ଶିବ ମନ୍ଦିର ନିକଟ, ସମୟ: ସନ୍ଧ୍ୟା ୭ଟା।
- ଝାଡ଼େଶ୍ୱର ଶିବ ମନ୍ଦିରରେ ଅନ୍ନପ୍ରସାଦ ବଣ୍ଟନ, ସ୍ଥାନ: ପୁରୁଣାଗଡ଼, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବ୍ରାହ୍ମଣ ବାଳକଙ୍କ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଶୈବ ପୀଠ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଶିବରାତ୍ରି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଗୌଡ଼ଗାଡ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା।
- ମା'ପଞ୍ଚେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଚଣ୍ଡିପୂଜା ଓ ହୋମ ଯଜ୍ଞ, ସ୍ଥାନ: ବୀରମହାରାଜପୁର, ଭୁଦୋବର ଗ୍ରାମ, ସମୟ: ସକାଳ ୮ଟା ୩୦।
- ମା' ମଙ୍ଗଳା ମଉଳି କ୍ରିକେଟ କପର ତୃତୀୟ ଦିବସ, ସ୍ଥାନ: କଦଳୀପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୧୩ ତମ ମା' ମାହେଶ୍ୱରୀ କ୍ରିକେଟ କପ୍‌ର ଫାଇନାଲ, ସ୍ଥାନ: ବଡବର୍ଡାକଟା ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ମେଳା ଇନ୍‌ଫେଷ୍ଟର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ସୁବର୍ଣ୍ଣପୁର ରୟାଲ ପଡିଆ, ସମୟ: ଅପରାହ୍ନ ୫ଟା।
- ଶିବରାତ୍ରୀ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କେଶଲଗା ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ମହାଶିବରାତ୍ରି ପାଳନ, ସ୍ଥାନ: ପଟୋରା ଯୋଗେଶ୍ୱର ମନ୍ଦିର, ଶୁକ୍ଲିମୁଣ୍ଡି ସିଦ୍ଧେଶ୍ୱର ବାବା, ବୃନ୍ଦିକୋମନା ପାତାଳେଶ୍ୱର ମନ୍ଦିର, ଧରମପୁର ଶିବ ମନ୍ଦିର, ଧରମସାଗର ଧବଳେଶ୍ୱର ମନ୍ଦିର, ଦିଆମୁଣ୍ଡା ଶିବ ମନ୍ଦିର, ତରବୋଡ ଶିବ ମନ୍ଦିର, ସମୟ: ପ୍ରାତଃ ୪ଟା ୩୦ରୁ ରାତି ୧୨ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଷଷ୍ଠ ଦିବସ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ସକାଳ ୮ଟା ୩୦ରୁ ଅପରାହ୍ନ ୪ଟା।
- ତୃତୀୟବର୍ଷ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ସକାଳ ୮ଟା ୪୫।
- ମହାଶିବରାତ୍ରି ଉପଲକ୍ଷେ ଭାଗବତ ଓ ରାମାୟଣ କଥା, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ରେଙ୍ଗାବାହାଲ ଗାଁ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ଝାଡ଼େଶ୍ୱର ବାବାଙ୍କ ଅଭିଷେକ ଓ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ସମୟ, ପ୍ରାତଃ ୫ଟା।
- ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ମଣ୍ଡଲିଆ କ୍ରିକେଟ ପଡ଼ିଆ, ବ୍ରଜରାଜନଗର, ସମୟ, ପୂର୍ବାହ୍ନ ୧୧ଟା।
- ମହାଶିବରାତ୍ରି ଅବସରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଦର ବ୍ଲକ ମରାକୁଟା ଶିବ ମନ୍ଦିର ପରିସର, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର କର୍ମଭାବସ୍ଥ ଚନ୍ଦ୍ରମଙ୍ଗଳଯୋଗ ଆପଣଙ୍କୁ ଧୈର୍ଯ୍ୟର ସହ କାମ ହାସଲ ଦିଗରେ ସାହାଯ୍ୟ କରିବ। ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଅବ୍ୟାହତ ରହିବ। ଅଶ୍ୱିନୀ ନକ୍ଷତ୍ରର ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ସଞ୍ଚିତ ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇ ଯାଇପାରେ।

**ବୃଷ** – ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ଚନ୍ଦ୍ରବଳ ପ୍ରଭାବରୁ କୌଣସି କାମରେ ପଛକୁ ଫେରିବେ ନାହିଁ। ରୋହିଣୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଭଲରେ ଚାଲିବ ଏବଂ ଲାଭବାନ୍ ହେବେ। ବନ୍ଧୁମିଳନ ସାଙ୍ଗକୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବହନରେ ସାଧାରଣ କଥାରେ ଝଗଡ଼ା କିମ୍ବା ତଜ୍ଜନିତ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ** – ସମ୍ପର୍କୀୟଙ୍କ ବିରୋଧ ମଧ୍ୟରେ ମୃଗଶିରା ନକ୍ଷତ୍ର ସକାଶେ ଆଶା ଓ ଅଭିଳାଷ ପୂରଣ ହେବ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଛୋଟ କଥାକୁ କେନ୍ଦ୍ର କରି ସମ୍ପର୍କହାନି ଘଟିପାରେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକମାନଙ୍କ ଶୁଭକାମନାରୁ ଲକ୍ଷ୍ୟ ପୂରଣ ହୋଇପାରିବ।

**କର୍କଟ** – କର୍ମକ୍ଷେତ୍ରରେ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଯାତ୍ରା ସାଙ୍ଗକୁ ବନ୍ଧୁମିଳନରୁ ଖୁସି ରହିବେ। ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରିପାରିବାରୁ ଟେନସନ୍ କମିଯିବ। ପାରିବାରିକ ସମସ୍ୟା ସମାଧାନରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ଅଶ୍ଳେଷାର ସଭାସମିତିରେ ତର୍କ ବୃଦ୍ଧି ପାଇବାରୁ ଆଲୋଚନା ଅମୀମାଂସିତ ରହିପାରେ।

**ସିଂହ** – ମଘା ନକ୍ଷତ୍ର ନିକଟସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ କରିବେ। ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମ ତ୍ୱରାନ୍ୱିତ କରିବାରେ ସଫଳ ହେବେ। ପରିବାରରେ ପାରସ୍ପରିକ ସହଯୋଗ ପରିବେଶକୁ ସରସ, ସୁନ୍ଦର କରିବ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ଏବଂ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** – ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଆଜିର ଯାତ୍ରା, କର୍ମାରମ୍ଭ, ବ୍ୟବସାୟିକ ସ୍ଥିତି ଭଲ ରହିବ। ଭୁଲ୍ ବୁଝାମଣା ହେତୁ ଆତ୍ମୀୟଙ୍କ ଅସହଯୋଗ ଯୋଗୁ ଦୁଃଖ ଅନୁଭବ କରିପାରନ୍ତି। ରପ୍ତାନି ବାଣିଜ୍ୟ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପରିବାରର ଖର୍ଚ୍ଚ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି ।

**ତୁଳା** – କାର୍ଯ୍ୟହାନି କାରଣରୁ ସ୍ୱାତୀ ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଟେନ୍‌ସନ ଲାଗିରହିବ। ଆକସ୍ମିକ ଭାବରେ ରାସ୍ତାରେ ଯିବା ସମୟରେ ବନ୍ଧୁ ସମ୍ପର୍କ ସ୍ଥାପନ ହେବ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍ ସଙ୍ଗୀଙ୍କ ପ୍ରେରଣା ମିଳିପାରେ।

**ବିଛା** – ଆଜି ଅନୁରାଧା ନକ୍ଷତ୍ର କେତେକ ନୂତନ ଯୋଜନା ପ୍ରସ୍ତୁତ ସଫଳ ହେବେ। ଜମିଜମା, ଗୃହସୀମା, ଧାରକରଜ ତଥା ବିବାଦୀୟ ଘଟଣା କ୍ଷେତ୍ରରେ ସମାଧାନ ଯୋଗୁ ଖୁସି ହେବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** – ବାରମ୍ବାର ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଯୋଗୁ ମନ ଚାହୁଁଥିବା ପ୍ରକାରେ କେତେକ କାର୍ଯ୍ୟ ସମ୍ପନ୍ନ କରିପାରିବେ ନାହିଁ। ନିର୍ଦ୍ଦିଷ୍ଟ ସମୟରେ ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥଲାଭ ଘଟିବ। ଉତ୍ତରାଷାଢ଼ା ନକ୍ଷତ୍ର ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିବ।

**ମକର** – ମାନସିକ ଅସ୍ଥିରତା ଲାଗି ରହୁଥିବାରୁ କାମରେ ମନ ଲାଗିବ ନାହିଁ। କୌଣସି ଜିନିଷ ପାଇବାକୁ କେନ୍ଦ୍ର କରି ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ଶ୍ରବଣା ନକ୍ଷତ୍ରର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** – ଆଜି ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥ ପାଇ ସ୍ଥଗିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବେ। ଶତଭିଷା ନକ୍ଷତ୍ର ନୂତନ ଜିନିଷ କ୍ରୟ ସକାଶେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇ ଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ମନସ୍ତାପ କରିବାକୁ ପଡ଼ିପାରେ।

**ମୀନ** – ଆଜି ପୂର୍ବଭାଦ୍ର ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବ ଏବଂ ସହଯୋଗ ନିରର୍ଥକ ମନେହେବ। ବ୍ୟବସାୟରେ ଲାଭ ମିଳିବ ଏବଂ ଅନ୍ୟ ଏକ ଉଦ୍ଦେଶ୍ୟରେ ତାହାକୁ ବିନିଯୋଗ କରିବେ। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବାର ଆଶା ରହିଛି।

ଆଜି ସ୍ମାର୍ତ୍ତସମ୍ମତ ମହାଶିବରାତ୍ରି, ଶ୍ରୀଲୋକନାଥ ମନ୍ଦିରରେ ହରିହର ଭେଟ, ଅପରାହ୍ନ ଘ.୦୫।୦୫ମି. ପର୍ଯ୍ୟନ୍ତ ତ୍ରୟୋଦଶୀ ତିଥି, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଫେବୃଆରୀ ୧୫ ତାରିଖ ରବିବାର। ରାଶିନକ୍ଷତ୍ର–ଉତ୍ତରାଷାଢ଼ା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୯ ଗତେ ଘ.୧୦।୦୭ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୬ମି. ଗତେ, ଘ.୦୫।୪୨ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଇଲିଶି ମାଛର କଣ୍ଟା ସାର।**

ସାଧାରଣତଃ ଇଲିଶି ମାଛ ଖାଇବାକୁ ବେଶ୍ ରୁଚିକର ଲାଗିଥାଏ। ତେବେ ଏହି ମାଛରେ ଅତ୍ୟଧିକ କଣ୍ଟା ରହୁଥିବାରୁ ଏହାକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଇକାନୁ ସେ କାନ ନଇ ହେବା।**

କୌଣସି ଗୋପନୀୟ କଥାକୁ ଅନ୍ୟ ଆଗରେ ପ୍ରକାଶ କରିବା ଉଚିତ୍ ହୋଇ ନ ଥାଏ। କାରଣ ଅନ୍ୟ ଆଗରେ ପ୍ରକାଶ କରିଦେଲେ ତାହା ସମୟକ୍ରମେ ଏ କାନରୁ ସେ କାନ ହୋଇ ଚାରିଆଡ଼େ ପ୍ରଘଟ ହୋଇଯାଇଥାଏ। ସେହି ଦୃଷ୍ଟିରୁ ଗୁପ୍ତ କଥାକୁ ଅନ୍ୟ ଆଗରେ କେବେ ପ୍ରକାଶ ନ କରିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ବିବାହ କଥା କେବଳ ଗୁଜବ : ମୃଣାଳ



ମୃଣାଳ ଠାକୁର

ବଲିଉଡ୍‌ରୁ ଆରମ୍ଭକରି ଦକ୍ଷିଣ ଭାରତୀୟ ସିନେମାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତ୍ରୀ ମୃଣାଳ ଠାକୁର। ଏବେ କିନ୍ତୁ ସେ ସିନେମା କମ୍, ନିଜର ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ଅଛନ୍ତି। ବିଶେଷ କରି ସାଉଥ୍ ସୁପରଷ୍ଟାର ଧନୁଷ୍‌ଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଏବଂ ବିବାହକୁ ନେଇ ସୋସିଆଲ ମିଡିଆରେ କିଛିଦିନ ଚର୍ଚ୍ଚା ଚାଲିଛି। ମାତ୍ର ଏ ପ୍ରସଙ୍ଗରେ ନୀରବତା ଭାଙ୍ଗିଛନ୍ତି ମୃଣାଳ। ମୋ ବିବାହ ଚର୍ଚ୍ଚା କେବଳ ଗୁଜବ ବୋଲି ସେ କହିଛନ୍ତି। ଏକ ନ୍ୟୁଜ୍ ଏଜେନ୍ସିକୁ ଦେଇଥିବା ସାକ୍ଷାତ୍‌କାରରେ ମୃଣାଳ ସ୍ପଷ୍ଟ କରିଛନ୍ତି, ବିବାହ ପାଇଁ ସେ ତରବର ହେଉନାହାନ୍ତି। ଯେତେବେଳେ ଠିକ୍ ସମୟ ଆସିବ ଆଉ ଉପଯୁକ୍ତ ବ୍ୟକ୍ତି ମିଳିବେ, ସେତେବେଳେ ସେ ନିଶ୍ଚୟ ବିବାହ କରିବେ। ଯେଉଁଦିନ ତାଙ୍କର ବିବାହ ଠିକ୍ ହେବ, ସେ ନିଜେ ସୋସିଆଲ ମିଡିଆ ମାଧ୍ୟମରେ ସମସ୍ତଙ୍କୁ ଜଣାଇବେ। ତେବେ ଧନୁଷଙ୍କୁ ସେ ସବୁବେଳେ ନିଜର ଜଣେ ଭଲ ବନ୍ଧୁ ବୋଲି କହି ଆସିଛନ୍ତି। ମୃଣାଳ 'ଦୋ ଦିୱାନେ ସେହେର ମେ'ରେ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି। ସଞ୍ଜୟ ଲୀଲା ଭଁଶାଲୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରକୁ ରବି ଉଦୟଭର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଶଂସକମାନେ ପ୍ରଥମ ଥର ପାଇଁ ସିଦ୍ଧାନ୍ତ ଏବଂ ମୃଣାଳଙ୍କ ଯୋଡ଼ିକୁ ଦେଖିବା ପାଇଁ ଢେର ଉତ୍ସାହିତ ଅଛନ୍ତି। ଫେବୃଆରୀ ୨୦ରେ ଏହାର ରିଲିଜ ହେବ ବୋଲି ପୂର୍ବରୁ ଘୋଷଣା ହୋଇଛି। ତେବେ ବର୍ତ୍ତମାନ କ୍ୟାରିୟର ଉପରେ ଧ୍ୟାନ ଦେଉଛି, ବିବାହ କଥା ସମ୍ପୂର୍ଣ୍ଣ ଗୁଜବ ବୋଲି ମୃଣାଳ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭାରତ-ପାକିସ୍ତାନ ...

ଏଥିରେ ସୁନ୍ଦର ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି। ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ଖେଳାଇବାକୁ ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରିପାରେ। ଯଦି କୁଲଦୀପଙ୍କୁ ସୁଯୋଗ ମିଳେ ତେବେ ଜଣେ ବ୍ୟାଟର ବାହାରେ ବସିପାରନ୍ତି। ରିଙ୍କୁ ସିଂ ଏହାର ଶିକାର ହୋଇପାରନ୍ତି। ଏବେ ଭାରତକୁ କେବଳ ମିଡିଲ ଅର୍ଡରରେ ସ୍ଥିର ପ୍ରଦର୍ଶନ ଦେବାକୁ ହେବ। ଆମେରିକାର ବିପକ୍ଷ ମ୍ୟାଚରେ ଭାରତ ଏକଦା ୭୭ ରନ ମଧ୍ୟରେ ୬ ଉଇକେଟ ହରାଇଥିଲା। ସେହିପରି ନାମ୍ବିୟା ବିପକ୍ଷ ଡେଥ୍ ଓଭରରେ ଦଳ ଶୀଘ୍ର ୫ ଉଇକେଟ ହରାଇଥିଲା। ପ୍ରଥମ ୨ଟି ମ୍ୟାଚରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ ଓ ହାର୍ଦ୍ଦିକ ପାଣ୍ଡ୍ୟା ଭାରତକୁ ସଙ୍କଟଜନକ ପରିସ୍ଥିତିରୁ ଉଦ୍ଧାର କରିଛନ୍ତି। ମାତ୍ର ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତକୁ ଦଳଗତ ପ୍ରଦର୍ଶନ ଦେବାକୁ ହେବ। ପାକିସ୍ତାନ ଟୁର୍ନାମେଣ୍ଟ ଆରମ୍ଭରୁ କଲମ୍ବୋରେ ଖେଳି ଆସୁଛି। ତେଣୁ ଏଠାକାର ପିଚ୍ ଓ ପରିବେଶ ସହିତ ଏହି ଦଳ ଅଧିକ ଅଭ୍ୟସ୍ତ ହୋଇଛି। ପାକିସ୍ତାନ ଦଳରେ ଉସମାନ ତାରିକ, ସଇମ ଆୟୁବ, ଆବ୍ରାର ଅହମଦ, ଶାଦବ ଖାଁ ଓ ମହମ୍ମଦ ନୱାଜଙ୍କ ରୂପରେ ୫ ଜଣ ଦକ୍ଷ ସ୍ପିନର ଅଛନ୍ତି। ସେହିପରି ବ୍ୟାଟିଂ ବିଭାଗରେ ଶାହିବଜାଦା ଫରହାନ, ଆୟୁବ ଓ ଅଲ୍‌ରାଉଣ୍ଡର ଫହିମ ଅଶ୍ରଫ ଭଲ ଫର୍ମରେ ଅଛନ୍ତି। ନେଦରଲାଣ୍ଡ୍ସ ଓ ଆମେରିକା ବିପକ୍ଷରେ ବିଜୟୀ ହୋଇଥିବା ପାକିସ୍ତାନ କିନ୍ତୁ ଭାରତ ବିପକ୍ଷରେ କ୍ୱାଲିଟି ବୋଲିଂର ସମ୍ମୁଖୀନ ହେବ। ଯଶପ୍ରୀତ୍ ବୁମ୍‌ରାଙ୍କଠାରୁ ଆରମ୍ଭ କରି ବରୁଣ ଚକ୍ରବର୍ତ୍ତୀଙ୍କ ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆରେ ଅନେକ ମ୍ୟାଚ ବିଜୟୀ ବୋଲର ଅଛନ୍ତି। ଏପରି କି ଶିବମ ଦୁବେଙ୍କ ବୋଲିଂରେ ମଧ୍ୟ ଅନେକ ଉନ୍ନତି ଘଟିଛି। ଏହା ଦଳରେ ସନ୍ତୁଳନ ଆଣିବ।

### ବର୍ଷା ଆଶଙ୍କା

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇଥିବାନେଇ ଶ୍ରୀଲଙ୍କା ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଫଳରେ ଖେତରାମା ଅଞ୍ଚଳରେ ବର୍ଷା ହେବାର ୭୦ ପ୍ରତିଶତ ସମ୍ଭାବନା ଥିବା ପୂର୍ବାନୁମାନ କରାଯାଇଛି।

### ପ୍ରେମିକାଙ୍କ ସ୍ୱାମୀଙ୍କୁ ...

ରିଜ୍‌ୱାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ତାଙ୍କ ସହଯୋଗୀ ସାଗର ଗିନେଙ୍କୁ ମଧ୍ୟ ଜେରା କରାଯାଇଥିଲା। ଜେରାବେଳେ ସାଗର ସବୁ କଥା ପୋଲିସ ଆଗରେ ମାନିଯାଇଥିଲେ। ସେ କହିଥିଲେ, ରିଜ୍‌ୱାନ ନାସିରଙ୍କ ସ୍ତ୍ରୀଙ୍କୁ ଭଲ ପାଉଥିଲେ। ରିଜ୍‌ୱାନ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଥିବାରୁ ନାସିରଙ୍କୁ ଏହା ଉପରେ ଆଲୋଚନା ପାଇଁ ଏକ ନିଛାଟିଆ ସ୍ଥାନକୁ ଡାକିଥିଲେ। ସେଠାରେ ଦୁହେଁ ନାସିରଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ୩ ଖଣ୍ଡ କରି କେନାଲରେ ଫିଙ୍ଗିଦେଇଥିବା ସେ କହିଥିଲେ। ଇତିମଧ୍ୟରେ ସ୍ଥାନୀୟ ଲୋକେ ଦେଢ଼ଘଣ୍ଟା ଧରି ରାସ୍ତା ଅବରୋଧ କରିବା ସହ ପୋଲିସ ବିରୋଧରେ ବିକ୍ଷୋଭ କରିଥିଲେ। ଜନାକ୍ରୋଶ ବଢୁଥିବା ଦେଖି ପୋଲିସ ଅଭିଯୁକ୍ତ ବିଏଲ୍‌ଓ ରିଜ୍‌ୱାନ ଓ ତାଙ୍କ ସହଯୋଗୀ ସାଗରଙ୍କୁ ଗିରଫ କରିଛି।




# ନିଯୁକ୍ତି କ୍ଷେତ୍ରରେ ଆଦିବାସୀ ଉପେକ୍ଷିତ


- ୪,୨୫୯ ତାଲିମପ୍ରାପ୍ତଙ୍କ ମଧ୍ୟରୁ ୩୫୦ ଜଣଙ୍କୁ ନିଯୁକ୍ତି
- ସିଭିଲ ଇଞ୍ଜିନିୟର ଡିପ୍ଲୋମାଧାରୀ ନିଯୁକ୍ତି ଅପେକ୍ଷାରେ
- ପିଭିଟିଜି ବର୍ଗର ଯୁବତୀଯୁବକଙ୍କ ଆତ୍ମନିର୍ଭରଶୀଳ ଲକ୍ଷ୍ୟ ଦିଗହରା

ଯାଜପୁର,୧୪।୨(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟ ସରକାର ଅନୁସୂଚିତ ଜାତି (ଏସ୍‌ସି) ଓ ଜନଜାତି(ଏସ୍‌ଟି)ଙ୍କ ଆର୍ଥିକ ଅଭିବୃଦ୍ଧି ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରଖି ସ୍ୱତନ୍ତ୍ର ଯୋଜନାଗୁଡିକ ପ୍ରଣୟନ କରିଛନ୍ତି। ନୂଆ ଓଡ଼ିଶା, ପ୍ଲେସ୍‌ମେଣ୍ଟ ଲିଙ୍କ୍ ଟ୍ରେନିଂ ପ୍ରୋଗ୍ରାମ(ପିଏଲ୍‌ଟିପି), ପଲିଟେକ୍ନିକ୍, ଆଇଟିଆଇ ପ୍ରଭୃତି ଜରିଆରେ ବିଭିନ୍ନ ବୈଷୟିକ ଶିକ୍ଷା ସଂକ୍ରାନ୍ତରେ ତାଲିମ ଦିଆଯାଉଛି। ଏହି ସବୁକ୍ଷେତ୍ରରେ ତାଲିମ ପାଇଥିବା ଯୁବତୀଯୁବକମାନେ ସରକାରୀ ଓ ବେସରକାରୀ ସଂସ୍ଥା ସହ ବିଭିନ୍ନ ଶିଳ୍ପ ଓ ଖଣିରେ ନିଯୁକ୍ତି ପାଇବାକୁ ଆଶା ବାନ୍ଧିଛନ୍ତି। କିନ୍ତୁ ନିଯୁକ୍ତିର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ହୋଇଛି। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଧରତୀ ଅବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ୨୦୨୬ ଜାନୁଆରୀ ମାସିକ ଅଗ୍ରଗତି ରିପୋର୍ଟ ଅନୁସାରେ ପିଏଲ୍‌ଟିପି କାର୍ଯ୍ୟକ୍ରମରେ ୪,୯୦୯ ଏସ୍‌ଟି ଯୁବତୀଯୁବକ ନାମ ଲେଖାଇଥିଲେ। ସେଥିମଧ୍ୟରୁ ୨,୮୪୪ ଯୁବତୀଯୁବକ ତାଲିମ ପାଇଥିବାବେଳେ ସେଥିରୁ ମାତ୍ର ୩୩୨ ଜଣଙ୍କୁ ନିଯୁକ୍ତି ମିଳିଛି। ସେହିପରି ନୂଆ ଓଡ଼ିଶା ଯୋଜନାରେ ୨,୦୪୫ ଏସ୍‌ଟି ଯୁବତୀଯୁବକ ନାମ ଲେଖାଇଥିବାବେଳେ ୧,୪୧୫ ଜଣଙ୍କୁ ତାଲିମ ଦିଆଯାଇଛି। ସେଥିରୁ ମାତ୍ର ୧୮ ଜଣଙ୍କୁ ନିଯୁକ୍ତି ମିଳିଛି। ଏହି ଦୁଇ ଯୋଜନାର ପରିସଂଖ୍ୟାନକୁ ଅବଲୋକନ କଲେ ଆଦିବାସୀ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ ଆଶା ଦେଇ ପ୍ରତାରଣା କରାଯାଇଥିବା ମତପ୍ରକାଶ ପାଉଛି।

ଅନ୍ୟପକ୍ଷରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସର୍ଭିସ ରୁଲ୍ସ-୨୦୧୨ ଅନୁସାରେ ଡିପ୍ଲୋମା ସିଭିଲ ଇଞ୍ଜିନିୟର ପଦବୀ ପୂରଣ କରିବାରେ ଆଦିବାସୀ ଯୁବତୀଯୁବକଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଧାରରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟେରି ବିଭୂତି ରଞ୍ଜନ ସାହୁ ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ ଗଜପତି, ଯାଜପୁର, ଢେଙ୍କାନାଳ, ମାଲକାନଗିରି, ନୂଆପଡା, ଗଞ୍ଜାମ, ରାୟଗଡା, ମୟୂରଭଞ୍ଜ, କନ୍ଧମାଳ ଜିଲାରେ ବସବାସ କରୁଥିବା ପାର୍ଟିକୁଲାର ଭଲନେରେବୁଲ ଟ୍ରାଇବାଲ ଗ୍ରୁପ(ପିଭିଟିଜି) ବର୍ଗର ଯୁବତୀଯୁବକଙ୍କ ଆତ୍ମନିର୍ଭରଶୀଳ ଲକ୍ଷ୍ୟ ରଖାଯାଇ ପିଏମ୍ ଜନମନ ଯୋଜନାରେ ସିଭିଲ ଇଞ୍ଜିନିୟରିଂ, କମ୍ପ୍ୟୁଟର, ଇଲେକ୍ଟ୍ରିକାଲ, ଡ୍ରେସ୍ ମେକର, ଫୁଡ୍ ପ୍ରୋସେସିଂ ଇତ୍ୟାଦି କ୍ଷେତ୍ରରେ ତାଲିମ ଦିଆଯାଉଛି। ଏଥିରେ ପ୍ରାୟ ୫୦୦ ଯୁବତୀଯୁବକ ତାଲିମ ନେଇଛନ୍ତି। ହେଲେ ତାଲିମପ୍ରାପ୍ତ ପିଭିଟିଜି ଆଦିବାସୀ ଯୁବତୀଯୁବକ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି।

ଆଦିବାସୀ ସିଭିଲ ଇଞ୍ଜିନିୟର ଯୁବତୀଯୁବକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଥିବା ଅଭିଯୋଗ ଅନୁସାରେ ଜଳ ସମ୍ପଦ ବିଭାଗରେ ସମସ୍ତ ଖାଲି ପଦବୀ ପୂରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ବର୍ଗର ମୋଟ ୧୮୬୯ ଜଣ ଡିପ୍ଲୋମା ସିଭିଲ ପ୍ରାର୍ଥୀଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ସେଥିରୁ ୧୬୧୨ ଜଣଙ୍କ ନାମ ତାଲିକା ପ୍ରକାଶ ପାଇଥିଲାବେଳେ ୨୦୧୧, ୨୦୧୨ ଓ ୨୦୧୩ରେ ପାସ୍ କରିଥିବା ୨୫୭ ଜଣ ଆଦିବାସୀ ଯୁବତୀଯୁବକଙ୍କୁ ଅଣଦେଖା କରାଯାଇଛି। ଏହାକୁ ନେଇ ସନ୍ତୋଷ କୁମାର ମଣ୍ଡଳ ଏବଂ ଅନ୍ୟ ୫ ଜଣ ହାଇକୋର୍ଟରେ ଡବ୍ଲୁପିସି ନମ୍ବର ୮୮୭୭/୨୦୧୭ରେ ମାମଲା ରୁଜୁ କରିଥିଲେ। ବିଭାଗୀୟ ମୁଖ୍ୟ ଇଞ୍ଜିନିୟରମାନଙ୍କ କମିଟି କେବଳ ୨୦୧୦ ପର୍ଯ୍ୟନ୍ତ ଡିପ୍ଲୋମା ସିଭିଲ୍ ପାସ୍ କରିଥିବା ପ୍ରାର୍ଥୀମାନଙ୍କୁ ତାଲିକାଭୁକ୍ତ କରିଥିଲେ। ଫଳରେ ୨୦୧୧ରୁ ୨୦୧୪ ମଧ୍ୟରେ ପାସ୍ କରିଥିବା ଆଦିବାସୀ ସିଭିଲ ଇଞ୍ଜିନିୟରମାନେ ବିନା ଦୋଷରେ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ।



ଯାନ୍ତ୍ରିକ ଦଳ ମରାମତି କାର୍ଯ୍ୟ କରୁଛନ୍ତି।

## ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

କୋରାପୁଟ,୧୪।୨(ଅମିତାଭ ବେହେରା)

କୋରାପୁଟ ନିକଟରେ ଏକ ମାଲବାହୀ ଟ୍ରେନ୍‌ର ଗୋଟିଏ ବଗି ଶନିବାର ଅପରାହ୍ଣ ପ୍ରାୟ ୪ଟାରେ ଲାଇନଚ୍ୟୁତ ହୋଇଛି। କେ.କେ. ଲାଇନର ଦୟାନିଧିଗୁଡ଼ା-ମାନବାର ମଧ୍ୟରେ ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ଟ୍ରେନ୍‌ଟି ଆଇରନ୍ ଓର୍ ନେଇ ଜଗଦଲପୁରରୁ ବିଶାଖାପାଟଣା ଯାଉଥିଲାବେଳେ ଏହି ଦୁର୍ଘଟଣା ଘଟିଛି। ଖବରପାଇ ରେଲୱେର ଏକ ଯାନ୍ତ୍ରିକ ଦଳ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତି ମରାମତି କାର୍ଯ୍ୟ କରୁଥିବା ଜଣାପଡ଼ିଛି।

# ଧର୍ମ ପରିବର୍ତ୍ତନ କରିଥିବା ମୃତକଙ୍କୁ ଗାଁ ଶ୍ମଶାନ ମନା

## ହିନ୍ଦୁଧର୍ମକୁ ନ ଫେରିଲେ ଅନ୍ତ୍ୟେଷ୍ଟିକ୍ରିୟା କରାଇ ନ ଦେବା ଜିଦ୍

ଉମରକୋଟ,୧୪।୨(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ କୋପେନା ଗ୍ରାମରେ ମୃତଦେହକୁ ମିଳୁନାହିଁ ଶ୍ମଶାନ। ମୃତକଙ୍କ ପରିବାର ପୂର୍ବରୁ ହିନ୍ଦୁ ଧର୍ମ ପରିବର୍ତ୍ତନ କରି ଅନ୍ୟ ଧର୍ମ ଗ୍ରହଣ କରିଥିଲେ। ପୁଣି ହିନ୍ଦୁ ଧର୍ମକୁ ଫେରିଲେ ହିଁ ଗାଁ ଶ୍ମଶାନରେ ସତ୍କାର ପାଇଁ ଅନୁମତି ମିଳିବ ବୋଲି ହିନ୍ଦୁ ଧର୍ମାବଲମ୍ବୀମାନେ ଜିଦ୍‌ରେ ଅଟଳ ଅଛନ୍ତି, ଯାହାକୁ ନେଇ ଗାଁରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳିନି। ଖବର ଲେଖାଯିବା ବେଳକୁ ମୃତଦେହ ସତ୍କାର ହୋଇପାରି ନ ଥିଲା। ଗାଁରେ ପୋଲିସ ଛାଉଣୀ ରହିଛି।



ଆୟାଂଶୁଙ୍କ ମୃତଦେହ ସତ୍କାର ନ ହୋଇପାରି ଟୁନାଙ୍କ ଜମିରେ ପଡ଼ି ରହିଛି।

କୋପେନା ଗ୍ରାମର ଟୁନା ସାନ୍ତାଙ୍କ ପୁଅ ଆୟାଂଶୁ (୧୪) କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ଶନିବାର ଭୋରରୁ ମୃତ୍ୟୁବରଣ କରିଥିଲେ। ତେବେ ଏହି ଗ୍ରାମରେ ଧର୍ମାନ୍ତରୀକରଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ୧୫ ଦିନ ହେଲା ଅସନ୍ତୋଷ ଲାଗି ରହିଥିଲା। ଆୟାଂଶୁଙ୍କ ମୃତ୍ୟୁ ପରେ ଗାଁ ଶ୍ମଶାନରେ ସତ୍କାର କରିବାକୁ ଦେବୁନାହିଁ ବୋଲି ହିନ୍ଦୁ ଧର୍ମାବଲମ୍ବୀମାନେ ଜିଦ୍ କରିଥିଲେ। ଟୁନାଙ୍କ ପରିବାର ହିନ୍ଦୁ ଧର୍ମକୁ ଫେରି ଆସିଲେ ମୃତଦେହ ସତ୍କାର ପାଇଁ ଗାଁ ଶ୍ମଶାନରେ ଜାଗା ଦେବୁ ଓ ସହଯୋଗ କରିବୁ ବୋଲି ଗ୍ରାମର ହିନ୍ଦୁ ଧର୍ମାବଲମ୍ବୀମାନେ କହିଛନ୍ତି। ଖବରପାଇ ଉମରକୋଟ ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ କୁମାର ସେନ, ସରପଞ୍ଚ ପର୍ଶୁ ଗଣ୍ଡ, ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଆଇଆଇସି ବିପିନ କୁମାର ବାଗ, ରାଇଘର, ଝରିଗାଁ, କୁନ୍ଦେଇ ଥାନା ଅଧିକାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ସୁଫଳ ମିଳିନି। ହିନ୍ଦୁ ଧର୍ମକୁ ନ ଫେରିବା ଯାଏ ଗାଁ ପାଖ କୌଣସି ମୌଜାରେ ମଧ୍ୟ ମୃତଦେହ ପୋତିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ପୋଲିସ ସୁରକ୍ଷା ମଧ୍ୟରେ ଟୁନାଙ୍କ ପରିବାର ଲୋକେ ଆୟାଂଶୁଙ୍କ ମୃତଦେହ ନିଜ ଜମିରେ ପୋତିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁ ତାହା ସମ୍ଭବ ହୋଇପାରିଲା ନାହିଁ। ଗାଁରେ ମୃତଦେହ ପଡ଼ିଥିବା ଯୋଗୁ ସକାଳୁ କାହାରି ଘରେ ଚୁଲି ଜଳି ନାହିଁ, ପିଲାଠୁ ବୟସ୍କ ସମସ୍ତେ ଭୋକିଲା ଅଛନ୍ତି। ତୁରନ୍ତ ଗ୍ରାମରୁ ମୃତଦେହ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଖବର ଲେଖାଯିବା ବେଳକୁ ମୃତଦେହ ଟୁନା ସାନ୍ତାଙ୍କ ଜମିରେ ପଡ଼ି ରହିଛି। ଗଣ୍ଡଗୋଳ ଆଶଙ୍କାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ଉକ୍ତ ସ୍ଥାନରେ ମୁତୟନ ରହିଛି।

# ଅଙ୍କରେ ସାରିଦେଲେ

ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)



ଆଶିଷ ସିଂ



ଡି.ଏସ୍. କୁଟେ

**ଆଶିଷ ସିଂ କେନ୍ଦ୍ର ସରକାରଙ୍କ ଇଣ୍ଡୋ-ଟିବେଟାନ୍ ବର୍ଡର ପୋଲିସ (ଆଇଟିବିପି) ଆଇଜି ଭାବେ ନିଯୁକ୍ତି ପାଇଥିବାବେଳେ ଡି.ଏସ୍. କୁଟେ ପୁରସ୍କାର ସ୍ୱରୂପ ବର୍ଡର ସିକ୍ୟୁରିଟି ଫୋର୍ସ ଆଇଜି ରୂପେ କାର୍ଯ୍ୟରତ। ଏବେ ସେମାନଙ୍କ ବିଷୟରେ ଆଉ କେହି କିଛି ଅଭିଯୋଗ କରୁ ନ ଥିବାରୁ ଶେଷରେ କେନ୍ଦ୍ର ଗୋଟିଚାଳନା ରାଜ୍ୟ ନେତୃତ୍ୱଙ୍କୁ ଖୁସି ଦେଲା ବୋଲି କହିହେବ।**

୨୦୨୪ ନିର୍ବାଚନ ପରଠାରୁ ଅନେକ ବିଷୟକୁ ନେଇ ନାନା ରାଜନୈତିକ ଚର୍ଚ୍ଚା ଜାରି ରହିଛି। ବିଜେଡିର ଭବିଷ୍ୟତ କ'ଣ ହେବ, ବିରୋଧୀ ଦଳ ଭୂମିକା ଠିକ୍ ଭାବେ ତୁଲାଉଛି ନା ନାହିଁ ସେଭଳି ଅନେକ ପ୍ରସଙ୍ଗରେ ସବୁବେଳେ ଆଲୋଚନା ହେଇଆସୁଛି। ବିଜେଡି ଉପରେ ଭରସା ରଖୁଥିବା ଏବଂ ଆଞ୍ଚଳିକ ଦଳର ଆଧିପତ୍ୟ ବଢ଼ିବା ଦିଗରେ ଅପେକ୍ଷାକରି ରହିଥିବା ରାଜ୍ୟର ବହୁ ନେତା, କର୍ମୀ ଏବଂ ସାଧାରଣ ଲୋକ ବହୁ କିଛି ଜାଣିବାର ଆବଶ୍ୟକତା ରହିଛି। ସେଦିଗରେ 'ଧରିତ୍ରୀ' ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ତର୍ଜମା କରାଯାଇଛି। ଯାହା ତର୍ଜମା ହୋଇଛି ତାକୁ ଯଦି ପରଖାଯାଏ ତେବେ ଓଡ଼ିଶାରେ ଭାଜପା ରାଜନୈତିକ ଅଙ୍କରେ ତତ୍କାଳୀନ ବିଜେଡି ସରକାରକୁ ଯେ ସଫା କରିଦିଆଯାଇଛି, ଏକଥାକୁ ଏଡ଼ାଇଦିଆଯାଇ ନ ପାରେ। ଏ 'ସଫା' ଶବ୍ଦର ୨ଟି ଅର୍ଥ ବୁଝାଯାଇପାରେ। ପ୍ରଥମ 'ସଫା'ଟି ହେଉଛି ଅତ୍ୟନ୍ତ ଶକ୍ତିଶାଳୀ ଦିଶୁଥିବା ବିଜୁ ଜନତା ଦଳ କ୍ଷମତା ହରାଇବସିଲା। ଦ୍ୱିତୀୟ 'ସଫା'ଟି ହେଉଛି, ଅନେକ ବୃହତ୍ ଦୁର୍ନୀତି ସହ ସରକାରୀ କ୍ଷମତା ଓ ଅର୍ଥ ଅପବ୍ୟବହାରର ଦୋଷାରୋପ ଲୋକଲୋଚନକୁ ଆସିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ପୂର୍ବତନ ସରକାରର କୌଣସି ମୁଣ୍ଡିଙ୍କ ବିରୋଧରେ କିଞ୍ଚିତ୍ ମାତ୍ର କାର୍ଯ୍ୟାନୁଷ୍ଠାନ ଜାଣିଶୁଣି ଗ୍ରହଣ କରାଯାଇ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେଉଁମାନେ ସେହି ଅଙ୍କ କଷି ଭାଜପାକୁ ବିଜୟର ସ୍ୱାଦ ଦେଇଥିଲେ, ସେମାନେ ଏବେ ଖୁବ୍ ସୁରକ୍ଷିତ ଭାବେ କେନ୍ଦ୍ରରେ ଅଛନ୍ତି। ହେଲେ ସେମାନଙ୍କ କଥା ଆଉ ଚର୍ଚ୍ଚାକୁ ଆସୁନାହିଁ।

ରାଜ୍ୟର ମୋଟ୍ ୨୧ ଲୋକ ସଭା କ୍ଷେତ୍ର ମଧ୍ୟରୁ ୨୦ଟି ଆସନରେ ଭାଜପା ଏବଂ ଗୋଟିଏ ଆସନକୁ କଂଗ୍ରେସ ଦଖଲ କରିବାରେ ସଫଳ ହୋଇଛି। ହେଲେ ବିଗତ ଦିନରେ ୨୧ରୁ ୨୦ ଲୋକ ସଭା ଆସନରେ ବିଜୟୀ ହୋଇ ଜାତୀୟ ରାଜନୀତିରେ ପତିଆରା ରଖୁଥିବା ବିଜେଡି ୨୦୨୪ ସାଧାରଣ ନିର୍ବାଚନରେ 'ଶୂନ'ରେ ପହଞ୍ଚିଯାଇଛି। ଓଡ଼ିଶାର ପ୍ରାୟ ଅଧିକାଂଶ ଲୋକଙ୍କୁ ଜଣାଥିବ ଗତ ନିର୍ବାଚନରେ ଓଡ଼ିଶାରୁ ୨୦ ଲୋକ ସଭା ଆସନରେ ବିଜୟୀହେବା ଯୋଗୁ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗଠନ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଫଳ ହୋଇପାରିଲେ। ମାତ୍ର ୨୦୧୪ର ମୋଦି ହାୱା ଏବଂ ୨୦୧୯ ପୁଲୱାମା ପାଇଁ ଦେଶବ୍ୟାପୀ ପ୍ରବଳ ସମର୍ଥନ ସତ୍ତ୍ୱେ ସେତେବେଳେ ଓଡ଼ିଶା ଭୋଟରଙ୍କ ଏତିକି ସହଯୋଗ ଭାଜପାକୁ ମିଳି ନ ଥିଲା। ୨୦୨୪ରେ କିନ୍ତୁ ଦେଶର ରାଜନୈତିକ ପାଣିପାଗ ଏକ ଭିନ୍ନ ଦିଗ ଦେଇ ଗତି କରିବା ବେଳେ ଓଡ଼ିଶା କିପରି ବିପରୀତମୁଖୀ ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସ୍ୱାଭାବିକ। ଏଭଳି କଥା ଉପରେ ଦ୍ୱନ୍ଦ୍ୱରେ ରହିଥିବା ଅନେକ ରାଜନୈତିକ ବ୍ୟକ୍ତି ଜାଣନ୍ତି, ଓଡ଼ିଶାରେ ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ ଦୀର୍ଘବର୍ଷ ଧରି ଚାଲୁଥିବା ତ୍ରିମୁଖୀ ଲଢ଼େଇ ସବୁବେଳେ ବିଜୁ ଜନତା ଦଳକୁ ସୁହାଇଆସୁଥିଲା। କୌଶଳକ୍ରମେ ସେହି ରାଜନୈତିକ ଅଙ୍କ ଉପରେ ପ୍ରଥମେ ଶକ୍ତ ପ୍ରହାର କରାଗଲା। ଏପରି ଏକ ରାଜନୈତିକ ବାତାବରଣ ସୃଷ୍ଟି କରାଗଲା ଯେପରି 'ତ୍ରିମୁଖୀ' ଲଢ଼େଇ ଦ୍ୱିମୁଖୀ ହେବ। ଏଥିପାଇଁ ଭାଜପା ପକ୍ଷରୁ ୨୦୧୪ ପରଠାରୁ ଦିଆଯାଉଥିବା 'କଂଗ୍ରେସ ମୁକ୍ତ ଭାରତର' ନାରାକୁ ବିଜେଡିରେ ଶକ୍ତିଶାଳୀ କେତେଜଣ ଅଫିସରଙ୍କ ଜରିଆରେ ସଫଳ କରାଇବାର ଉଦ୍ୟମ ଆରମ୍ଭ ହେଲା। ଓଡ଼ିଶାର ସବୁ ଲୋକ ସଭା ଆସନରେ ବିଜେଡିର ପ୍ରାର୍ଥୀ ଚୟନ ଏବଂ ସେହି ସମୟରେ କଂଗ୍ରେସରେ ନିଜର ପତିଆରା ରଖୁଥିବା କେଉଁସବୁ ନେତା ବିଜୁ ଜନତା ଦଳକୁ ଆସି ପ୍ରାର୍ଥୀ ହୋଇଥିଲେ ତା' ଉପରେ ନଜର ପକାଇଲେ ସମସ୍ତେ ଏହା ବୁଝିପାରିବେ।

ଉଦାହରଣ ସ୍ୱରୂପ କେନ୍ଦ୍ରାପଡ଼ା ଲୋକ ସଭା ଆସନକୁ ଦେଖିବା। ଏହି ଲୋକ ସଭା ଆସନରୁ ୨୦୨୪ ନିର୍ବାଚନରେ ବୈଜୟନ୍ତ ପଣ୍ଡା ଭାଜପାରୁ ପ୍ରାର୍ଥୀ ହୋଇ ୬, ୧୫, ୭୦୫ ଖଣ୍ଡ ଭୋଟ ପାଇ ବିଜେଡି ଟିକେଟରେ ଲଢୁଥିବା ଅଂଶୁମାନ ମହାନ୍ତିଙ୍କୁ ୬୬, ୫୩୬ ଖଣ୍ଡ ଭୋଟରେ ହରାଇଲେ। କଂଗ୍ରେସରୁ ଆସି ବିଜେଡିରୁ ଟିକେଟ ନେଇଥିବା ଅଂଶୁମାନ ସେହି ନିର୍ବାଚନରେ ମୋଟ୍ ୫,୪୯,୧୬୯ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସିଦ୍ଧାର୍ଥ ସ୍ୱରୂପ ଦାସ ୯୪,୮୩୨ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଲେ। କଥା ହେଉଛି କେନ୍ଦ୍ରାପଡ଼ାରେ ଭାଜପା ପ୍ରାର୍ଥୀ ବାସ୍ତବରେ ୨୦୧୯ ନିର୍ବାଚନ ତୁଳନାରେ ୨୦୨୪ରେ କେତେ ଅଧିକ ଭୋଟ ପାଇ ଜିତିଲେ। ଏହାକୁ ଜାଣିବା ପାଇଁ ୨୦୧୯ ନିର୍ବାଚନର ଫଳାଫଳ ବିଷୟରେ ଜାଣିବା ଜରୁରୀ। ୨୦୧୯ରେ ବୈଜୟନ୍ତ ଭାଜପାରୁ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ଠାରୁ ୧,୫୧,୫୮୩ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ସେଥର ଅନୁଭବଙ୍କୁ ମୋଟ୍ ୬,୨୮,୯୩୯ ଏବଂ ବୈଜୟନ୍ତଙ୍କୁ ୪,୪୭,୪୫୬ ଭୋଟ ମିଳିଥିଲା। କଂଗ୍ରେସରୁ ସେହି ସମୟରେ ଧରଣୀଧର ନାୟକ ପ୍ରାର୍ଥୀ ହୋଇ ମୋଟ୍ ୧,୧୩,୮୪୧ ଖଣ୍ଡ ଭୋଟ ପାଇଥିଲେ। ଭାଜପା ୨୦ ଲୋକ ସଭା ଆସନ କିପରି ନେଲା ତାହାକୁ ତର୍ଜମା କଲେ, ବିଜୁ ପରିବାରର ଗଡ଼ ଭାବେ ପରିଚିତ କେନ୍ଦ୍ରାପଡ଼ା ହେଉଛି ଏକ ଜ୍ୱଳନ୍ତ ଉଦାହରଣ। ଓଡ଼ିଶାର ସବୁ ଲୋକ ସଭା ଆସନରେ ସମାନ ଢଙ୍ଗରେ ଏଭଳି କାର୍ଯ୍ୟକ୍ରମ ହୋଇଥିବା ଏଥିରୁ ବୁଝାପଡୁଛି। ନବରଙ୍ଗପୁରରେ ପ୍ରଦୀପ ମାଝୀଙ୍କୁ ଏବଂ ବଲାଙ୍ଗୀରରେ ସୁରେନ୍ଦ୍ର ସିଂଭୋଇଙ୍କୁ କଂଗ୍ରେସରୁ ଆଣି ପ୍ରାର୍ଥୀ କରିବା ଏହିଭଳି ଆହୁରି ୨ଟି ବଡ଼ ଉଦାହରଣ ଭାବେ ନିଆଯାଇପାରେ। ଏହି ୨ ଆସନରେ କଂଗ୍ରେସର ଟାଣୁଆ ନେତାଙ୍କୁ ଆଣି ବିଜେଡି ପ୍ରାର୍ଥୀ କରିବା ଦ୍ୱାରା ସିଧାସଳଖ ଲାଭ ଭାଜପାକୁ ଯିବା ସହ 'କଂଗ୍ରେସ ମୁକ୍ତ ଭାରତ'ର ନାରା ମଧ୍ୟ ସଫଳ ହୋଇପାରିଲା। ସେହି ସମୟରେ ରାଜ୍ୟ ରାଜନୀତିକୁ ବୁଝୁଥିବା ବହୁ ବିଜେଡି ନେତା ଏହା ଭୁଲ୍ ହେଉଛି ବୋଲି ଜାଣିବା ସତ୍ତ୍ୱେ କାହା ହାତରେ ଏହାକୁ ବଦଳାଇବାର ପଘା ନ ଥିଲା। ଏହା ଜାଣିବା ସତ୍ତ୍ୱେ ସମସ୍ତଙ୍କୁ ପୀଡ଼ା ହେଉଥିଲା। ୨ ଜଣ ବରିଷ୍ଠ ଆଇପିଏସ୍ ଅଫିସର ଜଣେ ତୃତୀୟ ମହଲାରେ ବସୁଥିଲେ ଏବଂ ଅନ୍ୟ ଜଣଙ୍କ ଗ୍ରାଉଣ୍ଡରେ ରହି ଯାହା ରିପୋର୍ଟ ପ୍ରସ୍ତୁତ କରି ଦେଉଥିଲେ ତାହା ବିଜେଡିରେ ସର୍ବମାନ୍ୟ ହେଉଥିଲା।

ସୂଚନାଯୋଗ୍ୟ, ବିଜେଡି ଶାସନ ସମୟରେ ବରିଷ୍ଠ ଆଇପିଏସ୍ ଅଫିସର ଆଶିଷ ସିଂ ଏବଂ ଡି.ଏସ୍. କୁଟେ ବହୁ କ୍ଷମତାଶାଳୀ ଥିବା କଥା ଭାଜପା ବାରମ୍ବାର ଅଭିଯୋଗ କରୁଥିଲା। ସେମାନେ ବିଜେଡି ପାଇଁ କାମ କରୁଛନ୍ତି ବୋଲି ଅଭିଯୋଗ କରି ସେମାନଙ୍କ ବିରୋଧରେ ନିର୍ବାଚନ କମିଶନ ଏବଂ ରାଜ୍ୟପାଳଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲା। ଅବଶ୍ୟ ଏବେ ସେମାନଙ୍କ ବିଷୟରେ ଆଉ କେହି କିଛି ଅଭିଯୋଗ କରୁନାହାନ୍ତି। କେବଳ ସେତିକି ନୁହେଁ, ଆଶିଷ ସିଂ ତାଙ୍କର ସଫଳତା ପାଇବା ଭଳି ଏବେ କେନ୍ଦ୍ର ସରକାରଙ୍କ ଇଣ୍ଡୋ-ଟିବେଟାନ୍ ବର୍ଡର ପୋଲିସ (ଆଇଟିବିପି)ର ଆଇଜି ଭାବେ ନିଯୁକ୍ତି ପାଇଛନ୍ତି। ସେହିଭଳି ଡି.ଏସ୍. କୁଟେ ପୁରସ୍କାର ସ୍ୱରୂପ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବର୍ଡର ସିକ୍ୟୁରିଟି ଫୋର୍ସ ଆଇଜି ଭାବେ ନିଯୁକ୍ତି ପାଇ ରାଜନୈତିକ ଦୋଷାରୋପର ଅନେକ ଦୂରରେ ଅଛନ୍ତି। ୨୦୨୪ ନିର୍ବାଚନ ପୂର୍ବରୁ ବିଜେଡି ପ୍ରତି କେନ୍ଦ୍ରର ଆଭିମୁଖ୍ୟ ନେଇ ବର୍ତ୍ତମାନ ରାଜ୍ୟ ଶାସକ ଦଳର ଯେଉଁ ନେତାମାନେ କ୍ଷମତାରେ ଅଛନ୍ତି ସେମାନେ ସବୁ ଦ୍ୱନ୍ଦ୍ୱରେ ରହୁଥିଲେ। କିନ୍ତୁ ଶେଷରେ କେନ୍ଦ୍ର ଗୋଟିଚାଳନା ରାଜ୍ୟ ନେତୃତ୍ୱଙ୍କୁ ଖୁସି ଦେଲା ବୋଲି କହିହେବ।

# ଆରମ୍ଭ ହେଲା 'ଭବ୍ୟ ତୋଷାଳି ସ୍ୱଦେଶୀ ମେଳା'




ତୋଷାଳି ସ୍ୱଦେଶୀ ମେଳାର ଉଦ୍‌ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ଅତିଥିଙ୍କ ସହ ସମ୍ମାନିତ ହସ୍ତଶିଳ୍ପୀମାନେ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର,୧୪।୨(ସୌମ୍ୟରଞ୍ଜନ ରାଉତ)

## ଆମ ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ସମୃଦ୍ଧ ଐତିହ୍ୟର ପରିଚୟ: ଉପମୁଖ୍ୟମନ୍ତ୍ରୀ

- ୯୦୫ ଷ୍ଟଲ୍, ଯୋଗଦେଲେ ୨୦ ରାଜ୍ୟର ବୁଣାକାର ଓ କାରିଗର
- ୧୨ ହସ୍ତଶିଳ୍ପୀ ସମ୍ମାନିତ, ୪ ବୁଝାମଣାପତ୍ର ସ୍ୱାକ୍ଷରିତ

ଆମ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଏହା ଆମ ସମୃଦ୍ଧ ଐତିହ୍ୟର ପରିଚୟ ଏବଂ ଆମ ଅସ୍ମିତାର ନିଦର୍ଶନ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଶନିବାର ଜନତା ମୈଦାନଠାରେ '୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା'କୁ ଉଦ୍‌ଘାଟନ କରି କହିଛନ୍ତି। ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ଏହି ମେଳା ଆୟୋଜନର ପ୍ରମୁଖ ଲକ୍ଷ୍ୟ ବୋଲି ମତପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଲେ, ବୁଣାକାର ଓ କାରିଗରଙ୍କ ପାଇଁ ଓଡିଆ ଜାତି ଗର୍ବିତ। ଆମ ବୁଣାକାର ବନ୍ଧୁମାନେ ବୟନ ଅସ୍ମିତାର ସମର୍ଥ ସାରଥି ସାଜିଥିବା ବେଳେ ହସ୍ତଶିଳ୍ପୀ କାରିଗରମାନେ ଉତ୍କୃଷ୍ଟ କଳାର ବାର୍ତ୍ତାବହ ସାଜିଛନ୍ତି। ସେମାନଙ୍କ ଜୀବନ ଜୀବିକାକୁ ଅଧିକ ସଶକ୍ତ କରିବା ପାଇଁ ଆମ ସରକାର ସମର୍ପିତ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ୧୨ଜଣ ହସ୍ତଶିଳ୍ପୀଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ସହିତ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ଓ ଆଇଆଇପି ମୁମ୍ବାଇ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସାକ୍ଷରିତ ହୋଇଥିଲା। ସେହିପରି ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ଓ ଆଇସିଏଆର୍-ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନାଚୁରାଲ୍ ଫାଇବର ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଏବଂ ଓୟୁଟିଆର୍ ଭୁବନେଶ୍ୱର ମଧ୍ୟରେ ଦୁଇଟି ବୁଝାମଣାପତ୍ର ସାକ୍ଷରିତ ହୋଇଥିଲା। ଚଳିତବର୍ଷ ମେଳାରେ ୯୦୫ ଷ୍ଟଲ ଖୋଲିଥିବା ବେଳେ ୨୦ଟି ରାଜ୍ୟର ବୁଣାକାର ଓ କାରିଗର ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାବଲମ୍ବୀ ଅଭିଯାନର କ୍ଷେତ୍ରୀୟ ସଂଯୋଜକ ପ୍ରମୁଖ ସାରଦା ଶତପଥୀ, ପ୍ରସିଦ୍ଧ ବାଦ୍ୟଶିଳ୍ପୀ ପଦ୍ମଶ୍ରୀ ଶରତ କୁମାର ପାତ୍ର, ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶକ ଡ. ନିବେଦିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗ ପକ୍ଷରୁ ସୂଚନା ରହିଛି।




ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା । ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ । – ଶ୍ରୀଅରବିନ୍ଦ

ମହାଶିବରାତ୍ରି ଓ ଜାଗର ଉପବାସ



# ଦେଶଭକ୍ତି ଚିନ୍ତା



ଆକାର ପଟେଲ

ଆମ ଦେଶରେ ଜାତୀୟତାବାଦର ଅତ୍ୟଧିକ ଚାହିଦା ରହିଛି, ହେଲେ ସବୁବେଳେ ଏଠାରେ ଏହାର ଅଭାବ ଥିବା ମନେହୁଏ । ମୋ ଜୀବନରେ ଅତିବାହିତ ସବୁ ଦଶନ୍ଧିରେ 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ ସହ ତ୍ୟାଗ ବା ଯୋଡ଼ିବା ପାଇଁ କୌଣସି ଦାବି ହୋଇଥିବା ମୁଁ ଜାଣି ନ ଥିଲି । କିନ୍ତୁ ଏବେ ଏହା ହେବା ଉଚିତ ବୋଲି ଆମକୁ କୁହାଯାଉଛି । ଏହି ଗୀତର ଛଅଟି ପଦ ଅଛି ଏବଂ ଆମ ମଧ୍ୟରୁ ଯେଉଁମାନେ ଜାଣିନାହାନ୍ତି ଏବେ ସେମାନଙ୍କୁ ଏହା ମନେରଖିବାକୁ ପଡ଼ିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି, ବନ୍ଦେ ମାତରମ୍ ଗୀତର ଆବୃତ୍ତି ୩ ମିନିଟ୍ ୧୦ ସେକେଣ୍ଡ ହେବା ଆବଶ୍ୟକ । ହେଲେ ଏହାକୁ ଗାଇବା ସ୍ୱେଚ୍ଛାକୃତ ନା ବାଧ୍ୟତାମୂଳକ ତାହା ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇ ନାହିଁ । ଏହି ଦ୍ୱନ୍ଦ୍ୱ ନିର୍ଦ୍ଦେଶର ଶବ୍ଦାବଳୀରୁ ସାମ୍ନାକୁ ଆସିଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆମକୁ କହେ, ସରକାରୀ ଭାବେ ଜାତୀୟ ଗୀତର ବାଦନ ପରିବର୍ତ୍ତେ କେଉଁ ସ୍ଥିତିରେ ଗାନ କରିବାକୁ ଅନୁମତି ଦିଆଯାଇପାରିବ ତାହାର ଏକ ସମ୍ପୂର୍ଣ୍ଣ ତାଲିକା ଦେବା ସମ୍ଭବ ନୁହେଁ । କିନ୍ତୁ ଏହା ଆଉ ଦର୍ଶାଇଛି, ଉପଯୁକ୍ତ ସମ୍ମାନ ସହିତ ଏହା କରାଗଲେ ଗାନରେ କୌଣସି ଆପତ୍ତି ନାହିଁ । ତେବେ ଉପଯୁକ୍ତ ସମ୍ମାନ କ'ଣ ସେ ବିଷୟରେ କୌଣସି ନିର୍ଦ୍ଦେଶାବଳୀ ନାହିଁ । କିନ୍ତୁ ନିଃସନ୍ଦେହ ଯେ, କ'ଣ ଉଲ୍ଲଂଘନ ହେବ ତାହା ଆମେ ଶୀଘ୍ର ଜାଣିପାରିବୁ । ତେବେ ଉଲ୍ଲଂଘନ କିଭଳି ନ ହେବ ସେଥିପାଇଁ ଆମମାନଙ୍କ ମଧ୍ୟରେ ଯେଉଁମାନେ ଅଧିକ ଜାତୀୟତାବାଦୀ ଭାବନା ରଖିଛନ୍ତି, ସେମାନେ ଏଭଳି ବିଚାର ନ ଥିବା ଲୋକଙ୍କୁ ଶିକ୍ଷା ଦେବେ । ଗୀତ ଗାନ କରିବା ସ୍ୱେଚ୍ଛାକୃତ କି ନୁହେଁ ତାହା ଅସ୍ପଷ୍ଟ । ମୋର ଏଭଳି କହିବାର କାରଣ ହେଉଛି ଆଦେଶରେ ଉଲ୍ଲେଖ ରହିଛି ଯେ, ସମ୍ପୂର୍ଣ୍ଣ ଭାବରେ ଆନୁଷ୍ଠାନିକ ହୋଇ ନ ଥିଲେ ବି ଜାତୀୟ ଗୀତ ଗାନ କରାଯାଇପାରିବ, ଯଦିଓ ମନ୍ତ୍ରୀ ଇତ୍ୟାଦିଙ୍କ ଉପସ୍ଥିତିରେ ଏହାର ଗୁରୁତ୍ୱ ଅଧିକ ରହିବ । ଏହା ମଧ୍ୟ କୁହାଯାଇଛି, ସାମୂହିକ ସଂଗୀତ ଗାନ ଇଚ୍ଛିତ ବା ବାଞ୍ଛନୀୟ । ଏଠାରେ ନିର୍ଦ୍ଦେଶରେ ଉଲ୍ଲିଖିତ 'ଇତ୍ୟାଦି' ଶବ୍ଦରେ କେଉଁମାନେ ସାମିଲ ଅଛନ୍ତି ଏବଂ କାହାକୁ ବାଦ୍ ଦିଆଯାଇଛି ? 'ବାଞ୍ଛନୀୟ'ର ପ୍ରକୃତ ମାନେ କ'ଣ ? ତେବେ 'ଗାନ କରାଯାଇପାରେ' ଏବଂ 'ଇଚ୍ଛିତ' ଶବ୍ଦ ସ୍ୱେଚ୍ଛାକୃତ କାର୍ଯ୍ୟର ସୂଚକ ଏବଂ କେହି ଯଦି ଏହାର ବ୍ୟାଖ୍ୟା କରନ୍ତି ତେବେ ବାସ୍ତବରେ କ'ଣ ଘଟିବ ତାହା ଆମେ ଜାଣିପାରିବା । କିନ୍ତୁ ଶେଷରେ ଏହା ମୂଳ ବିଷୟରୁ ଦୂରେଇ ଯାଇଛି । ମୁଖ୍ୟ କଥା ହେଉଛି, ଆମ ଦେଶରେ ସର୍ବଦା ଜାତୀୟତାର ଅଭାବ ରହିଛି ଏବଂ ଏହି ନିର୍ଦ୍ଦେଶରେ ଅଭାବ ପୂରଣ କରାଯାଇପାରିବ ସରକାର ମନେ କରିଛନ୍ତି । ଏହି ପ୍ରକାର ବିଷୟ ମଧ୍ୟ ଘଟିଥିବା ଇତିହାସ ଆମକୁ କହେ ।

୫୦ ବର୍ଷ ପୂର୍ବେ, ୧୯୭୬ରେ, ତତ୍କାଳୀନ ସରକାର ସମ୍ବିଧାନରେ 'ମୌଳିକ କର୍ତ୍ତବ୍ୟ' ଯୋଡ଼ିଥିଲେ । ଧର୍ମୀୟ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ବର୍ଗୀୟ ବିବିଧତାର ଉପରକୁ ଉଠି ଭାରତର ସମସ୍ତ ଲୋକଙ୍କ ମଧ୍ୟରେ ସମନ୍ୱୟ ଏବଂ ଭାଇଚାରା ଭାବନାକୁ ପ୍ରୋତ୍ସାହିତ କରିବା ; ମହିଳାମାନଙ୍କ ମର୍ଯ୍ୟାଦା ପ୍ରତି ଅପମାନଜନକ ପ୍ରଥାଗୁଡ଼ିକୁ ପରିତ୍ୟାଗ କରିବା ଲାଗି ଏହି କର୍ତ୍ତବ୍ୟଗୁଡ଼ିକ ଉଦ୍ଦିଷ୍ଟ । ଏହା ଘଟିଛି ବୋଲି କିଏ ଅସ୍ୱୀକାର କରିପାରିବେ ? ଯଦି ଏହିସବୁ ନିର୍ଦ୍ଦେଶ ଆମ ପାଖକୁ ଆସି ନ ଥାନ୍ତା, ତେବେ ଭାରତ ଭାଇଚାରା ଏବଂ ମହିଳାମାନଙ୍କ ସୁରକ୍ଷା କ୍ଷେତ୍ରରେ ବିଶ୍ୱସ୍ତରୀୟ ଉଦାହରଣ ହୋଇପାରି ନ ଥାନ୍ତା । କର୍ତ୍ତବ୍ୟ ତାଲିକାରେ ଅଛି, ଜଙ୍ଗଲ, ହ୍ରଦ, ନଦୀ ଏବଂ ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ବିକାଶ କରିବା ଏବଂ ଜୀବଜନ୍ତୁଙ୍କ ପ୍ରତି ଦୟା ଭାବ ରଖିବା । ଏହାସହ ଏଥିରେ ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧାନ ଏବଂ ସଂସ୍କାରର ଭାବନା ବିକଶିତ କରିବା ମଧ୍ୟ ରହିଛି, ଯାହା ମୋର ପ୍ରିୟ । ଏହି କର୍ତ୍ତବ୍ୟଗୁଡ଼ିକୁ ଯୋଡ଼ା ଯାଇଥିଲା କାରଣ ୧୯୭୬ରେ ଜାତୀୟତାବାଦର ଚାହିଦା ଅଧିକ ଥିଲା ଏବଂ ଅଭାବ ବି ଥିଲା, ଯାହା ବର୍ତ୍ତମାନ ସ୍ଥିତିରେ ଦେଖାଯାଇଛି । ଏବକାର ବ୍ୟବସ୍ଥାର ନିନ୍ଦୁକ ଏବଂ ଘୃଣାକାରୀମାନେ ଯୁକ୍ତି କରିବେ ଯେ, ଦେଶଭକ୍ତି ପ୍ରଦର୍ଶନ କରିବା ଲାଗି ଅନ୍ୟସବୁ ଉପାୟ ଅଛି । ସଙ୍ଗୀତ ଏବଂ ସ୍ଲୋଗାନଗୁଡ଼ିକ ଜାତୀୟ ପ୍ରଗତି ପାଇଁ କମ୍ ଗୁରୁତ୍ୱ ରଖେ । ଯଦି ଆମେ ଟ୍ରାଫିକରେ ଭଲ ବ୍ୟବହାର କରିବା ଏବଂ ଅଳିଆ ନ ପକାଇବା, ତେବେ ଆମେ ଏକ ଜାତି ଭାବରେ ଭଲ ରହିବା । ଜାତୀୟ ଗୀତ ନଦୀ ବିଷୟରେ କହେ ଏବଂ ଏପରି ଏକ ଦେଶର ନାମ ନେବା କଷ୍ଟକର ; ଯେଉଁଠାରେ ଏହାର ନଦୀ ପାଣି ଅଧିକ ମଇଳା । ଆମେ ଲାଞ୍ଚ ନ ଦେବା କିମ୍ବା ନ ନେବା କିମ୍ବା କର ଠକିବାକୁ ଚେଷ୍ଟା ନ କରିବା ଦ୍ୱାରା ଆମର ଦେଶଭକ୍ତି ଦେଖାଇପାରିବା ବୋଲି ଯୁକ୍ତି କରିବେ । କିନ୍ତୁ ଆମ ସରକାର ଏବଂ ତାହାର ସମର୍ଥକମାନେ କହିବେ ଯେ, ଏସବୁ ବିଷୟ ଅନ୍ୟସବୁ ଦେଶର ନାଗରିକ କରିପାରିବେ । ଏସବୁ ସ୍ୱତନ୍ତ୍ର ନୁହନ୍ତି । ଆମକୁ ଆମ ଦେଶଭକ୍ତି ଦେଖାଇବା ପାଇଁ କିଛି ଅନନ୍ୟ ଏବଂ ସ୍ୱତନ୍ତ୍ର ବିଷୟ ଆବଶ୍ୟକ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ଆଦେଶ ସତର୍କ କରିଦେଇଛି ଯେ, ଜାତୀୟ ଗୀତ ଔପଚାରିକ ଭାବେ ଗାନ କିମ୍ବା ବାଜିବାବେଳେ ଦର୍ଶକମାନେ ଧ୍ୟାନରେ ଠିଆ ହେବେ । ସମ୍ଭବତଃ ଏହାର ଅର୍ଥ ହେଉଛି ଯେଉଁ ସ୍ଥାନରେ ଗୀତ ବାଜିବ ଦର୍ଶକମାନେ ନିୟମ ପାଳନ କରିବାକୁ ପଡିବ ଏବଂ ସେଠାରେ ଆଉ ଅଂଶଗ୍ରହଣ ସ୍ୱେଚ୍ଛାକୃତ ନୁହେଁ । ଯଦି ଏହା ହୁଏ, ତେବେ ଗୀତ ଏବଂ ସଂଗୀତ ମଧ୍ୟରେ କ'ଣ ପାର୍ଥକ୍ୟ ଅଛି ? ଆହୁରି ମଧ୍ୟ କିଛି ଅଛି । ସମସ୍ତ ବିଦ୍ୟାଳୟରେ, ଜାତୀୟ ଗୀତ ଗାନ ସହିତ ଦିନର କାର୍ଯ୍ୟ ଆରମ୍ଭ ହୋଇପାରେ । ମୋ ମତରେ ଏହା ଆଗାମୀ ପିଢ଼ିରେ ଦେଶଭକ୍ତିର ସମାନ ସ୍ତର ଜାଗ୍ରତ କରିବା ପାଇଁ ଆବଶ୍ୟକ, ଯେପରି ଆମ ପିଢ଼ି ଏବଂ ଠିକ୍ ଆମ ପୂର୍ବ ପିଢ଼ିରେ ଦେଖିବାକୁ ମିଳିଛି । ଏହାର ଅନ୍ୟ ଲାଭ ମଧ୍ୟ ଅଛି । ବେରୋଜଗାରମାନେ ଛଅଟି ପଦ ମନେ ରଖିବା ପାଇଁ ସେମାନଙ୍କ ଫାଙ୍କା ସମୟକୁ ଉପଯୋଗ କରିବେ । ଅଳସୁଆମାନେ ଅତିରିକ୍ତ ୩ ମିନିଟ ୧୦ ସେକେଣ୍ଡ ଠିଆ ହେବେ ଏବଂ ସେମାନଙ୍କର ଫିଟନେସ ଉନ୍ନତ କରିବେ । ଏଥିରେ ଦେଶର ପ୍ରଗତି ହେବ !

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | | 8 | 2 |
| 6 | | | | | | 4 | 7 | |
| 8 | 4 | | | | 1 | | 9 | 3 |
| 9 | | | | | 2 | 7 | 6 | 5 |
| | | | 1 | 8 | 5 | | 2 | |
| | | 4 | 6 | 9 | | | | |
| | | 2 | 9 | | | 8 | 4 | |
| | 9 | | | 1 | | | | |
| | 3 | | | 6 | 4 | 1 | 5 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 9 | 2 | 7 | 5 | 3 | 4 | 8 |
| 7 | 8 | 2 | 4 | 3 | 9 | 6 | 5 | 1 |
| 3 | 5 | 4 | 1 | 6 | 8 | 7 | 9 | 2 |
| 9 | 4 | 8 | 6 | 2 | 7 | 5 | 1 | 3 |
| 2 | 7 | 1 | 5 | 8 | 3 | 9 | 6 | 4 |
| 6 | 3 | 5 | 9 | 1 | 4 | 2 | 8 | 7 |
| 5 | 9 | 3 | 8 | 4 | 2 | 1 | 7 | 6 |
| 4 | 2 | 6 | 7 | 5 | 1 | 8 | 3 | 9 |
| 8 | 1 | 7 | 3 | 9 | 6 | 4 | 2 | 5 |

ଗତକାଲିର ଉତ୍ତର

# ଚାଷୀ ଉପରେ ମଣ୍ଡିମାଡ଼



ବିଚିତ୍ର ବିଶ୍ୱାଳ

ଚାଷୀଙ୍କ ପରିଶ୍ରମ ଓ କଷଣ କଥା ଯେତେ କହିଲେ ମଧ୍ୟ ସରିବ ନାହିଁ । ଫସଲ ବୁଣିବାଠାରୁ ଅମଳ ପର୍ଯ୍ୟନ୍ତ ଚାଷୀଙ୍କ କଷଣର ଶେଷ ନାହିଁ । ଯଦିଓ ଏବେ ଚାଷବାସ ଯନ୍ତ୍ରଭିତ୍ତିକ ହେଲାଣି, ତଥାପି ବି ଚାଷୀଙ୍କ ପରିଶ୍ରମକୁ ନଜର ଅନ୍ଦାଜ କରିହେବ ନାହିଁ । କେବଳ କଠିନ ପରିଶ୍ରମ ନୁହେଁ, ଚାଷରେ ଚାଷୀର ଖର୍ଚ୍ଚ ମଧ୍ୟ ବଢ଼ିଛି । ଆଜିକାଲି ଯେତେବେଳେ ବିହନ, ସାରଠାରୁ ଯନ୍ତ୍ରପାତି ଓ ଶ୍ରମିକ ପର୍ଯ୍ୟନ୍ତ ସବୁକିଛି ପାଇଁ ବଜାର ଉପରେ ନିର୍ଭର କରିବାକୁ ପଡୁଛି, ସେତେବେଳେ ଚାଷରେ ନିବେଶ ଖର୍ଚ୍ଚ ଆହୁରି ଅଧିକ ବଢ଼ିଯାଇଛି । ଜ୍ଞାନକୌଶଳଭିତ୍ତିକ ଚାଷରେ କିଛି ପରିମାଣରେ ସିନା ଚାଷୀର ପରିଶ୍ରମ କମ୍ ହୋଇଛି, କିନ୍ତୁ ତା'ର ପରନିର୍ଭରଶୀଳତା ବଢ଼ିଛି ଓ ନିବେଶ ଖର୍ଚ୍ଚ ବହୁଗୁଣ ହୋଇଛି । ପରିଣାମ ସ୍ୱରୂପ କୌଣସି କାରଣ ପାଇଁ ଯଦି ଅମଳ ଭଲ ହେଉନାହିଁ ବା ଅମଳକୁ ଉପଯୁକ୍ତ ମୂଲ୍ୟ ମିଳୁନାହିଁ, ତେବେ ଚାଷୀର ସଙ୍କଟ ଦ୍ୱିଗୁଣିତ ହେଉଛି । ଏହା ଚାଷୀକୁ ଅଧିକ ବିପଦ ଭିତରକୁ ଠେଲି ଦେଉଛି ।

ଏହା ସହିତ ଚାଷରେ ଚାଷୀ ଯେତିକି ରିସ୍କ ନେଉଛି, ଅନ୍ୟ କୌଣସି ବୃତ୍ତିରେ ସେତିକି ରିସ୍କ ନାହିଁ । ଚାଷରେ ପ୍ରଥମ ରିସ୍କ ହେଉଛି ଜଳବାୟୁ ବା ପାଣିପାଗ । ଯଦି ଠିକ୍ ଭାବେ ବର୍ଷା କିମ୍ବା ଖରା ହେଲା ନାହିଁ, ତେବେ ଚାଷୀର ଫସଲହାନିର ସମ୍ଭାବନା ଶତ ପ୍ରତିଶତ । ପୁନଶ୍ଚ ଖରା ବର୍ଷା ଶୀତରେ କାମ କରିବା ସମୟରେ ଚାଷୀ ଉପରେ ଘଡ଼ଘଡ଼ି ପଡ଼ିବା ଭୟ, ସାପ କାମୁଡ଼ିବା ଭୟ ଏବଂ କଠିନ ପରିଶ୍ରମ ଯୋଗୁ ସ୍ୱାସ୍ଥ୍ୟହାନିର ବି ଭୟ । ଏତେ ସବୁ ରିସ୍କ ସତ୍ତ୍ୱେ ଚାଷୀ ଚାଷ କରୁଛି ଓ ସମସ୍ତଙ୍କୁ ଆହାର ଯୋଗାଉଛି । ଚାଷୀର ବାସ୍ତବ ପରିସ୍ଥିତିକୁ ଆକଳନ କରିବାକୁ ହେଲେ ଗତ ପଚିଶ ବର୍ଷ ଭିତରେ ଚାଷୀ ଆତ୍ମହତ୍ୟାର ପରିସଂଖ୍ୟାନ ଓ ତା' ସହିତ ଚାଷରେ କ୍ଷତି ସହି ଗତ ପନ୍ଦର ବର୍ଷ ମଧ୍ୟରେ କେତେ ଚାଷୀ ଚାଷ ଛାଡ଼ି ଦିନ ମଜୁରିଆରେ ପରିଣତ ହୋଇଛନ୍ତି, ତାହା ଦେଖିବାକୁ ହେବ । ଗତ ପଚିଶ ବର୍ଷ ମଧ୍ୟରେ ଦୁଇ ଲକ୍ଷରୁ ଅଧିକ ଚାଷୀ ଆତ୍ମହତ୍ୟା କରିଛନ୍ତି ଓ ୨୦% ଚାଷୀ ଚାଷ ଛାଡ଼ି ଶ୍ରମିକରେ ପରିଣତ ହୋଇଛନ୍ତି । ଗୋଟିଏ ବୃତ୍ତିର ସଂକଟକୁ ଆକଳନ କରିବାକୁ ଏହାଠାରୁ ଅଧିକ କ'ଣ ତଥ୍ୟ ଦରକାର !

ଚାଷରେ ଚାଷୀ ଏତେ କଠିନ ପରିଶ୍ରମ କରୁଛି, ଏତେ ଅଧିକ ରିସ୍କ ନେଉଛି ଓ ତା'ର ପରିସ୍ଥିତି ଏପରି ସଂକଟଜନକ ସ୍ଥିତିରେ ପହଞ୍ଚିବା ସତ୍ତ୍ୱେ ବି ଚାଷୀଙ୍କ ପ୍ରତି ସରକାର ଓ ପ୍ରଶାସନର ମନୋଭାବ ଏବଂ ବ୍ୟବହାର ନ୍ୟାୟସଙ୍ଗତ ହେଉଥିବା ଦେଖାଯାଉନାହିଁ । ଫସଲ ବୁଣିବାଠାରୁ ଅମଳଯାଏ ଚାଷୀଙ୍କ କଷଣରେ ସରକାରଙ୍କର ମନ ବୁଝିଲା ନାହିଁ ଯେ, ଫସଲ ଅମଳ ପରେ ବିକ୍ରି କରିବା ସମୟରେ ସରକାର ଓ ପ୍ରଶାସନ ଚାଷୀ ଉପରେ ଦାଉ ସାଧିବାରେ କମ୍ କରୁନାହାନ୍ତି । ସଂପ୍ରତି ଆମ ରାଜ୍ୟରେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବା ସମୟରେ ବହୁତ ହନ୍ତସନ୍ତ ହେଉଛନ୍ତି । ସରକାର ଚାହିଁଲେ ଏହି ବ୍ୟବସ୍ଥାକୁ ସହଜ ଓ ସରଳ କରିପାରନ୍ତେ । କିନ୍ତୁ ସରକାର ମଣ୍ଡିର ବ୍ୟବସ୍ଥାକୁ ଏପରି କରିଛନ୍ତି ଯେ, ଚାଷୀ ଫସଲ ବିକିବା ସମୟରେ କ୍ଷତି ସହୁଛି । ସଂପ୍ରତି ମଣ୍ଡିରେ ଚାଷୀମାନେ ଅନ୍ୟାୟପୂର୍ଣ୍ଣ ଭାବେ କଟ୍‌ନୀଛଟ୍‌ନୀର ଶିକାର ହେଉଛନ୍ତି । ଧାନର ଗୁଣବତ୍ତାକୁ ନିମ୍ନମାନର ଦର୍ଶାଇ ଚାଷୀର ଏକ କୁଇଣ୍ଟାଲ ଧାନରୁ ପ୍ରାୟ ୫ରୁ ୭ କିଲୋ କାଟି ଦେଉଛନ୍ତି । ଅର୍ଥାତ୍ କୁଇଣ୍ଟାଲ ପ୍ରତି ଏତିକି ଧାନର ମୂଲ୍ୟ ଚାଷୀକୁ ମିଳୁନାହିଁ । ପରିସ୍ଥିତି ଏପରି ହେଲାଣି ଯେ, ଅମଳ ପରେ ମଣ୍ଡିରେ ଧାନ କିଣିବାରେ ବହୁତ ବିଳମ୍ବ ହେଉଛି । ଚାଷୀଙ୍କୁ ଠିକ୍ ସମୟରେ ଅନ୍-ଲାଇନ ଟୋକନ ମିଳୁନାହିଁ । ଫଳରେ ଚାଷୀ ନିଜ ଉତ୍ପାଦକୁ ଧରି ବାରଦୁଆର ଶୁଣ୍ଢୀପିଣ୍ଡା ହେଉଛି । ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ, ଚାଷୀମାନେ ରାତାରାତି ଧାନ ଧରି ମଣ୍ଡି ଦୁଆରେ ଅପେକ୍ଷା କରୁଛନ୍ତି । ଏହା ଚାଷୀଙ୍କ ପ୍ରତି ଏକ ପ୍ରକାର ନିର୍ଯାତନା କହିଲେ ଅତ୍ୟୁକ୍ତି ହେବ ନାହିଁ । ସରକାର ଏକ ଏକର ଜମିରୁ ନିର୍ଦ୍ଦିଷ୍ଟ ପରିମାଣର ଧାନ କିଣିବାକୁ ନିୟମ କରିଛନ୍ତି, ଯାହାକି ଅତି ପୁରୁଣାକାଳିଆ ନିୟମ । ଚାଷୀଙ୍କ କହିବା କଥା, ସଂପ୍ରତି ଏକ ଏକର ଜମିରୁ ସରକାର ଧାର୍ଯ୍ୟ କରିଥିବା ପରିମାଣଠାରୁ ଅଧିକ ଅମଳ ହେଉଛି । ତେଣୁ ସରକାରଙ୍କ ଏହି ନିୟମ ଯୋଗୁ ଚାଷୀଙ୍କ ସବୁ ଧାନ ବିକ୍ରି ହୋଇ ପାରୁନାହିଁ ।




ମିଲର, ଏଜେଣ୍ଟ ଓ ସରକାରୀ ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ଚାଷୀମାନେ ବିଭିନ୍ନ ପ୍ରକାର ହଇରାଣ ହରକତ ହେଉଛନ୍ତି । ତାଙ୍କର ଭଲ ଗୁଣବତ୍ତାର ଧାନକୁ ନିମ୍ନମାନର ଦର୍ଶାଇ ଟାଳଟୁଳ ନୀତି ଅବଲମ୍ବନ କରି ତାଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ କରାଯାଉଛି । ଅନେକ ସମୟରେ ଚାଷୀଙ୍କ ଧାନ ବାହାରେ ପଡ଼ିରହୁଛି । ଏପରି ହେବା ଯୋଗୁ ଗୋଟିଏ ପଟେ ଧାନର ଗୁଣବତ୍ତାରେ ପ୍ରଭାବ ପଡୁଛି । ମଣ୍ଡିରୁ ମିଲ୍‌କୁ ଧାନ ପରିବହନରେ ବି ଅଯଥାରେ ବିଳମ୍ବ ହେଉଛି । ଏଥିସହିତ ଟୋକନ ବଣ୍ଟନରେ ବି ଅନିୟମିତତା ହେଉଥିବା ଦେଖାଯାଉଛି । ଅନେକ କ୍ଷେତ୍ରରେ ଉପଯୁକ୍ତ ଚାଷୀ ଟୋକନ ପାଇବାରେ ବିଳମ୍ବ ହେଉଥିବା ବେଳେ ଅନୁପଯୁକ୍ତ ଲୋକମାନେ ଟୋକନ ପାଇଯାଉଛନ୍ତି । ଏଥିସହିତ କେତେକ କ୍ଷେତ୍ରରେ ନିୟମ ଅନୁସାରେ ୪୮ ଘଣ୍ଟା ମଧ୍ୟରେ ଧାନର ମୂଲ୍ୟ ଚାଷୀଙ୍କ ଆକାଉଣ୍ଟରେ ବି ପହଞ୍ଚୁ ନାହିଁ । ମଣ୍ଡିରେ ଏପରି ସବୁ ଅସୁବିଧା ଯୋଗୁ ଚାଷୀମାନେ ଆନ୍ଦୋଳନ ଜାରି ରଖିଛନ୍ତି । ତଥାପି ସରକାର ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉଥିବା ଦେଖାଯାଉ ନାହିଁ ।

ଗୋଟିଏ ପଟେ ସରକାର କମ୍ପାନୀମାନଙ୍କ ପାଇଁ ନୀତି ନିୟମ ସହଜ କରୁଥିବା ବେଳେ ଚାଷୀମାନଙ୍କ ଲାଗି ଯେପରି ଭାବେ କଠିନ ନିୟମ ଲାଗୁ କରୁଛନ୍ତି, ଏଥିରୁ ସରକାରଙ୍କ ଚାଷୀ ବିରୋଧୀ ମନୋଭାବ ସ୍ପଷ୍ଟ ବୁଝିହେଉଛି । ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ବିଭିନ୍ନ ପ୍ରକାର ଅନୁମତି ପ୍ରଦାନ କରିବା ପାଇଁ ସରକାର ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରୁଛନ୍ତି । ସେମାନଙ୍କ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଏକର ପ୍ରତି କମ୍ ଟଙ୍କାରେ ଜମି ଦିଆଯାଉଛି । ଅତ୍ୟନ୍ତ କମ୍ ମୂଲ୍ୟରେ ପାଣି ଓ ବିଜୁଳି ଯୋଗାଇ ଦିଆଯାଉଛି । ସରକାର ନିଜ ଖର୍ଚ୍ଚରେ କମ୍ପାନୀର ସୁବିଧା ପାଇଁ ପ୍ରକଳ୍ପ ଅଞ୍ଚଳରେ ଉଚ୍ଚମାନର ମଜଭୂତିଆ ରାସ୍ତା ନିର୍ମାଣ କରୁଛନ୍ତି । କମ୍ପାନୀକୁ ଶୁଳ୍କ ଛାଡ଼ କରୁଛନ୍ତି । ବକେୟା ବିଜୁଳି ବିଲ୍ ଛାଡ଼ କରିଦେଉଛନ୍ତି । କିନ୍ତୁ ଅନ୍ୟପଟେ ଗରିବ ଚାଷୀମାନଙ୍କ ପ୍ରତି କଠିନରୁ କଠିନ ନିୟମ ଲାଗୁ କରୁଛନ୍ତି । କେତେବେଳେ ଧାନର ଗୁଣବତ୍ତା କଥା କହି ତାଙ୍କ ଧାନର ଉଚିତ ମୂଲ୍ୟ ଦେଉନାହାନ୍ତି ତ କେତେବେଳେ ଫସଲ ହାନିର କ୍ଷତିପୂରଣ ଦେବା ପାଇଁ ମାସ ମାସ ଗଡ଼େଇ ଦେଉଛନ୍ତି । କମ୍ପାନୀମାନଙ୍କ ଋଣଛାଡ଼ କରିବା ବେଳକୁ ସରକାର ତହବିଲ ଖୋଲି ଦେଉଛନ୍ତି ତ ଚାଷୀବେଳକୁ ବ୍ୟାଙ୍କ ବାଉନ୍ସର ପଠେଇ ଋଣ ଆଦାୟ କରୁଛି ଓ ପରିଣାମରେ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି । ସରକାର ଯଦି ଧନିକ ବ୍ୟବସାୟୀ ଓ କମ୍ପାନୀମାନଙ୍କ ପ୍ରତି ଏତେ କୋହଳ ହୋଇ ପାରୁଛନ୍ତି, ତାହେଲେ ଅନ୍ନଦାତାଙ୍କ ବେଳକୁ ଏତେ ଆକ୍ରୋଶ କାହିଁକି ?

– ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ମହେନ୍ଦ୍ରଗିରିର ଶିବ ମହିମା



ଡ. ଭାଗ୍ୟଲିପି ମଲ୍ଲ

ମହେନ୍ଦ୍ରଗିରି ପର୍ବତ, ଯେଉଁ ପର୍ବତ ଦିନେ ଥିଲା ଶ୍ୱେତକମଣ୍ଡଳ ରାଜ୍ୟର ଅଂଶବିଶେଷ, ଯେଉଁ ପର୍ବତକୁ ନିଜ କବିତାରେ ସ୍ଥାନ ଦେଇଛନ୍ତି ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ଦାସ ଏବଂ କବିବର ରାଧାନାଥ ରାୟ, ଯାହାର ଶିଖରରେ ରହିଛି ଦ୍ୱାପର ଯୁଗର 'ମହାଭାରତ' କଥା, ସେହି ମହେନ୍ଦ୍ରଗିରିର ମହିମା ଆଜି ଭାରତରେ ପୁଣ୍ୟ ତୀର୍ଥଭୂମି ରୂପେ ପରିଚୟ ଲାଭ କରିଛି । ମହେନ୍ଦ୍ରଗିରି ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ । ଏହାର ଆଧ୍ୟାତ୍ମିକ ଗୌରବ ଅତୁଳନୀୟ । ଏହା ଓଡ଼ିଶାର ଦକ୍ଷିଣରେ ଗଞ୍ଜାମ ଓ ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ସଦର ମହକୁମା ପାରଳାଖେମୁଣ୍ଡିରେ ଅବସ୍ଥିତ । ବହୁ ପ୍ରାଚୀନ ଯୁଗରୁ ଗଞ୍ଜାମ-ଗଜପତି ପର୍ବତ୍ୟାଞ୍ଚଳରେ ମହେନ୍ଦ୍ରଗିରି ଦେବଦେବ ମହାଦେବଙ୍କର ନିବାସସ୍ଥଳୀ ହୋଇଥିବାରୁ ଏଠାରେ ମହାଶିବରାତ୍ରି ମହାସମାରୋହରେ ପାଳନ ହୋଇଥାଏ । ଗୋଦାବରୀ ନଦୀ ନିକଟରେ ଥିବା ପୂର୍ବଘାଟ ପର୍ବତମାଳାକୁ ମହେନ୍ଦ୍ରଗିରି କୁହାଯାଏ । ପାଦଦେଶରେ ମହେନ୍ଦ୍ରତନୟା ନଦୀ । ସପ୍ତକୁଳ ପର୍ବତ ମଧ୍ୟରେ ଏହା ଅନ୍ୟତମ ଶ୍ରେଷ୍ଠ ପର୍ବତଭାବେ ପରିଗଣିତ । ସେହି ପର୍ବତଗୁଡ଼ିକ ହେଲା- ମହେନ୍ଦ୍ର, ମଳୟ, ସହ୍ୟ, ଶୁକ୍ତିମାନ, ଋକ୍ଷ ପର୍ବତ, ବିନ୍ଧ୍ୟ ପର୍ବତ ଓ ପାରିଜାତ । ହିନ୍ଦୁଙ୍କ ପବିତ୍ର କାର୍ଯ୍ୟରେ ବ୍ୟବହାର ହେଉଥିବା ପ୍ରାୟ ନଦୀଗୁଡ଼ିକ ମହେନ୍ଦ୍ରତନୟା ନାମରେ ପରିଚିତ ; ଯଥା- ତ୍ରିସାମା, ଋଷିକୁଲ୍ୟା, ଇକ୍ଷୁଳା, ତ୍ରିଦିବା, ଅଚଳା, ଲାଙ୍ଗୁଳିନୀ, ବଂଶଧାରା ଓ ମହେନ୍ଦ୍ରତନୟା ଇତ୍ୟାଦି । ମହେନ୍ଦ୍ରଗିରି ଦେବଦେବ ମହାଦେବ ମହେନ୍ଦ୍ରଙ୍କର ଅନ୍ୟତମ ନିବାସ ସ୍ଥାନ ଏବଂ ବିଷ୍ଣୁଙ୍କର ଷଷ୍ଠ ଅବତାର ଭଗବାନ ପର୍ଶୁରାମଙ୍କର ତପସ୍ୟାସ୍ଥଳୀ । ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ମହେନ୍ଦ୍ରଗିରିର ସୂର୍ଯ୍ୟୋଦୟ, ଖରା, ବର୍ଷା, ଶୀତର ଲୁଚକାଳି ଖେଳ, ସବୁଜବନାନୀ ଓ ଘଞ୍ଚ ଅରଣ୍ୟ ଆଦି ଅନସ୍ୱୀକାର୍ଯ୍ୟ । ଶୈଳୋଦ୍ଭବ ରାଜାମାନଙ୍କର ଅଭିଲେଖରୁ ମହେନ୍ଦ୍ରଗିରିର ପ୍ରାଚୀନତା ଜଣାପଡ଼େ । ମହେନ୍ଦ୍ର ଅର୍ଥାତ୍ ମହୀର ଯିଏ ଇନ୍ଦ୍ର ବା ଶ୍ରେଷ୍ଠ, ସେ ହେଉଛନ୍ତି ଦେବଦେବ ମହାଦେବ । ଏହି ମହେନ୍ଦ୍ରଗିରିର ଶିବ ହିଁ ଅଧିପତି ଦେବତା । ମହେନ୍ଦ୍ରଗିରିରେ ଷଡ଼ଋତୁଙ୍କର ଦିନକରେ ସମାଗମ ପରିଦର୍ଶକଙ୍କୁ ଯେତିକି ଚମତ୍କୃତ କରେ, ପର୍ବତ ଦେହରେ ଥିବା ପ୍ରାଚୀନ ମନ୍ଦିର ଯଥା-କୁନ୍ତୀ ମନ୍ଦିର, ଭୀମ ମନ୍ଦିର, ଯୁଧିଷ୍ଠିର ମନ୍ଦିର, ପର୍ଶୁରାମ କୁଟୀର, ପାଣ୍ଡବ ଗୁମ୍ଫା, ଗୋକର୍ଣ୍ଣେଶ୍ୱର ମନ୍ଦିର, ପୁଟେଶ୍ୱର ମନ୍ଦିର ଆଦିଷ୍ଟ ସେତିକି ଆଧ୍ୟାତ୍ମିକ ଚେତନାରେ ବ୍ୟକ୍ତିର ହୃଦୟକୁ ସିକ୍ତ କରେ ।

ମହେନ୍ଦ୍ରଗିରି ପର୍ବତର ପ୍ରାକୃତିକ ଶୋଭା କେବଳ ଜନମନକୁ ହରଣ କରେନାହିଁ, ବରଂ ଯୁଗଯୁଗ ଧରି କବି, ସାହିତ୍ୟିକମାନଙ୍କୁ ଆକୃଷ୍ଟ କରିଛି । ମହେନ୍ଦ୍ରଗିରି କେବଳ ସାହିତ୍ୟ ବା ପୁରାଣରେ ସ୍ଥାନ ପାଇନାହିଁ, ବରଂ ତା'ର ଜୈବ ବିବିଧତା ପାଇଁ ପରିବେଶବିତ୍‌ଙ୍କୁ ଆକର୍ଷିତ କରିଛି । ତା'ର ଜୈବ ବିବିଧତା ଗଭୀର ଅଧ୍ୟୟନର ଅପେକ୍ଷା ରଖେ । ମହେନ୍ଦ୍ରଗିରି ପର୍ବତ ଓଡ଼ିଶାର ଦକ୍ଷିଣାଞ୍ଚଳର ପରିବେଶକୁ ସନ୍ତୁଳିତ କରି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ ।

ମହେନ୍ଦ୍ରଗିରିର ଶିବ ମହିମା ମହାଭାରତ, ରାମାୟଣ, ବିଷ୍ଣୁ ପୁରାଣ, ବାୟୁ ପୁରାଣ, ଅଧ୍ୟାତ୍ମ ରାମାୟଣ, ସାରଳା ମହାଭାରତ ଓ ବିଭିନ୍ନ ଶିଳାଲେଖରେ ଦେଖିବାକୁ ମିଳେ । ମହେନ୍ଦ୍ରଗିରି



ସହିତ ଯୋଡ଼ିହୋଇ ରହିଛି ରାମାୟଣ, ମହାଭାରତ ଓ ଶିବଙ୍କର ଅପୂର୍ବ ମହିମାର କଥା । ଦେବଦେବ ମହାଦେବ ଏହି ଗିରିଶୃଙ୍ଗ ଉପରେ ଯେଉଁଠାରେ ଧ୍ୟାନମଗ୍ନ ଥିଲେ, ମାତା ସୀତାଙ୍କୁ ଠାବ କରିବା ପାଇଁ ସେହି ଶିଖରରୁ ହନୁମାନ ଲଙ୍କାକୁ ଲମ୍ଫ ପ୍ରଦାନ କରିଥିଲେ । ଏହାର ସ୍ମୃତିସ୍ୱରୂପ ମହେନ୍ଦ୍ରଗିରିରେ ହନୁମାନ କୁଦ, ହନୁମାନ ମନ୍ଦିର ଓ ହନୁମାନ ପଦଚିହ୍ନ ଦେଖିବାକୁ ମିଳେ । ଏଥିସହ ଶିବଙ୍କର ଅତୁଳନୀୟ ମହିମା ସେହିଯୁଗରୁ ହିଁ ରହିଆସିଛି ।

ମହାଭାରତ ସମୟରେ ପାଣ୍ଡବମାନେ ଯେତେବେଳେ ଅଜ୍ଞାତବାସରେ ଥିଲେ, ସେତେବେଳେ ପିତା ପାଣ୍ଡୁଙ୍କର ଶ୍ରାଦ୍ଧଦିବସ ପଡ଼ିଥିବାରୁ ମାତା କୁନ୍ତୀଙ୍କର ଆଦେଶପୂର୍ବକ ସେମାନେ ମହେନ୍ଦ୍ରଗିରିର ଘଞ୍ଚଜଙ୍ଗଲ ଭିତରକୁ ପିଣ୍ଡଦାନ ନିମିତ୍ତ ଏକ ଗଣ୍ଡା ଶିକାର କରିବାକୁ ଆସିଥିଲେ । ମାତ୍ର ଗଣ୍ଡା ବଦଳରେ ସେଠାରେ ବୁଲୁଥିବା ଏକ ବିଚିତ୍ର ଗାଈକୁ ସେମାନେ ବଧ କରିଦେଇଥିଲେ । ପୁରାଣପ୍ରସିଦ୍ଧ ଏହି ପବିତ୍ର ଗାଈର ନାମ ଥିଲା କପିଳା । କପିଳା ଗାଈର ହତ୍ୟା ସମ୍ପର୍କରେ ମାତା କୁନ୍ତୀଙ୍କୁ ଜଣାଇବା ପରେ ଗୋହତ୍ୟା ଦୋଷରୁ ପୁତ୍ରମାନେ କିପରି ମୁକ୍ତି ପାଇବେ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ । ତତ୍‌କ୍ଷଣାତ୍ ସଖା କୃଷ୍ଣ ଉପଗତ ହୋଇ ମହେନ୍ଦ୍ରଗିରିର ଶୃଙ୍ଗ ଉପରେ ପର୍ଶୁରାମ ଏବଂ ନାରଦ ମୁନିଙ୍କ ସହାୟତାରେ ଦେବସଭାର ଆୟୋଜନ ସହ ଯଜ୍ଞାଦି ଅନୁଷ୍ଠାନ କରାଇଲେ । ଏହି ସଭାରେ ବ୍ରହ୍ମା, ଶିବ, ବିଷ୍ଣୁ ଓ ବହୁ ଦେବଦେବୀଙ୍କ ସହ ମୁନିଋଷିମାନେ ଉପସ୍ଥିତ ଥିଲେ । ଉପସ୍ଥିତ ଦେବଦେବୀଙ୍କ ମତାନୁସାରେ ତଥା କୁନ୍ତୀ ଓ ପାଣ୍ଡବଙ୍କ ପ୍ରାର୍ଥନାରେ ଯୋଗୀରାଜଙ୍କର ଧ୍ୟାନ ଭଙ୍ଗ ହେଲା ଓ ପାଣ୍ଡବଙ୍କ ପାପକୁ ସେ ନିଜ ଦେହରେ ବୋଲି ଗୋହତ୍ୟାଜନିତ ପାପରୁ ମୁକ୍ତ କରାଇଥିଲେ । ମୃତଧେନୁ କପିଳାର କର୍ଣ୍ଣ ଯେଉଁଠାରେ ପଡ଼ିଲା, ତାହା ଗୋକର୍ଣ୍ଣେଶ୍ୱର, ପୁଟି ଯେଉଁଠାରେ ପଡ଼ିଲା ତାହା ପୁଟେଶ୍ୱର ନାମରେ ମନ୍ଦିର ହେବା ସହ ବହୁ ଶିବଲିଙ୍ଗଯୁକ୍ତ ମନ୍ଦିର ଏହି ପର୍ବତଶ୍ରେଣୀରେ ଗଢ଼ିଉଠିଲା ।

ଲୋକମାନଙ୍କ ବିଶ୍ୱାସ ସହିତ ଶିବଭକ୍ତ ଏବଂ ପ୍ରାୟତଃ ସବୁ ଦେବଦେବୀଙ୍କର ଏହି ପର୍ବତରେ ଦେବସଭା ଓ ଯଜ୍ଞଯୋଗୁ ମହେନ୍ଦ୍ରଗିରି ଏକ ଆଧ୍ୟାତ୍ମିକ ଗିରିଭାବେ ପ୍ରସିଦ୍ଧି ଅର୍ଜନ କରିପାରିଛି । ମହାଦେବ ଅକୁଣ୍ଠ ଚିତ୍ତରେ ପାଣ୍ଡବଙ୍କୁ ପାପମୁକ୍ତ କରାଇଥିବାରୁ ସେହି ନୀଳକଣ୍ଠଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ ଯୋଗୁଁ ଏଠାରେ ମହାଶିବରାତ୍ରି ବହୁ ଆଡ଼ମ୍ବରରେ ପାଳନ ହୁଏ । ଏଥିସହିତ ଯୋଡ଼ି ହୋଇଯାଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କିମ୍ବଦନ୍ତୀ । ଏହି କିମ୍ବଦନ୍ତୀ ଅନୁସାରେ କଳିଙ୍ଗ ମହାରାଜାଙ୍କର ବିଦ୍ୟାପତିଙ୍କ ମାଧ୍ୟମରେ ନୀଳମାଧବଙ୍କ ଦର୍ଶନ ସହିତ ମହେନ୍ଦ୍ରଗିରିର ପାଦଦେଶରେ ଥିବା ଏକ ସୁନ୍ଦର ପୁଷ୍କରିଣୀ ନିକଟରେ ଆଦିବାସୀ ଲଳନା ଲଳିତାଙ୍କ ସହିତ ବିଦ୍ୟାପତିଙ୍କର ସାକ୍ଷାତ ହେବା ଯୋଗୁ ତାର ପ୍ରମାଣସ୍ୱରୂପ ଏବେ ମଧ୍ୟ ସେହି ଲଳିତା ପୁଷ୍କରିଣୀ ବିଦ୍ୟମାନ । ମହାଶିବରାତ୍ରିରେ ଏହି ପୁଷ୍କରିଣୀ ପରିଦର୍ଶନାର୍ଥେ ବହୁ ଜନସମାଗମ ହୋଇଥାଏ ।

ତେଣୁ ମହେନ୍ଦ୍ରଗିରି କେବଳ ଏକ ପ୍ରାକୃତିକ ସୁଷମାଘେରା ସୁନ୍ଦର ପାହାଡ଼ଟିଏ ନୁହେଁ, ଏହା ମହାଦେବଙ୍କର ନିତ୍ୟ ନିବାସସ୍ଥଳୀ ଓ ପର୍ଶୁରାମଧାମ ହୋଇଥିବାରୁ ଏହାକୁ ଏକ ଆଧ୍ୟାତ୍ମିକ ସ୍ଥାନ ଭାବେ ଭକ୍ତମାନେ ଗ୍ରହଣ କରିଥା'ନ୍ତି । ଦେବଦେବ ମହେନ୍ଦ୍ର ଓ ପର୍ଶୁରାମଙ୍କର ସ୍ଥାୟୀ ଉପସ୍ଥିତି ଯୋଗୁ ଏଠାକୁ ବହୁ ଦେବଦେବୀ ଓ ଋଷିମାନଙ୍କର ଆତଯାତ ହୋଇଥାଏ ।

– ସଂସ୍କୃତି ବିଶେଷଜ୍ଞ
ମୋ: ୮୯୧୭୩୩୨୫୮୫

## ଏଇ ଭାରତରେ

ଝାଡ଼ଖଣ୍ଡର ବରକୁଲି ଗାଁର ଜ୍ଞାନଲତା ହେମ୍ବ୍ରମ୍ ଜୈବିକ ଚାଷ ଲାଭଜନକ ବୋଲି ପ୍ରମାଣ କରିଛନ୍ତି । ଜଣେ ସଫଳ ମହିଳା ଚାଷୀ ଭାବେ ସେ ଜୈବିକ ଚାଷରୁ ୧୦ ଲକ୍ଷ ଟଙ୍କାର ବିଜ୍‌ନେସ୍ କରିପାରିଛନ୍ତି । ସେ ଏବେ ୬ ଏକର ଜମିରେ ଟମାଟୋ, ବାଇଗଣ, କ୍ୟାପ୍‌ସିକମ୍, ଲଙ୍କା, କୋବି ଆଦି ଚାଷ କରୁଛନ୍ତି । ୨୦୨୧ରେ ସେ ଏହି ଚାଷ ଆରମ୍ଭ କରିଥିଲେ । ପ୍ରଫେଶନାଲ ଆସିଷ୍ଟାନ୍ସ ଫର୍ ଡେଭଲପମେଣ୍ଟ ଆକ୍ସନ ନାମକ ସଂସ୍ଥା ଏଥିରେ ଆରମ୍ଭରୁ ତାଙ୍କୁ ସହଯୋଗ କରିଥିଲା । ଏବେ ନିଜ ଅଞ୍ଚଳରେ ଏହି ସଂସ୍ଥାର ଦାୟିତ୍ୱରେ ରହିବା ପରେ ସ୍ଥାନୀୟ ଅଞ୍ଚଳରେ ଜୈବିକ କୃଷିରେ ମହିଳାଙ୍କୁ ସାମିଲ କରିବାରେ ଲାଗିଛନ୍ତି । ଏବେସୁଦ୍ଧା ସେ ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୧୨୦୦ ମହିଳାଙ୍କୁ ଜୈବିକ ଚାଷ ପ୍ରତି ଆକୃଷ୍ଟ କରିପାରିଛନ୍ତି । ସେ ଚାଷୀଙ୍କୁ ଶସ୍ତାରେ ପନିପରିବା ଚାରା ଗଛ ଯୋଗାଇ ଦେଉଛନ୍ତି । ଏହା ସହ ମହିଳାମାନେ ଜିଆଖତ ପ୍ରସ୍ତୁତ କରି ଲାଭ ପାଉଛନ୍ତି । ପ୍ରଫେଶନାଲ ଆସିଷ୍ଟାନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ୍ ଦ୍ୱାରା ପରିଚାଳିତ ବାୟୋ ରିସୋର୍ସ ସେଣ୍ଟର(ବିଆର୍‌ସି) ମାଧ୍ୟମରେ ଜ୍ଞାନଲତା ପ୍ରାରମ୍ଭରେ ୬୦,୦୦୦ ଟଙ୍କାର ବିଜ୍‌ନେସ କରୁଥିଲେ, ହେଲେ ଏହା ଏବେ ୧୦ ଲକ୍ଷ ଟଙ୍କା ଛୁଇଁଲାଣି ।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ଫେବୃଆରୀ ୧୯୭୭

- ରାଷ୍ଟ୍ରପତି ଜୁଲିୟସ ନିରେରେ ତାଞ୍ଜାନିୟାର ନୂତନ ପ୍ରଧାନମନ୍ତ୍ରୀ ରୂପେ ଏଡ୍‌ୱାର୍ଡ ସୋକୋଇନଙ୍କୁ ନିଯୁକ୍ତ କରିଛନ୍ତି ।
- ତୁର୍କୀ ଏୟାରଲାଇନ୍ସର ଗୋଟିଏ ବମାନକୁ ଅପହରଣ କରିବା ସହ ପାଇଲଟଙ୍କୁ ଆହତ କରିଥିବା ଅଭିଯୋଗରେ ୧୭ ବର୍ଷ ବୟସ୍କ ପୋଲିସ କ୍ୟାଡେଟ୍ ଗିରଫ ।
- ଭାରତର ବିଶିଷ୍ଟ ରାଜନୀତିଜ୍ଞ ତଥା ମିଳିତ ଜାତିସଂଘର ସଭାପତି ନେତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ୍‌ଙ୍କ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗଦାନ ।

# ପାଠକ ଶ୍ରେଷ୍ଠ ବିଚାରକ

## ସମିତି ସଭ୍ୟ ପ୍ରସ୍ତାବ ଦେବାରେ ସୀମିତ

ମହାଶୟ,

ଓଡ଼ିଶାର ୩୧୪ ବ୍ଲକରେ ପ୍ରାୟ ୬୦୦୦ରୁ ଅଧିକ ସମିତି ସଭ୍ୟା/ସଭ୍ୟ ନିର୍ବାଚିତ ହୋଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି । ବିଜୁ ଜନତା ଦଳ ସରକାର ଯିବା ପୂର୍ବରୁ ମାସିକ ଭତ୍ତା ଟ.୨୩୫୦ରୁ ୯,୫୦୦ ଟଙ୍କାକୁ ବୃଦ୍ଧି କରି କ୍ଷମତାରୁ ଯାଇ ସାରିଛନ୍ତି । ପଞ୍ଚାୟତିରାଜ ନିୟମ ଅନୁସାରେ, ପ୍ରତି ଦୁଇ ମାସରେ ଅନ୍ତତଃ ଗୋଟିଏ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବା କଥା । ସେହି ହିସାବରେ ଗତ ୪ ବର୍ଷ ମଧ୍ୟରେ ଅତିକମ୍‌ରେ ୨୪ଟି ବୈଠକ ହେବା ଆବଶ୍ୟକ । କିନ୍ତୁ ଅଧିକାଂଶ ବ୍ଲକରୁ ଆସୁଥିବା ରିପୋର୍ଟ ଅନୁସାରେ, ୪ ବର୍ଷରେ ମାତ୍ର ୪ରୁ ୫ଟି ବୈଠକ ହେବା ମଧ୍ୟ କଷ୍ଟକର ହୋଇପଡ଼ିଛି । ବ୍ଲକକୁ ଆସୁଥିବା କୋଟି କୋଟି ଟଙ୍କାର ଅନୁଦାନ ପାଇଁ ସମିତି ବୈଠକର ଅନୁମୋଦନ ଲୋଡ଼ାଯାଉ ନାହିଁ । ସମିତି ସଭ୍ୟମାନେ କେବଳ କାଗଜପତ୍ରରେ ପ୍ରସ୍ତାବ ଦେବାରେ ସୀମିତ ରହିଛନ୍ତି । ଗତ ୩ ବର୍ଷରେ ଜଣେ ସଭ୍ୟ ହାରାହାରି ୧୦ ଲକ୍ଷ ଟଙ୍କାର ପ୍ରସ୍ତାବ ଦେଇଥିଲେ ହେଁ ସେଥିରୁ କେତୋଟି କାର୍ଯ୍ୟକାରୀ ହୋଇଛି ଏବଂ କେଉଁ ପାଣ୍ଠିରୁ ହୋଇଛି, ତାହା ସଭ୍ୟଙ୍କ ଅଗୋଚରରେ ରହୁଛି ।

– ସମରେନ୍ଦ୍ର ଦୀକ୍ଷିତ, ପୁରୀ, କାକଟପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଧର ସୁଷମା ନ ବଢ଼େ ଚିର
ରହିଲେ ମୁକ
ବାସନା କିବାରେ ବିକଳେ ଖାଲି
କଳଇ ଦୁଃଖ ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଅଢ଼େଇବର୍ଷର ଶିଶୁପୁତ୍ରକୁ ବିକିଦେଲେ ବାପା

**ନୀଳଗିରି, ୧୪।୨ (ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଜଣେ ଅଢ଼େଇବର୍ଷର ଶିଶୁପୁତ୍ରକୁ ନିଜ ବାପା ବିକ୍ରି କରିଦେବା ଘଟଣା ଲୋକଲୋଚନକୁ ଆସିବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତେବେ ଶିଶୁପୁତ୍ର ଉଦ୍ଧାର କରାଯାଇ ଶିଶୁମଙ୍ଗଳ କମିଟକୁ ହସ୍ତାନ୍ତର କରାଯାଇଛି।

ନୀଳଗିରି ଏନ୍ଏସି ଅଧୀନ ବରିସାହି ଗ୍ରାମର ରାକେଶ କୁମାର ବେହେରା ନାମକ ଯୁବକ ଗରିବ ଶ୍ରେଣୀର ହୋଇଥିବାବେଳେ ଦୁଇଟି ବିବାହ କରିଥିଲେ। ଦ୍ୱିତୀୟ ସ୍ତ୍ରୀ ସ୍ୱାମୀଙ୍କ ଅତ୍ୟାଚାର ସହି ନ ପାରି ସ୍ୱାମୀଙ୍କଠାରୁ ଅଲଗା ରହୁଥିଲେ। ତାଙ୍କ ଔରସରୁ ଏକ ଅଢ଼େଇ ବର୍ଷର ଶିଶୁପୁତ୍ର ବାପା ରାକେଶଙ୍କ ପାଖରେ ରହୁଥିଲେ। ତେବେ ଉକ୍ତ ଶିଶୁପୁତ୍ରକୁ ରାକେଶ ସଂଖ୍ୟାଲଘୁ ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କୁ ୧ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିବା

## ଶିଶୁପୁତ୍ର ଉଦ୍ଧାର, ୨ ଅଟକ

ଏବଂ ୫୦ହଜାର ଟଙ୍କା ଅଗ୍ରିମ ନେଇଥିବା ସୋସିଆଲ ମିଡିଆରେ ଖବର ପ୍ରସାରଣ ପରେ ଗୁମର ପଦାକୁ ଆସିଥିଲା। ନୀଳଗିରି ଅଞ୍ଚଳର କିଛି ସ୍ୱେଚ୍ଛାସେବୀ ଘଟଣାର ଗୁରୁତ୍ୱ ଦେଇ ରାକେଶଙ୍କଠାରେ ପହଞ୍ଚି ସତ୍ୟାସତ୍ୟ ଜାଣିବା ପରେ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ। ରାକେଶ ଜଣେ ମଧ୍ୟସ୍ଥିଙ୍କ ଜରିଆରେ ମୂଳଚାଲ କରି ଶିଶୁପୁତ୍ରକୁ ନିକଟସ୍ଥ ଷ୍ଟେଶନସାହି ଅଞ୍ଚଳରେ ବିକ୍ରି କରିଥିବା ସ୍ୱୀକାର କରିଛି। ଅଭିଯୋଗ ପାଇ ପୋଲିସ ଶିଶୁପୁତ୍ରର ଖୋଜ୍ ଖବର ନେଇଥିଲା। ପରେ ଶିଶୁପୁତ୍ରକୁ ଚିମିନିଭାଟି ଅଞ୍ଚଳରୁ ଉଦ୍ଧାର କରି ଶିଶୁମଙ୍ଗଳକୁ ହସ୍ତାନ୍ତର କରି ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ତେବେ ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚାଲିଛି।

# 'ଛାତ୍ରୀଛାତ୍ରଙ୍କୁ ପୃଥକ୍ ଭାବେ ଗଢ଼ିଥାଏ ସୃଜନଶୀଳତା'



ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

**ତିହିଡ଼ି, ୧୪।୨ (ସଞ୍ଜିତ ବଳ)**

ତିହିଡ଼ି ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧୀନ ସନ୍ଥପୁରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକୋତ୍ସବ 'ଉଦ୍ୟମ' ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଆରତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ଦେବବ୍ରତ ମହାପାତ୍ର ଯୋଗଦେଇ ସୃଜନଶୀଳତା ଛାତ୍ରୀଛାତ୍ରଙ୍କୁ ପୃଥକ୍ ଭାବେ ଗଢ଼ି ତୋଳିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ତ୍ରିପାଠୀ, ଅନ୍ୟତମ ଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଜିଲା ନୋଡାଲ ଅଧ୍ୟକ୍ଷ ପ୍ରଦୀପ କୁମାର ସେଠୀ, ମଙ୍ଗଳପୁର ପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଜା ରମଣ ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଗୌରାଙ୍ଗ ଚନ୍ଦ୍ର ପାଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅର୍ଜୁନ ଚରଣ ପାଢ଼ୀ ଧନ୍ୟବାଦ ଦେଇଥିଲେ। ଏହିଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କଳା ଶିକ୍ଷୟିତ୍ରୀ ଲିତାରାଣୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ଚିତ୍ର ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। ଶିକ୍ଷକ ହୃଷୀକେଶ ଘଡ଼େଇ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଦୀପକ କୁମାର ଜେନା, ରାଜୀବ ଲୋଚନ ମଲ୍ଲିକ, ପ୍ରିୟରଞ୍ଜନ ଭାରତୀ, ଶୁଭଲକ୍ଷ୍ମୀ ମହାପାତ୍ର, ନେପାଳ ମଲ୍ଲିକ, ସନ୍ଦୀପ ମିଶ୍ର, ଧୀରେନ୍ଦ୍ର ବେହେରା, ମୋନାଲିସା ସାହୁ, ମନୋରଞ୍ଜନ ସାହୁ, ପ୍ରତୀକ ଦାସ, ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ନୀହାରକନ୍ୟା ପ୍ରତିଭା ସମ୍ମାନ ଘୋଷିତ

ସୋର, ୧୪।୨ (ଜନ୍ମେଜୟ ମିଶ୍ର): ଚଳିତବର୍ଷ ନୀହାରକନ୍ୟା ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ ହେବାକୁ ଯାଉଥିବା ପ୍ରତିଭାଙ୍କର ନାମ ଘୋଷିତ ହୋଇଛି। ମାର୍ଚ୍ଚ ୧ରେ ସଂସଦର ବାର୍ଷିକ ଉତ୍ସବରେ ପ୍ରତିଭାଧାରୀମାନଙ୍କୁ ସମ୍ମାନିତ କରାଯିବ। ଚଳିତବର୍ଷ 'ନୀହାରକନ୍ୟା ସାରସ୍ୱତ ସମ୍ମାନ' ପାଇବେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଲକ୍ଷ୍ମୀକାନ୍ତ ତ୍ରିପାଠୀ। କବି ବିଜୟ ମହାପାତ୍ରଙ୍କୁ କବିତା ସମ୍ମାନ, ଗାଳ୍ପିକ ଆଦିତେଶ୍ୱର ମିଶ୍ରଙ୍କୁ ଗଳ୍ପ ସମ୍ମାନ, ଶିଶୁସାହିତ୍ୟିକ ଦେବେନ୍ଦ୍ର ଚୌଧୁରୀଙ୍କୁ ଶିଶୁ ସାହିତ୍ୟ ସମ୍ମାନ, ପଞ୍ଚବଟୀ ସମ୍ପାଦକ କବି ସୁଶାନ୍ତ ନାୟକଙ୍କୁ ବିତନୁ ନାୟକ ସାରସ୍ୱତ ସମ୍ମାନ, କବି ଉମାକାନ୍ତ ରାଉତଙ୍କୁ ରମାମଣି ପାତ୍ର କବିତା ସମ୍ମାନ, ବିଶିଷ୍ଟ ନାଟ୍ୟକାର ଡ.ରମେଶ ଚନ୍ଦ୍ର ମିଶ୍ରଙ୍କୁ ନାଟ୍ୟସମ୍ମାନ, କବୟିତ୍ରୀ ଗିତାଞ୍ଜଳି ମହାରଣାଙ୍କୁ ଗଦାଧର ପତି ସ୍ମୃତି ସମ୍ମାନ, କବି ବିପ୍ଲବ ରଞ୍ଜନ ପତିଙ୍କୁ ଦିବ୍ୟସିଂହ ଦାସ ଅଧିକାରୀ କବିତା ସମ୍ମାନ, କବୟିତ୍ରୀ ପ୍ରତିଭା ଖିଲାରଙ୍କୁ ବିଦ୍ୟୁତପ୍ରଭା ପାଣି ସ୍ମୃତି ସମ୍ମାନ, ଗାଳ୍ପିକ ସଞ୍ଜୟ ପଣ୍ଡାଙ୍କୁ ରଜନୀମିଶ୍ର ସ୍ମୃତି ସମ୍ମାନ, ଗାଳ୍ପିକା ସ୍ନେହଲତା ଦାସଲେଙ୍କାଙ୍କୁ କଳ୍ପନା ପତି ସ୍ମୃତି ସମ୍ମାନ, କବୟିତ୍ରୀ ରଞ୍ଜିତା ପଣ୍ଡାଙ୍କୁ ନୀହାରକନ୍ୟା ସମ୍ମାନ ଓ କବି ବଳବନ୍ତ ସାହୁଙ୍କୁ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

# 'ଗ୍ରନ୍ଥାଗାର ସଙ୍ଗଠନ ଓ ପରିଚୟମୂଳକ ଦିଗ୍‌ଦର୍ଶନ'



ପ୍ରସାର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ବାଲେଶ୍ୱର, ୧୪।୨ (ବାଞ୍ଛାନିଧି ଦେ)**

## ଏଫ୍‌ଏମ୍‌ୟୁରେ ଦୁଇଦିନିଆ ପ୍ରସାର କାର୍ଯ୍ୟକ୍ରମ

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗ ପକ୍ଷରୁ ମିତ୍ରପୁରସ୍ଥିତ ସ୍ୱର୍ଣ୍ଣଚୂଡ ମହାବିଦ୍ୟାଳୟରେ 'ଗ୍ରନ୍ଥାଗାର ସଙ୍ଗଠନ ଓ ପରିଚୟମୂଳକ ଦିଗଦର୍ଶନ' ଶୀର୍ଷକ ଦୁଇଦିନିଆ ପ୍ରସାର କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗର ସମନ୍ୱୟକ ଡ. ଜଗନ୍ନାଥ ବେହେରା ସ୍ୱାଗତ ବକ୍ତବ୍ୟ ସୂଚନା ଦେଇଥିଲେ। ପ୍ରସାର କାର୍ଯ୍ୟକ୍ରମର ସମନ୍ୱୟକ ଡ. ମନୋଜ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗଦେଇ ଗ୍ରନ୍ଥାଗାର ଶିକ୍ଷାର ଆବଶ୍ୟକତା ଓ ସମାଜଗଠନରେ ତାହାର ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱର୍ଣ୍ଣଚୂଡ ମହାବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅମିତ ସାହୁ, ଅଧ୍ୟାପକ ଡ. ମନୋରଞ୍ଜନ ଦାସ ଯୋଗଦେଇ ଗ୍ରନ୍ଥାଗାରର ଠିକ୍ ସଙ୍ଗଠନ ଓ ପରିଚାଳନାର ଗୁରୁତ୍ୱ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ସହାୟକ ଅଧ୍ୟାପକ ବିଶ୍ୱଜିତ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଦୁଇଦିନିଆ ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର ନିଜର ପାଠ୍ୟକ୍ରମ ସହ ଗ୍ରନ୍ଥାଗାର ସଙ୍ଗଠନ, ପରିଚାଳନା ଓ ନବୀନ ପ୍ରବଣତା ସମ୍ବନ୍ଧରେ ଅଧିକ ଜ୍ଞାନ ଅର୍ଜନ କରିବା ନେଇ ଆଶା ପ୍ରକାଶ କରାଯାଇଛି।

# ବିପୁଳ ଚୋରା ମଦ ଜବତ: ୬ ମହିଳାଙ୍କ ସମେତ ଜଣେ ଯୁବକ ଗିରଫ

ଭୋଗରାଇ, ୧୪।୨ (ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ସବୁଠି ଚୋରା ଦେଶୀ ଓ ବିଦେଶୀ ମଦର ବନ୍ୟା ଛୁଟୁଥିବା ବେଳେ ଜଳେଶ୍ୱର ଅବକାରୀ ରେଞ୍ଜ ବିଭାଗ ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୬ ମହିଳା ସମେତ ଜଣେ ଯୁବକଙ୍କୁ ଗିରଫ କରାଯାଇ ଗ୍ରାମ ନ୍ୟାୟାଳୟକୁ ଚାଲାଣ କରାଯାଇଛି। ଚୋରାମଦ ବିକ୍ରେତାଙ୍କ ବିରୋଧରେ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ମାମଲା ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଜାରି କରାଯାଉଥିବାର ଥାନା ପକ୍ଷରୁ ସୂଚନା ଦିଆଯାଇଛି। ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଶଶିକାନ୍ତ ଦତ୍ତଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ କରାଯାଇଥିଲା।


**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।



**MCL**
**ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5286


# ଜୀବନର ଗତିପଥରେ ମାର୍ଗଦର୍ଶନ କରୁଥିବା ମଣିଷ ମା' ବାପା

**ବନ୍ତ, ୧୪।୨ (ହରିନାରାୟଣ ମହାନ୍ତି)**

ଜୀବନର ଗତିପଥରେ ମାର୍ଗଦର୍ଶନ କରୁଥିବା ମଣିଷ ମା' ବାପା ବୋଲି ଶୁକ୍ରବାର ବନ୍ତ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ସୁନାଗଡିଆ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପୀତାମ୍ବର ପହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଜଗନ୍ନାଥ ପାତ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ, ପାଲାଗାୟକ ହରିହର ପାଣିଗ୍ରାହୀ, ସମ୍ମାନିତ ବକ୍ତା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ରାଜ୍ୟ ସମ୍ପାଦକ ରବିନ୍ଦ୍ରନାଥ ଜେନା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢୀ, ବନବିହାରୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ପୃଷ୍ଟି, ଅବସରପ୍ରାପ୍ତ ଶିକ୍ଷକ ଯଦୁନାଥ ସେଠୀ, ବିନୋଦ ବିହାରୀ ଦାସ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ହୃଷୀକେଶ ପାତ୍ର, ସମିତିସଭ୍ୟା ପ୍ରତିନିଧି ପ୍ରଶାନ୍ତ ଖଟୁଆ ଓ ଆଲୁମ୍‌ନି କମିଟିର ସଭାପତି ଜିତେନ୍ଦ୍ର କୁମାର ବାରିକ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ମଙ୍ଗରାଜ ଧର୍ମେନ୍ଦ୍ର ନାରାୟଣ ଜେନା ବାର୍ଷିକ ବିବରଣୀ ପାଠ, ଛାତ୍ର ଆୟୁଷ କୁମାର ପ୍ରଧାନ ଅତିଥି ପରିଚୟ, ଛାତ୍ରୀ ପ୍ରୀତି ପ୍ରିୟଙ୍କା ବାରିକ ସ୍ୱାଗତ ଭାଷଣ ପ୍ରଦାନ ଓ ଛାତ୍ରୀ ଶୁଭଲକ୍ଷ୍ମୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଶିକ୍ଷକ ନାରାୟଣ ଚନ୍ଦ୍ର ନାୟକ, ଅଶୋକ କୁମାର ଦାସ ଓ ନୃତ୍ୟଗୁରୁ ଦୋଳଗୋବିନ୍ଦ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


**छत्तीसगढ़ शासन वन विभाग, बलरामपुर वनमण्डल, बलरामपुर (छत्तीसगढ़)**

**नीलाम सूचना**

सर्व साधारण को सूचनार्थ प्रकाशित किया जाता है कि बलरामपुर वनमंडल के अन्तर्गत काष्ठागार वाड्रफनगर में रखी इमारती लकड़ी / जलाऊ काष्ठ को निम्नलिखित तिथि व समय में ई-ऑक्शन द्वारा निर्वर्तन किया जाना है। इच्छुक व्यापारि ई-ऑकसन में अवश्य भाग लेवें। ई-ऑक्शन की शर्ते एवं अन्य जानकारी कार्यालयन दिवस व समय पर वनमण्डल कार्यालय अथवा काष्ठागार वाड्रफनगर से प्राप्त कर सकते है।

डिपो का नाम - काष्ठागार वाड्राफनगर
ई-नीलाम दिनांक - 25.02.2026
समय - प्रातः 09.00 बजे से

| क्र. | वनोपज का विवरण | नया काष्ठ: लट्ठा घ.मी. | नया काष्ठ: बल्ली / डेंगरी नग | पुराना काष्ठ: लट्ठा (घ.मी.) | पुराना काष्ठ: बल्ली / डेंगरी नग |
|---|---|---|---|---|---|
| 1 | 2 | 3 | 4 | 5 | |
| A | इमारती काष्ठ | | | | |
| 1 | सागौन | 1.799 | 14 | 96.639 | 559 |
| 2 | साल | 312.255 | - | 2213.617 | 694 |
| 3 | साजा | 82.224 | - | 167.125 | 126 |
| 4 | तिन्सा | - | - | - | - |
| 5 | बीजा, शीशम, खम्हार | 3.462 | - | 16.844 | 9 |
| 6 | हल्दु, मुडी, बांसा | 29.648 | - | 49.824 | 2 |
| 7 | धावड़ा | 1.486 | - | 14.728 | 84 |
| 8 | अन्य मिश्रित (सेमल) | 55.679 | - | 35.305 | 123 |
| 9 | नीलगिरी | 19.123 | - | - | - |
| 10 | सलया | - | - | - | - |
| 11 | खैर काष्ठ | 5.889 | - | - | - |
| | योग:- | 511.565 | 14 | 2594.082 | 1597 |
| क्र | प्रजाति विवरण | | | | |
| 1 | जलाऊ चट्टा मिश्रित प्रजाती सा. 2.00 मी. × 1.25 × 0.80 मी. | 200 चट्टा | | 363 चट्टा | |

टीप: 1. क्रेता को ई-ऑक्सन के पूर्व एम.एस.टी.सी. ई-कोमर्स पोर्टल में रजिस्ट्रेशन करना अनिवार्य हैं।
2. क्रेताओं को ई-ऑक्सन के पूर्व क्रय लॉटो के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉगईन करके देख सकते है।

G-252606660/3

स्वा. / - वनमंडलाधिकारी, बलरामपुर वनमण्डल, बलरामपुर



No.9001/11/2526

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
***********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.16.02.2026ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-9001/9014/1/25-26/0004


# ୩୭ କି.ଗ୍ରା. ଗଞ୍ଜେଇ ଜବତ: ୨ ଅଭିଯୁକ୍ତ ଗିରଫ, ୨ ଫେରାର

**ବାଲେଶ୍ୱର, ୧୪।୨ (ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ଜିଲା ଅବକାରୀ ବିଭାଗର ମୋବାଇଲ ଟିମ୍ ଓ ଏପିଆର ଫୋର୍ସ ପକ୍ଷରୁ ଶନିବାର ସୋର ବ୍ଲକ ଅନ୍ତର୍ଗତ ଅନନ୍ତପୁର ଓ ତେଣ୍ଟେଇ ଛକରେ ଚଢ଼ାଉ କରି ୩୭ କି.ଗ୍ରା. ଗଞ୍ଜେଇ ଜବତ କରାଯିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟ ୨ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ଅବକାରୀ ପୋଲିସ ଗୋଟିଏ କାର୍ ଓ ଅଟୋ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାମଚନ୍ଦ୍ରପୁର ଗ୍ରାମର ଦୟାନିଧି ଜେନା (୨୮) ଏବଂ ଦୟାନିଧିପୁର ଗ୍ରାମର ମୀନତି ନାୟକ (୪୧)। ଏହି ୨ଜଣ ଅଭିଯୁକ୍ତ ଏକ ଅଟୋରେ ଯାଉଥିଲାବେଳେ ଅବକାରୀ ପୋଲିସ ଅଟୋକୁ ଅଟକାଇ ଯାଞ୍ଚ କରି ସେମାନଙ୍କଠାରୁ ୧୨କି.ଗ୍ରା. ଗଞ୍ଜେଇ ଜବତ କରିଥିଲା। ସେହିଭଳି ଦୟାନିଧିପୁର ଗ୍ରାମର ସନାତନ ନାୟକ (୪୪) ଓ ତାଙ୍କ ସ୍ତ୍ରୀ ମଧୁସ୍ମିତା ନାୟକ (୩୦) ଏକ କାର୍‌ରେ ୨୫ କି.ଗ୍ରା. ଗଞ୍ଜେଇ ନେଇ ଯାଉଥିଲେ। ଅବକାରୀ ପୋଲିସ କାରକୁ ଅଟକାଇବା ଦେଖି ଉଭୟ ସ୍ୱାମୀ ଓ ସ୍ତ୍ରୀ ଗଞ୍ଜେଇ ବ୍ୟାଗ୍‌କୁ କାରରେ ଛାଡ଼ିଦେଇ କୌଶଳରେ ଫେରାର ହୋଇଯାଇଥିବା ଜିଲା ଅବକାରୀ କାର୍ଯ୍ୟାଳୟ ସୂତ୍ରରୁ ଜାଣିବାକୁ ମିଳିଛି। ଜିଲା ଅବକାରୀ ଥାନାରେ ମାମଲା (ନଂ. ୪୨୯/୨୫-୨୬) ଏବଂ (ନଂ ୨୨୬/୨୫-୨୬) ମୂଳେ ଭିନ୍ନ ଭିନ୍ନ ୨ଟି ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି।

# ୨୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

## ମହିଳାଙ୍କ ସମେତ ୩ ଗିରଫ

ଜଳେଶ୍ୱର, ୧୪।୨ (ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ପୋଲିସ ଶୁକ୍ରବାର ପୃଥକ ଭାବେ ଚଢ଼ାଉ କରି ପୋଲିସ ପ୍ରାୟ ୨୨ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିବା ସହ ଜଣେ ମହିଳା ଓ ୨ଜଣ ପୁରୁଷଙ୍କୁ ଗିରଫ କରିଛି। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଜଳେଶ୍ୱର ପୌରପାଳିକା ଅନ୍ତର୍ଗତ ଶାସନବାର୍ଡ ସୁବର୍ଣ୍ଣରେଖା ନଦୀକୂଳରେ ମାଦକ ଦ୍ରବ୍ୟ କାରବାର ଚାଲିଥିବା ନେଇ ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଏସ୍‌ଆଇ ବବିତା ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ସେଠାରେ ଛକିରହିଥିଲେ। ଡିଲ୍ ଚାଲିଥିବା ବେଳେ ପୋଲିସ ୨ଜଣଙ୍କୁ କାବୁ କରିଥିଲା। ୪୦ ଗ୍ରାମ୍ ବ୍ରାଉନସୁଗାର, ଏକ ନମ୍ବର ବିହୀନ ବାଇକ୍ ଏବଂ ୨ ମୋବାଇଲ୍ ଜବତ ହୋଇଛି। ଗିରଫଦ୍ୱୟ ହେଲେ ଲକ୍ଷ୍ମଣନାଥ ପଞ୍ଚାୟତ ବିରିଶପୁର ଗ୍ରାମର ଦେବେନ୍ଦ୍ର ଗିରି (୪୦) ଏବଂ ଗୋପ ଗ୍ରାମର ଅକ୍ଷୟ ରାଉଳ (୫୬)। ଏନେଇ ଜଳେଶ୍ୱର ଥାନାରେ ଏକ ମାମଲା (ନଂ. ୮୯/୨୬) ରୁଜୁ ହୋଇଛି। ସେହିପରି ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୧୧ଟା ୩୦ରେ ପୋଲିସ ଅନ୍ୟ ଏକ ସ୍ଥାନରେ ଚଢାଉ କରିଥିଲା। ଝାଡ଼େଶ୍ୱରପୁର ଗ୍ରାମର ସାଉଦି ଛକ ନିକଟରେ ଜଣେ ମହିଳା ଓ ୪ଜଣ ପୁରୁଷ ବ୍ରାଉନସୁଗାର ଡିଲ୍ କରୁଥିବା ବେଳେ ଏସ୍‌ଆଇ ରାଜଲକ୍ଷ୍ମୀ ଦାସ ସଦଳବଳେ ସେଠାରେ ପହଞ୍ଚିଥିଲେ। ପୋଲିସକୁ ଦେଖି ଅନ୍ୟମାନେ ଫେରାର ହୋଇଯାଇଥିବା ବେଳେ ମହିଳାଜଣକ ଧରାପଡ଼ିଥିଲେ। ତାଙ୍କ ନିକଟରୁ ୧୫୫ ଗ୍ରାମ୍ ବ୍ରାଉନସୁଗାର ଏବଂ ଗୋଟିଏ ମୋବାଇଲ୍ ଜବତ ହୋଇଛି। ଏହି ଘଟଣାରେ ଜଳେଶ୍ୱର ଥାନାରେ ଏକ ମାମଲା (ନଂ. ୯୦/୨୬) ରୁଜୁ କରାଯାଇ ପୋଲିସ କୋର୍ଟଚାଲାଣ କରିଛି।


**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**
**ଘୋଷଣା**

No. ୩୮୮୨/୨୦୨୫ — Date: ୨୪।୧୨।୨୦୨୫

No. 24001/33/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୯୦/୨୦୨୨, ତା: ୨୮।୦୭।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା – ୨୭୭୯୩/୨୫, ତାରିଖ: ୨୮।୦୭।୨୦୨୫ ଅନୁଯାୟୀ ତା୩୧।୧୨।୨୦୨୫ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.koraput.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: କୋରାପୁଟ — ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୈପାରିଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: କୋରାପୁଟ — ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୩୧।୧୨।୨୦୨୫।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./– ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**
**ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା ନଂ. ୧୦୨, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟ**
**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୮ | ରୟତି | ୧ | ୧.୭୩୦ | ୦.୯୧୪ | ଡଙ୍ଗର | କାଞ୍ଚନମାଳା ଗୌଡ଼, ସ୍ୱା.: ଯୁଧିଷ୍ଠିର ଗୌଡ଼, ଜା: ଗୌଡ଼, ବା: ନିଜଗାଁ |
| ୨୮୯/ ୩୫୫ | ରୟତି | ୩ | ୦.୮୪୦ | ୦.୦୮୯ | ଧାନ ଅଣଜଳସେଚିତ ଦୁଇ | ତ୍ରିଲୋଚନ ଜେନା, ପି.: ଘାସିରାମ ଜେନା, ଜା: କାଳିଞ୍ଜି, ବା: ଗୌଡ଼ସାହି, ବୈପାରିଗୁଡ଼ା |
| ୧୦୯ | ରୟତି | ୨ | ୧.୦୦୧ | ୦.୪୫୫ | ଡଙ୍ଗର | ନୀରୋଦ ଚନ୍ଦ୍ର ରଥ, ପି.: ଗଙ୍ଗାଧର ରଥ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ମୋଟ | | ୧.୪୫୮ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | – |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୧.୪୫୮ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | – |
| ଜଙ୍ଗଲ ଅଧିକାରୀ ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | | | | | | – |
| | | ମୋଟ | | | | ୧.୪୫୮ |

Sd./- Special Land Acquisition Officer
Jeypore-Malkangiri New B.G. Rail
Link Project-cum-Tahasildar, Boipariguda

OIPR-24001/24221/3/25-26/0001



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
E.Mail - rw_sundargarh@yahoo.co.in

**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-24 of 2025-26**

**No.25001/140/2526** : 1. Name of the Work : Road Work, 2. Total No. of works : 2 no. Road, 3. Estimated cost : From Rs.67.29 Lakhs to 87.79 Lakhs, 4. Class of contractor : Only 'B', 5. Period of completion : 06 calendar months, 6. Type of Tender : Double Cover, 7. Other details

| Procurement Officer | Bid Identification No. | Availability of Tender On-line for bidding: From | Availability of Tender On-line for bidding: To |
|---|---|---|---|
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-SESNG-24 of 2025-26 | 18.02.2026 11.00 A.M. | 06.03.2026 05.00 P.M. |

Further details can be seen from the website www.tendersorissa.gov.in.

Sd./-Executive Engineer
Rural Works Division,
Sundargarh

OIPR-25001/25046/1/25-26/0001



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION-II, MALKANGIRI**
E-mail : ruralworksdivisioniimalkangiri@yahoo.in

No.25001/162/2526

**INVITATION FOR BIDS (SHORT NOTICE)**
**"E" PROCUREMENT NOTICE NO. RWDSE_MKG_II_ONLINE_20/2025-26**

1. Name of the work : Roads works in the District of Malkangiri for the year 2025-26
2. Total No. of work : 01 Number of Road Work
3. Estimated Cost : Rs.69.92 Lakhs
4. Period of Completion : As Specified in the Annexure
5. Class of Contractor : As Specified in the Annexure
6. Cost of Tender Paper : Cost of tender is to be remitted ONLINE as specified in column-6 of the Annexure
7. Details Projects : As Specified in the Annexure

**Other details as follows**

a) Procurement Officer : Superintending Engineer, Rural Works Division-II, Malkangiri
b) Availability of Tender Online : 18.02.2026 at 11.00 A.M. to 25.02.2026 up to 5.30 P.M.
c) Last date & time of seeking of Tender clarification : 24.02.2026 up to 5.00 P.M.
d) Technical Bid Opening : 26.02.2026 at 11.00 P.M.
e) Financial Bid Opening : **To be intimated Separately**
f) Decision to conduct Lottery : If required to decide the agency, transparent Lottery shall be conducted on date 28.02.2026 at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division-II, Malkangiri

OIPR-25001/25079/1/25-26/0024

# ଆଖଣ୍ଡଳମଣି ପୀଠ

# ମହାଶିବରାତ୍ରି ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

## ଅନୁଧ୍ୟାନ କଲେ ପୂର୍ବାଞ୍ଚଳ ଡିଆଇଜି

ଧୁଷୁରୀ, ୧୪।୨ (ଦୀପ୍ତିରଞ୍ଜନ ନାୟକ)

ମହାଶିବରାତ୍ରି ଲାଗି ଆରଡ଼ି ଆଖଣ୍ଡଳମଣି ପୀଠ ଶନିବାରଠାରୁ ଚଳଚଞ୍ଚଳ ହୋଇଉଠିଛି। ମହାଦୀପ ଦର୍ଶନ ଲାଗି ଦୂରଦୂରାନ୍ତରୁ ଭକ୍ତମାନେ ଆସି ପହଞ୍ଚିଛନ୍ତି। ପୀଠରେ ସ୍ଥାୟୀ ବ୍ୟବସାୟୀମାନେ ଦୋକାନ ସଜାଇବାରେ ଲାଗିଛନ୍ତି। ଉଠାଦୋକାନୀମାନେ ବିକ୍ରୟ ସାମଗ୍ରୀ ଧରି ପୀଠରେ ଦୋକାନ ଖୋଲିଛନ୍ତି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ପୀଠରେ ସଫେଇ କାର୍ଯ୍ୟ ଚାଲୁରହିଛି। ଶୃଙ୍ଖଳିତ ଦିଅଁ ଦର୍ଶନ ଲାଗି ପୋଲିସ ପକ୍ଷରୁ ବ୍ୟାରିକେଡ୍ ବ୍ୟବସ୍ଥା କାର୍ଯ୍ୟ ସରିଛି। ପୀଠକୁ ଲାଗିରହିଥିବା ୩ ନଦୀଘାଟ ଯଥା ତିନିତର, ଧାନଖଣିଆ, ମୁଆଁ–ମାନପୁର ଘାଟକୁ ନିରାପତ୍ତା କାରଣରୁ ଶିବରାତ୍ରି ଦିନ ସନ୍ଧ୍ୟା ୬ଟାରୁ ବନ୍ଦ ରଖିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଶନିବାର ଅପରାହ୍ନ ୩ଟାରେ ପହଞ୍ଚି ପୀଠରେ




ଏସ୍‌ପି ମନୋଜ ରାଉତ ଓ ଅନ୍ୟ ଅଧିକାରୀମାନେ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରୁଛନ୍ତି।

ଅନୁଧ୍ୟାନ କରିବା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏସ୍‌ପି ମନୋଜ ରାଉତ ଗୁଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକଙ୍କ ଉପସ୍ଥିତିରେ ୨ ଘଣ୍ଟା ଧରି ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପୋଲିସ ଅଧିକାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରିବା ସହ ଭିଡ଼ ନିୟନ୍ତ୍ରଣ ତଥା ସମସ୍ତ ବ୍ୟବସ୍ଥା ସୁଚାରୁ ରୂପେ ସମ୍ପାଦନ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ନଦୀଘାଟରେ ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବାହିନୀ ୨୪ ଘଣ୍ଟା ସଜାଗ ରହିବା ସହ ପୀଠ ବାହାରେ ଆମ୍ବୁଲାନ୍ସ ସଜାଗ ରଖିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟତୀତ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରମାନ ଖୋଲାଯିବା ବ୍ୟବସ୍ଥା ହୋଇଛି। ସେଠାରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ରହି ସେବା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା, ପାନୀୟ ଜଳ ଯୋଗାଣ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବିଭିନ୍ନ ବିଭାଗ କର୍ମଚାରୀଙ୍କୁ ଆଲର୍ଟ ରଖାଯାଇଛି। ମନ୍ଦିର ବେଢ଼ା ଓ ବାହାରେ ଏଥର ବ୍ୟାପକ ପୋଲିସ ମୁତୟନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଧୁଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି। ପୀଠରେ ୪ଜଣ ମାଜିଷ୍ଟ୍ରେଟ, ଜିଲା ଆରକ୍ଷୀ ଅଧୀକ୍ଷକ, ୩ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ୩ ଡିଏସ୍‌ପି, ୫ ଏସ୍‌ଡିପିଓ, ୧୫ ଇନ୍ସପେକ୍ଟର, ୬୫ଜଣ ସବ୍ ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ଉପସ୍ଥିତ ରହି ତଦାରଖ କରିବେ। ଏଥିସହ ୧୮ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୫୦ରୁ ଅଧିକ ମହିଳା ପୋଲିସ ଫୋର୍ସ ମୁତୟନ ରହିବେ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ୬ଜଣ ଟ୍ରାଫିକ ପୋଲିସ ନିୟୋଜିତ ରହିବେ ବୋଲି ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ସୂଚନା ଦେଇଛନ୍ତି।

## ଟ୍ରାଫିକ୍, ପାର୍କିଂ ନିର୍ଦ୍ଦେଶାବଳୀ ଜାରିକଲା ପ୍ରଶାସନ

ଭଦ୍ରକ, ୧୪।୨ (ସନାତନ ରାଉତ)

ଆରଡ଼ି ଆଖଣ୍ଡଳମଣି ପୀଠରେ ରବିବାର ଜାଗର ଉତ୍ସବରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଶନିବାର ଟ୍ରାଫିକ ବ୍ୟବସ୍ଥା ଓ ପାର୍କିଂ ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଯାତ୍ରୀମାନଙ୍କର ସୁଗମ ଯାତାୟାତ, ଟ୍ରାଫିକ ନିୟନ୍ତ୍ରଣ ପାଇଁ ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁର ପାର୍ଶ୍ୱରୁ ଓଲଙ୍ଗ ମଠ ଦେଇ ଆସୁଥିବା ଗାଡ଼ିଗୁଡ଼ିକ ଆରଡ଼ି ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ପାର୍କିଂ କରିବେ। ବସ୍, କାର୍, ଅଟୋ ଓ ବାଇକ୍ ପାଇଁ ନିର୍ଦ୍ଦିଷ୍ଟ ପାର୍କିଂ ବ୍ୟବସ୍ଥା କରାଯାଇଛି। ସେହିପରି ତିହିଡ଼ି ପାର୍ଶ୍ୱରୁ ଆସୁଥିବା ଗାଡ଼ି ଲାଗି ଡିହସାହି ଛକଠାରେ ପାର୍କିଂ ବ୍ୟବସ୍ଥା ହୋଇଛି। ତିନିତର ଘାଟ ପାର୍ଶ୍ୱରୁ ଆସୁଥିବା ବାଇକ୍ ଶିବ ପ୍ଲାଜା ଛକର ପ୍ରାୟ ୫୦୦ ମିଟର ପୂର୍ବରୁ ପାର୍କିଂ କରାଯିବ। ସମସ୍ତ ଶ୍ରଦ୍ଧାଳୁ ପ୍ରଶାସନ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଟ୍ରାଫିକ୍ ନିର୍ଦ୍ଦେଶାବଳୀ ପାଳନ କରିବା ସହ ପୋଲିସ କର୍ମଚାରୀଙ୍କୁ ସହଯୋଗ କରିବାକୁ ଜିଲା ପ୍ରଶାସନ ଓ ଭଦ୍ରକ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# 'ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସମୟାନୁବର୍ତ୍ତୀ ହେବାକୁ ପଡ଼ିବ'




ପଳିକିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ଧାମନଗର, ୧୪।୨ (ସନ୍ତୋଷ କୁମାର ମହାପାତ୍ର)

ଜୀବନରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଛାତ୍ରୀଛାତ୍ର ପ୍ରଥମେ ସମୟାନୁବର୍ତ୍ତିତା ହେବା ସହ ବାପା, ମା', ଗୁରୁଜନ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପରାମର୍ଶକୁ ଅନୁସରଣ କରିବାକୁ ହେବ। ଶନିବାର ପୂର୍ବାହ୍ନରେ ଧାମନଗର ବ୍ଲକ ପଳିକିରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ସୁଧାକର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ଦାଶ, ମୁଖ୍ୟବକ୍ତା କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ସହକାରୀ ଶିକ୍ଷାଧିକାରୀ ହେମେନ୍ଦ୍ର ନାଥ ମହାନ୍ତି, ବରେଣ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଭିମନ୍ୟୁ ମଲ୍ଲିକ, ଭାବଗ୍ରାହୀ ଖୁଣ୍ଟିଆ, ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀ, ଭଗବାନପୁର ପଞ୍ଚାୟତ ନାଏବ ସରପଞ୍ଚ ଗୌରାଙ୍ଗ ଦାଶ, ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ଦାଶ, ବରେଣ୍ୟ ବକ୍ତା ଭାବେ ପ୍ରଧାନଶିକ୍ଷକ ମନୋଜ ସିଂହ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ କଥା କହିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ଅର୍ଜୁନ ବାବା ମଠର ପରିଚାଳକ ନାରାୟଣ ବାବା, ଆଇନଜୀବୀ ସୁବ୍ରତ କୁମାର ନନ୍ଦ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧାକର ମାଝୀ, ପୂର୍ବତନ ସଭାପତି ହିମାଂଶୁ ଦାଶ, ପ୍ରଧାନଶିକ୍ଷକ ଯତୀନ୍ଦ୍ର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀ ସ୍ୱାତୀସ୍ନିଗ୍ଧା ନନ୍ଦ, ରାଜଶ୍ରୀ ମିଶ୍ର ସଭା ସଞ୍ଚାଳନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ସାହୁ ଅତିଥି ପରିଚୟ ପ୍ରଦାନ, ସୋହାଗୀ ହେମ୍ବ୍ରମ ଉଦ୍ଦେଶ୍ୟ ଜ୍ଞାପନ ଓ ପ୍ରଧାନଶିକ୍ଷକ ନିରାକାର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ନିଶାକର ମିଶ୍ର ଓ ଦିବଂଗତ ଛାତ୍ର ସତ୍ୟଜିତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ସୂର୍ଯ୍ୟସ୍ନାତ' ଉନ୍ମୋଚିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ଲୀଳାବତୀ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ନାୟକ, କର୍ମଚାରୀ ଓ କମିଟି ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବିତରଣ ହୋଇଥିଲା।

# ନୈତିକ ମୂଲ୍ୟବୋଧ ଶିକ୍ଷା ଉପରେ ଗୁରୁତ୍ୱ

ଚାନ୍ଦବାଲି, ୧୪।୨ (କିଷାନ ପାତ୍ର)

ଚାନ୍ଦବାଲି ଏନ୍‌ଏସି ଅଧୀନ ସାଇ ସୋଫିଆ ପବ୍ଲିକ ସ୍କୁଲର ୭ମ ବାର୍ଷିକୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ କାଳୀପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ସଭାପତି ବଳରାମ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ସଞ୍ଜୀବ କୁମାର ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଓ ଶିଷ୍ଟାଚାର ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ମୋଟିଭେଶନାଲ ସ୍ପିକର ଶାନ୍ତନୁ କୁମାର ରଥ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟନିଷ୍ଠ ହୋଇ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଏନ୍‌ଏସି ଚେୟାରମ୍ୟାନ ଶାନ୍ତିଲତା ସେଠୀ, ବେସରକାରୀ ସ୍କୁଲ ସଂଘ ଜିଲା ସଭାପତି ଅଶୋକ କୁମାର ମହାନ୍ତି ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେନ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଧ୍ୟକ୍ଷ ଦିଲୀପ କୁମାର ସାହୁ ମଞ୍ଚ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ବେହେରା ଅତିଥି ପରିଚୟ ଦେଇଥିଲେ। ଶେଷରେ ସଭାପତି ପରିଡ଼ା, ନିଲମ ନାୟକ, ଅବିନାଶ ମୁଦୁଲି, ମଧୁସ୍ମିତା ବେହେରା ଓ ରୁଦ୍ରାଣୀ ନାୟକଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାଳନ୍ଦୀ ସାହିତ୍ୟ ସଙ୍ଗମ ଉଦ୍‌ଘାଟିତ



ସାଳନ୍ଦୀ ସାହିତ୍ୟ ସଙ୍ଗମର ୩ୟ ସଂସ୍କରଣ ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭଦ୍ରକ, ୧୪।୨ (ସନାତନ ରାଉତ/ ରବିନାରାୟଣ ଖ୍ୱଲାର)

ଭଦ୍ରକ ବାଇପାସ୍‌ସ୍ଥିତ ସଙ୍ଗମ କନ୍‌ଭେନ୍‌ସନଠାରେ ଭୁବନେଶ୍ୱରର ପ୍ରକାଶନ ସଂସ୍ଥା 'ଟାଇମ୍‌ପାସ୍' ପକ୍ଷରୁ ସାହିତ୍ୟ ଉତ୍ସବ 'ସାଳନ୍ଦୀ ସାହିତ୍ୟ ସଙ୍ଗମ'ର ତୃତୀୟ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଉଦ୍‌ଘାଟକ ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ବିଶିଷ୍ଟ କଥାଶିଳ୍ପୀ ଅଜୟ ସ୍ୱାଇଁ, ସଙ୍ଗମର ସଭାପତି ପବିତ୍ର ପାଣିଗ୍ରାହୀ, ନିର୍ଦ୍ଦେଶକ ସରୋଜ ବଳ ଓ ସଂଯୋଜକ ବିଜୟ ମଲ୍ଲ ଉପସ୍ଥିତ ଥିଲେ। ଭଦ୍ରକର ପ୍ରସିଦ୍ଧ ପାଲୁଅ ଲଡୁକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦାବିରେ ଟାଇମ୍‌ପାସ୍ ପ୍ରକାଶିତ ପବିତ୍ର ପାଣିଗ୍ରାହୀଙ୍କ ପ୍ରସ୍ତୁତ ଏକ କ୍ଷୁଦ୍ର ପୁସ୍ତିକା ଉନ୍ମୋଚନ କରାଯାଇଛି। ଏଥିସହ ଅତିଥିମାନଙ୍କୁ ପାଲୁଅ ଲଡୁ ଓ ପୁସ୍ତିକା ବଣ୍ଟନ କରାଯାଇଥିଲା। ସ୍ତମ୍ଭକାର ତଥା କାର୍ଯ୍ୟକ୍ରମର ପରିଚାଳନା ସମ୍ପାଦକ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ରଚିତ 'ଯାହା କେହି କହନ୍ତିନି' ଶୀର୍ଷକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ନିର୍ଦ୍ଦେଶକ ବଳ ଭଦ୍ରକର ହଜିଯାଉଥିବା ମାଟିଘୋଡ଼ା ପରମ୍ପରାକୁ ଆଗକୁ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳଙ୍କ ସହ ମଞ୍ଚରେ ମିହିର କୁମାର ସାହୁ ସାହିତ୍ୟ ବିଷୟରେ ଏକ ସୃଜନ ଆଳାପ କରିଥିଲେ।

ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ଲାଲା ବୀରେନ ରାୟଙ୍କୁ ବଂଶୀବଲ୍ଲଭ ଗୋସ୍ୱାମୀ ନାଟକ ପୁରସ୍କାର ଓ ଅନୁବାଦକ ପ୍ରଦୀପ କୁମାର ରାୟଙ୍କୁ ଲକ୍ଷ୍ମୀନାରାୟଣ ମହାନ୍ତି ଅନୁବାଦ ପୁରସ୍କାର ପ୍ରଦାନ କରାଯାଇଛି। ଚିତ୍ରଶିଳ୍ପୀ ଚୁଡ଼ାମଣି ଦାସ, ସାମାଜିକ କର୍ମୀ ଅଜୟ ନାୟକ, ପକ୍ଷୀଘର ପ୍ରକାଶନୀର ପ୍ରତିଷ୍ଠାତା ବନୋଜ ତ୍ରିପାଠୀ ଓ କଥାକାର ସୁରେଶ ନାୟକଙ୍କୁ ସାହିତ୍ୟ ସଖା ସମ୍ମାନରେ ସମ୍ମାନିତ କରାଯାଇଛି। ସାହିତ୍ୟିକ ବିବୁଧ ରଞ୍ଜନଙ୍କୁ ବିଗତ ବର୍ଷର ପ୍ରବନ୍ଧ ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବାହ୍ନରେ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଘୁଙ୍ଗୁର' ଏବଂ ଅର୍ଜୁନ ସାମନ୍ତରାୟଙ୍କ ନିର୍ଦ୍ଦେଶିତ 'ବୁଢ଼ୀମାଆର ହାତ' ପ୍ରଦର୍ଶିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ କବି ଚିତ୍ତରଞ୍ଜନ ନାୟକଙ୍କ ସଞ୍ଚାଳନରେ 'ପ୍ରେମ କବିତା ଚର୍ଚ୍ଚା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରତିଭା ଖିଲାରଙ୍କ ସଂଯୋଜନାରେ ଆୟୋଜିତ 'ଗଳ୍ପ ଆସର'ରେ ଗାଳ୍ପିକମାନେ ନିଜର ଗପ ଉପସ୍ଥାପନ କରିଥିଲେ। ଗୌରହରି ଦାସଙ୍କ ଗପ 'ଚିତ୍ର ପ୍ରତିମା'ର ନାଟ୍ୟରୂପ ଲେଖିକା ମମତା ତ୍ରିପାଠୀ ପ୍ରଦର୍ଶନ କରିଥିଲେ। ଅପରାହ୍ନରେ ସ୍ତମ୍ଭକାର ପାଣିଗ୍ରାହୀଙ୍କ ସଞ୍ଚାଳନାରେ 'ପାଠ୍ୟପୁସ୍ତକରେ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ରରେ କବି କିଶୋର ପାଣିଗ୍ରାହୀ, ପ୍ରଶାସନିକ ଅଧିକାରୀ ସମରେନ୍ଦ୍ର ଭୂତିଆ ଓ କଳିଙ୍ଗ ଆଇଏସ୍‌ର ନିର୍ଦ୍ଦେଶକ ଦୀପକ ରାଉତ ଆଲୋଚନା କରିଥିଲେ। ସନ୍ଧ୍ୟାରେ ବିଶ୍ୱଜିତ ପଣ୍ଡାଙ୍କ ନିର୍ଦ୍ଦେଶିତ ଜାକିର ଖାଁଙ୍କ ଚଳଚ୍ଚିତ୍ର 'କାନ୍ଦ ମାଷ୍ଟ୍ରେ'ର ପ୍ରିମିୟର ଶୋ'ରେ ଅଭିନେତା ଓ ଅଭିନେତ୍ରୀମାନେ ଉପସ୍ଥିତ ଥିଲେ।

# ଓରାସାହି ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ

ଚାନ୍ଦବାଲି, ୧୪।୨ (ଅଶୋକ ପଣ୍ଡା)

ଚାନ୍ଦବାଲି ବ୍ଲକ ଓରାସାହି ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୋମନାଥ ନାୟକଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ମୁଖ୍ୟବକ୍ତା ବିଡିଓ ସଞ୍ଜୀବ କୁମାର ମହାପାତ୍ର, ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମିନତି ସୂତାର, ଏବିଇଓ ଅନିତା ମିଶ୍ର, ଓରାସାହି ସରପଞ୍ଚଙ୍କ ପ୍ରତିନିଧି ଅକ୍ଷୟ କୁମାର ନାୟକ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ସୁଶାନ୍ତ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ମଞ୍ଜୁଲତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଯୋଗେନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ। ସୁବାସ ଦାସ, ଶମ୍ଭୁନାଥ ବେହେରା, ପ୍ରତିମା ସାମଲ, ଅଶ୍ୱିନୀ ନାଏକ, ଭାଗ୍ୟଶ୍ରୀ ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦିନବେଳା ଭାରିଯାନ ଚଳାଚଳ ବନ୍ଦ ଦାବି



ଆଗରପଡ଼ା ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆଗରପଡ଼ା, ୧୪।୨ (ସୁଶାନ୍ତ ଦାସ)

ବନ୍ତ ବ୍ଲକ ଆଗରପଡ଼ା ବଜାର ଅଞ୍ଚଳରେ ଦିନବେଳା ଭାରିଯାନ ଚଳାଚଳ ବନ୍ଦ ପାଇଁ ଅଞ୍ଚଳବାସୀ ଶନିବାର ନୂତନ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ବଜାର ୩ଟି ଜିଲାର ସୀମାନ୍ତ ଅଞ୍ଚଳ ଓ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବାରୁ ପ୍ରତ୍ୟେକ ଦିନ ଏଠାକୁ ହଜାର ହଜାର ଲୋକ ଆସିଥାନ୍ତି। ଏତଦ୍‌ବ୍ୟତୀତ ସ୍କୁଲ, କଲେଜ, ଡାଏଟ୍, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିବାରୁ ଦିନ ସମୟରେ ଲୋକଙ୍କ ଭିଡ଼ ରହିଥାଏ। ଦିନବେଳା ବାଲି, ଚିପ୍ସ ବୋଝେଇ ଭାରିଯାନ ଚଳାଚଳ କରୁଥିବାରୁ ଯାତାୟାତ ପାଇଁ ସମସ୍ୟା ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ସକାଳ ୭ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ ରଖିବା ପାଇଁ ପୟୋଧର ବାରିକ, ଅମୂଲ୍ୟରତ୍ନ ନନ୍ଦ, ବସନ୍ତ ପତି, ପ୍ରକାଶ ବେହେରା, କୁଳମଣି ବେହେରାଙ୍କ ସମେତ ଅଞ୍ଚଳବାସୀ ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# 'ନୈତିକ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରି ଗଢ଼ି ତୋଳେ'



ଉତ୍ସବରେ ବିଧାୟକ ଅଶୋକ କୁମାର ଦାସ ଓ ଅନ୍ୟ ଅତିଥି।

## ଅଟଳ ବିହାରୀ ସରକାରୀ ନୋଡାଲ ହାଇସ୍କୁଲର ବାର୍ଷିକୋତ୍ସବ

ବାସୁଦେବପୁର, ୧୪।୨ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଅଟଳ ବିହାରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ଶନିବାର ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଶିକ୍ଷା ସହ ନୈତିକ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ କରି ଗଢ଼ି ତୋଳିବ ବୋଲି କହିଛନ୍ତି। ବରେଣ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ନିବେଦିତା ବେହେରା ଯୋଗଦେଇ ଛାତ୍ରୀଛାତ୍ର ଶୃଙ୍ଖଳିତ, ସମୟାନୁବର୍ତ୍ତିତା, ଈଶ୍ୱରବିଶ୍ୱାସୀ ହେବା ସହ ଦୃଢ଼ ଇଚ୍ଛାଶକ୍ତି ରଖିଲେ ଆଗକୁ ଯାଇପାରିବେ ବୋଲି କହିଥିଲେ। ଅନ୍ୟତମ ବକ୍ତା ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ବେହେରା, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର, ଯାମିନୀକାନ୍ତ ପାଢ଼ୀ, ରେବତୀକାନ୍ତ ପାଢ଼ୀ, ପରିଚାଳନା କମିଟି ସଭାପତି ପ୍ରତାପ ଚନ୍ଦ୍ର ବେହେରା, ସାମାଜିକ କର୍ମୀ ପ୍ରଦୀପ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ରାଉତ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ର ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ୪ ବଖରା ଜଳିଗଲା, ୨ ଗୋରୁ ଜୀବନ୍ତ ଦଗ୍ଧ

ଭଣ୍ଡାରିପୋଖରୀ, ୧୪।୨ (ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ପାଟୁଳି ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳି ଯାଇଥିବା ବେଳେ ୨ ଗୋରୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ସୂଚନା ଅନୁଯାୟୀ, ରାତି ପ୍ରାୟ ୧୧ଟା ବେଳେ ଗ୍ରାମର ପ୍ରଫୁଲ୍ଲ କୁମାର ସାମଲ ଓ ପ୍ରଦୀପ ସାମଲଙ୍କ ଘରେ ରୋଷେଇ ଚୁଲିରୁ ନିଆଁ ଲାଗିଥିଲା। ବାସଗୃହ ସଂଲଗ୍ନ ଗୁହାଳ ପ୍ରଥମେ ଜଳିଥିଲା। ଗୁହାଳରେ ଥିବା ଗୋଟିଏ ବାଛୁରୀ ଓ ଗୋଟିଏ ଗାଇ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ୩ ଗାଇ ଆହତ ହୋଇ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏଥିସହ ଘରେ ଥିବା ଧାନ, ଚାଉଳ ଆଦି ପୋଡ଼ି ପାଉଁଶ ହୋଇଯାଇଛି। ଭଣ୍ଡାରିପୋଖରୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଅନୁଧ୍ୟାନ କରିଛନ୍ତି।

# ସରିଲା ତିହିଡ଼ି ମହୋତ୍ସବ

ତିହିଡ଼ି, ୧୪।୨ (ସଞ୍ଜିତ ବଳ)

ତିହିଡ଼ି କାଳୀପଡ଼ିଆରେ ଚାଲିଥିବା ତିହିଡ଼ି ମହୋତ୍ସବ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ତିହିଡ଼ି ଶ୍ୟାମାକ୍ଲବ୍ ଓ ମହୋତ୍ସବ କମିଟିର ପୂର୍ବତନ ସଦସ୍ୟ ସ୍ୱର୍ଗତ ପ୍ରଦୀପ ଜେନା ମଞ୍ଚରେ ମହୋତ୍ସବ କମିଟିର ସଭାପତି ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ତିହିଡ଼ି ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲର ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର ଯୋଗଦେଇ ଅନୁକରଣ ନ କରି ନିଜ ରାସ୍ତା ନିଜେ ତିଆରି କରିବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ଡା. ଗାୟତ୍ରୀ ନାୟକ, ଡା.ବିକାଶ ଗୁପ୍ତା, ଡା. ଚିରଞ୍ଜୀବ ଦାସ, ଡା. ଦେବଦତ୍ତ ଦାଶ, ବ୍ୟାଡ୍‌ମିଣ୍ଟନ ଖେଳାଳି ଓମ୍‌ପ୍ରକାଶ ସେଠୀ ଓ ସାଇପ୍ରସାଦ ମାହୁନ୍ତଙ୍କ ସମେତ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଲିଉଡ୍ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ସଙ୍ଗୀତରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ଝୁମିଥିଲେ। ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ବଲାଙ୍ଗୀର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ଡ. ଅମୂଲ୍ୟ ସେନାପତି, ବିସ୍ମୟ ବିହାରୀ ସାହୁ, ଯଯାତି କେଶରୀ ଦାସଙ୍କ ସଞ୍ଚାଳନରେ ଛାତ୍ରୀଛାତ୍ର ଓ ବିଭିନ୍ନ ଡ୍ୟାନ୍ସ ଗ୍ରୁପ୍‌ର ପିଲାମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉପସଭାପତି ଡ. ଲକ୍ଷ୍ମୀଧର ତ୍ରିପାଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଯୁବ ଗାଳ୍ପିକ କୈଳାସ ବେହେରା ଅତିଥି ପରିଚୟ ଓ ସମ୍ପାଦକ ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ସାମାଜିକ କର୍ମୀ ଧୀରେନ୍ଦ୍ର ସାହୁ, ଗିରିଜା ରମଣ ଜେନା, ପ୍ରଭାତ ଜେନା, ମନୋଜ ସେନାପତି, ସଚିକାନ୍ତ ନାୟକ, ପ୍ରିୟବ୍ରତ ପାଢ଼ୀ, ମନୋଜ ପାଣିଗ୍ରାହୀ, ପ୍ରତାପ ଜେନା, ବସନ୍ତ ମହାପାତ୍ର, ନୀଳମଣି ସାବତଙ୍କ ସମେତ ମହୋତ୍ସବ କମିଟି କର୍ମକର୍ତ୍ତା ଏବଂ ବିଭିନ୍ନ ସାମାଜିକ ସଙ୍ଗଠନ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ମହୋତ୍ସବରେ କୃତୀ ବ୍ୟାଡ୍‌ମିଣ୍ଟନ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ମଣ୍ଡିରୁ ଉଠୁନି ଧାନ, ଚାଷୀ ହତାଶ

ଧାମନଗର, ୧୪।୨ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ବିଭିନ୍ନ ମଣ୍ଡିରେ ଧାନ କିଣାରେ ଅବ୍ୟବସ୍ଥା ଲାଗିରହିଛି। ମିଲର ସଂଘ ଧାନ ନେବେ ନାହିଁ ବୋଲି ମନା କରିବାରୁ ଶୁକ୍ରବାରଠାରୁ ଧାମନଗର ଅଞ୍ଚଳର ସବୁ ମଣ୍ଡିରେ ଧାନ କିଣା ସମ୍ପୂର୍ଣ୍ଣ ଠପ୍ ହୋଇଛି। ଫଳରେ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି।

ଚଳିତବର୍ଷ ବ୍ଲକରେ ୭୮୫୩ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଥିଲେ। ଯେଉଁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିଥିଲେ, ସେମାନଙ୍କଠାରୁ କଟ୍‌ନି ଛଟ୍‌ନି ବାବଦରେ କୁଇଣ୍ଟାଲ ପ୍ରତି ୭ କିଲୋ ଧାନ କଟାଯାଇଛି। ଧୁଷୁରୀ ସେବା ସମବାୟ ସମିତିରେ ୧୫୮ଜଣ ଚାଷୀ ୫୦୪୦ କୁଇଣ୍ଟାଲ ଧାନ ବିକ୍ରୟ କରିଛନ୍ତି। ପାଳସାହି ମଣ୍ଡିରେ ୬୩୯୫ କୁଇଣ୍ଟାଲ, ଶ୍ରୀଜଗନ୍ନାଥ ସେବା ସମବାୟ ସମିତିରେ ୧୧୫୯୦ କୁଇଣ୍ଟାଲ, ଚୁଡ଼ାକୁଟି ମଣ୍ଡିରେ ୧୮,୨୩୬ କୁଇଣ୍ଟାଲ ମଧ୍ୟରୁ ୧୪,୫୩୬, ଧାମନଗର ସେବା ସମବାୟ ସମିତିରେ ୧୦,୭୧୧, କୋଠାର ସେବା ସମବାୟ ସମିତିର ୭୪୭୦, ଦଳାଙ୍ଗ ମଣ୍ଡିରେ ୫୫୬୪, କଟସାହି ମଣ୍ଡିରେ ୪୯୭୫, ଦୋବଲ ମଣ୍ଡିରେ ୨୮୦୦, ବରଗଡା ମଣ୍ଡିରେ ୭୮୦୦, କରଦା ମଣ୍ଡିରେ ୨୭୩୬ ଓ ନିତାଇ ଗୌର ସ୍ୱୟଂସହାୟକ ଗୋଷ୍ଠୀ ପକ୍ଷରୁ ୭୧୧୪ କୁଇଣ୍ଟାଲ ଧାନ କିଣାଯାଇଛି। ମିଲର ଏବଂ ସମିତି ସମ୍ପାଦକ ସ୍ଥାନୀୟ ଦଲାଲଙ୍କ ସହାୟତାରେ ଧାନ ସମିତିକୁ ନ ଆଣି ସିଧାସଳଖ ମିଲ୍‌ରେ ଦେଉଛନ୍ତି। ପରେ ମିଲର ଧାନ କିଣାର ଫିଗର୍ ସମିତିକୁ ଦେବା ପରେ ମଣ୍ଡି ପରିଚାଳକ ଧାନ କିଣା ପ୍ରକ୍ରିୟା କରୁଛନ୍ତି। ଏଥିସହ ମିଲର ଯେଉଁ ଧାନ ଗାଡ଼ି ସମିତିକୁ ଧାନ ଆଣିବା ପାଇଁ ପଠାଇବାକୁ ପଡ଼ିଥାନ୍ତା, ସେଥିରୁ ଆର୍ଥିକ ଖର୍ଚ୍ଚରୁ ରକ୍ଷା ପାଉଛନ୍ତି। ପରବର୍ତ୍ତୀ ସମୟରେ ସରକାର ଟ୍ରାନ୍ସପୋର୍ଟ ବାବଦକୁ ଯେଉଁ ଅର୍ଥ ଦେବେ, ସେସବୁ ସିଧାସଳଖ ସମିତି ସମ୍ପାଦକ ଓ ମିଲରଙ୍କ ଭିତରେ ଚଳୁ ହେବା ନେଇ ଚାଷୀମାନେ ପ୍ରକାଶ କରିଛନ୍ତି। ଧାନ କିଣା ନେଇ ଜିଲା ପ୍ରଶାସନ କେବଳ ଜିଲାର ମିଲରଙ୍କୁ ଅନୁମତି ନ ଦେଇ ବାହାର ଜିଲା ମିଲରଙ୍କୁ ଅନୁମତି ଦେଲେ ଏସବୁ ସମସ୍ୟା ଦୂର ହୁଅନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏନେଇ ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ମଣ୍ଡିରୁ ଚାଷୀଙ୍କ ଧାନ ଉଠାଯିବ ବୋଲି କହିଛନ୍ତି। ପ୍ରକାଶଥାଉ କି, ଚଳିତବର୍ଷ ବ୍ଲକରେ ଏବେ ସୁଦ୍ଧା ୧ ଲକ୍ଷ ୭୨ ହଜାର ୮୧୫ କୁଇଣ୍ଟାଲ ଧାନ କିଣାଯିବାକୁ ଟାର୍ଗେଟ ଦିଆଯାଇଥିବା ବେଳେ ଏପର୍ଯ୍ୟନ୍ତ ୧ ଲକ୍ଷ ୧୪ ହଜାର ୪୬୮ କୁଇଣ୍ଟାଲ କିଣାଯାଇଛି। ୧୬୩୧ ଚାଷୀଙ୍କର ୫୬, ୫୩୫ କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି।



ଧାମନଗର ସେବା ସମବାୟ ସମିତି ଗୋଦାମରେ ପଡ଼ିରହିଛି ଧାନବସ୍ତା।

## ଟ୍ରକ୍ ଧକ୍କାରେ ବାଇକ୍ ଚୂର୍ମାର୍, ଆରୋହୀ ଗୁରୁତର

କେନ୍ଦୁଝର,୧୪।୨(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ୪୯ ନଂ. ଜାତୀୟ ରାଜପଥର ଡଙ୍ଗାପାଣି ଗ୍ରାମ ନିକଟରେ ଶନିବାର ଏକ ଟ୍ରକ୍ ଧକ୍କାରେ ବାଇକ୍ ଚୂର୍ମାର୍ ହୋଇଯାଇଥିବା ବେଳେ ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲରେ ଭର୍ତ୍ତି କରାଯାଇଛି। ଉକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ଶୁଆକାଟି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଉକ୍ତ ରାସ୍ତାରେ ସବୁବେଳେ ଲମ୍ବାଧାଡ଼ିରେ ଟ୍ରକ୍ ବେଆଇନ ଭାବେ ପାର୍କିଂ କରୁଥିବାରୁ ଧୂଳି ଧୂଆଁ ପ୍ରଦୂଷଣ ସାଙ୍ଗକୁ ଦୁର୍ଘଟଣା ଘଟୁଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ୪ ବଖରା ଜଳିଗଲା, ୨ ଗୋରୁ ଜୀବନ୍ତ ଦଗ୍ଧ

ଭଣ୍ଡାରିପୋଖରୀ,୧୪।୨(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ବ୍ଲକ ଅଧୀନ ପାଟୁଳି ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳି ଯାଇଥିବା ବେଳେ ୨ ଗୋରୁ ଜୀବନ୍ତ ଦଗ୍ଧ ହୋଇଛନ୍ତି। ସୂଚନା ଅନୁଯାୟୀ, ରାତି ପ୍ରାୟ ୧୧ଟା ବେଳେ ଗ୍ରାମର ପ୍ରଫୁଲ୍ଲ କୁମାର ସାମଲ ଓ ପ୍ରଦୀପ ସାମଲଙ୍କ ଘରେ ରୋଷେଇ ଚୁଲିରୁ ନିଆଁ ଲାଗିଥିଲା। ବାସଗୃହ ସଂଲଗ୍ନ ଗୁହାଳ ପ୍ରଥମେ ଜଳିଥିଲା। ଗୁହାଳରେ ଥିବା ଗୋଟିଏ ବାଛୁରୀ ଓ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ୩ ଗାଈ ଆହତ ହୋଇ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।



କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଏମ୍‌ପି ଅନନ୍ତ ନାଏକ, ବିଧାୟକ ଅଖିଳ ନାଏକ, ଡ. ଫକୀର ମୋହନ ନାଏକ ଓ ଜିଲାପାଳ ବିଶାଳ ସିଂହ।

# ସ୍କୁଲରେ ପଶିଲେ ୨୫ଟିକିଆ ହାତୀପଲ

କେନ୍ଦୁଝର,୧୪।୨ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅଧୀନ ବଡ଼ଘାଗରା ନିକଟସ୍ଥ ଭେଜିଡିହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅପରାହ୍ଣରେ ୨୫ଟିକିଆ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ସ୍କୁଲ ଛୁଟି ହେବାର ଅଳ୍ପ ସମୟ ପୂର୍ବରୁ ହାତୀପଲ ସ୍କୁଲ ପରିସରରେ ପଶି ଝରକା, ଶ୍ରେଣୀଗୃହରେ ଥିବା ବେଞ୍ଚ,ଡେସ୍କ ଓ ଅନ୍ୟାନ୍ୟ ଆସବାବପତ୍ର ଭାଙ୍ଗିରୁଜି ଦେଇଛନ୍ତି। ସ୍କୁଲରେ ଥିବା ୭ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଅମ୍ବିକା ସାହୁ ଜୀବନ ବିକଳରେ ଦୌଡ଼ିଯାଇ ଅନ୍ୟ ଏକ ଶ୍ରେଣୀଗୃହରେ ପଶିଯିବାରୁ



କେନ୍ଦୁଝର ଜିଲା ଭେଜିଡିହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଝରକା, ବେଞ୍ଚ ଭାଙ୍ଗି ଦେଇଛନ୍ତି ହାତୀପଲ।

ଅଳ୍ପକେ ବର୍ତ୍ତିଯାଇଛନ୍ତି। ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଙ୍କ ପାଟି ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚି ହାତୀପଲଙ୍କୁ ଘଉଡ଼ାଇଥିଲେ। ତେବେ ବନ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳରେ ହାତୀପଲ ଥିବା ନେଇ କୌଣସି ଆଗୁଆ ସୂଚନା ଦିଆଯାଇ ନ ଥିବାରୁ ସେମାନେ ଜାଣିପାରି ନ ଥିଲେ। ଏହି ଘଟଣା ପରେ ସ୍କୁଲ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

## ନାଇକସାହିରେ ବ୍ୟାପୁଛି ଜଣ୍ଡିସ୍, ୯ ବର୍ଷୀୟ ବାଳକ ମୃତ

ବଞ୍ଚୋ, ୧୪।୨(ପ୍ରଦୋଷ କୁମାର ବିଶ୍ୱାଳ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବଞ୍ଚୋ ପଞ୍ଚାୟତର ନାଇକସାହିରେ ଜଣ୍ଡିସ ରୋଗ ବ୍ୟାପିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ଶୁକ୍ରବାର ୯ବର୍ଷୀୟ ବାଳକ ଅନୀଲ ଧନଞ୍ଜୟ ନାଇକଙ୍କ ମୃତ୍ୟୁ ଘଟିଥିବା ବେଳେ ଗାଁର ଅନେକ ଶିଶୁ ଚିକିତ୍ସାଧୀନ ଅଛନ୍ତି।

ସାହିର ୱାର୍ଡସଭ୍ୟ ମାଗୁଣି ନାଇକଙ୍କ ୯ ବର୍ଷୀୟ ପୁଅ ଅନୀଲ ପ୍ରାୟ ୨୨ ଦିନ ଧରି ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସା ହେଉଥିଲେ। ଗୁରୁବାର ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ଅପରାହ୍ଣରେ ତାଙ୍କର ମୃତ୍ୟୁ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ଥିବା ନଳକୂଅର ଦୂଷିତ ପାଣି ପିଇ ଏହି ରୋଗ ବ୍ୟାପିଛି। ରାଜା ନାଇକ, ଶିବାନନ୍ଦ ନାଇକ ସହ ଅନ୍ୟାନ୍ୟ ନାବାଳକ ମଧ୍ୟ ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି।

ସରକାର ପକ୍ଷରୁ ବସୁଧା ଯୋଜନା ଅଧୀନରେ ପ୍ରତ୍ୟେକ ପରିବାରକୁ ଶୁଦ୍ଧ ପାଣି ଯୋଗାଇଦେବାକୁ ଘୋଷଣା ହୋଇଥିଲା। ବଞ୍ଚୋ ପଞ୍ଚାୟତ ନାଇକସାହିରେ ସେହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ନ ଥିବାରୁ ଲୋକମାନେ ଦୂଷିତ ପାଣି ପାନ କରିବାକୁ ବାଧ୍ୟ ହୋଇଥିଲେ। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖବର ପାଇ ହାଟଡିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ରାଜସ୍ୱ ନିରୀକ୍ଷକ ଦୀପ୍ତିମୟୀ ସାହୁ, ସାମାଜିକ କର୍ମୀ ଇଞ୍ଜିନିୟର ରଶ୍ମିରଞ୍ଜନ ଜେନାଙ୍କ ସହ ଅନ୍ୟମାନେ ଗ୍ରାମରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଉପାଧ୍ୟକ୍ଷ ରାଉତ ତୁରନ୍ତ ଡାକ୍ତରୀ ଦଳ ପଠାଇ ଚିକିତ୍ସା ବ୍ୟବସ୍ଥା ଜୋରଦାର କରିବା ସହ ଗ୍ରାମର ସମସ୍ତ ନଳକୂଅ ପାଣିକୁ ଶୁଦ୍ଧିକରଣ କରିବା ଓ ବସୁଧା ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନଠାରେ ଦାବି କରିଛନ୍ତି। ଡାକ୍ତରୀ ଦଳ ଓ ପାନୀୟଜଳ ବିଭାଗ କର୍ମଚାରୀମାନେ ଗ୍ରାମରେ ପହଞ୍ଚି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ନଳକୂଅର ପାଣି ନମୁନା ସଂଗ୍ରହ କରି ପ୍ରୟୋଗଶାଳାକୁ ପଠାଇଛନ୍ତି। ରିପୋର୍ଟ ଆସିଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



ଶହୀଦ ଯବାନମାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଦିଆଯାଉଛି।

ବଡ଼ବିଲ,୧୪।୨(ଜୟନ୍ତୀ ରଣା): ବଡ଼ବିଲସ୍ଥିତ ବିକାଶ ମହଲଠାରେ ଶନିବାର ସକାଳେ ପୁଲୱାମାରେ ଶହୀଦ ହୋଇଥିବା ଯବାନମାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ବଡ଼ବିଲର ଆଶୀର୍ବାଦ ୱେଲଫେୟାର ଟ୍ରଷ୍ଟ ତରଫରୁ ଏହି ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ସଭାରେ ବିଭିନ୍ନ କ୍ଲବ, ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ, ସମିତିର ସଦସ୍ୟମାନେ ଉପସ୍ଥିତ ରହି ୨୦୧୯ ପୁଲୱାମା ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ମନେ ପକାଇ ସେମାନଙ୍କର ଫଟୋଚିତ୍ର ସମ୍ମୁଖରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ମଣ୍ଡିରୁ ଧାନ ଉଠୁନାହିଁ, ଚାଷୀ ହତାଶ

ପାଟଣା,୧୪।୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ସାହରପଡ଼ା ବ୍ଲକ୍ ଉଦୟପୁର ଲ୍ୟାମ୍ପସ ଅଧୀନ ମଣ୍ଡିରୁ ଗତ ଜାନୁଆରୀ ୨୩ ତାରିଖରୁ ଧାନ କ୍ରୟ ହେଉ ନ ଥିବାରୁ ଚାଷୀ ଅସନ୍ତୋଷ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ଗତ ଖରିଫ ଋତୁର ଧାନ କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଓ ଶୁକ୍ରବାରକୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଗତ ଜାନୁୟାରୀ ମାସରୁ ମଙ୍ଗଳବାର ଓ ଶୁକ୍ରବାର ଚାଷୀ ମଣ୍ଡିକୁ ଧାନ ଆଣି କେହି ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ଶୁକ୍ରବାର ଧାନ କ୍ରୟ ହୋଇ ନ ଥିବାରୁ ଲ୍ୟାମ୍ପ ଏମ୍‌ଡି ଶନିବାର ମଣ୍ଡିକୁ ଧାନ ଆଣିବାକୁ କହିଥିଲେ। ଶନିବାର ୬ ଜଣ ଚାଷୀ ମଣ୍ଡିକୁ ଧାନ ଆଣିଥିଲେ ହେଁ ସେମାନଙ୍କ ଧାନ କିଣା ଯାଇନାହିଁ। ଏନେଇ ସାହରପଡ଼ା ସମବାୟ ସମିତି ପରିଚାଳନା ନିର୍ଦ୍ଦେଶିକା ରଞ୍ଜୁଶ୍ରୀ ମହାନ୍ତଙ୍କୁ ପଚାରିବାରୁ ଗାଡ଼ି ନ ଥିବାରୁ ଶନିବାର ଧାନ କିଣା ହୋଇନାହି। କୌଣସି ଚାଷୀଙ୍କ ଅସୁବିଧା ହେବନି କି କାହାରି ଟୋକନ ଲାପସ ହେବ ନାହିଁ। ସମସ୍ତଙ୍କ ଧାନ ଉଠିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନିରାଶ ହୋଇଥିବା ଚାଷୀମାନେ ଏଭଳି ଅବସ୍ଥା ଲାଗିରହିଲେ ଆଗାମୀ ଦିନରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କୁଶ ପୁତ୍ତଳିକା ଦାହ କରିବାକୁ ଚରମ ବାଣୀ ଦେଇଛନ୍ତି।

## ‘ସମାଜରେ ସାହିତ୍ୟ, ସଂସ୍କୃତି ଏକ ଅବିଚ୍ଛେଦ୍ୟ ଅଙ୍ଗ’

### ଦ୍ୱିତୀୟ ବୈତରଣୀ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

ଆନନ୍ଦପୁର, ୧୪।୨(ସୁଶାନ୍ତ କୁମାର ସାହୁ): ଓଡ଼ିଶା ସାହିତ୍ୟ ଏକାଡ଼େମୀର ଆନୁକୂଲ୍ୟରେ ଶନିବାର ଦ୍ୱିତୀୟ ବୈତରଣୀ ସାହିତ୍ୟ ଉତ୍ସବ ଫକୀରପୁରସ୍ଥିତ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଉଦ୍‌ଘାଟକ ଭାବେ ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନା ଉତ୍ସବକୁ ଉଦଘାଟନ କରି ସମାଜ ପ୍ରତି ସାହିତ୍ୟର ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ରୂପେ ବିଶିଷ୍ଟ ସଂସ୍କୃତି ଗବେଷକ ଅନୀଲ ଧୀର ଯୋଗଦେଇ ସାମ୍ପ୍ରତିକ ସମାଜରେ ସାହିତ୍ୟ ଓ ସଂସ୍କୃତି ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଲେଖିକା ତଥା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂଲିଶ ବିଭାଗର ବିଭାଗୀୟ ମୁଖ୍ୟ ଡ଼ଃ ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ସମ୍ମାନିତ ଅତିଥି ରୂପେ ପ୍ରାବନ୍ଧିକ ରମାକାନ୍ତ ନାୟକ, ପ୍ରାବନ୍ଧିକ ହଳଧର ପଣ୍ଡା କେନ୍ଦୁଝର ଓ ଆନନ୍ଦପୁର ସାହିତ୍ୟ ଓଡ଼ିଆ ସାହିତ୍ୟକୁ କିପରି ସମୃଦ୍ଧ କରିଛି ସେ ବିଷୟରେ ବିବରଣୀ ପ୍ରକାଶ କରିଥିଲେ। ସମାଜ ସଂସ୍କାରକ ତଥା ପ୍ରବଚକ ସରୋଜ କୁମାର ସାହୁ ସମାଜ ସଂସ୍କାରରେ ସାହିତ୍ୟର ଭୂମିକା ଉପରେ ଆଲୋଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ସରକାରୀ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ ଯୋଗଦେଇ ଶିକ୍ଷା ଓ ସାହିତ୍ୟ ମଧ୍ୟରେ ଥିବା ସମ୍ପର୍କକୁ ଆଲୋଚନା କରିଥିଲେ। ଏହି ଉତ୍ସବ ଅବସରରେ ନିରୁପମା ବେହେରାଙ୍କୁ ‘ବୈତରଣୀ କବିତା ସମ୍ମାନ-୨୦୨୬’ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ତ୍ରିଲୋଚନ ସାହୁ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ‘ମୋ ସଂସ୍କୃତି’ ପତ୍ରିକାର ଦ୍ୱିତୀୟ ସଂସ୍କରଣ, ‘ନେକ୍ସ ଇଣ୍ଡିଆ ଜର୍ନାଲ’ ର ସପ୍ତମ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ‘ରାଜ୍ୟ ସ୍ତରୀୟ କବିତା ଉତ୍ସବ-୨୦୨୬’ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ରୂପେ କବୟିତ୍ରୀ ନିରୁପମା ବେହେରା, ଫକୀରପୁର ସାହିତ୍ୟ ସଂସଦର ସମ୍ପାଦକ ଅନୀଲ କୁମାର ସାହୁ, ସମାଜ ସଂସ୍କାରକ ଡ଼ଃ ବଳଦେବ ପତି, କବୟିତ୍ରୀ ହାସ୍ୟମୟୀ ରାଜ, ଦୀପ୍ତି ଦେବଦର୍ଶିନୀ ସୂତାର ଯୋଗଦେଇଥିଲେ। ଯୁବ କବି ଡ଼ଃ ଅଶୋକ ପୁହାଣ ପ୍ରେମ କବିତା ଆବୃତ୍ତି କରି ମାହୋଲକୁ ଚଳଚଞ୍ଚଳ କରିଥିଲେ। ‘କବିତା ନାଟ୍ୟାୟନ’ କାର୍ଯ୍ୟକ୍ରମରେ ବିଶିଷ୍ଟ ପାଲା ଗାୟକ ଗୟାଧର ନାଥ କବି ଦିଲୀପ କୁମାର ସାହୁଙ୍କ ‘ପରିଚିତ ଆକାଶର କବିତା’ ପୁସ୍ତକକୁ ନାଟ୍ୟ ଆକାରରେ ପରିବେଷଣ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବି ଉମାକାନ୍ତ ଜେନା, ଶରତ କୁମାର ରାଉତ୍, ମଧୁସୂଦନ ମହାପାତ୍ର, ଯୁବ କବି ଅଶୋକ ପୁହାଣ, ସୁରେନ୍ଦ୍ର ପରିଡ଼ା, ତ୍ରିଲୋଚନ ପୁହାଣ, ସୁହାସିନୀ ପଟ୍ଟନାୟକ, ଶୁଭସ୍ମିତ ମିଶ୍ର, ମୂରଲୀ ବେହେରା, ଚତୁର୍ଭୂଜ ପହି, ଅଭିମନ୍ୟୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ରାଜକିଶୋର ବାରିକ, ରଞ୍ଜିତ ନାୟକ, ପ୍ରସନ୍ନ ନାହାକ, ରମାକାନ୍ତ ଓଝା, ଅଭିଳାଷ ସାହୁ, ସଞ୍ଜୟ କୁମାର ଓଝା, ମନୋଜ କୁମାର ସାହୁ, ଅନୀଲ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନଙ୍କ ଦ୍ୱାରା ଜର୍ନାଲ ଉନ୍ମୋଚନ କରାଯାଉଛି।

## ମାତୃପିତୃ ପୂଜନ ଉତ୍ସବ

ବଡ଼ବିଲ,୧୪।୨(ଜୟନ୍ତୀ ରଣା) ବଡ଼ବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ପୂର୍ବାହ୍ଣରେ ମାତୃପିତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି କର୍ଯ୍ୟକ୍ରମ ବିଷୟରେ ଗୁରୁମା ଅନିତା ନାୟକ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ କହିଥିଲେ। ପରେ ଛାତ୍ରୀଛାତ୍ରମାନେ ନିଜ ମାତାପିତାଙ୍କୁ ଚନ୍ଦନ, ସିନ୍ଦୁର, ଫୁଲହାର ଆଦି ଦେଇ ବନ୍ଦାପନା କରି ମିଷ୍ଟାନ୍ନ ଖୁଆଇଥିଲେ। ମାତାପିତା ମଧ୍ୟ ଅନୁରୂପ ଭାବେ ମିଷ୍ଟାନ୍ନ ଖୁଆଇଥିଲେ। ୨୫୮ ଛାତ୍ରୀଛାତ୍ର ଓ ୫୧୬ ଜଣ ଅବିଭାବକ ସାମିଲ ହୋଇଥିଲେ। ଗୁରୁମା ନନ୍ଦିନୀ ମହାନ୍ତି, ପୁଷ୍ପଶ୍ରୀ ପତି, ଲୀଳାବତୀ ମହାନ୍ତ, ଲକ୍ଷ୍ମୀପ୍ରିୟା ସାହୁ, ମାନସୀ ଗିରି, ରଞ୍ଜିତା ଦାଶ ଏବଂ ଗୁରୁଜୀ ନଳିନୀକାନ୍ତ ମହାନ୍ତ, ଜନାର୍ଦ୍ଦନ ମହାନ୍ତ, ବସନ୍ତ ବାରିକ ପ୍ରମୁଖ ସହଯୋଗ କରିଥିଲେ।



## ମାତାପିତାଙ୍କୁ ପୂଜା କଲେ ଛାତ୍ରୀଛାତ୍ର

ଯୋଡ଼ା,୧୪।୨(ମାନସ ମହାନ୍ତି): ଯୋଡ଼ା ସହରରେ ଥିବା ଶ୍ରୀଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟ ଓ ହଟିଙ୍ଗରେ ମାତୃପିତୃ ପୂଜନ ଦିବସ ପାଳନ କରାଯାଇଛି। ଏହି ଅବସରରେ ଯୋଡ଼ାର ହିଲ୍‌ଟପ ପ୍ରାଇମେରୀ ସ୍କୁଲ,ଯୋଡ଼ା ବସ୍ତି ସ୍କୁଲ, ତଳକ ହଟିଙ୍ଗ, ହୀରାକୁଦ କଲୋନୀ ପ୍ରାଇମେରୀ ସ୍କୁଲ, ବନେଇକଳା ପ୍ରାଇମେରୀ ସ୍କୁଲ, ଯୋଡ଼ା ଇଷ୍ଟ ଏମ୍‌ଇ ଓ ୟୁପି ସ୍କୁଲ, କୁନ୍ଦୁରୁ ନାଲା ପ୍ରାଇମେରୀ ସ୍କୁଲ, ହୁଡ଼ି ସାହି କଲୋନୀ, ଯୋଡ଼ା ଲକ୍ଷ୍ମୀ ମନ୍ଦିର ନିକଟସ୍ଥ ସରସ୍ୱତୀ ଶିଶୁ ମନ୍ଦିରରେ ମାତୃପିତୃ ପୂଜନ ଦିବସ ପାଳିତ ହୋଇ ଯାଇଛି। ସମିତି ସମ୍ପାଦକ ରଶ୍ମୀରଞ୍ଜନ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଜୁରୁଡି ସରସ୍ୱତୀ ଶିଶୁ ମନ୍ଦିରରେ ଛାତ୍ରୀଛାତ୍ରମାନେ ସେମାନଙ୍କ ମାତାପିତାଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ। ଆଜିର ଯୁବ ପିଢ଼ି ମାତାପିତାଙ୍କର ଆଦର,ସତ୍କାର, ପୂଜନ କରି ସେମାନଙ୍କର ଶିକ୍ଷା ତଥା ଶାସ୍ତ୍ର ଓ ବ୍ରହ୍ମ ଜ୍ଞାନୀ ମହାପୁରୁଷଙ୍କ ଆଦର୍ଶରେ ଚାଲନ୍ତି, ସେମାନଙ୍କର ବିଦ୍ୟା, ଆୟୁ,ଯଶ,କୀର୍ତ୍ତି ବଢ଼ିଥାଏ ବୋଲି ସମିତି ସଭାପତି ପ୍ରକାଶ ମହାପାତ୍ର କହିଛନ୍ତି।



ଛାତ୍ରୀଛାତ୍ରମାନେ ମାତାପିତାଙ୍କୁ ପୂଜା କରୁଛନ୍ତି।

## ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା,ସାଂସ୍କୃତିକ ପ୍ରତିଯୋଗିତା

ଢେଙ୍କିକୋଟ,୧୪।୨(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ପକ୍ଷରୁ ଶନିବାର ପୂର୍ବାହ୍ଣ ୧୦ଟାରେ ଢେଙ୍କିକୋଟ ହାଇସ୍କୁଲ ଖେଳ ପଡ଼ିଆଠାରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଏମ୍‌ପିଙ୍କ ଘଟଗାଁ ବ୍ଲକ୍ ପ୍ରତିନିଧି ଅଖିଳ ପାତ୍ର, ଢେଙ୍କିକୋଟ ଭାଜପା ମଣ୍ଡଳ ସଭାପତି ରଣଜିତ ନାୟକ, ଘଟଗାଁ ବିଡିଓ ଖଗେଶ୍ୱର ବରାଳ, ଢେଙ୍କିକୋଟ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ ଯୋଗ ଦେଇଥିଲେ। ଘଟଗାଁ ଶିକ୍ଷା ଜିଲା ଅଧିକାରୀ ଅଧୀନ ସମୁହ ସିଆରସିସି, ବ୍ଲକ କନିଷ୍ଠ ସହାୟକ ବିପିନ ଚନ୍ଦ୍ର ଖଣ୍ଡା, ଖଣ୍ଡଘର ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାରଙ୍ଗଧର ରଣା, ଏଡିଇଓ ଆଶୀର୍ବାଦ ଚକ୍ରଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶତାଧିକ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଖେଳକୁଦ ପ୍ରଦର୍ଶନ କରିଥିଲେ।

ପ୍ରଧାନ ଶିକ୍ଷୟିତ୍ରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରୋହିତ କୁମାର ବେହେରା ପରିଚାଳନା କରିଥିଲେ। ଖଣ୍ଡଘର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଙ୍ଗଧର ରଣା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ କୌଣସି ଥିରେ କମ୍ ନୁହଁନ୍ତି ବୋଲି ଏମ୍‌ପି ନାୟକ କହିଥିଲେ। ଖେଳ ପରିଚାଳନା କରିଥିଲେ ଢେଙ୍କକୋଟ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତ ଓ ସାନ୍ତରାପୁର ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀଧର ମହାନ୍ତ। ସିଆର୍‌ସିସି ଜିତେନ୍ଦ୍ର ଗିରି, କମଳାକାନ୍ତ ପଣ୍ଡା, ବିଶ୍ୱରଞ୍ଜନ ନାୟକ, କହ୍ନେଇ ଚରଣ ବେହେରା ଧରଣୀଧର ମହାନ୍ତ, ଆଶିଷ କୁମାର ବେହରା, ନବକୃଷ୍ଣ ରାଉତ, ସାଲେଗ୍ରାମ ପାତ୍ର ଓ ବିଜୟ କୁମାର ବେହେରା ପ୍ରମୁଖ କୃତୀ ପ୍ରତିଯୋଗୀ ଚୟନ କରିବା ପରେ ସେମାନଙ୍କୁ ମାନପତ୍ର ଓ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ଘଟଗାଁ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଶିକ୍ଷୟିତ୍ରୀ ନିବେଦିତା ସାହୁ ଓ ମଧୁସ୍ମିତା ବଳ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ଦାୟିତ୍ୱରେ ଥିଲେ। ଶିକ୍ଷୟିତ୍ରୀ ସ୍ମୃତିରେଖା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ୨ ଆନ୍ତଃ ରାଜ୍ୟ ଅପରାଧୀ ବିହାରରୁ ଗିରଫ

### ବଡ଼ବିଲ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଡକାୟତି ଘଟଣା

■ ସୁନାଚେନ୍, ମୁଦି ଓ ମୋବାଇଲ ଜବତ

ବଡ଼ବିଲ,୧୪।୨(ଜୟନ୍ତୀ ରଣା): କେନ୍ଦୁଝର ଜିଲା ବଡ଼ବିଲ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ଡକାୟତି ଘଟଣାରେ ସମ୍ପୃକ୍ତ ଆଉ ୨ ଆନ୍ତଃ ରାଜ୍ୟ ଅପରାଧୀଙ୍କୁ ପୋଲିସ ବିହାରର ପାଟନା ଜିଲା ଜଖନପୁର ଥାନା ମିଠାପୁର ବାଇପାସ୍ ବ୍ରିଜ୍ ନିକଟରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିହାର ରାଜ୍ୟ ବୈଶାଳୀ ଜିଲା ଭଗବାନପୁର ଥାନା ଅନ୍ତର୍ଗତ ଆସୋଇ ଗ୍ରାମର ସନ୍ତୋଷ କୁମାର ଓରଫ୍ ପାଶ୍ୱାନ ଏବଂ ପାଟନା ଜିଲା ରାମକ୍ରିଷ୍ଣାନଗର ଥାନା ଅନ୍ତର୍ଗତ ଭୂପତିପୁର ଅଞ୍ଚଳର ନବୀନ କୁମାର ଓରଫ ଯାଦବ। ସନ୍ତୋଷଙ୍କ ନିକଟରୁ ପୋଲିସ ଏକ ସୁନାଚେନ୍ ସହ ସୁନାମୁଦି ଓ ଏକ ମୋବାଇଲ ଜବତ କରିଥିଲାବେଳେ ନବୀନଙ୍କ ନିକଟରୁ ଏକ ମୋବାଇଲ ଜବତ କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ଶନିବାର ଅପରାହ୍ଣ ପ୍ରାୟ ୨ଟା ବେଳେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସହରର ବାଟା ଛକ ନିକଟରେ ଚଲାଇ ଚଲାଇ ବୁଲାଇବା ପରେ କୋର୍ଟଚାଲାଣ କରିଛି।

ସୂଚନାଯୋଗ୍ୟ, ଗତ ଜାନୁଆରୀ ୧୯ ଅପରାହ୍ଣ ୨ଟା୫ ମିନିଟ୍‌ରେ ବଡ଼ବିଲ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟଠାରୁ ଅନତି ଦୂରରେ ଥିବା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ବଡ଼ବିଲ ଶାଖାରେ ୬ ଜଣ ଦୁର୍ବୃତ୍ତ ମୁଖା ଓ ହେଲ୍‌ମେଟ୍ ପିନ୍ଧି ପଶିଥିଲେ। ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ମୁନରେ ଭୟଭୀତକରି ଷ୍ଟ୍ରଙ୍ଗରୁମ୍‌ରେ ଥିବା ନଗଦ ୪ଲକ୍ଷ ୩୮ ହଜାର ୭ ଶହ ଟଙ୍କା ଏବଂ ୧୫୫ଟି ପ୍ୟାକେଟରେ ଭର୍ତ୍ତିଥିବା ମୋଟ ୬କେଜି ୪ ଶହ ଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର( ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୯କୋଟି ୪୦ ଲକ୍ଷ ଟଙ୍କା ହେବ) ଲୁଟିନେଇ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୋଲିସ ପୂର୍ବରୁ ୪ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବଡ଼ବିଲ ଥାନା ଇନ୍ସପେକ୍ଟର ଅଶୋକ କୁମାର ନାୟକ ସଦଳବଳ ବିହାର ଯାଇଥିଲେ। ବିହାର ପୋଲିସ ସହାୟତାରେ ଶୁକ୍ରବାର ଅପରାହ୍ଣରେ ୨ ଅପରାଧୀଙ୍କୁ ଗିରଫ କରିଥିଲେ। ଅପରାଧୀ ସନ୍ତୋଷ ଏବଂ ନବୀନଙ୍କ ନାମରେ ଦେଶର ବିଭିନ୍ନ ଥାନାରେ ଏକାଧିକ ଡକାୟତି ଓ ଲୁଟ୍ ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ଉକ୍ତ ଡକାୟତି ଘଟଣାରେ ଫେରାର ଥିବା ଅନ୍ୟ ୩ ଅପରାଧୀ ଖୁବ୍ ଶୀଘ୍ର ଧରାପଡ଼ିବେ ବୋଲି ଇନ୍ସପେକ୍ଟର ନାୟକ କହିଛନ୍ତି।



ଗିରଫ ୨ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରୁଛି।

# ସାପ କାମୁଡ଼ାରେ ନାବାଳକଙ୍କ ମୃତ୍ୟୁ

ଜଳେଶ୍ୱର, ୧୪।୨(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସର୍ଦ୍ଧାରବନ୍ଧ ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷାକ୍ତ ସାପ କାମୁଡ଼ାରେ କିତାଝୁରି ଗାଁର ବଲାଇ ସରେନଙ୍କ ୧୦ବର୍ଷର ପୁଅ ବରେନ ସରେନଙ୍କର ମୃତ୍ୟୁ ଘଟିଛି। ଫେବୃୟାରୀ ୭ରେ ବିଲରେ ଚାଷ କାର୍ଯ୍ୟ ଦେଖୁଥିବା ବେଳେ ବରେନଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିଥିଲା। ପ୍ରଥମେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୀର୍ଘଦିନ ମୃତ୍ୟୁ ସହ ସଂଗ୍ରାମ କରିବା ପରେ ଶୁକ୍ରବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବିଶେଷ କରି ସର୍ପାଘାତଜନିତ ଅନୁକମ୍ପାମୂଳକ ସହାୟତା (୪ଲକ୍ଷ ଟଙ୍କା) ଓ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି।

# 'ମା', ମାଟିକୁ କେବେ ବି ଭୁଲିବା ନାହିଁ'

## ନୀଳମଣି ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

## ମହାବିଦ୍ୟାଳୟରେ ଖୋଲିବ ପିଜି ପାଠ୍ୟକ୍ରମ

ବାଲେଶ୍ୱର, ୧୪।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ନୀଳମଣି ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ଭିତ୍ତିଭୂମିଜନିତ କୌଣସି ଅସୁବିଧା ରହିବ ନାହିଁ। ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ ପରେ ପିଜି ପାଠ୍ୟକ୍ରମ ଖୋଲାଯିବ। ମୁଖ୍ୟମନ୍ତ୍ରୀଙ୍କ ଶକ୍ତିଶ୍ରୀ ଯୋଜନାରେ ଛାତ୍ରୀଙ୍କ ଶିକ୍ଷାରେ ଅଭିବୃଦ୍ଧି ହେବ ବୋଲି ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ନୀଳମଣି ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ତୃତୀୟ ଦିବସରେ ଶୁକ୍ରବାର ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ବକ୍ତବ୍ୟରେ କହିଛନ୍ତି। ଉତ୍ସବକୁ ଉଦ୍‌ଘାଟନ କରି ମା', ମାଟିକୁ କେବେବି ଭୁଲିବା ନାହିଁ ବୋଲି ସମସ୍ତଙ୍କୁ କହିଥିଲେ।

ଏହି ସମାରୋହରେ ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଅଧ୍ୟକ୍ଷ ସମ୍ମାନିତ କରୁଛନ୍ତି।

ମୁଖ୍ୟବକ୍ତା ଭାବେ ଦିଗପହଣ୍ଡି ବିଧାୟକ ତଥା ସିନେ ତାରକା ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଯୁଗୋପଯୋଗୀ ହେବାକୁ ଆହ୍ୱାନ ଦେଇଥିଲେ। ଏଥିସହ ପ୍ଲାଷ୍ଟିକ ବ୍ୟବହାରକୁ ନା, ପରିବେଶ ସୁରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣ, ଜଳ ସଂରକ୍ଷଣ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ତାଙ୍କ ଗୀତ ଓ ସଂଳାପ ସମସ୍ତଙ୍କୁ ଆକର୍ଷିତ କରିଥିଲା। ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ମହାବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପିଏମ୍ ଉଷା ଯୋଜନାରେ ୫କୋଟି ଓ ରାଜ୍ୟ ସରକାର ୮୦ ଲକ୍ଷ ଅନୁଦାନ ଦିଆଯାଇଥିବା କହିଥିଲେ। ଏଥିସହ ଶିକ୍ଷାନୁଷ୍ଠାନର ଗାରିମା ବଜାୟ ରଖିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ଚନ୍ଦନ କୁମାର ଦାସ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ସୁରଜ ଶ୍ରେଣୀଗୃହ ଓ ବିଜ୍ଞାନଗାର ଏବଂ ଧନ୍ଦାମୂଳକ ଶିକ୍ଷା ଶ୍ରେଣୀଗୃହର ଶିଳାନ୍ୟାସ କରିଥିଲେ। ବିଭିନ୍ନ ଶିକ୍ଷା ବର୍ଷର ଟପ୍ପର ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ଦାଦାବଟି ପାଇଁ ଗୁଜୁରୀବଜାରରେ ଉତ୍ତେଜନା

## ଯୁବକଙ୍କ ମୁଣ୍ଡକୁ ଇଟାରେ ଆକ୍ରମଣ

ବାଲେଶ୍ୱର,୧୪।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ସହରରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡିପଡ଼ିଛି। ବିଭିନ୍ନ ସମୟରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ବାଲେଶ୍ୱର ସଦର ଥାନା ଅଧୀନ ଗୁଜୁରି ବଜାରରେ ଶନିବାର ଉତ୍ତେଜନା ଦେଖାଦେଇଛି। ଦାଦାବଟିକୁ କେନ୍ଦ୍ର କରି ଦୁଇପକ୍ଷ ମଧ୍ୟରେ ଭୀଷଣ ଗଣ୍ଡଗୋଳ ହୋଇଥିଲା। ଜଣେ ଯୁବକଙ୍କ ମୁଣ୍ଡକୁ ଇଟାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଆହତ ଯୁବକ ହେଲେ ଏହି ଥାନା ତୁଟାପାଳ ଅଞ୍ଚଳର ଦିଲୀପ ମହାଳିକ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

ଦିଲୀପ ଗୁଜୁରି ବଜାରସ୍ଥିତ ତାଙ୍କ ଗ୍ରସେରୀ ଦୋକାନରେ ଥିବାବେଳେ ବାଇକ୍ ଯୋଗେ ୨ଜଣ ଯୁବକ ପହଞ୍ଚି ଦାଦାବଟି ମାଗିଥିଲେ। ଦାଦାବଟି ଦେବାକୁ ମନା କରିବାରୁ ଉଭୟପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଘଟଣା ଉଗ୍ରରୂପ ଧାରଣ କରିବାରୁ ଉଭୟ ପକ୍ଷରୁ ଢେଲାମାଡ଼ ଓ ମାରଣାସ୍ତ୍ରରେ ଆକ୍ରମଣ



ଆହତ ଦିଲୀପ।

କରାଯାଇଥିଲା। ଏଥିରେ ୪ରୁ ୫ଜଣ ଆହତ ହୋଇଥିବା ସୂଚନା ମିଳିଛି। କାଳିପଦ ସୋରେନ ନାମକ ଯୁବକ ଦିଲୀପଙ୍କ ମୁଣ୍ଡକୁ ଇଟାରେ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି। ସଦର ଥାନା ପୋଲିସ ପହଞ୍ଚି ଆହତ ଦିଲୀପଙ୍କୁ ଉଦ୍ଧାର କରିଥିଲା। ତେବେ ଗୁଜୁରି ବଜାରରେ ବିଭିନ୍ନ ସମୟରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିଲେ ହେଁ ପୋଲିସର କଡ଼ା ପାଟ୍ରୋଲିଂ ବ୍ୟବସ୍ଥା ହେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ଗ୍ରୀଷ୍ମଋତୁରେ ବୈଦ୍ୟୁତିକ ସୁରକ୍ଷା ପ୍ରତି ଗୁରୁତ୍ୱ

## ସଚେତନତା ଦିଗରେ ଟିପିଏନ୍‌ଓଡିଏଲ୍‌ର ଅଗ୍ରାଧିକାର

ବାଲେଶ୍ୱର, ୧୪।୨(ବାଞ୍ଛାନିଧି ଦେ)

ବିଦ୍ୟୁତ୍ ସୁରକ୍ଷା ପ୍ରତି ଟିପିଏନଓଡିଏଲ ସର୍ବଦା ଅଗ୍ରାଧିକାର ଦେଉଛି। ଜନସାଧାରଣ ତଥା କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ପ୍ରାଥମିକତା ଦିଆଯାଉଛି। ବୈଦ୍ୟୁତିକ ଦୁର୍ଘଟଣାକୁ ରୋକିବା ଦିଗରେ ବିଭିନ୍ନ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି।

ଆସନ୍ତା ଗ୍ରୀଷ୍ମଋତୁରେ ଏସି, ଫ୍ରିଜ, କୁଲର, ପାଣିପମ୍ପ ଆଦି ଉଚ୍ଚକ୍ଷମତା ଯୁକ୍ତ ବିଦ୍ୟୁତ୍ ଉପକରଣର ବ୍ୟବହାର ପୂର୍ବରୁ ଏହାକୁ ଅଧିକୃତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା ଯାଞ୍ଚ କରାଇନେବାକୁ ଟିପିଏନଓଡିଏଲ ପକ୍ଷରୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହିତ ଘରେ ଏମସିବି ଅବା ଇଏଲସିବି ଲଗାଇବା ବିଦ୍ୟୁତ ସୁରକ୍ଷା ଦିଗରେ ଏକ ବଡ ପଦକ୍ଷେପ। ସେହିପରି ବିଜୁଳିର ଅଯଥା ଅପଚୟକୁ ରୋକିବା ସହ କୌଣସି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଥିଲେ ଅବା ଟ୍ରାନ୍ସଫର୍ମରରେ ତ୍ରୁଟି ପରିଲକ୍ଷିତ ହେଲେ ନିଜେ ମରାମତି କରିବା ପାଇଁ ଚେଷ୍ଟା ନ କରି ଟିପିଏନଓଡିଏଲ କାର୍ଯ୍ୟାଳୟ ଅଥବା ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ରେ ଯୋଗାଯୋଗ କରିବା ପାଇଁ ମଧ୍ୟ ସମସ୍ତ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। ଅପରପକ୍ଷରେ କର୍ମଚାରୀଙ୍କ ସୁରକ୍ଷା ଦିଗରେ ହେଲମେଟ, ହାର୍ନେସ, ସୁରକ୍ଷା ଜୋତା, ଗ୍ଲୋଭସ, ନିଅନ ଟେଷ୍ଟର ଆଦି ସୁରକ୍ଷା ଉପକରଣର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିବା ସହ ସୁରକ୍ଷା ପ୍ରଣାଳୀକୁ କଡାକଡି ପାଳନ କରିବା ପାଇଁ ଅଧିକାରିକ ବାର୍ତ୍ତା ଜାରି ହୋଇଛି। ଏ ଦିଗରେ ସଂସ୍ଥା ଏକ ଅଭିନବ ଉପାୟରେ ଜନସାଧାରଣଙ୍କୁ ଏହାର ତଦାରଖ ଦାୟିତ୍ୱ ଦେଇ ସହାୟତା କାମନା କରିଛି। ଟିପିଏନଓଡିଏଲ କର୍ମଚାରୀ ବୈଦ୍ୟୁତିକ କାର୍ଯ୍ୟ କରୁଥିବା ସମୟରେ ଯଦି ସୁରକ୍ଷା ଉପକରଣର ବ୍ୟବହାର ନ କରନ୍ତି ଅବା ଅସୁରକ୍ଷିତ ଉପାୟରେ କାର୍ଯ୍ୟ ସମ୍ପାଦନ କରୁଥିବାର ନଜରରେ ଆସନ୍ତି ସାଧାରଣ ଲୋକେ ଏହାର ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରି ୯୧୨୪୨-୫୪୦୧୧ ନମ୍ବରକୁ ହ୍ୱାଟ୍ସଆପ୍ ଯୋଗେ ପଠାଇ ଟିପିଏନଓଡିଏଲକୁ ଏ ଦିଗରେ ସୂଚନା ଦେଇପାରିବେ। ଏଥିଲାଗି ଟିପିଏନଓଡିଏଲ ପକ୍ଷରୁ ସୂଚନାଦାତାଙ୍କୁ ପୁରସ୍କୃତ ମଧ୍ୟ କରାଯିବାର ଯୋଜନା ରହିଛି।

# 'ସଫଳତା ପାଇଁ କଠିନ ପରିଶ୍ରମ ଲୋଡ଼ା'

## ଏଭିଏମ୍ ସ୍କୁଲର ବାର୍ଷିକୋତ୍ସବ

ଖଇରା, ୧୪।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରାସ୍ଥିତ ଏଭିଏମ ସ୍କୁଲର ୧୬ତମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁକାନ୍ତ କୁମାର ଗାହାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ମାଣିକ ମିଶ୍ର ମୁଖ୍ୟଅତିଥି, ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଯୁଗଳ କିଶୋର ଗାହାଣ, ସିଆରସିସି ବିପିନ ବିହାରୀ ଦାସ, ଖଇରା ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଡ. ଉଦୟ ରଞ୍ଜନ ଦାସ ଓ ଡ. ସୁଜିତ କୁମାର ଛାଟିଆ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ସଫଳତା ପାଇଁ କଠିନ ପରିଶ୍ରମ ଆବଶ୍ୟକ ବୋଲି କହିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିଶ୍ରୀ ନନ୍ଦ ଅତିଥି ପରିଚୟ, ଶ୍ରୀଲିପ୍ସା ପଣ୍ଡା ବାର୍ଷିକ ବିବରଣୀ ପାଠ ଓ ମମତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଭୂମିକା ସାହୁ, ନୈତିକ ପ୍ରିୟଦର୍ଶନୀ ବେହେରା, ଦିବ୍ୟାଂଶୁ ସେଠୀ, ମାନଭୀ ମାଝି, ତପସ୍ୱିନୀ ରାଉତ ଏବଂ ଛାତ୍ର ହିମାଂଶୁ ପୃଷ୍ଟି ଓ ଅଲେଖ ହାତୀଙ୍କୁ ଷ୍ଟୁଡେଣ୍ଟ ଅଫ ଦି ଇୟର ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।





ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

# ଜାଗର ପାଇଁ ଚଳଚଞ୍ଚଳ ଶୈବପୀଠ

କାଳିପଦା, ୧୪।୨(ରାଜଶ୍ରୀ ପାଣିଗ୍ରାହୀ)

ମହାଶିବରାତ୍ରୀ ଉପଲକ୍ଷେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଥିବା ଲଙ୍ଗଳେଶ୍ୱରର ସର୍ବପୁରାତନ ବାବା ହରପାର୍ବତୀ ଶୈବପୀଠରେ ଶ୍ରଦ୍ଧାଳୁମାନଙ୍କର ଗହଳି ଲାଗି ରହିଛି। ଏହି ପୁରାତନ ଶୈବପୀଠର ଅନେକ ପୌରାଣିକ କିମ୍ବଦନ୍ତୀ ରହିଛି ସେଥିପାଇଁ ଏହାର ମହାତ୍ମ୍ୟ ସ୍ୱତନ୍ତ୍ର। ଏଠାରେ ମହାଦେବଙ୍କ ମନ୍ଦିର ସମ୍ମୁଖରେ ମାତା ପାର୍ବତୀ ମନ୍ଦିର ବିଦ୍ୟମାନ। ମହାଦେବଙ୍କ ଶକ୍ତି ଏଠାରେ ସ୍ପଷ୍ଟ ବାରି ହୋଇପଡୁଥିବା ବେଳେ ଜ୍ୟୋତିର୍ଲିଙ୍ଗ ଭୂତଳଗାମୀ ହୋଇଛି। ମହାଦେବ ସ୍ୱୟଂ ଏଠାରେ ଲଙ୍ଗଳ ଉପରେ ମସ୍ତକ ରଖି ଶଯ୍ୟାଶାୟୀ ଅଛନ୍ତି। ହରପାର୍ବତୀଙ୍କ ଜାହିର ଥିବାରୁ ଏଠାକୁ ହଜାର ହଜାର ସଂଖ୍ୟାରେ ଭକ୍ତ ଛୁଟି ଆସିଥାନ୍ତି। ଶାନ୍ତିଶୃଙ୍ଖଳାରେ ପୂଜାର୍ଚ୍ଚନା ପାଇଁ ମନ୍ଦିର କମିଟି ଏବଂ ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ସହ ୧ ପ୍ଲାଟୁନ ପୋଲିସଫୋର୍ସ ମୁତୟନ କରାଯାଇଛି ବୋଲି ବସ୍ତା ଏସ୍‌ଡିପିଓ ମାନସ ଦେଓ ସୂଚନା ଦେଇଛନ୍ତି। ସେହିପରି ଯୋଗୀରେ ବାବା ନାଭଡ଼େଶ୍ୱର ପୀଠ, ନିଖିରାରେ ନିଖିରେଶ୍ୱର, ଖଗଡ଼ାପାଳରେ ଖଗେଡ଼େଶ୍ୱର, ଜଗତିପୁରଠାରେ ଜଗତେଶ୍ୱର ପୀଠ ମଧ୍ୟ ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇଉଠିଛି।



ଲଙ୍ଗଳେଶ୍ୱର ଶୈବ ପୀଠ।

# ରାସ୍ତାରେ ଜଳିଗଲା ୨ ଟ୍ରକ୍, ୨ ଗୁରୁତର

ବସ୍ତା, ୧୪।୨(ହରିଶଙ୍କର ପାଢ଼ୀ)

ବାଲେଶ୍ୱର ୧୬ ନଂ. ଜାତୀୟ ରାଜପଥର ବସ୍ତା ବାଇପାସ୍ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଭୟାବହ ଦୁର୍ଘଟଣା ଘଟିଛି। ଦୁଇଟି ଟ୍ରକ୍ ଧକ୍କା ହେବା ଫଳରେ ଅଗ୍ନିକାଣ୍ଡ ଘଟିଥିଲା। ଏପରିକି ଟ୍ରକ୍ ଦୁଇଟି ହୁତୁହୁତୁ ହୋଇ ଜଳିଯାଇଥିବା ଦେଖିବାକୁ ମିଳିଥିଲା। ଏକ ଇସ୍ପାତ ବୋଝେଇ ଟ୍ରେଲର (ନଂ.ଏନଏଲ୦୧ଏଜେ-୦୬୩୯) ବାଲେଶ୍ୱରରୁ କୋଲକାତା ଅଭିମୁଖେ ଯାଉଥିବା ବେଳେ ଡ୍ରାଇଭରର ଅସାବଧାନତା ଯୋଗୁ ରାସ୍ତାର ଡିଭାଇଡର ପାରି ହୋଇ ଅପରପାର୍ଶ୍ୱରେ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଡବ୍ଲ୍ୟୁବି୨୯ସି-୩୦୮୬) ସହ ଧକ୍କା ହୋଇ ନିଆଁ ଲାଗିଥିଲା। ଖବରପାଇ ବସ୍ତା ଥାନା ପୋଲିସ, ରାଜପଥ ପାଟ୍ରୋଲିଂ ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତ ଅବସ୍ଥାରେ ୨ ଜଣଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ନିଆଯାଇଥିଲା। ବସ୍ତା



ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟାତ ବନ୍ଦ ରହିଥିଲା। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଶନିବାର ଗୋଟିଏ ପାର୍ଶ୍ୱରେ ଯାତାୟାତ କରାଯାଉଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃପିତୃ ପୂଜନ



ପିତୃମାତୃ ପୂଜନ ଉତ୍ସବ।

ବାଲିଆପାଳ, ୧୪।୨(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚଳିତବର୍ଷ ଶନିବାର ବିଦ୍ୟାଳୟ ପରିସରରେ ପିତୃମାତୃ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ତଥା ସାମାଜିକ କର୍ମୀ ଅଜୟ କୁମାର ସାହୁ ଯୋଗଦେଇ ଗୋଟିଏ ଦିନ ମା'ବାପାଙ୍କୁ ପୂଜା କରିବା ପରିବର୍ତ୍ତେ ସବୁଦିନେ ମା'ବାପାଙ୍କୁ ପୂଜା କଲେ ନିଶ୍ଚିତ ଭାବେ ଈଶ୍ୱରପ୍ରାପ୍ତି ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଗୁରୁ ଜଗନ୍ନାଥ ଦେ, ବୀରମାଧବ ଦାସ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ଜେନା ଅତିଥିଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ଆଚାର୍ଯ୍ୟ ଶୁଭ୍ରାଂଶୁ ଶେଖର ଦେ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଆଚାର୍ଯ୍ୟା ସଞ୍ଜୁବାଳା ମହାନ୍ତି, ଅର୍ଚ୍ଚନା ଉପାଧ୍ୟାୟ, ସୁକାନ୍ତି ନାୟକ, ସୁମିତ୍ରା ପ୍ରଧାନଙ୍କ ପରିଚାଳନାରେ ଶିଶୁ ମନ୍ଦିରରେ ଶତାଧିକ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ଏକ ଭକ୍ତିମୟ ପରିବେଶରେ ନିଜ ମାତାପିତାଙ୍କୁ ପୂଜନ କରିଥିଲେ। ଶିଶୁ ମନ୍ଦିର ଆଚାର୍ଯ୍ୟ ରିଆଜ ଖାଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ପୁଲିନ କୁମାର ନନ୍ଦୀ, ବିବେକାନନ୍ଦ ବେହେରା, ଅଶୋକ କୁମାର କର, ଆଚାର୍ଯ୍ୟା ସୁମିତ୍ରା ପ୍ରଧାନ, ବିଷ୍ଣୁପ୍ରିୟା ପାଳ, ଶୁଭଶ୍ରୀ ସାହୁ, ଦୀପ୍ତିଶିଖା ସିଂ, ସୁଚିସ୍ମିତା ମାଝି, ପ୍ରିୟଦର୍ଶିନୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୧୯ରୁ ମା' ମାଟିଆମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାହାନଗା, ୧୪।୨(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତର ଉପରଆଡିଆଠାରେ ଥିବା 'ମା ମାଟିଆମଙ୍ଗଳା'ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦୀର୍ଘ ୫ ଦିନ ଧରି ଅନୁଷ୍ଠିତ ହେବ। ଏହି ପ୍ରତିଷ୍ଠା ଉତ୍ସବ ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ୨୩ ତାରିଖରେ ଉଦ୍‌ଯାପିତ ହେବ। ଏନେଇ ମନ୍ଦିର କମିଟି ପକ୍ଷରୁ ଗୁରୁବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଏହି ମନ୍ଦିର ଦୀର୍ଘ ୫ ବର୍ଷ ଧରି ବିଭିନ୍ନ ବଦାନ୍ୟ ବ୍ୟକ୍ତି ଓ ଗ୍ରାମବାସୀଙ୍କ ସହାୟତାରେ ନିର୍ମାଣ କରାଯାଇଛି। ଏଥିରେ ଆମ ଓଡିଶା ନବୀନ ଓଡିଶା ଯୋଜନାରେ ୫ଲକ୍ଷ ଟଙ୍କା ଗତ ସରକାରରେ ନିର୍ମାଣ ପାଇଁ ପ୍ରଦାନ କରାଯାଇଥିଲା। ସେହିପରି ବର୍ତ୍ତମାନର ବିଧାୟକଙ୍କ ହାତପାଣ୍ଠିରୁ ୫ଲକ୍ଷ ଟଙ୍କା ପ୍ରଦାନରେ ମନ୍ଦିର ନିର୍ମାଣରେ ଲାଗିଛି। ପ୍ରତିଷ୍ଠା ଉତ୍ସବର ପ୍ରଥମ ଦିନ ଅଧିବାସ, ଅଙ୍କୁରାରୋପଣ, ଧାନଧିବାସ, କୁଣ୍ଡଳ ପ୍ରସ୍ତୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୦ ତାରିଖରେ ଅଞ୍ଚଳର ହଜାରରୁ ଊର୍ଦ୍ଧ୍ୱ ମହିଳାମାନଙ୍କ ଦ୍ୱାରା ପୂର୍ଣ୍ଣ କଳସ ଶୋଭାଯାତ୍ରା କରାଯିବ। ମଣ୍ଡପ ପ୍ରବେଶ, ଦେବୀ ସ୍ନାନଶୟନ ଆଦି କାର୍ଯ୍ୟକ୍ରମ ମାନ କରାଯିବାର ନିଷ୍ପତ୍ତି ହୋଇଛି। ଏଥିସହିତ ପ୍ରତ୍ୟେକ ସନ୍ଧ୍ୟାରେ ଧର୍ମଶାସ୍ତ୍ର ଆଲୋଚନା, ପ୍ରବଚନ ଆଦି କାର୍ଯ୍ୟକ୍ରମ କରାଯିବ। ପ୍ରତିଷ୍ଠା ଉତ୍ସବକୁ ପୁରୀ, କାକଟପୁର ଆଦି ବିଭିନ୍ନ ଦେବୀପୀଠ, ମଠମାନଙ୍କରୁ ବହୁ ସାଧୁସନ୍ଥମାନେ ଯୋଗ ଦେବାର କାର୍ଯ୍ୟକ୍ରମ ଅଛି ବୋଲି ଖବରଦାତା ସମ୍ମିଳନୀରେ ମନ୍ଦିରର ସମ୍ପାଦକ ଗଣପତି ରାଉତ ଓ ସଭାପତି କୈଳାସ ଚନ୍ଦ୍ର ରାଉତ ପ୍ରକାଶ କରିଥିଲେ।

# ଖୁସି ଇଲେଭେନ୍ ଷ୍ଟାର ଚାମ୍ପିୟନ

## ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଲଙ୍ଗଳେଶ୍ୱର, ୧୪।୨(କମଳାକାନ୍ତ ଦାସ)

ବାସୁଦେବପୁର ବାବା ବ୍ରଜେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଭୈରବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଦେଉଳା ସରପଞ୍ଚ ସରୋଜ କୁମାର ପିଳା, ଯୁବ ସାମାଜିକ କର୍ମୀ ଶ୍ରୀକାନ୍ତ ନାଥ, ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ ଓ ମନ୍ମଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଫାଇନାଲ ମ୍ୟାଚ୍‌ରେ ଖୁସି ଇଲେଭେନ ଷ୍ଟାର ବାଲିଆପାଳ ସହିତ ଗଣଚକ୍ର ଇଲେଭେନ ଷ୍ଟାର ଦେଭୋଗ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ



ଟ୍ରଫି ସହ ଚାମ୍ପିୟନ ଦଳ।

ଗଣଚକ୍ର ଇଲେଭେନ ଷ୍ଟାର ବ୍ୟାଟିଂ କରି ୧୮୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଖୁସି ଇଲେଭେନ ଷ୍ଟାର ବାଲିଆପାଳ ୬ ଉଇକେଟ ବିନିମୟରେ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। କମିଟିର ସମ୍ପାଦକ ଶୁଭେନ୍ଦୁ ଦାସ, ଉପସଭାପତି ଲିଟୁନ ପାତ୍ର, ସହସମ୍ପାଦକ ଚନ୍ଦନ ଦାସ, କୋଷାଧ୍ୟକ୍ଷ ଦିଗ୍‌ବିଜୟ ବିଶ୍ୱାଳ, ବସନ୍ତ ବାରିକ, ସାମାଜିକ କର୍ମୀ ପ୍ରଦୀପ କାମିଲା, ଜିଏସ୍ ମୁଖ୍ୟ ମଣ୍ଟୁ ଭାଇ, ଅଞ୍ଜନ ମହାନ୍ତି ସ୍କୋର ବୋର୍ଡରେ ଅମିତ୍ ବିଶ୍ୱାଳ, ଶିବୁ ନାରାୟଣ ଜେନା ଓ ମଳୟ ଗିରି ପ୍ରମୁଖ ଯୋଗଦେଇ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ମୁଖ୍ୟଅତିଥି ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# 'ନାରୀ ଶିକ୍ଷିତ ହେଲେ ଦେଶର ପ୍ରଗତି ଘଟେ'

## ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୋଗରାଇ, ୧୪।୨(ପ୍ରଦୀପ ଦାସ)

ନାରୀ କୌଣସି ଗୁଣରେ କମ୍ ନୁହନ୍ତି। ସମାଜରେ ନାରୀ ପୁରୁଷ ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ ହୋଇଥିବା ବେଳେ ପୁରୁଷ ପ୍ରଧାନ ଦେଶରେ ନାରୀଙ୍କ ସମାନ ଅଧିକାର ରହିଛି। ନାରୀ ଶିକ୍ଷିତା ହେଲେ ପରିବାର ଶିକ୍ଷିତ ହୁଏ ବୋଲି ଶୁକ୍ରବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ମହିଳା ମହାବିଦ୍ୟାଳୟର ୧୫ତମ ବାର୍ଷିକ ସମାରୋହରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଶିକ୍ଷାବିତ୍ ପଙ୍କଜାକ୍ଷ ପଣ୍ଡାଙ୍କ ପୌରୋହିତ୍ୟରେ ଅଧ୍ୟାପିକା ଦୀପିକା ମହାନ୍ତି ପରିଚାଳିତ ଉତ୍ସବ ମଞ୍ଚ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଆହ୍ୱାନ କରିଥିଲେ। ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଧ୍ୟାପିକା ଜ୍ୟୋତିସ୍ମିତା ସାମଲ ଓ ଅଧ୍ୟାପକ ବିମଳ ଚନ୍ଦ୍ର ନନ୍ଦୀ ମତ ପ୍ରକାଶ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଅବିନାଶ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ମୁଖ୍ୟବକ୍ତା ଭାବେ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଭୋଗରାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନାରାଣୀ ଭଞ୍ଜ, ଜିଲାପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସରପଞ୍ଚ ସୁଷମା କର ପ୍ରମୁଖ ନାରୀ ଶିକ୍ଷିତା ହେଲେ ଦେଶ ଜାଗିବ ଓ ପ୍ରଗତି ଘଟିବ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର କୃତୀ ଛାତ୍ରୀମାନଙ୍କୁ ବିଭିନ୍ନ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ମୋନାଲିସା ମହାନ୍ତି ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟାନୁଷ୍ଠାନ ନ ହେଲେ ଥାନା ଆଗରେ ଧାରଣା

## ଏସ୍‌ପିଙ୍କୁ ଭେଟିଲେ ଅଞ୍ଚଳବାସୀ

ବାରିପଦା/ବୈଶିଙ୍ଗା,୧୪।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ/ ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ପୋଲିସର କାର୍ଯ୍ୟକଳାପକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଞ୍ଚଳରେ ଚୋରି, ଡକାୟତି, ଛିନତାଇ ଭଳି ଘଟଣା ଦିନକୁ ଦିନ ବଢ଼ି ଚାଲିଛି। ନ୍ୟାୟ ଦେବା ପରିବର୍ତ୍ତେ ମିଥ୍ୟା ମାମଲାରେ ଯୋଡ଼ି ଲୋକଙ୍କୁ ହଇରାଣ ହରକତ କରାଯାଉଥିବା ଓ ବିଭିନ୍ନ ସ୍ଥାନରୁ ବଟି ଆଦାୟ ସହ ନିଶା କାରବାରକୁ ପୋଲିସ ପ୍ରୋତ୍ସାହନ ଦେଉଥିବାରୁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଲୋକେ ଅଭିଯୋଗ କରିଛନ୍ତି। କଂଗ୍ରେସ ନେତ୍ରୀ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟା ମାଧବୀ ସେନାପତିଙ୍କ ନେତୃତ୍ୱରେ ୮/୧୦ ଖଣ୍ଡ ଗ୍ରାମର ଜନସାଧାରଣ ଏକତ୍ରୀତ ହୋଇ ଗୁରୁବାର ମୟୂରଭଞ୍ଜ ଜିଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଓ ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ସୁଶ୍ରୀ ମୀନତି ବିଶ୍ୱାଳଙ୍କୁ ଭେଟି ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାରିବା ସହିତ ଅପାରଗ ଥାନାଧିକାରୀ, ଏଏସ୍‌ଆଇ ଶୁଭ୍ରାଂଶୁ ଶେଖର ରାଉଳ, କନଷ୍ଟେବଳ ନିତାଂଶୁ ଦତ୍ତ ଏବଂ ହୋମଗାର୍ଡ ତପନ ଜେନାଙ୍କୁ ନିଲମ୍ବନ କରିବା ପାଇଁ ଦାବି ଜଣାଇଛନ୍ତି। ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ମୟୂରଭଞ୍ଜ ଜିଲାପାଳ, ପୋଲିସ ଡିଜି, ଆଇଜି, ବେତନଟୀ ଏସ୍‌ଡିପିଓଙ୍କ ଅବଗତି ନିମନ୍ତେ ମଧ୍ୟ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ବୈଶିଙ୍ଗା ଥାନା ଅଞ୍ଚଳରେ ପ୍ରତିଦିନ ଚୋରି, ଡକାୟତି ଭଳି ଘଟଣା ଲୋକଙ୍କ ନିଦ ହଜାଇ ଦେଇଛି। ଅଭିଯୁକ୍ତମାନେ ପୋଲିସ ଆଖିରେ ଧୂଳି ଦେଇ ସହଜରେ ଅପରାଧ ଘଟାଇ ଖସି ଯିବାରେ ସକ୍ଷମ ହେଉଛନ୍ତି। ଏପରିକି ଅଞ୍ଚଳ ଦେଇ ପ୍ରତିଦିନ ଚୋରା ଲଘୁ ଖଣିଜ ଦ୍ରବ୍ୟ ଅବାଧରେ ଚାଲାଣ ହେଉଥିବା ବେଳେ ବେଆଇନ ମଦ ବ୍ୟବସାୟୀମାନେ ଖୁଲମଖୁଲା ବେପାର ଚଳାଉଛନ୍ତି। ନିଶା କାରବାର କରୁଥିବା ବ୍ୟକ୍ତିଙ୍କଠାରୁ ପୋଲିସ ମୋଟା ଅଙ୍କର ବଟି ଆଦାୟ କରୁଥିବା ବେଳେ ଟୋଲ ଗେଟ୍‌ରେ ଡ୍ରାଇଭରମାନଙ୍କଠାରୁ ଟଙ୍କା ଆଦାୟ କରିବା ଭଳି ଘଟଣା ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି। ଥାନା ବାହାରେ ଲାଗିଥିବା ସିସି କ୍ୟାମେରାକୁ ଅଚଳ କରିବା, ନୀରିହ ଲୋକଙ୍କ ନାମରେ ଡ୍ରଙ୍କେନ ଡ୍ରାଇଭ କେଶ ରୁଜୁ କରିବା, ସୂଚନା ଅଧିକାର ଆଇନ ବଳରେ ଥାନା ବାହାରେ ଲାଗିଥିବା ସିସି କ୍ୟାମେରା ଫୁଟେଜ ନ ମିଳିବା. ବେଆଇନ ବାଣ ବ୍ୟବସାୟୀଙ୍କୁ ଧରି ମୂଳଚାଲ କରି ଛାଡ଼ିବା, ନିର୍ଦ୍ଦୋଷରେ ଡକାୟତି ଘଟଣାରେ ଜଡିତ କରିବା, ନାବାଳିକାଙ୍କୁ ଦୁର୍ବ୍ୟବହାର ଘଟଣାରେ ପୋକ୍‌ସୋ ଆକ୍ଟ ରୁଜୁ ନ କରିବା ଭଳି ଅନେକ ଘଟଣା ପୋଲିସ କରୁଥିବାରୁ ଅସନ୍ତୋଷ ଉଗ୍ରରୂପ ଧାରଣ କରିଛି। ସେହିପରି ଦୁଇଟି ଡକାୟତି ଘଟଣାରେ ପୋଲିସର ପାରିବାପଣିଆ ଜଣାପଡ଼ିବା ପରେ କ୍ରାଇମବ୍ରାଞ୍ଚ ଦ୍ୱାରା ଘଟଣାର ତଦନ୍ତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ସେହିପରି ଥାନାର ଜଣେ ଏଏସ୍‌ଆଇ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଜଗତ ଜୀବନ ସେନାପତି ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ ପୋଲିସ ଅପରାଧ ଓ ଅପରାଧିଙ୍କୁ ରୋକିବା ପରବର୍ତ୍ତେ ସେମାନଙ୍କୁ ପ୍ରଶ୍ରୟ ଦେବା ଦ୍ୱାରା ଲୋକେ ନିଜକୁ ଅସୁରକ୍ଷିତ ମଣୁଥିବା ମାଧବୀ ସେନାପତି,ସନ୍ତୋଷ କୁମାର ସେନାପତି, ସୁଶୀଲ କୁମାର ନାୟକ, ବନମାଳୀ ସାହୁ, କିଶୋର ଚନ୍ଦ୍ର ସେନାପତି, ରାକେଶ କୁମାର ପ୍ରଧାନଙ୍କ ସମେତ ଶତାଧିକ ଲୋକ ଅଭିଯୋଗ କରିଛନ୍ତି।



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା କଂଗ୍ରେସ ନେତ୍ରୀ ଓ ଅଞ୍ଚଳବାସୀ।



ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ କୃଷିବିଭାଗର ଝାରପୋଖରିଆ (ବମ୍ଫେଛକ)ଠାରେ ଥିବା ବିହନ ବିକ୍ରୟ କେନ୍ଦ୍ରରେ ଚାଷୀଙ୍କ ନିମନ୍ତେ ଆସିଥିବା ଡୋଲୋମାଇଟ ଚାଷୀଙ୍କୁ ବିତରଣ କରା ନ ଯାଇ ଖତ ଖାଉଛି। (ଫଟୋ- ସୁଧୀର କୁମାର ମହାନ୍ତ)।

## ଉଦଳାର ସୁଖମଣି ସୋରେନ ଜାତୀୟସ୍ତରରେ ପୁରସ୍କୃତ

ଉଦଳା,୧୪।୨(ସନ୍ତୋଷ କୁମାର ବାଛିନୀ)

ହସ୍ତତନ୍ତରେ ବୁଣାବୁଣି କରି ଜାତୀୟସ୍ତରରେ ସମ୍ମାନୀତ ହୋଇଛନ୍ତି ଉଦଳା ବ୍ଲକ ଅନ୍ତର୍ଗତ ସୋନପୋଖରୀ ଗ୍ରାମର ସୁଖମଣି ସୋରେନ। କ୍ରାଫ୍ଟ କାଉନସିଲ ଅଫ ତେଲେଙ୍ଗାନା ପକ୍ଷରୁ ତାଙ୍କୁ ଯୁବ ବୁଣାକାର ଭାବେ ସମ୍ମାନୀତ କରାଯାଇଛି। ହସ୍ତତନ୍ତ କ୍ଷେତ୍ରରେ ସର୍ବଭାରତୀୟସ୍ତରରେ ଏଭଳି ସଫଳତା ପାଇ ସେ ଖୁବ ଆନନ୍ଦିତ ବୋଲି କହିଛନ୍ତି। ଏନେଇ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।

ସୁଖମଣିଙ୍କ ବାପା ଆରପାରିକୁ ଚାଲିଗଲାପରେ ସେ ତାଙ୍କ ମା' ଙ୍କ ସହ ରହୁଛନ୍ତି । ସେ ବର୍ତ୍ତମାନ ମୌନଧ୍ୱନି ଫାଉଣ୍ଡେସନର ଚୁଲିଆପୋଷି ହସ୍ତତନ୍ତ କେନ୍ଦ୍ରରେ ସାନ୍ତାଳୀ ଶାଢ଼ି ଏବଂ ମୟୂରଭଞ୍ଜ ଶାଢ଼ି ବୁଣାବୁଣି କରି ଅର୍ଥ ଉପାର୍ଜନ କରି ପରିବାର ଚଳାଉଛନ୍ତି । ପରିବାରରେ ଆଗରୁ କେହି ବୁଣାବୁଣି ଶିଖି ନ ଥିଲେ ମଧ୍ୟ ଆଜି ସେ ସେଥିରେ ନିଜର ଦକ୍ଷତା ପ୍ରତିପାଦିତ କରିପାରିଛନ୍ତି। ପ୍ରତିଦିନ ସେ ୨୫ କି.ମି. ସାଇକେଲ ଚାଳନା କରି ବୁଣାବୁଣି କରନ୍ତି। ଆନ୍ତରିକତା, ନିଷ୍ଠା ଏବଂ ପରିଶ୍ରମ ବଳରେ ସେ ଏବେ କୁଶଳୀ ବୁଣାକାର ଭାବରେ ଖ୍ୟାତି ଅର୍ଜନ କରିଛନ୍ତି। ଆର୍ଥିକ ଅନଟନ ମଧ୍ୟରେ ମଧ୍ୟ ସେ ବାହାରକୁ ଗୋଡ଼ କାଢ଼ି ହସ୍ତତନ୍ତରେ ସଫଳତା ହାସଲ କରିଛନ୍ତି। ଏହି ପୁରସ୍କାର ତାଙ୍କୁ ଆଗକୁ ଆହୁରି ସୁନ୍ଦର ଡିଜାଇନର ଶାଢ଼ିବୁଣିବାକୁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ଏହି ସଫଳତାର ଶ୍ରେୟ ସେ ତାଙ୍କର ମା' ଏବଂ ମୌନଧ୍ୱନି ଫାଉଣ୍ଡେସନର ମୁଖ୍ୟ ବିନ୍ଦୁ ବିନୋଦଙ୍କୁ ଦେଇଛନ୍ତି।



ସୁଖମଣି ସୋରେନଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ସାନଚାଟରାରେ ବିଶାଳ ହିନ୍ଦୁ ସମ୍ମିଳନୀ

ଝାରପୋଖରିଆ,୧୪।୨(ସୁଧୀର କୁମାର ମହାନ୍ତ)- ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ବ୍ଲକସ୍ତରୀୟ ବିଶାଳ ହିନ୍ଦୁ ସମ୍ମିଳନୀ ଶୁକ୍ରବାର ଶୀର୍ଷା ପଞ୍ଚାୟତ ଅନ୍ତର୍ଗତ ସାନଚାଟରାସ୍ଥିତ ମା' ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବିଭାଗ ପରିଚାଳକ ତପନ କୁମାର ନାଏକ, ସାରସକଣା ପ୍ରତିଭା ବିକାଶ କେନ୍ଦ୍ର ମହିଳା ସମିତି ସଦସ୍ୟା ସୁନନ୍ଦା ଦାସ, ପ୍ରଖଣ୍ଡ ବିଶ୍ୱ ହିନ୍ଦୁ ପରିଷଦ କ୍ରାନ୍ତିୟ ସତ୍‌ସଂଘ ପ୍ରମୁଖ ହରିହର ତ୍ରିପାଠୀ ପ୍ରମୁଖ ଯୋଗଦେଇ ହିନ୍ଦୁ ସଂସ୍କାର, ନାଗରିକ କର୍ତ୍ତବ୍ୟବୋଧ, ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ,ପରିବେଶ ସଂରକ୍ଷଣ ଉପରେ ଧାର୍ମିକ ଅନୁଷ୍ଠାନରେ ଯୋଗ ଦେଇଥିବା ପ୍ରାୟ ୫୦୦Fରୁ ଊର୍ଦ୍ଧ୍ୱ ହିନ୍ଦୁ ମହିଳା ପୁରୁଷ ଜନସାଧାରଣଙ୍କୁ ଦିଗଦର୍ଶନ ଦେଇଥିଲେ।

## ଘରେ ପଶି ଲୁଟିନେଲେ ସୁନା ଗହଣା

ମୋରଡ଼ା / ରାସଗୋବିନ୍ଦପୁର,୧୪।୨ (ସ୍ମାରକ ମାଜୀ/ ସତ୍ୟବାଦୀ ପରିଡ଼ା)- ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜାସ୍ଥିତ ଆଲାଦି ଟୁଡୁଙ୍କ ଘରୁ ଦୁର୍ବୃତ୍ତମାନେ ଲୁଟ କରିଛନ୍ତି। ସୂଚନା ମୁତାବକ, ଆଲାଦି ତାଙ୍କ ପରିବାର ଲୋକଙ୍କ ସହିତ ଶନିବାର ପୂର୍ବାହ୍ନ ୧୦ଟାରେ ଡ୍ରେସ କିଣିବା ପାଇଁ ମାର୍କେଟକୁ ଯାଇଥିଲେ। ତେବେ ଘରକୁ ଫେରିବା ସମୟରେ ଆଲାଦିଙ୍କ ଘର ସମ୍ମୁଖରେ ଏକ କାର ଛିଡା ହୋଇଥିଲା। ଆଲାଦି ଘର ଫାଟକ ନିକଟରେ ପହଞ୍ଚିବା ବେଳକୁ ଘର ଭିତରୁ ଅନ୍ୟ ଦୁଇ ଜଣ ଯୁବକ ବାହାରି କାରରେ ଚମ୍ପଟ ମାରିଥିଲେ। ଆଲାଦି ଘର ଭିତରକୁ ଯାଇ ଦେଖିଲା ବେଳକୁ ଦୁର୍ବୃତ୍ତମାନେ ଘରୁ ୨ଟି ସୁନା ଚେନ, ଗୋଟିଏ ମଙ୍ଗଳସୂତ୍ର, ୩ହଳ ସୁନା କାନଫୁଲ, ଚାରି ହଳ ପାଉଁଜିକୁ ମିଶାଇ ମୋଟ ୧୨ଲକ୍ଷ ଟଙ୍କାର ଜିନିଷ ଚୋରି କରି ନେଇଛନ୍ତି।

## ପୁଲ୍‌ଓ୍ୱାମା ଘଟଣାରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ବାରିପଦା,୧୪।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କଳା ଦିବସ ଅବସରରେ ଭଞ୍ଜସେନା ପକ୍ଷରୁ ପୁଲଓ୍ୱାମାରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ହୀଦମାନଙ୍କ ବଳିଦାନ କେବେ ଭୁଲି ହେବନାହିଁ,ବୀର ଶହୀଦମାନେ ସଦାସର୍ବଦା ଅମର ରହିବେ ବୋଲି ଭଞ୍ଜସେନା କର୍ମକର୍ତ୍ତାମାନେ କହିଛନ୍ତି। ଭଞ୍ଜସେନା ଜିଲା ସଂଯୋଜକ ସାମନ୍ତ ଶେଖର ପାଲଙ୍କର ନେତୃତ୍ୱରେ ଶନିବାର ସନ୍ଧ୍ୟାରେ ବାରିପଦା କଲେଜ ସମ୍ମୁଖରେ ସଂଗଠନର ଯୁବ ଛାତ୍ର ସଂଗଠକଙ୍କ ସହିତ ଅନେକ କଲେଜର ଛାତ୍ରୀଛାତ୍ର କ୍ୟାଣ୍ଡେଲ ଜାଳି ବୀର ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ପିଣ୍ଟୁ ମାଇତି, ଆବାହକ ରାକେଶ ବେହେରା, ଦେବାଶିଷ ଦାସ, ଦିବ୍ୟଜ୍ୟୋତି ରାଉତ, ମିଳନ ମହାନ୍ତି, ବାପୁନ ସେନାପତି, ସଞ୍ଜୟ ବେହେରା ପ୍ରମୁଖ ସାମିଲ ହୋଇଥିଲେ ବୋଲି ଜଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ମହାଶିବରାତ୍ରି ପାଇଁ ଘଟ ଉତ୍ତୋଳନ

ବାରିପଦା,୧୪।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ତକତପୁରସ୍ଥିତ ବାବା ପାତାଳେଶ୍ୱର ମନ୍ଦିରରେ ୩୯ ତମ ମହାଶିବରାତ୍ରି ପାଳନ ଅବସରରେ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶନିବାର ଅପରାହ୍ନରେ ନିକଟସ୍ଥ ଜଳାଶୟଠାରେ ପୂଜାବିଧିୖ ପରେ ୨୫ ଜଣ ମହିଳା କଳସ ଯାତ୍ରାରେ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ଯାତ୍ରାରେ ମନ୍ଦିର ପରିଚାଳନା କମିଟିର ସଭାପତି ସୋମନାଥ ସିଂହ, ଉପ ସଭାପତି ଡ. ନିରୋଜ କୁମାର ପୋଥାଳ ଓ ସୁଜିତ କୁମାର ସାହୁ, କାର୍ଯ୍ୟାଳୟ ସମ୍ପାଦକ ଗଦାଧର ଭଦ୍ର, କୋଷାଧ୍ୟକ୍ଷ ସୁମିତା ପ୍ରସାଦ, ସହ କୋଷାଧ୍ୟକ୍ଷ ଅମ୍ବିକା ମହାନ୍ତ, ମହିଳା ସମ୍ପାଦକ ଛବିରାଣୀ ଧଳ, ସଦସ୍ୟ ଡ. ଅସୀମ ଚକ୍ରବର୍ତ୍ତୀ, ଚିତ୍ତରଞ୍ଜନ ସ୍ୱାଇଁ, ହିମାଂଶୁ ପ୍ରହରାଜ ତଥା ବାରିପଦା ମହାବିଦ୍ୟାଳୟର ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ରବିବାର ମନ୍ଦିର ପରିସରରେ ଜିଲା ତଥା ରାଜ୍ୟ ବାହାରୁ ଶତାଧିକ ମହିଳା ଶ୍ରଦ୍ଧାଳୁ ପରିବାର ପାଇଁ ଶୁଭ ମନାସି ଜାଗର ଦୀପ ଜାଳିବେ ବୋଲି ପୂଜକ ଶ୍ରୀନିବାସ ପ୍ରସାଦ ଜଣାଇଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଗଣିତ ଦୌଡ଼, ଝୋଟି, ମ୍ୟୁଜିକ ଚେୟାର, ନୃତ୍ୟ ଓ ମା' ମାଉସୀଙ୍କ ଶଙ୍ଖଫୁଙ୍କା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଶନିବାର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ବଳରାମ ନାଥ ଜଣାଇଛନ୍ତି।

## ଢାବାରେ ବୁଲିଲା ଖଣ୍ଡା, ଭୁଜାଲି

ବୈଶିଙ୍ଗା,୧୪।୨(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ପୋଲିସ ୮ କୁଖ୍ୟାତ ଆନ୍ତଃରାଜ୍ୟ ଡକାୟତଙ୍କୁ କୋର୍ଟ ଚାଲାଣ କରିବାର ୨୪ ଘଣ୍ଟା ମଧ୍ୟରେ ପୁଣି ୮ ଅପରାଧୀ ଏକ ଢାବାରେ ଆତଙ୍କରାଜ ସୃଷ୍ଟି କରିଛନ୍ତି।

ସୂଚନା ମୁତାବକ, ଶୁକ୍ରବାର ରାତି ଗୋଟାଏ ସମୟରେ ୧୮ ନଂ. ଜାତୀୟ ରାଜପଥର ଖଇରବଣି ନିକଟରେ ଥିବା ରୟାଲ ଢ଼ାବାରେ ଡକାୟତି ଉଦ୍ଦେଶ୍ୟରେ ୩ଟି ବାଇକ୍ ଓ ୨ଟି ସ୍କର୍ପିଓ ଗାଡ଼ିରେ ପହଞ୍ଚିଥିଲେ ୮ଜଣ ଅଜ୍ଞାତ ଯୁବକ। ସେମାନେ ପ୍ରଥମେ ଢାବାରେ ଖାଇଥିଲେ। ସେତିକିବେଳେ ପୋଲିସ ପାଟ୍ରୋଲିଂ ଟିମ୍ ସହ ପହଞ୍ଚିଥିଲେ ଏସ୍‌ଆଇ ଇତିଶ୍ରୀ ସାହୁ। ଯୁବକଙ୍କୁ ପଚରାଉଚରା କରିବାରୁ ସେମାନେ ବାଲେଶ୍ୱର ଟାଉନରୁ ଆସିଛନ୍ତି ଓ ଖାଇସାରି ଫେରିଯିବେ ବୋଲି କହିଥିଲେ। ତେବେ ପୋଲିସ ଟିମ୍ ଚାଲିଯିବା ପରେ ହଠାତ ହୋଟେଲ ମାଲିକ ରାଜେନ୍ଦ୍ର ହାତୀ ଓ କର୍ମଚାରୀଙ୍କୁ ତେଲେଙ୍ଗା କଟୁରି, ଖଣ୍ଡା , ଭୁଜାଲି ଓ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଟଙ୍କା ନ ଦେବାରୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏହାପରେ କ୍ୟାସ ବାକ୍ସରେ ଥିବା ନଗଦ ୧୮୦୦୦ ଟଙ୍କା, ହୋଟେଲ ମାଲିକଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେଇଥିଲେ। ଚିତ୍କାର ଶୁଣି ପାଖଆଖ ଦୋକାନୀମାନେ ଧାଇଁ ଆସିଥିଲେ। ଗୋଡ଼ାଇ ଜଣଙ୍କୁ ମାଡ଼ି ବସିଥିଲେ ହେଁ ଅନ୍ୟମାନେ ଅନ୍ଧାରରେ ଖସି ଯାଇଥିଲେ। ଖବରପାଇ ବୈଶିଙ୍ଗା ପୋଲିସ ପହଞ୍ଚି ବାଲେଶ୍ୱର ସହର ଆକତପୁର ଅଞ୍ଚଳର ବିଜୟ ଦାସଙ୍କ ପୁଅ କ୍ଷିତିଶ ଓ ଅନ୍ୟମାନେ ଛାଡ଼ି ପଳାଇଥିବା ସ୍କର୍ପିଓ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୬୮/୨୬) ରୁଜୁ କରିଛି। ତେବେ ଧରାପଡ଼ିଥିବା ଅଭିଯୁକ୍ତଙ୍କ ନିକଟରୁ ସୂଚନାପାଇ ରାତି ତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବାଲେଶ୍ୱର ଜିଲା ବାଲିଆ ଅଞ୍ଚଳର ଶ୍ରୀକୃଷ୍ଣ ମହାନ୍ତିଙ୍କ ପୁଅ ସୁରଜ, ସିଂଲା ଅଞ୍ଚଳର ଇଡଦା ଗ୍ରାମର ଧନଞ୍ଜୟ ମହାନ୍ତିଙ୍କ ପୁଅ ଅକ୍ଷତ, ସାହୁପଡା ଗ୍ରାମର ଭରତ ସ୍ୱାଇଁଙ୍କ ପୁଅ ରତିକାନ୍ତଙ୍କୁ ଗିରଫ କରି ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ନିକଟରୁ ତେଲେଙ୍ଗା କଟୁରି, ଛୁରି, ଭୁଜାଲି, ୪ଟି ଦାମି ମୋବାଇଲ, ୩ଟି ବାଇକ, ଗୋଟିଏ ସ୍କର୍ପିଓ ଗାଡ଼ି ଜବତ କରାଯାଇଛି। ଫେରାରଥିବା ଆଉ ୪ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବାରିଣୀ ଦାସ କହିଛନ୍ତି।

## ଜଙ୍ଗଲରୁ ନବଜାତ ଶିଶୁ କନ୍ୟା ଉଦ୍ଧାର

ଗୋପବନ୍ଧୁ ନଗର, ୧୪।୨ (ଶାନ୍ତନୁ କୁମାର ମଢୁଆଳ)

ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ କୁସୁମିଆ ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରୁ ଏକ ନବଜାତ ଶିଶୁ କନ୍ୟାକୁ ଶନିବାର ସକାଳେ ଜଣେ ସ୍ଥାନୀୟ ଲୋକ ଉଦ୍ଧାର କରିଛନ୍ତି। ଶିଶୁ କନ୍ୟାଟି ଗତ ରାତିରେ ଜନ୍ମ ହେବା ପରେ ତାକୁ କେହି ଜଙ୍ଗଲ ମଧ୍ୟରେ ଫିଙ୍ଗି ଦେଇ ପଳାଇ ଯାଇଥିବା ଅନୁମାନ କରାଯାଉଛି। ତେବେ ସକାଳେ ସେହି ବାଟ ଦେଇ ଶୌଚ ହେବାକୁ ଯାଉଥିବା ବେଳେ ଏକ ଶିଶୁର କ୍ରନ୍ଦନ ଶୁଣି ବ୍ୟକ୍ତି ଜଣଙ୍କ ଅକ୍ଷତ ଅବସ୍ଥାରେ ତାକୁ ଘରକୁ ଆଣିଥିଲେ। ପରେ ଅଙ୍ଗନୱାଡି କର୍ମୀ ବାସନ୍ତୀ ସିଂଙ୍କ ତତ୍ତ୍ୱାବଧାନରେ କୁଆମରା ଡାକ୍ତରଖାନାକୁ ଅଣାଯାଇଥିଲା। ଖବରପାଇ ଗୋପବନ୍ଧୁ ନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ସହାୟତାରେ ଶିଶୁକୁ ଜିଲା ଶିଶୁ କଲ୍ୟାଣ ସମିତିକୁ ହସ୍ତାନ୍ତର କରାଯାଇଛି।

## ଦ୍ୱାରଶୁଣୀ ଘାଟିରୁ ଖସିଲା ପଥର, ୨ ଗୁରୁତର

ବାଙ୍ଗିରିପୋଷି,୧୪।୨(ସଞ୍ଜୟ ଅଗ୍ରୱାଲା)- ବାଙ୍ଗିରିପୋଷି ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟପାଇଁ ବେପରୁଆ ଭାବେ ପଥର ଖନନ ଚାଲୁଥିବା ବେଳେ ଶନିବାର ଏକ ବିରାଟକାୟ ପଥର ରାସ୍ତା ଉପରକୁ ଖସିପଡ଼ିଥିଲା। ସେହି ସମୟରେ ବିଶୋଇ ପଟୁ ଏକ ବାଇକ୍ ଯୋଗେ ଦୁଇଜଣ ବାଙ୍ଗିରିପୋଷି ଆଡ଼କୁ ଆସୁଥିବାବେଳେ ପଥରରେ ମାଡ଼ ହୋଇ ଗୁରୁତର ହୋଇଛନ୍ତି। ବାଇକ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଯାଇଛି। ବାଇକ୍‌ଆରୋହୀ ମହାରାଷ୍ଟ୍ରର ହର୍ଣ୍ଣିଥାନା ଅନ୍ତର୍ଗତ ଭଣ୍ଡାରୀ ଅଞ୍ଚଳର ଭଗବାନ ଗଙ୍ଗାଜୀ ସୱରୀ (୪୨), ଭଗବାନ ଚମ୍ପନଶ୍ୱରୀ (୪୫)ଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ପଥର ଖସି ଭାଙ୍ଗିରୁଜି ଯାଇଥିବା ବାଇକ୍।

## ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

ଝାରପୋଖରିଆ,୧୪।୨(ସୁଧୀର କୁମାର ମହାନ୍ତ)

ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗ ପତ୍ର ସଂଖ୍ୟା ୧୮୪/୨୯।୧।୨୦୨୬ ଅନୁଯାୟୀ ସମଗ୍ର ଶିକ୍ଷା ମୟୂରଭଞ୍ଜଙ୍କ ନିର୍ଦ୍ଦେଶରେ ସାରସକଣା ବ୍ଲକସ୍ତରୀୟ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ୧୬ଟି କ୍ଲଷ୍ଟରର ୬୬ଟି ବିଦ୍ୟାଳୟରୁ ମୋଟ ୭୦୦ ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ପ୍ରଥମରେ ଝାରପୋଖରିଆ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ଶିବିରରେ ରଜାଲୋକା , ଝାରପୋଖରିଆ, ଭୁରୁଷାନି, ପାରେଶ୍ୱର୍ ଓ ପଡ଼ାସିଆ କ୍ଲଷ୍ଟରର ୨୧ଟି ବିଦ୍ୟାଳୟର ୧୮୦ଜଣ , ୨ୟରେ ମା' ସୁଭଦ୍ରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶିବିରରେ ଦିଘି, ଜରକି, ଯୋକା, ପୋଖରଡିହା, ସାରସକଣା, ବାଗବୁଡା ଓ ଖେରଣା ପ୍ରଭୃତି ୭ଗୋଟି କ୍ଲଷ୍ଟର ର ୨୨ ଗୋଟି ବିଦ୍ୟାଳୟର ୨୦୫ ଜଣ, ୩ୟରେ ଶୀର୍ଷା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିବିରରେ ସାନଚାଟରା ଓ ମୁରୁଣିଆଁ ପ୍ରଭୃତି ଦୁଇ କ୍ଲଷ୍ଟରର ୧୩ଟି ବିଦ୍ୟାଳୟର ୧୭୫ ଜଣ ଏବଂ ଧାଙ୍ଗୁଡିଶୋଳ ପରମେଶ୍ୱର ପାଣିଗ୍ରାହୀ ଉଚ୍ଚ ବିଦ୍ୟାଳୟ ଶିବିରରେ ଧାଙ୍ଗୁଡିଶୋଳ ଓ ଜାଲଦା ପ୍ରଭୃତି ୨ଟି କ୍ଲଷ୍ଟରର ୧୦ ବିଦ୍ୟାଳୟର ୧୭୦ ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ୨୨୮ ଜଣଙ୍କୁ ମାଗଣା ଚଷମା ପ୍ରଦାନ ଓ ୨୫ ଜଣଙ୍କୁ ଉଚ୍ଚସ୍ତରୀୟ ଚକ୍ଷୁ ପରୀକ୍ଷା ନିମନ୍ତେ ଜିଲାସ୍ତରୀୟ ଅଧିକାରୀଙ୍କୁ ସୂଚନା ଅବଗତ କରାଯାଇଛି। ଶିବିରରେ ବାରିପଦା ପିଆର୍‌ଏମ୍ ମେଡିକାଲର ଚକ୍ଷୁ ବିଶେଷଜ୍ଞ ଡ. ଆଦିତ୍ୟ କୁମାର ପାତ୍ର, ଡ. ସାହିଲ କୁମାର ମହାନ୍ତ, ଡ. ନୂତନ ମହାନ୍ତ,ଡ. ଜୟନ୍ତୀ ସୁର ଓ ଡ.ସୁଚିସ୍ମିତା ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିବାବେଳେ ଶିବିରକୁ ବ୍ଲକ ଅନ୍ତର୍ନିବେଶୀ ଗୋଷ୍ଠୀ ସମ୍ବଳ ଶିକ୍ଷକ ହର ମୋହନ ଆରଣ, ଚନ୍ଦ୍ରମୋହନ ମାରାଣ୍ଡି ପରିଚାଳନାରେ ସହଯୋଗ କରିଥିଲେ।



ଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

## ମାତୃପିତୃ ପୂଜନ ସମାରୋହ

### ବିବେକାନନ୍ଦ ଶିକ୍ଷାକେନ୍ଦ୍ର

ବଡ଼ସାହି,୧୪।୨(ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଶନିବାର ମାତୃ ପିତୃ ପୂଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଡ. କୁମାର ବାବୁଲି ସଭାପତିତ୍ୱ କରିଥିଲେ। ପ୍ରଥମେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତି ରାଉତ ପିଲାମାନଙ୍କୁ ଆଜିର ଦିବସରେ ପିତାମାତାଙ୍କୁ କାହିଁକି ପୂଜା କରିବା ଆବଶ୍ୟକ, ଭାରତୀୟ ସଂସ୍କୃତିରେ ଏହାର ଉପାଦେୟତା କ'ଣ ରହିଛି ସେ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଅନ୍ୟତମ ବକ୍ତା ଭାବେ ଦୀପକ କୁମାର ଦାସ, ମଳୟ ମଞ୍ଜରୀ ରଥ, କାର୍ତ୍ତିକ ସେଠୀ, ସୋନକ୍ସି ଦଣ୍ଡପାଟ, ସୌମ୍ୟରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ମାତାପିତା ହେଉଛନ୍ତି ଜୀବନ୍ତ ଦେବତା, ତାଙ୍କୁ ପ୍ରଣାମ କରିବା ଓ ତାଙ୍କ ପାଦ ସେବା କଲେ ଅଶେଷ କଲ୍ୟାଣ ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ। କେହି ମାତା ପିତାଙ୍କୁ ହତାଦର ନ କରି ସାରା ଜୀବନ ସେବା କରିବା ଓ ବୃଦ୍ଧାବସ୍ଥାରେ ତାଙ୍କର ଆଶାବାଡ଼ି ହୋଇ ସହାୟତା ପ୍ରଦାନ କରିବା ଲାଗି ସମସ୍ତ ପିଲାମାନେ ଶପଥ ଗ୍ରହଣ କରିଥିଲେ। ୧୦ ଜଣ ପିତା ଓ ଆଠଜଣ ମାତାଙ୍କୁ ପିଲାମାନେ ଓଡ଼ିଆ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ସୌଭାଗ୍ୟବତୀ ରାଉତ, ବୀଣାପାଣି ବାରିକ, ରଣଜିତ ମହାନ୍ତି, ରୀନା ଷଡ଼ଙ୍ଗୀ, ଆକାଶ ନାୟକ, ମଧୁସ୍ମିତା ଦଳେଇ, ଗୋବିନ୍ଦ ହେମ୍ବ୍ରମ, ଜାହ୍ନବୀରାଣୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅଭିଭାବକଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

# ଜେଲ ଫେରନ୍ତାଙ୍କୁ ହତ୍ୟା, ରାସ୍ତା ପାର୍ଶ୍ୱରୁ ମିଳିଲା ମୃତଦେହ

## ୨୦୨୨ରେ ମା'ଙ୍କୁ ହତ୍ୟା କରି ଜେଲ ଯାଇଥିଲେ

ଛେଣ୍ଡିପଦା,୧୪।୨ (ଅଜିତ ଧଳ)


ମୃତଦେହ ପଡ଼ିଥିବା ସ୍ଥାନରେ ପୋଲିସ ତଦନ୍ତ କରୁଛି।

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଭେଜିଡିହ ଗାଁ ନିକଟସ୍ଥ ୧୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଶୁକ୍ରବାର ରାତି ୯ଟାରେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ମୃତକ ହେଲେ ବାଗଡ଼ିଆ ଗାଁ ଦେହୁରୀ ସାହିର ତୁଷାରକାନ୍ତ ଦେହୁରୀ (୨୮)। ତୁଷାର ୨୦୨୨ ମସିହାରେ ମା'ଙ୍କୁ ହତ୍ୟା ଅଭିଯୋଗରେ ଜେଲ୍ ଯାଇ ଜାମିନରେ ଫେରିଥିଲେ। ତେବେ ଧାରୁଆ ଅସ୍ତ୍ରରେ କେହି ତାଙ୍କୁ ହାଣି ହତ୍ୟା କରିଥିବା ମୃତକଙ୍କ ଭାଇ ନିହାର ଦେହୁରୀ ଶନିବାର ଥାନାରେ ଅଭିଯୋଗ କରିଛନ୍ତି।

ପୋଲିସର ସୂଚନା ଅନୁଯାୟୀ, ବାଗଡ଼ିଆ ଗାଁର ତୁଷାର ୨୦୨୨ରେ ମା'ଙ୍କୁ ହତ୍ୟା କରିବା ଅଭିଯୋଗରେ ଜେଲ ଯାଇଥିଲେ। ଜେଲରେ ସେ ଭେଜିଡିହ ଗାଁର ରବୀନ୍ଦ୍ର ନାଏକଙ୍କ ସହ ରହୁଥିଲେ। ଉଭୟ ଜାମିନରେ ଆସିବା ପରେ ରବୀନ୍ଦ୍ରଙ୍କ ଘରେ କିଛିଦିନ ହେଲା ତୁଷାର ରହୁଥିଲେ। ଶୁକ୍ରବାର ରାତି ୯ଟାରେ ଭେଜିଡିହ ଗାଁ ନିକଟ ରାଜପଥ ପାର୍ଶ୍ୱରେ ତୁଷାରଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ପହଞ୍ଚି ଘଟଣାସ୍ଥଳରେ ଜଗି ରହିଥିବାବେଳେ ଶନିବାର ଅନୁଗୋଳ ଡିଏସ୍‌ପି ସୁକୁମାର ତ୍ରିପାଠୀ, ବାଗଡ଼ିଆ ଥାନା ଅଧିକାରୀ ପ୍ରିୟବ୍ରତ ନାୟକଙ୍କ ତତ୍ତ୍ୱାବଧାନରେ ମୃତକଙ୍କ ଭାଇ ନିହାରଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରିବା ସହିତ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲା। ତୁଷାରଙ୍କ ପେଟ ଓ ମୁହଁ, ହାତ ଓ ଗୋଡ଼ରେ ଗଭୀର କ୍ଷତ ହୋଇଥିବାରୁ କେହି ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୩୬/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାସ୍ଥଳରୁ ମିଳିଥିବା ଏକ ହେଲମେଟ ସହ ଅନ୍ୟ ପ୍ରମାଣକୁ ଆଧାର କରି ତଦନ୍ତ କରାଯାଉଥିବା ବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଡିଏସ୍‌ପି ସୁକୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି।

# ନବରଙ୍ଗପୁରର ଔଷଧ ଦୋକାନୀ ଗିରଫ

## ବେଆଇନ ଡ୍ରଗ୍ସ କାରବାର, ୨ ଅଭିଯୁକ୍ତଙ୍କୁ ଗିରଫ କଲା ଛତିଶଗଡ଼ ପୋଲିସ

### ୧୪ ଲକ୍ଷ ଟଙ୍କାର ବେଆଇନ ମେଡିସିନ ଜବତ

ନବରଙ୍ଗପୁର,୧୪।୨(ସଦାଶିବ ପ୍ରହରାଜ)



ବସ୍ତର ପୋଲିସ ଅଭିଯୁକ୍ତ ଓ ଜବତ ନିଷିଦ୍ଧ ମେଡିସିନ ସମ୍ପର୍କରେ ସୂଚନା ଦେଉଛି।

ଆନ୍ତଃ ରାଜ୍ୟ ଡ୍ରଗ୍ସ ରାକେଟରେ ସମ୍ପୃକ୍ତି ଅଭିଯୋଗରେ ଛତିଶଗଡ଼ ବସ୍ତର ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଛତିଶଗଡ଼ ବୋଧଘାଟ ଥାନା ଅଞ୍ଚଳର ନରେନ୍ଦ୍ର ସିଂହ ଠାକୁର (୩୬) ଓ ନବରଙ୍ଗପୁରର ଶ୍ରୀ ଲକ୍ଷ୍ମଣ ମେଡିକାଲ ଓ ଜେନେରାଲ ଷ୍ଟୋର ମାଲିକ ୱୁନ୍ନା ରାମକୃଷ୍ଣ ରାଓ (୬୧)। ଉଭୟଙ୍କଠାରୁ ବିପୁଳ ପରିମାଣର ବେଆଇନ ନିଷିଦ୍ଧ ନିଶା ବଟିକା ଜବତ ହୋଇଥିବାରୁ ଏନ୍‌ଡିପିଏସ୍ ଧାରା ସି ଅନୁଯାୟୀ ଗିରଫକରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଅଭିଯୁକ୍ତମାନଙ୍କ ପାଖରୁ ମୋଟ ୨୩୫୮.୪ ଓଜନର ଏହି ଡ୍ରଗ୍ସ ଜବତ କରାଯାଇଛି। ଜବତ ବଟିକାର ମୂଲ୍ୟ ୧୪ ଲକ୍ଷ ୮ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି।

ବସ୍ତର ପୋଲିସ ନିଶାଦ୍ରବ୍ୟ ଅପବ୍ୟବହାର ବିରୋଧରେ ଏକ ଅଭିଯାନ ଆରମ୍ଭ କରିଛି। ଏସ୍‌ପି ଶଲଭ କୁମାର ସିହ୍ନାଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ ପରେ ଚଢ଼ାଉ କରାଯାଇଥିଲା। ବୋଧଘାଟ ଥାନା ଅଞ୍ଚଳରୁ ନରେନ୍ଦ୍ର ସିଂହ ଠାକୁରଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଠାରୁ ୪୫୦.୨ ଗ୍ରାମ ଓଜନର ମୋଟ ୮୪ଟି ଟାବଲେଟ୍ (୬୭୨ ଖଣ୍ଡ) ନିଷିଦ୍ଧ ଟ୍ରାମାଡୋଲ୍ ନାର୍କୋଟିକ୍ କ୍ୟାପ୍‌ସୁଲ ମିଳିଥିଲା। ଏହାର ମୂଲ୍ୟ ପ୍ରାୟ ୨,୬୮,୮୦୦ ହେବ ବୋଲି ପୋଲିସ ସୂଚନା ଦେଇଛି। ସେ ନବରଙ୍ଗପୁରର ଶ୍ରୀ ଲକ୍ଷ୍ମଣ ମେଡିକାଲ ଓ ଜେନେରାଲ ଷ୍ଟୋରରୁ ବେଆଇନ ଭାବରେ ଏହି ନିଷିଦ୍ଧ ନାର୍କୋଟିକ୍ ଔଷଧ କିଣି ସହରର ଯୁବକମାନଙ୍କୁ ବିକ୍ରି କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ଛତିଶଗଡ଼ ପୋଲିସ ନବରଙ୍ଗପୁରରେ ପହଞ୍ଚି ଅଭିଯୁକ୍ତଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ଲକ୍ଷ୍ମୀ ମେଡିକାଲ ଷ୍ଟୋର ମାଲିକ ୱୁନ୍ନା ରାମକୃଷ୍ଣ ରାଓଙ୍କୁ ପଚରାଉଚରା କରିଥିଲା। ସେଠାରେ ଯାଞ୍ଚବେଳେ ଦୋକାନର ପଛପଟ ବଖରାରୁ ୧୨ଟି ବାକ୍ସରେ ଥିବା ବେଆଇନ ନାର୍କୋଟିକ୍ ଡ୍ରଗ୍ ଟ୍ରାମୋଡୋଲ୍ ମିଳିଥିଲା। ଏହାର ମୂଲ୍ୟ ୧୧,୩୯,୨୦୦ ଟଙ୍କା ହେବ। ଏନେଇ ୧୩ ତାରିଖରେ ଅଭିଯୁକ୍ତ ୱୁନ୍ନା ରାମକୃଷ୍ଣ ରାଓକୁ ଗିରଫ କରାଯାଇଥିଲା। ଶୁକ୍ରବାର ଉଭୟ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇ ବିଚାରବିଭାଗୀୟ ହାଜତକୁ ପଠାଯାଇଥିବା ସୂଚନା ମିଳିଛି।

## ୨୨ଲକ୍ଷ ଠକେଇ ମାମଲା

# ଜୟଦୁର୍ଗା ଫାଉଣ୍ଡେଶନ ଅଧ୍ୟକ୍ଷା ଗିରଫ

### ନନ୍ଦିପଦା ପୋଲିସ ସହାୟତାରେ ଗିରଫ କଲା ଖଣ୍ଡଗିରି ପୋଲିସ

ହାଟଡିହୀ, ୧୪।୨(ଶୁଭକାନ୍ତ ନାୟକ)

ଏକ ଠକେଇ ମାମଲାରେ ଜୟଦୁର୍ଗା ଫାଉଣ୍ଡେଶନର ଅଧ୍ୟକ୍ଷା ସୁରେଶ୍ୱରୀ ସାଗରିକା ଜେନା ଶନିବାର ଗିରଫ ହୋଇଛନ୍ତି। କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅନ୍ତର୍ଗତ ହାଟଡିହୀ ବ୍ଲକ ଜଳକଳଙ୍ଗ ଗ୍ରାମର ସୁରେଶ୍ୱରୀ ସାଗରିକାଙ୍କୁ ସ୍ଥାନୀୟ ପୋଲିସ ସହାୟତାରେ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ପ୍ରଥମେ ଖଣ୍ଡଗିରି ପୋଲିସ ନନ୍ଦିପଦା ଥାନାରେ ପହଞ୍ଚି ସୁରେଶ୍ୱରୀ ସାଗରିକାଙ୍କ ବିଷୟରେ ଆଲୋଚନା କରିଥିଲା। ତତ୍‌ପରେ ସ୍ଥାନୀୟ ପୋଲିସ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ଘରୁ ଧରିଥିଲା। ଗିରଫ ପରେ ନନ୍ଦିପଦା ପୋଲିସ ତାଙ୍କୁ ଖଣ୍ଡଗିରି ପୋଲିସକୁ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ ନନ୍ଦିପଦା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି, ଏକ ଠକେଇ ମାମଲାରେ ସୁରେଶ୍ୱରୀ ଗିରଫ ହେବା ପରେ ଖଣ୍ଡଗିରି ପୋଲିସକୁ ତାଙ୍କୁ ହସ୍ତାନ୍ତର କରାଯାଇଛି। ଖଣ୍ଡଗିରି ଥାନା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି, ୨୨ଲକ୍ଷ ଟଙ୍କା ଠକେଇକୁ ନେଇ ସମ୍ପୃକ୍ତ ମହିଳାଙ୍କ ନାମରେ ଏକ ମାମଲା (ନଂ. ୪୬୫/୨୦୨୫) ରୁଜୁ ହୋଇଛି । ଉକ୍ତ ଅଭିଯୋଗକୁ ଭିତ୍ତିକରି ତାଙ୍କୁ ନନ୍ଦିପଦା ଥାନା ଅଞ୍ଚଳରୁ ଗିରଫ କରାଯାଇଛି ।

ସୁରେଶ୍ୱରୀ ଜୟଦୁର୍ଗା ଫାଉଣ୍ଡେଶନ ନାମରେ ଏକ ସଂସ୍ଥା ଗଠନ କରି ଜଣେ ମହିଳା ସାମାଜିକ କର୍ମୀ ଭାବେ ବେଶ୍ ଚର୍ଚ୍ଚାରେ ଥିଲେ । ଉକ୍ତ ସଂସ୍ଥାର ସେ ଅଧ୍ୟକ୍ଷା ଅଟନ୍ତି। ସେ ଗିରଫ ହେବା ପରେ ସ୍ଥାନୀୟ ଅଞ୍ଚଳରେ ସାମାଜିକ କାର୍ଯ୍ୟ ନାମରେ ଏପରି ଠକେଇ ଲଜ୍ଜାଜନକ ଘଟଣା ବୋଲି ଚର୍ଚ୍ଚାର ବିଷୟ ପାଲଟିଛି।

# କୁରାଢ଼ିରେ ହାଣି ସ୍ତ୍ରୀଙ୍କୁ ହତ୍ୟା

ଯୋଡ଼ା,୧୪।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ବ୍ରାହ୍ମଣୀଡିହା ଗ୍ରାମରେ ଚରିତ୍ର ସନ୍ଦେହରେ ସ୍ତ୍ରୀଙ୍କୁ କୁରାଢ଼ିରେ ହାଣି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୩୪/୨୬) ରୁଜୁ କରି ଅଭିଯୁକ୍ତ ଗୋବିନ୍ଦ ମୁଣ୍ଡାଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ମୃତ ମହିଳା ହେଲେ ରଜନୀ ମୁଣ୍ଡା (୨୮)। ରଜନୀଙ୍କ ଚରିତ୍ରକୁ ନେଇ ଗୋବିନ୍ଦ ସନ୍ଦେହ କରି ଆସୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ବଚସାରୁ ଝଗଡ଼ା ଉଗ୍ରରୂପ ନେଇଥିଲା। ଏଥିରେ ଗୋବିନ୍ଦ ଉତ୍ତ୍ୟକ୍ତ ହୋଇ ଏକ କୁରାଢ଼ିରେ ରଜନୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସାମାନ୍ୟ ବଚସାକୁ ନେଇ ହତ୍ୟା, ଅଭିଯୁକ୍ତ ଗିରଫ

ବୋରିଗୁମ୍ମା, ୧୪।୨(ବିଜୟ କୁମାର ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଚାଲାଣଗୁଡ଼ାରେ ସାମାନ୍ୟ ବଚସାକୁ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଶନିବାର ଅଭିଯୋଗ ହୋଇଛି। ମୃତକ ହେଲେ ଚାଲାଣଗୁଡ଼ାର ରେହେମାନ ଖାନ (୨୨)।

ପୋଲିସ ସୂତ୍ରରୁ ପ୍ରକାଶ, ଶୁକ୍ରବାର ସନ୍ଧ୍ୟା ୬ଟା୩୦ରେ ରେହେମାନ ଖାନ, ଚାଲାଣଗୁଡ଼ା ଜାତୀୟ ରାଜପଥ ୬୩ ପାର୍ଶ୍ୱର ଥିବା ଆଦର୍ଶ ବିଷୋୟୀଙ୍କ ଦୋକାନକୁ ଯାଇଥିଲେ। କୌଣସି କାରଣ ନେଇ ରେହେମାନ ଓ ଆଦର୍ଶଙ୍କ ମଧ୍ୟରେ ବଚସା ହୋଇଥିଲା। ଆଦର୍ଶ ରାଗିଯାଇ ପାଖରେ ଥିବା କ୍ରିକେଟ ବ୍ୟାଟ୍‌ରେ ରେହେମାନଙ୍କୁ ବାଡ଼େଇଥିଲେ। ରେହେମାନ ଗୁରୁତର ହୋଇ ପାଖରେ ଥିବା ଏକ ଖାଲରେ ପଡ଼ିଯାଇଥିଲେ। ଘଟଣା ସମ୍ପର୍କରେ ଇନ୍ୟୁସ୍ ଖାଁ ଓ ସମିଉଲ୍ଲା ଖାଁ ରେହେମାନଙ୍କ ମାଆ ନଜ୍‌ମା ବେଗମଙ୍କୁ ଜଣାଇଥିଲେ। ତୁରନ୍ତ ନଜ୍‌ମା ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ରେହେମାନଙ୍କୁ ଉଦ୍ଧାରକରି ବୋରିଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ରେହେମାନଙ୍କ ମା' ଘଟଣା ସମ୍ପର୍କରେ ବୋରିଗୁମ୍ମା ଥାନାରେ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତ ଆଦର୍ଶଙ୍କୁ ଗିରଫ କରିଛି। ଶନିବାର କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତକରି ଫେରିଛନ୍ତି। ପୋଲିସ କେସ୍ ନଂ. ୩୪/ ୨୬ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ରାମାନନ୍ଦ ସାହୁ ସୂଚନା ଦେଇଛନ୍ତି।

## Business

# ୧୦,୦୦୦ କୋଟିର ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ୍ ୨.୦ ଅନୁମୋଦିତ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଭାରତର ବର୍ଦ୍ଧିତ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଷ୍ଟାର୍ଟଅପ ଇଣ୍ଡିଆ ଫଣ୍ଡ ଅଫ ଫଣ୍ଡ୍ସ ୨.୦ (ଷ୍ଟାର୍ଟଅପ ଇଣ୍ଡିଆ ଏଫ୍‌ଓଏଫ୍ ୨.୦) ପ୍ରତିଷ୍ଠାକୁ ଅନୁମୋଦନ କରିଛି। ଦେଶର ଷ୍ଟାର୍ଟଅପ ଇକୋସିଷ୍ଟମ ପାଇଁ ଭେଞ୍ଚର କ୍ୟାପିଟାଲ ସଂଗ୍ରହ କରିବା ପାଇଁ ଏଥିରେ ମୋଟ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି। ଦୀର୍ଘକାଳୀନ ଘରୋଇ ପୁଞ୍ଜି ସଂଗ୍ରହ, ଭେଞ୍ଚର କ୍ୟାପିଟାଲ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ସାରା ଦେଶରେ ନବୋନ୍ମେଷ ଆଧାରିତ ଉଦ୍ୟୋଗକୁ ସମର୍ଥନକରି ଭାରତର ଷ୍ଟାର୍ଟଅପ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି। ୨୦୧୬ରେ ଷ୍ଟାର୍ଟଅପ ଇଣ୍ଡିଆ ଆରମ୍ଭ ହେବା ପରଠାରୁ ଭାରତର ଷ୍ଟାର୍ଟଅପ ଇକୋସିଷ୍ଟମରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଏହା ୫୦୦ରୁ କମ୍ ଷ୍ଟାର୍ଟଅପରୁ ବୃଦ୍ଧି ପାଇ ଆଜି ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ୨ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍‌ରେ ପହଞ୍ଚିଛି । ୨୦୨୫ରେ ସର୍ବାଧିକ ଷ୍ଟାର୍ଟଅପ୍ ପଞ୍ଜୀକରଣ ହୋଇଛି । ଏଫ୍‌ଏଫ୍‌ଏସ୍ ୧.୦ ଅନ୍ତର୍ଗତ, ୧୦,୦୦୦ କୋଟି ଟଙ୍କାର ସମ୍ପୂର୍ଣ୍ଣ କର୍ପସ ୧୪୫ ବିକଳ୍ପ ନିବେଶ ପାଣ୍ଠି (ଏଆଇଏଫ୍)କୁ ଆବଣ୍ଟିତ କରାଯାଇଥିଲା। ଏହି ସମର୍ଥିତ ଏଆଇଏଫ୍ କୃଷି, କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଅଟୋମୋଟିଭ, କ୍ଲିନ୍ ଟେକ୍, ଉପଭୋକ୍ତା ସାମଗ୍ରୀ ଏବଂ ସେବା, ଇ-କମର୍ସ, ଶିକ୍ଷା, ଫିନ୍‌ଟେକ, ଖାଦ୍ୟ ଓ ପାନୀୟ, ସ୍ୱାସ୍ଥ୍ୟସେବା, ଉତ୍ପାଦନ, ମହାକାଶ ପ୍ରଯୁକ୍ତିବିଦ୍ୟା ଏବଂ ବାୟୋଟେକ୍ନୋଲୋଜି ଭଳି କ୍ଷେତ୍ରରେ ଦେଶବ୍ୟାପୀ ୧,୩୭୦ରୁ ଅଧିକ ଷ୍ଟାର୍ଟଅପ୍ସରେ ୨୫,୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛନ୍ତି। ଷ୍ଟାର୍ଟଅପ୍ ଇଣ୍ଡିଆ ଏଫ୍‌ଓଏଫ୍ ୨.୦ ଭାରତୀୟ ନବସୃଜନକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ଡିଜାଇନ କରାଯାଇଛି। ଏହା ଧୈର୍ଯ୍ୟଶୀଳ ଏବଂ ଦୀର୍ଘକାଳୀନ ପୁଞ୍ଜି ଆବଶ୍ୟକ କରୁଥିବା ଉଚ୍ଚ ପ୍ରଯୁକ୍ତି କ୍ଷେତ୍ରଗୁଡ଼ିକରେ ସଫଳତାକୁ ପ୍ରାଥମିକତା ଦେବା ସହ ନୂତନ ଏବଂ ଅଭିନବ ଚିନ୍ତାଧାରା ପାଇଁ ଏକ ସୁରକ୍ଷା ଜାଲ ପ୍ରଦାନ କରିବା, ପାଣ୍ଠି ଅଭାବରୁ ପ୍ରାରମ୍ଭିକ ବିଫଳତାକୁ ହ୍ରାସ କରିବ। ସେହିପରି ପ୍ରମୁଖ ମହାନଗରଗୁଡ଼ିକ ବାହାରେ ନିବେଶକୁ ଉତ୍ସାହିତ କରିବା ଫଳରେ ନବସୃଜନ ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିପାରିବ।

# ବେଦାନ୍ତ ଆଲୁମିନିୟମ ଦକ୍ଷତା ତାଲିମ କେନ୍ଦ୍ରର ସଫଳତା



## ଶତ ପ୍ରତିଶତ ତାଲିମପ୍ରାପ୍ତଙ୍କୁ ମିଳିଲା ନିଯୁକ୍ତି

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ ପକ୍ଷରୁ କଳାହାଣ୍ଡିର ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ରର ୨୭ତମ ବ୍ୟାଚ୍ ୧୦୦% ନିଯୁକ୍ତି ହାସଲ କରିଛନ୍ତି। ଏହି ବ୍ୟାଚ୍‌ରେ ୭ଜଣ ଦିବ୍ୟାଙ୍ଗ ପ୍ରାର୍ଥୀ ଥିଲେ। ସେହି ସମସ୍ତ ପ୍ରାର୍ଥୀଙ୍କୁ ବିମାନ ଚଳାଚଳ ସେବା ଓ ଆତିଥେୟତା ଉଦ୍ୟୋଗର ବିଭିନ୍ନ ଅଗ୍ରଣୀ କମ୍ପାନୀରେ ନିଯୁକ୍ତି ସୁଯୋଗ ମିଳିଛି। ଏହି ପ୍ରାର୍ଥୀମାନେ ଇଣ୍ଡିଗୋ, କ୍ଲବ୍ ମହିନ୍ଦ୍ରା, ବେଲ୍‌ଜିଆନ୍‌ୱାଫଲ, ମିନର୍ଭାଗ୍ରାଣ୍ଡ, ଏଭିଏନ୍ ଗ୍ରୁପ୍, ଶ୍ରୀନେଚର ଭ୍ୟାଲି ଓ ଗଲ୍ଫ କ୍ଲବ୍ ଭଳି କମ୍ପାନୀରେ ଯୋଗଦେଇଛନ୍ତି। ସ୍ଥାୟୀ ଜୀବିକା ସୃଷ୍ଟି, ତୃଣମୂଳ ଅର୍ଥନୈତିକ ବିକାଶକୁ ସୁଦୃଢ଼କରିବା ଓ ବିକଶିତ ଭାରତର ଜାତୀୟ ଏଜେଣ୍ଡାକୁ ସମର୍ଥନକରିବା ପାଇଁ କମ୍ପାନୀର ରହିଥିବା ଦୀର୍ଘକାଳୀନ ଲକ୍ଷ୍ୟର ଅଂଶ ସ୍ୱରୂପ ଏହି କାର୍ଯ୍ୟକ୍ରମକୁ ଓଏସ୍‌ଡିଏ ଓ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ସହଯୋଗିତାରେ ଭବାନୀପାଟଣା ଓ ଲାଞ୍ଜିଗଡ଼ରେ ଆୟୋଜନ କରାଯାଉଛି। ଏହି ଅଭିଯାନ ସମ୍ପର୍କରେ ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ତାଲିମ କେନ୍ଦ୍ରରୁ ମୁଖ୍ୟଧାରା କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ରୂପାନ୍ତରିତ ହେବାରେ ସକ୍ଷମକରି ଆମେ ଦର୍ଶାଇଛୁ ଯେ ସମାବେଶୀ ନିଯୁକ୍ତି ପ୍ରଦାନ କେବଳ ଏକ ସାମାଜିକ ଅଭିଯାନ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷେତ୍ର ଆବଶ୍ୟକତା। ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ୩ ବର୍ଷରେ ୧୩୦୦ରୁ ଅଧିକ ଗ୍ରାମୀଣ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି।

# ୨୬କୋଟି ଟଙ୍କାର ଋଣ ବଣ୍ଟନ



## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମେଗା କୃଷିଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ମେଗା କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ଜଗତ୍‌ପୁରର ପୀରବଜାରସ୍ଥିତ ଅମ୍ବିକା କନ୍‌ଭେନ୍‌ସନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା ଏବଂ ୨୬କୋଟି ଟଙ୍କାର ଋଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉପ କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର ଏବଂ ମୁଖ୍ୟ ପ୍ରବନ୍ଧକ ମୁକୁନ୍ଦ କୁମାର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ସ୍ଥାନୀୟ ଗ୍ରାହକମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଋଣ ଆବଶ୍ୟକତା ପୂରଣକରିବା ପାଇଁ ସେଣ୍ଟେନାରି ଶକ୍ତି ସମେତ ବିଭିନ୍ନ କୃଷି ଏବଂ ମହିଳା କୈନ୍ଦ୍ରିକ ଆର୍ଥିକ ଉତ୍ପାଦ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଗ୍ରାମୀଣ ଗ୍ରାହକମାନଙ୍କ ମଧ୍ୟରେ ଆର୍ଥିକ ସୁରକ୍ଷା ଓ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତକରିବା ନିମନ୍ତେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା।

# ସିଏନ୍‌ଜି ପ୍ରଚାରପ୍ରସାର ପାଇଁ ରାଲି

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଗେଲ୍ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ନ୍ୟାଶନାଲ ସିଏନ୍‌ଜି ଡ୍ରାଇଭ ୨.୦ ଅଧୀନରେ ଭୁବନେଶ୍ୱରରେ ଏକ କମ୍ପ୍ରେସ୍‌ଡ ନାଚୁରାଲ ଗ୍ୟାସ୍ (ସିଏନ୍‌ଜି)ର ପ୍ରଚାରପ୍ରସାର କରାଯାଇଛି। ଏହି କାର୍ଯ୍ୟକ୍ରମର ଅଂଶ ଭାବେ ଭୁବନେଶ୍ୱର-କଟକ-ଭୁବନେଶ୍ୱର ରୁଟ୍‌କୁ କଭର କରୁଥିବା ଏକ ରାଲିରେ ପ୍ରାୟ ୫୦ଟି ସିଏନ୍‌ଜି ଯାନ ଅଂଶଗ୍ରହଣ କରିଥିଲେ। ରାଲି ସମୟରେ ପ୍ରକୃତ ଅନ୍-ରୋଡ୍ ପ୍ରଦର୍ଶନକୁ ମୂଲ୍ୟାୟନ କରିବା ପାଇଁ ଯାନଗୁଡ଼ିକର ମାଇଲେଜକୁ ଭଲ ଭାବରେ ତଦାରଖ କରାଯାଇଥିଲା ଏବଂ ସର୍ବାଧିକ ମାଇଲେଜ ହାସଲ କରିଥିବା ୩ ଜଣ ଡ୍ରାଇଭରଙ୍କୁ କାର୍ଯ୍ୟକ୍ରମ ଶେଷରେ ସମ୍ମାନିତ କରାଯାଇଛି। ସିଏନ୍‌ଜି ପରିଚାଳିତ ଟୁର୍ ଭାରିଆଣ୍ଟ ଯାନ ପ୍ରତି କିଲୋଗ୍ରାମ ପିଛା ୩୫ କିଲୋମିଟରରୁ ଅଧିକ ମାଇଲେଜ ପ୍ରଦାନ କରିପାରୁଛନ୍ତି ବୋଲି ପ୍ରଦର୍ଶିତ କରିବା ଏହି ରାଲିର ଉଦ୍ଦେଶ୍ୟ ରହିଥିଲା। ମାତ୍ର ରାଲିରେ ଶୀର୍ଷ ପ୍ରଦର୍ଶନକାରୀ ଚାଳକମାନେ ପ୍ରତି କିଲୋଗ୍ରାମ ସିଏନ୍‌ଜି ପିଛା ପ୍ରାୟ ୪୦ କିଲୋମିଟରର ମାଇଲେଜ ରେକର୍ଡ କରିଥିଲେ।

# ସ୍ୱସ୍ତିକ ଟିଭିଏସ୍ ପକ୍ଷରୁ ଟିଭିଏସ୍ ଅର୍ବିଟରର ଅନାବରଣ

ଭୁବନେଶ୍ୱର, ୧୪।୨(ଅନୁରାଧା ମହାରଣା)



କଟକସ୍ଥିତ ସ୍ୱସ୍ତିକ ଟିଭିଏସ୍ ପକ୍ଷରୁ ଶନିବାର ନୂଆ ଟିଭିଏସ୍ ଅର୍ବିଟର ଅନାବରଣ କରାଯାଇଛି। ସହରୀ ଯାତାୟାତକୁ ସହଜ ଏବଂ ପରିବେଶ ଅନୁକୂଳ କରିବା ପାଇଁ ଏହି ସ୍କୁଟରେ ଅନେକ ଆଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ଏହା ଥରେ ଚାର୍ଜ ହେଲେ ୧୫୮ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିପାରିବ। ଏହାର ୧୪ ଇଞ୍ଚର ଆଗ ଚକ ରାସ୍ତାରେ ଉତ୍ତମ ସନ୍ତୁଳନ ଏବଂ ସୁରକ୍ଷା ପ୍ରଦାନ କରେ। ୩୪ ଲିଟରର ବଡ଼ ବୁଟ୍‌ସ୍ପେସ୍ ଏଥିରେ ୨ଟି ହେଲ୍‌ମେଟ୍ ରଖାଯାଇପାରିବ। କ୍ରୁଜ୍ କଣ୍ଟ୍ରୋଲ, ହିଲ୍ ହୋଲ୍ଡ ଆସିଷ୍ଟ ଏବଂ ସ୍ମାର୍ଟଫୋନ୍ କନେକ୍ଟିଭିଟି ଭଳି ପ୍ରିମିୟମ୍ ଫିଚର୍ସ ଏଥିରେ ଉପଲବ୍ଧ। ଏହାର ମୂଲ୍ୟ ୧,୦୪,୯୦୦(ଏକ୍ସ ଶୋ' ରୁମ୍) ରହିଛି। ଅନାବରଣ କାର୍ଯ୍ୟକ୍ରମରେ ସ୍ୱସ୍ତିକ ଟିଭିଏସ୍‌ର ଏମ୍‌ଡି ପରମେଶ୍ୱର କଣ୍ଡିଆ, ଦିନେଶ କଣ୍ଡିଆ, ରିଜିଓନାଲ ଟ୍ରେନିଂ ମ୍ୟାନେଜର ମଜିଦ୍ ଖାନ୍, ଓଡ଼ିଶା ଟିଭିଏସ୍‌ର ଇଭି ସେଲସ୍‌ର ରଶ୍ମିରଞ୍ଜନ ଦାସ, ଟେରିଟୋରି ସେଲ୍‌ସ ମ୍ୟାନେଜର ବାର୍ବି ବୈଶ୍ୟ ଓ ଓଡ଼ିଶା ଟିଭିଏସ୍‌ର ଡିଲର ଲିଡ୍ ଦିବ୍ୟଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ବାର୍ଷିକ ସେଲ୍

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର ଶହୀଦନଗରସ୍ଥିତ ଫ୍ଲାଗ୍‌ଶିପ୍ ଷ୍ଟୋରର ବାର୍ଷିକ ସେଲ୍ ସହ ସୀମିତ ସମୟ ଅଫର ଘୋଷଣା କରାଯାଇଛି। ଶନିବାରଠାରୁ ଆରମ୍ଭହୋଇଥିବା ଏହି ସେଲ୍ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଗ୍ରାହକମାନେ ସୁନା ଓ ହୀରାଗହଣା ଉଭୟର ଗଢ଼ା ମଜୁରିରେ ଫ୍ଲାଟ୍ ୪୫% ରିହାତି ପାଇପାରିବେ। ଏହାବ୍ୟତୀତ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଓଡ଼ିଶାରେ ଥିବା ସମସ୍ତ ଶୋ'ରୁମ୍‌ରେ ବ୍ୟାପକ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ୯୦ ବର୍ଷର କାରିଗରି ପ୍ରତି ଏକ ସମ୍ମାନ ଜଣାଉଥିବା ଷ୍ଟୋର ପକ୍ଷରୁ କୁହାଯାଇଛି। ସୁନ୍ଦର, ଯତ୍ନର ସହ ନିର୍ମିତ ଡିଜାଇନଗୁଡ଼ିକୁ ପୂର୍ବାପେକ୍ଷା ଆହୁରି ସହଜରେ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ଖିମ୍‌ଜୀ ଉଦ୍ୟମ କରୁଛି। ହୀରା ନେକ୍‌ଲେସ୍‌ଠାରୁ ଆରମ୍ଭକରି ସୂକ୍ଷ୍ମଭାବେ ଡିଜାଇନ କରାଯାଇଥିବା ବ୍ରାଇଡାଲ୍ ସେଟ୍ ପର୍ଯ୍ୟନ୍ତ ଆଗକୁ ବଢ଼ିଯାଇଥିବା ଏକ ପରମ୍ପରା ପାଇଁ ପରିଚିତ ଖିମ୍‌ଜୀ ଜୁଏଲର୍ସ ସୁନା ମାନଦଣ୍ଡ ନିର୍ଦ୍ଧାରଣ ଜାରି ରଖିଛି। ରାଜ୍ୟରେ ବର୍ତ୍ତମାନ ୧୧ଟି ଶୋ'ରୁମ୍ ଓ ଆଗକୁ ଶୁଭାରମ୍ଭ ହେବାକୁ ଯାଉଥିବା ୪ଟି ଶୋ'ରୁମ୍ ସହ ଏହି ବ୍ରାଣ୍ଡ୍ ଏହାର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା ରଖିଛି।




କଲମ୍ବୋର ପ୍ରେମଦାସା ଷ୍ଟାଡିୟମରେ ଶନିବାର ଫୁଟବଲ ଖେଳି ଭାରତୀୟ କ୍ରିକେଟ ଦଳର ଅଭ୍ୟାସ।

# ହ୍ୟାଣ୍ଡଶେକ୍ ପ୍ରସଙ୍ଗକୁ ଏଡ଼ାଇଲେ ଉଭୟ ଅଧିନାୟକ

**ରବିବାର କଲମ୍ବୋରେ ହେବାକୁ ଥିବା ହାଇଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଜବରଦସ୍ତ ମୁକାବିଲା ହେବ। କିନ୍ତୁ ମ୍ୟାଚ୍ ପୂର୍ବରୁ ଟସ୍ ବେଳେ ଦୁଇ ଦଳର ଖେଳାଳି ହାତ ମିଳାଇବେ କି ନାହିଁ, ତାହାକୁ ଉଭୟ ଦଳର ଅଧିନାୟକ ସଲମାନ ଆଘା ଏବଂ ସୂର୍ଯ୍ୟକୁମାର ଯାଦବ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଡ଼ାଇ ଯାଇଛନ୍ତି।**

## ଇତିହାସରୁ ଶିକ୍ଷା କରିଛୁ: ସଲମାନ

**କଲମ୍ବୋ, ୧୪।୨(ପି.ଟି.)**

ଆମେ ହାତ ମିଳାଇବୁ କି ନାହିଁ, ତାହା ମ୍ୟାଚ୍ ପୂର୍ବରୁ ଜଣାପଡ଼ିବ। କ୍ରିକେଟ ଉଚିତ ଭାବନା ସହ ଖେଳାଯିବା ଦରକାର। ହେଲେ ମୋ ବ୍ୟକ୍ତିଗତ ମତାମତ ମାନେ ରଖେ ନାହିଁ। ମାତ୍ର କ୍ରିକେଟ ସେଭଳି ଖେଳାଯିବା ଉଚିତ, ଯେଉଁଭଳି ଏହା ଖେଳାଯାଇ ଆସୁଛି। ଏହା ସେମାନଙ୍କ ଉପରେ ସେମାନେ କ'ଣ ନିଷ୍ପତ୍ତି ନେଉଛନ୍ତି ବୋଲି ସଲମାନ କହିଛନ୍ତି। ବିଶ୍ୱକପ୍‌ରେ ଭାରତ ବିପକ୍ଷ ରେକର୍ଡ ସମ୍ପର୍କରେ ସେ କହିଛନ୍ତି, ଆମ ରେକର୍ଡ ଭଲ ନାହିଁ। କିନ୍ତୁ ଯେତେବେଳେ ଏକ ନୂଆ ମ୍ୟାଚ୍ ଖେଳାଯାଏ, ସେହି ଦିନ ଭଲ ଖେଳିଥିବା ଦଳ ହିଁ ଜିତେ। ମ୍ୟାଚ୍ ଜିତିବା ପାଇଁ ଭଲ କ୍ରିକେଟ ଖେଳିବାକୁ ପଡ଼ିବ। ଆମେ ଇତିହାସ ବଦଳି ପାରିବୁ ନାହିଁ। ଆମେ ସେଥିରୁ ଶିକ୍ଷା ନେଇଛୁ। ଆମେ ଭାରତ ବିପକ୍ଷରେ ଭଲ ପ୍ରଦର୍ଶନ କରି ମ୍ୟାଚ୍ ଜିତିବୁ। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଅଗଷ୍ଟରେ ପହଲଗାମ ଗଣହତ୍ୟା ଓ ପରେ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେଶନ ସିନ୍ଦୂର କାରଣରୁ ଦୁବାଇରେ ଅନୁଷ୍ଠିତ ଏସିଆ କପ୍‌ରେ ଭାରତୀୟ ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନ ଖେଳାଳିଙ୍କ ସହ ହାତ ମିଳାଇ ନ ଥିଲେ।

### ତାରିକ ଆମ ଟ୍ରମ୍ପ କାର୍ଡ

ବୋଲିଂ କଲାବେଳେ ଉଇକେଟ ପାଖରେ ରହିକି ସ୍ଲିଙ୍ଗ ଆକ୍ସନ ସହିତ ବୋଲିଂ କରୁଥିବା ଉସ୍ମାନ ତାରିକ ଭାରତ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନ ପାଇଁ ଜଣେ ଟ୍ରମ୍ପ କାର୍ଡ। ଆର୍ ପ୍ରେମଦାସ ତାରକା ଖଚିତ ଭାରତୀୟ ଦଳ ପାଇଁ ଷ୍ଟାଡିୟମର ଧିମା ପିଚ୍‌ରେ ତାରିକ ଡବଲ ବିପଜ୍ଜନକ ହୋଇପାରନ୍ତି।

ଉସ୍ମାନ ଆମ ଦଳର ୧୫ ଖେଳାଳିଙ୍କ ମଧ୍ୟରୁ ଜଣେ। ଆମେ ତାଙ୍କୁ ସେହିଭଳି ବ୍ୟବହାର କରୁ। କେବଳ ତୁମେମାନେ ହିଁ ତାଙ୍କୁ ବଡ଼ ଖେଳାଳି କରି ଦେଇଛ। ସେ ଗତ କିଛି ମାସ ହେଲା ଖୁବ୍ ଭଲ ବୋଲିଂ କରୁଛନ୍ତି। ସେ ଲିଗ୍ କ୍ରିକେଟରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ହଁ ସେ ଆମ ପାଇଁ ଟ୍ରମ୍ପ କାର୍ଡ ବୋଲି ପାକିସ୍ତାନ ସଲମାନ କହିଛନ୍ତି। ତାଙ୍କ ବୋଲିଂ ଆକ୍ସନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ତାରିକ କ୍ରିକେଟ ଖେଳିବା ଆରମ୍ଭ କରିବା ଦିନଠାରୁ ତାଙ୍କ ବୋଲିଂ ଆକ୍ସନକୁ ନେଇ ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ଏଣୁ ସେ ଏବେ ଏହାକୁ ଖାତିର କରୁ ନାହାନ୍ତି। ଗତ ବର୍ଷ ଦୁଇ ଥର ତାଙ୍କ ବୋଲିଂ ଆକ୍ସନକୁ ଆଇସିସି କ୍ଲିଅର କରିଥିଲା। ଆଇସିସି ତାଙ୍କୁ ଯାହା କରିବାକୁ କହିଥିଲା ଏବଂ ଇଣ୍ଟରନ୍ୟାଶନାଲ କ୍ରିକେଟରେ ବୋଲିଂ କରିବା ପାଇଁ ଯାହା ଦରକାର, ସେ କରିଥିଲେ। ଏଣୁ ମୋତେ ଜଣା ନାହିଁ, ତାଙ୍କ ବୋଲିଂ ଆକ୍ସନକୁ ନେଇ ଲୋକେ ଏତେ ଚର୍ଚ୍ଚା କାହିଁ କରୁଛନ୍ତି। ମୋ ମତରେ ମ୍ୟାଚ୍‌ରେ ସ୍ପିନର ପ୍ରଭାବ ବିସ୍ତାର କରିପାରନ୍ତି। କିନ୍ତୁ ମୋ ମତରେ ପେସରଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ। ଆମ ପାଖରେ ଅନେକ ସ୍ପିନର ଓ ପେସର ରହିଛନ୍ତି, ଦରକାର ସମୟରେ ବ୍ୟବହାର କରିବୁ।

## ତାରିକ ସିଲାବସ୍ ବାହାର ପ୍ରଶ୍ନ

ଟୁର୍ନାମେଣ୍ଟର ପ୍ରଥମ ଦୁଇ ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ଲାଇନ୍ ବିଫଳ ହୋଇଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ୱୀକାର କରିବା ସହ ପାକିସ୍ତାନର ଉସ୍ମାନ ତାରିକଙ୍କୁ ପରୀକ୍ଷାରେ ପଡ଼ିଥିବା ସିଲାବସ ବାହାର ପ୍ରଶ୍ନ ବୋଲି କହିଛନ୍ତି।

''ବେଳେବେଳେ ପରୀକ୍ଷାରେ ସିଲାବସ ବାହାର ପ୍ରଶ୍ନ ଆସିଥାଏ। କିନ୍ତୁ ଆମେ ତାହାକୁ ଛାଡ଼ିପାରିବା ନାହିଁ। ସେହି ପ୍ରଶ୍ନ ସହ ମୁକାବିଲା କରିବା ପାଇଁ ତୁମକୁ ନିଜେ ବାଟ ବାଛିବାକୁ ପଡ଼ିବ। ସେ ଜଣେ ଭିନ୍ନ ବୋଲର। କିନ୍ତୁ ଆମେ ତାଙ୍କ ନିକଟରେ ଆତ୍ମସମର୍ପଣ କରିପାରିବୁ ନାହିଁ। ଆମେ ତାଙ୍କର ସମ୍ମୁଖୀନ ପ୍ରସ୍ତୁତ ହେବା ପାଇଁ ସମାନ ଷ୍ଟାଇଲରେ ବୋଲିଂ କରୁଥିବା ବୋଲରଙ୍କ ସହ ପ୍ରାକ୍ଟିସ କରୁଛୁ'' ବୋଲି ସୂର୍ଯ୍ୟକୁମାର କହିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଭାରତୀୟ ଦଳର ପ୍ରଦର୍ଶନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଆମ ବ୍ୟାଟିଂ ଲାଇନ୍ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିପାରି ନାହିଁ।


ସୂର୍ଯ୍ୟକୁମାର ଯାଦବ

ଏଥିଲାଗି କୌଣସି ବାହାନା ଦେଲେ ହେବ ନାହିଁ। କିନ୍ତୁ ଆମେ ଅଧିକ ଶକ୍ତିଶାଳୀ ହୋଇ ଫେରିଛୁ। ଏଣୁ ଏହା ଟି୨୦ କ୍ରିକେଟର ସୌନ୍ଦର୍ଯ୍ୟ। ମୋ ମତରେ ପ୍ରତ୍ୟେକ ମ୍ୟାଚ୍‌ରେ ଜଣେ କିମ୍ବା ଦୁଇ ବ୍ୟାଟର ଆମକୁ ମ୍ୟାଚ୍ ଜିତାଉଛନ୍ତି।

### ପାକିସ୍ତାନ ଫାଇଦାରେ ଅଛି

ଚଳିତ ଟି୨୦ ବିଶ୍ୱକପ୍ ହାଇବ୍ରିଡ ମଡେଲରେ ହେଉଥିବାରୁ ପାକିସ୍ତାନ ତା'ର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳୁଛି। ପାକିସ୍ତାନ ଦଳ ତା'ର ପ୍ରତ୍ୟେକ ମ୍ୟାଚ୍ ଆର ପ୍ରେମଦାସା ଷ୍ଟାଡିୟମରେ ଖେଳିଛି। ଗୋଟିଏ ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳିବା ଯୋଗୁ ପାକିସ୍ତାନ ଦଳ ଫାଇଦାରେ ରହିବ ବୋଲି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର କହିଛନ୍ତି। ସେମାନଙ୍କୁ ଏଠାରେ ସମସ୍ତ ଖେଳିବା ଫାଇଦା ଦେଉଛି। କିନ୍ତୁ ଆମେ ଏଠାରେ ପୂର୍ବରୁ ଖେଳିଛୁ। ଏଠାକାର ପରିସ୍ଥିତି ବିଷୟରେ ଆମକୁ ଜଣାଅଛି। ପିଚ୍ କେଉଁ ଭଳି ବ୍ୟବହାର କରିବ, ଆମକୁ ଜଣାଅଛି। ଏଠାକାର ପିଚ୍ କଣ୍ଡିଶନ ଭାରତ ଭଳି। ଏଣୁ ଉଭୟ ଦଳ ଲାଗି ସମାନ ପରିସ୍ଥିତି କହିବା ଭୁଲ୍ ହେବ ନାହିଁ ବୋଲି ଅଧିନାୟକ ସୂର୍ଯ୍ୟକୁମାର କହିଛନ୍ତି।

### ହ୍ୟାଣ୍ଡଶେକ୍‌କୁ ଗୁରୁତ୍ୱ ଦିଅନ୍ତୁ ନାହିଁ

ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ହ୍ୟାଣ୍ଡଶେକ ଉପରେ ଏତେ ଗୁରୁତ୍ୱ କାହିଁକି ଦେଉଛନ୍ତି। ଆମେ କ୍ରିକେଟ ଖେଳିବାକୁ ଆସିଛୁ ଏବଂ ଆମେ ଭଲ କ୍ରିକେଟ ଖେଳିବୁ। ହ୍ୟାଣ୍ଡଶେକ କରିବୁ କି, ସେ ନେଇ ଆମେ ମ୍ୟାଚ୍ ପୂର୍ବରୁ ନିଷ୍ପତ୍ତି ନେବୁ ବୋଲି ସୂର୍ଯ୍ୟ ପ୍ରକାଶ କରିଛନ୍ତି।

# ବଡ଼ ପରଦାରେ ମ୍ୟାଚ୍ ଦେଖା ସହ ଖାଦ୍ୟ, ପାନୀୟ ଅଫର

**ନୂଆଦିଲ୍ଲୀ, ୧୪।୨ (ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ମ୍ୟାଚ୍‌କୁ ଉପଭୋଗ କରିବା ଲାଗି ରାଜଧାନୀ ଦିଲ୍ଲୀରେ ବ୍ୟାପକ ଆୟୋଜନ କରାଯାଇଛି। ଦିଲ୍ଲୀ-ଏନ୍‌ସିଆର୍ (ନ୍ୟାଶନାଲ କ୍ୟାପିଟାଲ ରିଜିଅନ୍)ରେ ରହିଥିବା ରେଷ୍ଟୁରାଣ୍ଟ ଓ ସିନେମା ହଲ୍‌ଗୁଡ଼ିକରେ ମ୍ୟାଚ୍‌ର ସିଧାପ୍ରସାରଣ ବ୍ୟବସ୍ଥା କରାଯାଇଛି। ଖେଳପ୍ରେମୀଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରକାର ଖାଦ୍ୟ ଓ ପାନୀୟ ପରିବେଷଣ ସହ ସ୍ୱତନ୍ତ୍ର ଅଫରର ବ୍ୟବସ୍ଥା କରାଯାଇଛି। ମ୍ୟାଚ ପାଇଁ ବିଭିନ୍ନ ମୃଦୁ ପାନୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେଗୁଡ଼ିକର ନାମ ଯଥା 'ହ୍ୟାଟ୍-ଟ୍ରିକ୍', 'ବିୟର ବାଉଣ୍ଡାରି', 'ସିକ୍ସର ସେଭର' ଏବଂ 'ବାଉଣ୍ଡାରି ବିଙ୍ଗେ' ଆଦି ରଖାଯାଇଛି। ଉଭୟ ଶାକାହାରୀ ଓ ମାଂସାହାରୀଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟତାଲିକା ପ୍ରସ୍ତୁତ କରାଯାଇଛି। ଜିଓଷ୍ଟାର ଓ ପିଭିଆର ଆଇନକ୍ସ ମଧ୍ୟରେ ଏକ ରଣନୈତିକ ସହଭାଗିତା ହୋଇଛି, ଯଦ୍ଦ୍ୱାରା କିଛି ସିନେମା ହଲ୍‌ରେ ସମସ୍ତ ମ୍ୟାଚ୍‌ର ସିଧା ପ୍ରସାରଣ ହେବ। ଏଥିରେ ଖେଳପ୍ରେମୀମାନେ ବଡ଼ ପରଦାରେ ଷ୍ଟାଡିୟମ ଷ୍ଟାଇଲ କ୍ରିକେଟର ରୋମାଞ୍ଚ ଅନୁଭବ କରିପାରିବେ। ଭାରତ-ପାକିସ୍ତାନ ହାଇ-ଭୋଲ୍‌ଟେଜ ମୁକାବିଲା ପାଇଁ ୫୦ରୁ ଊର୍ଦ୍ଧ୍ୱ ମାର୍କେଟରେ ୩୦୦ ବଡ଼ ପରଦାର ବ୍ୟବସ୍ଥା କରାଯାଇଛି। ଦର୍ଶକଙ୍କ ଚାହିଦା ଅନୁସାରେ ଅତିରିକ୍ତ ପରଦାର ବ୍ୟବସ୍ଥା କରାଯାଇଛି। ଟିକେଟର ସର୍ବନିମ୍ନ ମୂଲ୍ୟ ୯୯ ଟଙ୍କା ରଖାଯାଇଛି। ଭାରତକୁ ନେଇ ମ୍ୟାଚ ସମେତ ବଛାବଛା ଗ୍ରୁପ୍ ମ୍ୟାଚ ପରେ ସୁପର-୮ ଗେମ୍, ପ୍ଲେ-ଅଫ୍, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌ଗୁଡ଼ିକୁ ଦର୍ଶକମାନେ ଉପଭୋଗ କରିପାରିବେ। ନୋଭୋଟେଲ ଦିଲ୍ଲୀସ୍ଥିତ କ୍ୟୁଅନ୍ ସ୍ପୋର୍ଟ୍ସ ବାର୍‌ରେ ମ୍ୟାଚ୍‌ର ସିଧା ପ୍ରସାରଣ ଦେଖିବା ସହ ୫,୯୯୯ ଟଙ୍କା, ୪,୯୯୯ ଟଙ୍କା ଓ ୩,୪୯୯ ଟଙ୍କାରେ ଯଥାକ୍ରମେ ୧୪, ୧୦ ଓ ୬ଟି ଲେଖାଏ ବିୟର ଅଫର ରହିଛି। ଏହିଭଳି ପ୍ୟାକେଜମାନ ଅପ୍‌ଷ୍ଟେୟାର୍ସ ବାର୍ ଓ ନେତାଜୀ ସୁଭାଷ ପ୍ଲେସରେ ରହିଛି। ଏଥିରେ ୫,୦୦୦ ଟଙ୍କା, ୭,୦୦୦ ଟଙ୍କା ଓ ୮,୦୦୦ ଟଙ୍କା ବିନିମୟରେ ଗ୍ରାହକଙ୍କ ଲାଗି ଅସୀମିତ ଖାଦ୍ୟ ଓ ପାନୀୟ ଅଫର ରହିଛି।

# ଆଇଏସ୍‌ଏଲ୍ ଆରମ୍ଭ

**କୋଲକାତା, ୧୪।୨**

ବହୁ ପ୍ରତୀକ୍ଷିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୨୦୨୫-୨୬ ସିଜନ ଶନିବାର ଆରମ୍ଭ ହୋଇଯାଇଛି। ସଲ୍ଟ ଲେକ ଷ୍ଟାଡିୟମରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ମୋହନ ବାଗାନ ୨-୦ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ଦଳକୁ ୩ ପଏଣ୍ଟ ମିଳିଛି। ଡିଫେଣ୍ଡିଂ ଚାମ୍ପିୟନ ମୋହନ ବାଗାନ ପାଇଁ ୩୬ତମ ମିନିଟ୍‌ରେ ଜେମି ମ୍ୟାକଲରେନ ଗୋଲ ଦେଇଥିଲେ। ଏଥିଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ୧-୦ ଗୋଲ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ଶେଷ ଆଡ଼କୁ ଯୋଡ଼ା ଯାଇଥିବା ଅତିରିକ୍ତ ସମୟରେ ଟମ ଆଲଡ୍ରେଡ୍ (୯୦+୭) ମୋହନ ବାଗାନକୁ ୨-୦ ଗୋଲରେ ଜିତାଇଥିଲେ।

**OFFICE OF THE SUPERINTENDING ENGINEER EARTH DAM DIVISION, CHITRAKONDA DISTRICT: MALKANGIRI**

E-mail ID: executiveengineereddckd@gmail.com

No.301 Date:13.02.2026

**OFFICE ORDER**

No.32001/91/2526: Due to some unavoidable circumstances the Bid Identification No. SE-EDD-CKD-03/2025-26 is hereby cancelled.

Sd./- Superintending Engineer, Earth Dam Division, Chitrakonda, Malkangiri (O)

OIPR-32001/32019/1/25-26/0002

# ଭାରତକୁ ୪-୨ ଗୋଲରେ ହରାଇଲା ବେଲଜିୟମ୍


ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଭାରତ ଓ ବେଲଜିୟମ ମଧ୍ୟରେ ମୁକାବିଲା।

**ରାଉରକେଲା, ୧୪।୨ (ଦିନେଶ ମିଶ୍ର)**

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଛେଣ୍ଡ ସ୍ଥିତ ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଲଜିୟମ୍ ୪-୨ ଗୋଲରେ ଭାରତକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ବେଲଜିୟମ ପଏଣ୍ଟ ତାଲିକାରେ ଶୀର୍ଷରେ ରହିଛି। ଚଳିତ ଟୁର୍ନାମେଣ୍ଟରେ ବେଲଜିୟମ ଦଳ ବିଜୟଯାତ୍ରା ଜାରି ରଖିଛି। ଏହି ମ୍ୟାଚରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ହକି ଇଣ୍ଡିଆ ସମ୍ପାଦକ ଭୋଲାନାଥ ସିଂ, ହକି ଇଣ୍ଡିଆର ଡାଇରେକ୍ଟର ଜେନେରାଲ ଆର.କେ ଶ୍ରୀବାସ୍ତବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ମ୍ୟାଚ ଆରମ୍ଭରୁ ବେଲଜିୟମ୍ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଫଳରେ ପ୍ରଥମ କ୍ୱାର୍ଟରର ୧୧ମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ନର(ପିସି)କୁ ହୁଗୋ ଲାବୋଚିରେ ଗୋଲରେ କନଭର୍ଟ କରିଥିଲେ। ସେହିଭଳି ୧୪ତମ ମିନିଟ୍‌ରେ ପିସି ଜରିଆରେ ଆଲେକ୍‌ଜାଣ୍ଡାର ହେଣ୍ଡ୍ରିକ୍ସ ବେଲଜିୟମ ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ୧୫ ମିନିଟ୍‌ରେ ଆର୍ଥର ଡି' ସ୍ଲୁଭର ଏକ ପିସି ଜରିଆରେ ଗୋଲ କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ସୁଦ୍ଧା ବେଲଜିୟମ ୩-୦ ଗୋଲରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରର ୧୭ତମ ମିନିଟ୍‌ରେ ମିଳିଥିବା ଆଉ ଏକ ପିସିକୁ ଗୋଲ ପରିଣତ କରି ଆଲେକ୍‌ଜାଣ୍ଡାର ହେଣ୍ଡ୍ରିକ୍ସ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ କରିଥିଲେ। ୨୪ତମ ମିନିଟ୍‌ରେ ଅର୍ଜୁନ ଆଦିତ୍ୟ ଲାଲାଗେ ଭାରତ ପାଇଁ ପ୍ରଥମ ଗୋଲ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ବେଲଜିୟମ ୪-୧ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତକୁ ୩୭ ମିନିଟ୍‌ରେ ମିଳିଥିବା ଏକ ପିସି ଜରିଆରେ ଅଧିନାୟକ ହରମନପ୍ରୀତ ସିଂ ଗୋଲ ସ୍କୋର କରିଥିଲେ।

# କଲମ୍ବୋରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**କଲମ୍ବୋ, ୧୪।୨ (ପି.ଟି.)**

ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁଥିବା ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ହାଇଭୋଲ୍‌ଟେଜ ମ୍ୟାଚ ପାଇଁ କଲମ୍ବୋରେ ଶ୍ରୀଲଙ୍କା ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ଏହି ମ୍ୟାଚ ପ୍ରେମାଦାସା ଷ୍ଟାଡିୟମରେ ଖେଳାଯିବ। ପୋଲିସ ମୁଖପାତ୍ର ଏଫ୍.ଟି. ଉତଲର କହିଛନ୍ତି, ସୁରକ୍ଷା କ୍ଷେତ୍ରରେ ଆଦୌ ଢିଲା ଦିଆଯିବ ନାହିଁ। ମ୍ୟାଚ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ଓ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବାଂଲାଦେଶକୁ ସମର୍ଥନ କରିବାକୁ ଯାଇ ପାକିସ୍ତାନ ଏହି ମ୍ୟାଚ ବର୍ଜନ କରିବା ଲାଗି ଘୋଷଣା କରିବାରୁ ମ୍ୟାଚ ଖେଳାଯିବା ନେଇ ଅନିଶ୍ଚିତତା ଦେଖାଦେଇଥିଲା। ମାତ୍ର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି), ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଦୀର୍ଘ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇପାରିଛି। ଏପରି କି ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମରୋ ଦିସାନାୟକେଙ୍କୁ ଏହି ପ୍ରସଙ୍ଗରେ ମୁଣ୍ଡ ଖେଳାଇବାକୁ ପଡ଼ିଥିଲା। ଭାରତ ବିପକ୍ଷ ମ୍ୟାଚ ଖେଳିବା ଲାଗି ପାକିସ୍ତାନ ଦଳକୁ ଶ୍ରୀଲଙ୍କା ପଠାଇବା ଲାଗି ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କୁ ଅନୁରୋଧ କରିଥିଲେ। ଏହି ମ୍ୟାଚର ଆୟୋଜନ ପାଇଁ ଆୟୋଜକ ଶ୍ରୀଲଙ୍କା ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମ୍ୟାଚ ଖେଳା ନ ଗଲେ ତାଙ୍କ ଦେଶକୁ ବିପୁଳ କ୍ଷତି ସହିବାକୁ ପଡ଼ିବ ବୋଲି ସେ କହିଥିଲେ।

# ବିସିବି ମୁଖ୍ୟ ବୁଲବୁଲ ମ୍ୟାଚ୍ ଦେଖିବେ

**କଲମ୍ବୋ, ୧୪।୨ (ପି.ଟି.)**

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମୁଖ୍ୟ ଅମିନୁଲ ଇସ୍ଲାମ ବୁଲବୁଲ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇ ଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଯୋଗଦେବେ। ଭାରତରୁ ବିସିସିଆଇ ସଭାପତି ମିଥୁନ ମନହାସ, ସମ୍ପାଦକ ଦେବଜିତ ସାଇକିଆ, ଉପସଭାପତି ରାଜୀବ ଶୁକ୍ଳା ଉପସ୍ଥିତ ରହିବେ। ଏଣୁ ଦୁଇ ବୋର୍ଡ ମଧ୍ୟରେ ଗତ କିଛି ସପ୍ତାହ ହେଲା ଚାଲିଥିବା ତିକ୍ତତା ଶାନ୍ତ ପଡ଼ିବ ବୋଲି ଆଶା କରାଯାଉଛି। 'ଏହା ଆଇସିସିର ନିଷ୍ପତ୍ତି। ଆଇସିସିର ମୁଖ୍ୟ ଅଂଶୀଦାର ହେଉଛନ୍ତି ଏସିଆର ୫ ଦେଶ। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ସମସ୍ତ ୫ ଏସିଆ ଦେଶର ପ୍ରତିନିଧି ଏକତ୍ରିତ ହୋଇ ମ୍ୟାଚ୍ ଦେଖିବା ଲାଗି ଆମନ୍ତ୍ରଣ କରାଯାଇଛି' ବୋଲି ବୁଲବୁଲ କହିଛନ୍ତି।

**Bhubaneswar Municipal Corporation**
**South West Zone**

Phone: 0674-2552715,Fax:0674-2432895, E-mail:info@bmc.gov.in, Web:www.bmc.gov.in

No.989 / Date: 13.02.2026

File No. 16/2026

13001/223/2526: **ସଂଶୋଧନ ପତ୍ର**

ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଦକ୍ଷିଣ-ପଶ୍ଚିମ ମଣ୍ଡଳସ୍ଥିତ ଖଣ୍ଡଗିରି ଛକଠାରୁ ପୋଖରୀପୁଟ ଛକ ପର୍ଯ୍ୟନ୍ତ ପ୍ରଶସ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସାମୂହିକ ଭାବେ ବସିଥିବା ଉଠାଦୋକାନୀମାନଙ୍କୁ (ଆମିଷ ଜାତୀୟ ତଥା ଦ୍ରୁତ ଖାଦ୍ୟ ପଦାର୍ଥ ବ୍ୟବସାୟ ବ୍ୟତୀତ) ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ''ବ୍ୟବସାୟ ରହିତ କ୍ଷେତ୍ର (No Vending Zone)'' ଭାବେ ଘୋଷଣା କରାଯାଇଛି ।

ତେଣୁ ଉପରୋକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ଗଣ୍ଡମୁଣ୍ଡା ହାଟରେ ଥଇଥାନ କରାଯିବା ପାଇଁ ସାଦା କାଗଜରେ ଆବେଦନପତ୍ର ସହିତ ବ୍ୟବସାୟ ସମ୍ବନ୍ଧୀୟ ଆବଶ୍ୟକ କାଗଜପତ୍ର ଭୁବନେଶ୍ୱର ମହାନଗର ନିଗମ, ଦକ୍ଷିଣ-ପଶ୍ଚିମ ମଣ୍ଡଳ କାର୍ଯ୍ୟାଳୟରେ ଦରଖାସ୍ତ ଦେବାର ସମୟସୀମା ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ଶେଷ ତାରିଖ ୧୭.୦୨.୨୦୨୬ ପରିବର୍ତ୍ତେ ବର୍ତ୍ତମାନ ତାରିଖ ୨୭.୦୨.୨୦୨୬ ରିଖ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଗଲା ।

ଉପରୋକ୍ତ ସମୟସୀମା ପରେ ଦକ୍ଷିଣ-ପଶ୍ଚିମ ମଣ୍ଡଳ ଆୟୁକ୍ତଙ୍କ ଦ୍ୱାରା କୌଣସି ଦରଖାସ୍ତ କିମ୍ବା ଦସ୍ତାବିଜ ଗ୍ରହଣ କରାଯିବ ନାହିଁ ।

ସ୍ୱା./-ମଣ୍ଡଳ ଆୟୁକ୍ତ, (I/C)
ଦକ୍ଷିଣ-ପଶ୍ଚିମ ମଣ୍ଡଳ,
ଭୁବନେଶ୍ୱର ମହାନଗର ନିଗମ

OIPR-13001/13002/1/25-26/0025

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 961/PSC, dt. 13.02.2026**
**(1R-09-2024/25)(DR-V)**

**No.12001/16/2526** : It is for information of all concerned that, pursuant to the Advertisement No. 27 of 2023-2024, **66 (Sixty-six)** candidates, bearing following PPSAN have been shortlisted for interview for the post of **Assistant Professor (Stage-I) in "Geology"**. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack -753001 on **06.03.2026 to 08.03.2026** as per the programme mentioned below.

| Date | Time of Interview | PPSAN of Candidates |
|---|---|---|
| 06.03.2026 | 10.30 A.M. | P240284422, P240311409, P230107829, P220017876, P240301882, P240304807, P220083422, P230180393, P240311331, P220073091, P230177578, P220068944, P240296776 & P230182962 = **14 Candidates** |
| | 02.30 P.M. | P230177093, P230124497, P240306965, P240312037, P240302964, P240312050, P230185520, P230187923, P230187867, P240307927, P240302791 & P240303984 = **12 Candidates** |
| 07.03.2026 | 10.30 A.M. | P230137904, P240298247, P240304477, P240304925, P240306347, P230141335, P230198040, P220016025, P220050675, P230177832, P220058723, P220040937, P240295889 & P230101482 = **14 Candidates** |
| | 02.30 P.M. | P230179203, P240286845, P240302501, P230182918, P240306792, P220037179, P230147162, P240285880, P230155745, P220086716, P220007504 & P240291089 = **12 Candidates** |
| 08.03.2026 | 10.30 A.M. | P240291370, P240308726, P230178884, P230155816, P220025354, P220067444, P220059712, P230163853, P240294573, P230234068, P240299419, P240305219, P230141449 & P230141687 = **14 Candidates** |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**FURTHER, THE CANDIDATES ARE ADVISED TO BRING THE FOLLOWING FOR THE INTERVIEW :-**

(a) List of articles/publications (format enclosed at Annexure-I).
(b) List of books authored and co-authored (format enclosed at Annexure-II). (c) 04 sets of 4 (four) publications / articles of which the candidate is the first or second authors.
(d) 04 sets of 2 (two) books authored / co-authored by the candidates.
(e) A brief synopsis of doctoral research paper in two pages - 4 sets.

**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

OIPR-12001/12002/1/25-26/0007 Sd./- Secretary

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଟି ଅତଡ଼ାକୁ ଧକ୍କାଦେଲା ଯାତ୍ରୀବାହୀ ବସ୍: ୩୭ ଆହତ, ୩ ଗୁରୁତର

**ମୋହନା, ୧୪।୨ (ମନ୍ମଥମିଶ୍ର)**

ଚାଳକଙ୍କ ଦ୍ରୁତ ଗାଡ଼ିଚାଳନା ଯାତ୍ରୀଙ୍କ ପାଇଁ ବିପଦକୁ ଡାକିଆଣେ। ସେହିପରି ଏକ ବସ୍‌କୁ ଚାଳକ ମୋବାଇଲ ଫୋନରେ କଥା ହୋଇ ଦ୍ରୁତ ଗତିରେ ଚଳାଇ ଏକ ମାଟି ଅତଡାକୁ ଧକ୍କା ଦେଇଛନ୍ତି। ଫଳରେ ବସ୍‌ରେ ଥିବା ୩୭ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ଗୁରୁତରମାନେ ହେଲେ ଗଞ୍ଜାମ ଜିଲା ସନ୍ତୋଷପୁର ପଞ୍ଚାୟତ ଖଣ୍ଡଦେଉଳି ଗ୍ରାମର କନକ ବେହେରା (୫୫), ବାରିଗାଁର ରତ୍ନା ମଳିକ (୪୫) ଓ ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଗାଁର ଶୋବାନୀ ସାହୁ (୩୦)। ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗାଁ ନିକଟ ଇନ୍ଦିରା ସ୍ମାରକୀ ମହା ବିଦ୍ୟାଳୟ ନିକଟରେ ଏପରି ଦୁର୍ଘଟଣା ଘଟିଛି। ଖବରରୁ ଜଣାପଡିଛି, ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରି 'ବିକ୍ରାନ୍ତ' ନାମକ ଏକ ଘରୋଇ ବସ୍ (ଓଆର୦୭ଏନ୍-୭୧୭୩) ଗଜପତି ଜିଲାର ନୂଆଁଗଡ଼ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଚାଳକ ଫୋନରେ କଥା ହୋଇ ଅନ୍ୟମନସ୍କ ରହି ଦ୍ରୁତଗତିରେ ଗାଡି ଚଳାଉଥିଲେ। ଏକ ଘରୋଇ ବସ୍‌କୁ ଓଭରଟେକ କରିବା ବେଳେ ଭାରସାମ୍ୟ ରକ୍ଷା କରି ନ ପାରି ସେ ଚାନ୍ଦିପୁଟ କଲେଜ ନିକଟରେ ଥିବା ଏକ ମାଟି ଅତଡ଼ାକୁ ଧକ୍କା ଦେଇଥିଲେ। ଫଳରେ ବସ୍‌ର ଆଗକାଚ ସଂପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ କେତେକ ସିଟ୍ ଉପରକୁ ଉଠିଆସିଥିଲା। ଗାଡ଼ିରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ୩୭ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୩ ଜଣ ଗୁରୁତର ହୋଇଛନ୍ତି। ଖବର ପାଇ ସ୍ଥାନୀୟ ଲୋକେ ଓ ମୋହନା ଅଗ୍ନିଶମବାହିନୀ ଅଧିକାରୀ ପଙ୍କଜ ମହାନ୍ତି ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଆହତ ଓ ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।

ଚିକିତ୍ସା ଲାଗି ୨୨ ଯାତ୍ରୀଙ୍କୁ ଚନ୍ଦ୍ରଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ମୋହନା ଡାକ୍ତରଖାନାରେ ୧୫ ଜଣଙ୍କୁ ଭର୍ତ୍ତି କରାଯାଇଛି। ଗୁରୁତର ଥିବା ସମ୍ପୃକ୍ତ ୩ ଜଣଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଥିବା ଡା. ଜିତେନ୍ଦ୍ର ପ୍ରସାଦ ଦାଶ ଓ ଡା. ଆଶୁତୋଷ ପ୍ରଧାନ କହିଛନ୍ତି। ଗୁରୁତର ମାନଙ୍କ ମୁଣ୍ଡ, ଛାତି, ଗୋଡ଼ରେ ଗଭୀର ଆଘାତ ଲାଗିଛି। ୨ଜଣଙ୍କ ହାତ ଭାଙ୍ଗି ଯାଇଛି। ଘଟଣା ସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି। ମୋହନା ଏସ୍‌ଆଇ ସୌମ୍ୟ ରଞ୍ଜନ ବରାଳ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।


ଦୁର୍ଘଟଣାଗ୍ରସ୍ତ ବସ୍।

## ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି ପଦ୍ଧତିରେ ଅସ୍ତ୍ରୋପଚାର
## ସମ୍ ଅଲ୍ଟିମେଟ୍ ମେଡିକେୟାରର ସଫଳତା



**ଭୁବନେଶ୍ୱର, ୧୪।୨ (ଅନୁରାଧା ମହାରଣା)**

ପ୍ରଥମଥର ପାଇଁ ଆଣ୍ଠୁର ନିମ୍ନଭାଗକୁ ଅତ୍ୟାଧୁନିକ ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି ପଦ୍ଧତିରେ ସଦ୍ୟତମ ଜେଟ୍‌ଷ୍ଟ୍ରିମ୍ ଟେକ୍ନୋଲଜି ବ୍ୟବହାର କରି ସୁରକ୍ଷା ଦେବାରେ ସମ୍ ଅଲ୍ଟିମେଟ୍ ମେଡିକେୟାର ସଫଳ ହୋଇଛି। ହସ୍ପିଟାଲର ଇଣ୍ଟରଭେନ୍ସନାଲ ରେଡିଓଲୋଜିର କନ୍ସଲ୍‌ଟାଣ୍ଟ ଡାକ୍ତର ସମ୍ବିତ କୁମାର ପଟ୍ଟନାୟକ ମିନିମାଲି ଇନ୍‌ଭେସିଭ ଭାସ୍କୁଲାର କେୟାର ମାଧ୍ୟମରେ ଏହି ଅସ୍ତ୍ରୋପଚାର ସମ୍ପନ୍ନ କରିଛନ୍ତି। ରୋଗୀଙ୍କ ଗୋଡ଼ ଧମନୀରେ ଜଟିଳ ବ୍ଲକେଜ ସମସ୍ୟା ରହିଥିବା ବେଳେ ଏହା ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିଲା। ଏହା ଭବିଷ୍ୟତରେ ଚିକିତ୍ସା ସମ୍ଭବ ନ ଥିବା ଅଲ୍‌ସର ଓ ଗାଙ୍ଗ୍ରିନ ଭଳି ସମସ୍ୟା ଉପୁଯାଇଥାନ୍ତା ଏବଂ ଗୋଡ଼ କାଟିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥାନ୍ତା। ଏଭଳି ଜଟିଳ ସମସ୍ୟା ଥିବା ରୋଗୀଙ୍କର ଚିକିତ୍ସା ପାଇଁ ଖୁବ୍ କମ୍ ସୁଯୋଗ ରହିଥାଏ। ବିଶେଷକରି ଆଣ୍ଠୁର ନିମ୍ନ ପାର୍ଶ୍ୱରେ ଛୋଟ ଛୋଟ ଧମନୀରେ ଯେତେବେଳେ ବ୍ଲକେଜ ସୃଷ୍ଟି ହୁଏ, ତାହା ରୋଗୀକୁ ଆହୁରି ଅସୁସ୍ଥ କରିଦେଇଥାଏ। ତେବେ ବର୍ତ୍ତମାନ ଅତ୍ୟାଧୁନିକ ଆଥେରେକ୍ଟୋମି ଟେକ୍ନୋଲଜି ଦ୍ୱାରା ଅସ୍ତ୍ରୋପଚାର ନ କରି ପ୍ଲାକ ଏବଂ କ୍ଲଟ୍‌କୁ ବାହାର କରାଯାଇପାରୁଛି ଏବଂ ଏହାଦ୍ୱାରା ଅଙ୍ଗଚ୍ଛେଦ ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁଛି ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି। ଏହି ଅତ୍ୟାଧୁନିକ ଚିକିତ୍ସା ଦ୍ୱାରା ସମ୍ ଅଲ୍ଟିମେଟ୍ ଓ ରୋଗୀମାନଙ୍କ ମଧ୍ୟରେ ନୂତନ ଆଶାର କିରଣ ସୃଷ୍ଟି କରିଛି ବୋଲି ହସ୍ପିଟାଲର ଚିଫ୍ ଅଫ୍ ମେଡିକାଲ ସର୍ଭିସେସ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର ସୂଚନା ଦେଇଛନ୍ତି। ସିଇଓ ଡ. ଶ୍ୱେତପଦ୍ମା ଦାଶ କହିଛନ୍ତି, ଏହି ସଫଳତା ହସ୍ପିଟାଲକୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ମାଇଲ ଖୁଣ୍ଟ ଭାବେ ଉଭା ହେବାକୁ ସାହାଯ୍ୟ କରିଛି।

## ନିର୍ବାଚନ ସଚେତନତା ନେଇ ରେଡିଓ ପ୍ରସାରକଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା
# ଯୋଗ୍ୟ ଭୋଟର ବାଦ୍ ନ ପଡ଼ନ୍ତୁ : ସିଇଓ

**ଭୁବନେଶ୍ୱର, ୧୪।୨ (ବନ୍ଦନା ସେଠୀ)**

ଜନସାଧାରଣଙ୍କ ପାଖରେ ଠିକ୍ ସୂଚନା ପହଞ୍ଚାଇବା ଏବଂ ସଚେତନତା ବୃଦ୍ଧି କରିବାରେ ରେଡିଓ ଏକ ଶକ୍ତିଶାଳୀ ମାଧ୍ୟମ। ତେଣୁ ରେଡିଓ ପ୍ରସାରକମାନେ ଲୋକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ଅଧିକରୁ ଅଧିକ ଜଣାଇବାକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର. ଏସ. ଗୋପାଳନ ଆହ୍ୱାନ ଦେଇଛନ୍ତି। ରାଜ୍ୟର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ଗଠନ କରିବା ଲକ୍ଷ୍ୟରେ 'ରେଡିଓ ପ୍ରସାରକଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା' ଶନିବାର ଓଡ଼ିଶା ସିଇଓଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଦ ସୋସିଓଜେନିକ ଫାଉଣ୍ଡେଶନ ଏବଂ ଆଉଟ୍‌ରିଚ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଇଓ ଗୋପାଳନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୋଟର ସୂଚୀର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସ୍‌ଆଇଆର) ଉପରେ ଗୁରୁତ୍ୱାରୋପ କରିଥିଲେ। ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ନାଗରିକଙ୍କ ନାମ ଭୋଟରତାଲିକାରେ ରହିବା ଅପରିହାର୍ଯ୍ୟ। କୌଣସି ଜଣେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟରତାଲିକାରୁ ବାଦ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ଏଥିରେ ଅନ୍ତର୍ଭୁକ୍ତ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ଗୋପାଳନ ପରାମର୍ଶ ଦେଇଥିଲେ।

କର୍ମଶାଳାର ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ମଧ୍ୟରେ '୧୮ ବର୍ଷ ବୟସ ହୋଇଥିବା ପ୍ରତ୍ୟେକ ଭାରତୀୟ ନାଗରିକ କିଭଳି ନିଜ ନାମ ପଞ୍ଜୀକୃତ କରିପାରିବେ' ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହ ଭୋଟରତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଆପତ୍ତି ଅଭିଯୋଗ ଦାଖଲ କରିବା ପ୍ରକ୍ରିୟା ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ରେଡିଓ ପ୍ରସାରକମାନେ ସିଧାସଳଖ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପାଳନଙ୍କ ସହିତ ଏସ୍‌ଆଇଆର୍ ମ୍ୟାପିଂ ସମ୍ବନ୍ଧୀୟ ସିଧାସଳଖ ଆଲୋଚନା କରିଥିଲେ। କର୍ମଶାଳାରେ ବିଭିନ୍ନ ରେଡିଓ ଷ୍ଟେଶନର ପ୍ରତିନିଧି ଏବଂ ପ୍ରସାରକମାନେ ଅଂଶଗ୍ରହଣ କରି ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ବୈଷୟିକ ଦିଗ ଉପରେ ଧାରଣା ପାଇଥିଲେ। ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ବରିଷ୍ଠ ରେଡିଓ ପ୍ରସାରକ ଅଶୋକ ପାଣିଗ୍ରାହୀ, ଲୋକସମ୍ପର୍କ ଅଧିକାରୀ ବିଜୟାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ତୁଟିଲା ବିବାଦ, ସୋମବାରଠାରୁ ପଢ଼ିବାକୁ ଆସିବେ ଶିଶୁ
### ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ଛୁଆଁ ଅଛୁଆଁ ଘଟଣା

**ରାଜନଗର, ୧୪।୨ (ଭାସ୍କର ରାଉତରାୟ)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ ଘଡ଼ିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ଛୁଆଁ ଅଛୁଆଁ ପ୍ରସଙ୍ଗ ଚର୍ଚ୍ଚା ସୃଷ୍ଟି କରିଥିଲା। ଦିନେ କି ୨ ଦିନ ନୁହେଁ, ଦୀର୍ଘ ୮୬ ଦିନ ହେଲା ଅଙ୍ଗନୱାଡି କେନ୍ଦ୍ରକୁ ପଢ଼ିବାକୁ ଶିଶୁ ଆସୁନାହାନ୍ତି। ଅନୁସୂଚିତ ଜାତିର ଜଣେ ଯୁବତୀ ୨୦ ନଭେମ୍ବର ୨୦୨୫ରେ ଉକ୍ତ କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ପାଇବା ଦିନଠାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ରାଜ୍ୟ ସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଉଠାଇବା ପରେ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିଲା।

ଶନିବାର ମହିଳା କମିଶନ ସଦସ୍ୟା କଳ୍ପନା ମଲ୍ଲିକ, ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ କେନ୍ଦ୍ରାପଡ଼ାରେ ପହଞ୍ଚି ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନାକରି ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଏସ୍‌ପି ସୁଧାକର ସାହୁ , ଜିଲା କଲ୍ୟାଣ ଅଧିକାରୀ ଅରବିନ୍ଦ ରାୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ରାଜନଗର ତହସିଲଦାର ଯୀଶୁକ୍ରୀଷ୍ଟ ଦାସ, ଆଇଆଇସି ନରେଶ କୁମାର ସାହୁ , ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର ଓ ସିଡିପିଓ ଦୀପାଳି ମିଶ୍ର ପ୍ରମୁଖ ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜାତିଭେଦ ଦୂରକରିବା ଉପରେ ପର୍ଯ୍ୟବସିତ ପାଲା ଗାଁରେ ପରିବେଷଣ କରାଯାଇଥିଲା। ସମସ୍ତ ଅଧିକାରୀ ଗାଁର ଘରକୁ ଘର ବୁଲି ଲୋକଙ୍କୁ ସଚେତନକରିବା ସହ ଉପଜଲାପାଳଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହ ବୈଠକ ବସିଥିଲା। ବୈଠକରେ ଗ୍ରାମବାସୀ ଜାତିଭେଦ ପ୍ରସଙ୍ଗ ଉଠାଇଥିଲେ। ପଥରବନ୍ଧ ନ ଥିବାରୁ ନଦୀର ଜୁଆରପାଣି ଗାଁକୁ ମାଡ଼ି ଆସୁଛି, ରାସ୍ତା ନାହିଁ, ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ନାହିଁ , ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ ଆଦି ଅଭିଯୋଗ କରିଥିଲେ। ପ୍ରଶାସନ ତାଙ୍କ ଦାବି ନ ଶୁଣିବାରୁ ସେମାନେ ଏପରି ପଦକ୍ଷେପ ନେଇଥିବା କହିଥିଲେ। ସେମାନଙ୍କ ଦାବି ପ୍ରଶାସନ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଗ୍ରାମବାସୀ ମିଳିତ ଭାବେ ଶପଥ ପାଠ କରିଥିଲେ। ଅଙ୍ଗନୱାଡି ସହାୟିକା ଶର୍ମିଷ୍ଠା ସେଠୀ ରୋଷେଇକରିବା ପରେ ପ୍ରଶାସନିକ ଅଧିକାରୀ ଓ ଗାଁର ୨ ଜଣ ମୁରବିଖାଇଥିଲେ।


# Classified Everyday
**0674-2580101, 9692975378**




**BRIDE WANTED**

Handsome Brahmin Boy 1994, 5'6", B-Tech (IIT) Kanpur, MBA (Hyderabad) serving senior Engineer MNC Delhi. "SUNASANSAR" 9937512659. D-3390

**GROOM WANTED**

Beautiful Brahmin girl 1996, 5'3", MBA (XIMB) serving manager MNC Hyderabad settled Bhubaneswar. ''SUNASANSAR'' 9937512659. D-3389

Handicap ପୁଅ ସଙ୍ଗେ ରହୁଥିବା 56 ବୟସ୍କା Central Govt. ଚାକିରିଆ ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3392

48 ବୟସ୍କା ବଙ୍ଗାଳି ଅବିବାହିତା Govt. ଚାକିରିଆ ବାପା, ମା' ନଥିବା ଝିଅଙ୍କୁ Divorce/Widow/ Unmarried ପୁଅ ଦରକାର। 9776705242. D-3391




**SALE**

Vespa Aprilia 125cc 2020 model Avon Battery Cycle. Contact: 9337128558. D-3076




**SALE**

**Land near Balasore Town for Sale. Residential Plot 19 decimals near Harihat in Village Sindhia near Balighat and 278 decimals all in Village Sahupada near Balasore- Baripada National Highway. Please contact immediately- 7656861995.** D-75863

OSHB Gharabari Land (3000Sq.Ft.) for sale in Baramunda in front of Jagannathvihar Park with 30Ft. wide road suitable for Residential/ official purpose. Contact: 7894453807/ 7894453838. D-76897

**ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537.** D-3215

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

**2 BHK, 1261 Sqft New Flat with elegant interiors for sale at Cantonment Road, Cuttack. Price- 1.35 Cr Mob- 9778194441.** D-3370

Single patch Sthitiban Land (22.00Acre.) for sale at Satasankha Bazar, 1 1/2 Kms. away from Royal Palm Village on Satasankha to Balanga Road suitable for Holiday Resorts, Convention, Apartment project. Contact: 7894453807/ 7894453838. D-76898

N.H. facing Sthitiban commercial Land (16072Sq.ft.) for sale in Pahal (Bhubaneswar) with 150Ft. (approx.) frontage Suitable for Resort/ Hotel/ Shopping/ Hospital etc. Contact: 7894453807 / 7894453838. D-76896




**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types of physiotherapy and massage contact 9556924059/ 7656969134. D-3339

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

Newly open Jyoti SPA positively health benefits (Expert therapist). Contact- 8458067955. D-76955

**LOST**

On dtd. 10.01.2026 at 4.15PM one Rupesh Kumar Agrawal, S/o.- Late Ghasiram Agrawal of Village/P.S.- Lathor, Dist.- Balangir appeared at P.S. and presented a written report bearing G.D.No.-015 that his original Land Sale Deed bearing Regd. No.903/2010, Sub-Registry Office- Patnagarh of Mouza Pipalbahal, Khata No.108/329, Plot No. 282/1169, 285 and 286 which was Regd. on 22.4.2010 kept in a wooden box was damaged by white Ants and cannot be traced out.
Rupesh Kumar Agrawal
D-3388

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ। ରଙ୍ଗୀନ ଟ୪୨୦/- ରୋ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Sri Sachidananda Nanda, my sale deed No.- 2346/ 2000 (603/ 502), CC No.- 63/ 26 lost in my Govt. quarter, Dhenkanal. If somebody get kindly contact my phone No.- 9437762919. D-3384

ଆମ୍ଭେ ଶ୍ରୀମତୀ ସୁକାନ୍ତି ଗିରି, ସ୍ୱାମୀ- ଶ୍ରୀପତି ଗିରି, ଗ୍ରାମ- ହିଜିଳି, ଥାନା- ବାଙ୍ଗିରିପୋଷି, ଜିଲ୍ଲା- ମୟୂରଭଞ୍ଜ ଘୋଷଣା କରୁଅଛିକି ଆମ୍ଭେ ଆମ୍ଭର ମୌଜା ଖାତା ନଂ. ୧୬୦/୭୦, ପ୍ଲଟ୍ ନଂ. ୪୯୦/୬୦୭ର ମୂଳ କବଲାଟି ହଜାଇ ଦେଇଅଛି। ଏ ସଂକ୍ରାନ୍ତରେ ବାଙ୍ଗିରିପୋଷି ଥାନା ଷ୍ଟେସନ ଡାଇରି ନଂ. ୧୧/ ୧୩।୦୨।୨୦୨୬ରେ ଏକ ମାମଲା ଏବଂ ମାନ୍ୟବର ନୋଟାରୀ କୋର୍ଟରେ ଏକ ଆଫିଡାଭିଟ୍ ଦାଖଲ କରିଅଛୁ।
ସ୍ୱା./- ସୁକାନ୍ତି ଗିରି
ଧ-୩୩୮୭

**AFFIDAVIT**

By virtue of an affidavit, I, Shahe Jada Khan, S/o- Late Abdul Karim Khan of Rasulpur, Kakatpur, Puri declare that my name has been wrongly recorded as Abdul Sakil Khan in Aadhaar Card XXXX XXXX 4772. That Shahe Jada Khan and Abdul Sakil Khan are the same and one person.
D-3393

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**ପ୍ରଥମ ପୃଷ୍ଠାରୁ...**

### ଚୌଦ୍ୱାର ଜେଲରୁ...


ଗୟାରେ ରାଜା ଏବଂ ମଧୁକାନ୍ତ ଅଲଗା ହୋଇଯାଇଥିଲେ। ମଧୁକାନ୍ତ ଗୟାରେ କିଛିଦିନ ରହିବା ପରେ ତାଙ୍କ ପ୍ରେମିକାକୁ ଭେଟ କରିବାକୁ ଯାଇଥିଲେ। ସେଠାରେ ପ୍ରେମିକା ସହ ଏକ ହୋଟେଲରେ ରହିଥିବା ଖବର ପୋଲିସ ପାଇ ସେଠାରେ ପହଞ୍ଚିବା ପୂର୍ବରୁ ମଧୁକାନ୍ତ ଫେରାର ହୋଇଯାଇଥିଲେ। ୨୦ ଦିନ ତଳେ ମଥୁରା ଯାଇ ଏକ ଗେଷ୍ଟ ହାଉସ୍‌ରେ କାମ କରୁଥିଲେ। ସେଠାରେ ନିଜର ଚେହେରା ବଦଳାଇବା ସହ ନିଜ ନାମକୁ ବଦଳାଇ ଦେଇଥିଲେ। ୨୪ ବର୍ଷୀୟ ମଧୁକାନ୍ତ ସେଠାରେ ନିଜର ନାଁ ବଦଳାଇ ବାସୁ ପାଣ୍ଡେ ରଖିଥିଲେ। ସେଠାରେ ଗେଷ୍ଟହାଉସ୍‌କୁ ଆସୁଥିବା ଅତିଥିଙ୍କୁ ସହଯୋଗ କରିବା ସହ ବୃନ୍ଦାବନ ବୁଲାଇ ଧର୍ମ ଚର୍ଚ୍ଚା କରୁଥିଲେ। କିନ୍ତୁ ସେ ଗେଷ୍ଟହାଉସ୍‌ରେ ନିଜ ପ୍ରେମିକା ସହ ନୂଆ ଫୋନରେ କଥା ହେଉଥିଲେ, ଯେଉଁଥିପାଇଁ ସ୍ପେଶାଲ ଟିମ୍ ଖୋଜୁଥିବା ବେଳେ ଲିଙ୍କ୍ ମିଳିଥିଲା। ଏକ ଟିମ୍ ଉକ୍ତ ଗେଷ୍ଟହାଉସ୍ ନିକଟରେ ଥିବା ଅନ୍ୟ ଏକ ଗେଷ୍ଟହାଉସ୍‌ରେ ରହି ମଧୁକାନ୍ତଙ୍କ ଗତିବିଧି ଉପରେ ନଜର ରଖିଥିଲା। ଫେରାର କଏଦୀ ମଧୁକାନ୍ତ ବୋଲି ସ୍ପଷ୍ଟ ହେବା ପରେ ସେ କାମ କରୁଥିବା ଗେଷ୍ଟହାଉସ୍‌ରେ ରହିବା ପାଇଁ ଯୋଜନା କରିଥିଲେ। ପୋଲିସ ଟିମ୍ ନିଜକୁ ଅଣଓଡ଼ିଆ ପରିଚୟ ଦେବା ସହ ହିନ୍ଦୀରେ କଥା ହେବା ସହ ପ୍ରମାଣ ପତ୍ର ମଧ୍ୟ ରାଜ୍ୟ ବାହାରର କରିଥିଲେ। ମଧୁକାନ୍ତ କାମ କରୁଥିବା ଗେଷ୍ଟହାଉସ୍‌ରେ ରହିବା ପାଇଁ ପୋଲିସ ଟିମ୍ ଗ୍ରାହକ ସାଜି ଯୋଗାଯୋଗ କରିଥିଲେ। ଗେଷ୍ଟହାଉସ୍ ମାଲିକ ନିର୍ଦ୍ଦେଶ ପରେ ପୋଲିସ ଟିମ୍‌କୁ ନେବା ପାଇଁ ମଧୁକାନ୍ତ ବସ୍‌ଷ୍ଟାଣ୍ଡ ପାଖକୁ ସ୍କୁଟି ନେଇଯାଇଥିଲେ। ସ୍କୁଟିରେ ମଧୁକାନ୍ତ ୨ଜଣ ପୋଲିସ ଟିମ୍‌କୁ ଆଣିବା ସମୟରେ ପୋଲିସ ତାଙ୍କୁ ଅଟକାଇ ମାଡ଼ି ବସିଥିଲେ। ପରେ କୋଟ୍‌ୱାଲି ପୋଲିସ ଷ୍ଟେଶନ ସହ ଯୋଗାଯୋଗ କରିବା ପରେ ତାଙ୍କୁ ଗିରଫ କରି ସ୍ଥାନୀୟ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା। ଶନିବାର ମଧୁକାନ୍ତଙ୍କୁ କଟକ ଜେଏମ୍‌ଏଫ୍‌ସି-୧ କୋର୍ଟରେ ହାଜର କରାଯିବା ପରେ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି। ତାଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ପକ୍ଷରୁ ନାଗାଲାଣ୍ଡ, ବିହାର, ଉତ୍ତରପ୍ରଦେଶ, ଦିଲ୍ଲୀ, କର୍ଣ୍ଣାଟକ ଏବଂ ଅନ୍ୟ ସହରରେ ଚଢ଼ାଉ କରାଯାଇଥିଲା।

### ବଜେଟ ଚିଠା...

ଶକ୍ତି ବିଭାଗ ଉପରେ ସରକାର ଅଧିକ ଗୁରୁତ୍ୱ ଦେବେ ବୋଲି ଜଣାପଡିଛି। ଯେଉଁ ବିଭାଗଗୁଡିକ ଦ୍ୱାରା ସାଧାରଣ ଲୋକମାନେ ବିଶେଷ ଉପକୃତ ହେବେ ସେଭଳି ଦିଗ ପ୍ରତି ସରକାର ବିଶେଷ ଧ୍ୟାନଦେବା ଏକ ପ୍ରକାର ନିଶ୍ଚିତ। ଭାଜପା ସରକାର ଆସିବା ପରେ ରାଜ୍ୟରେ ପ୍ରଥମ ଥର ପାଇଁ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସେହି ଦୃଷ୍ଟିରୁ ଏହି ବଜେଟର ରୂପରେଖ ସରକାରୀ ଦଳ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ।

# ମହାଶିବରାତ୍ରିରେ...

**ଆଜି ହେଉଛି ମହାଶିବରାତ୍ରି। ଗାଁଠୁ ସହର ପ୍ରତ୍ୟେକ ଶିବମନ୍ଦିର ଉତ୍ସବମୁଖର। ସବୁଠି ଶ୍ରଦ୍ଧାଳୁଙ୍କ ଭିଡ଼। ରାତିରେ ଉଜାଗର ରହି ଦୀପ ଜାଳିବା ଆଉ ମନ୍ଦିରରେ ମହାଦୀପ ଦର୍ଶନ କରିବାକୁ ସମସ୍ତଙ୍କ ମନରେ ଭରି ରହିଛି ଉତ୍କଣ୍ଠା। ଏହାସହ ଫଟୋ ଓ ରିଲ୍ସ ଭିଡିଓ ଶୁଟ୍ କରି ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରିବାକୁ ଅଧିକାଂଶ ଯୁବତୀଯୁବକ ବେଶ୍ ଉତ୍କଣ୍ଠିତ। ହେଲେ ସାମାନ୍ୟ ଅବହେଳାରୁ ଏହି ଖୁସିର ପର୍ବ ଯେପରି କୌଣସି ଦୁର୍ଘଟଣାର କାରଣ ନ ସାଜୁ, ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ସତର୍କ ରହିବା ଜରୁରୀ...**



ଆଜି ଦେବଦେବ ମହାଦେବଙ୍କ ପୂଜା ପାଇଁ ସବୁ ଶିବମନ୍ଦିର ନାନାଦି ଫୁଲ ଓ ଆଲୋକମାଳାରେ ସଜା ଯାଇଛି ଆଉ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। କେଉଁଠି ହୋମଯଜ୍ଞ ତ ଆଉ କେଉଁଠି ଭୋଜି ଭାତ ସହ ଭଜନ ସମାରୋହ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂଧ୍ୟାରେ ଭକ୍ତମାନେ କିପରି ଶୃଙ୍ଖଳାରେ ବସି ଦୀପ ଜାଳିବେ ଓ ମହାଦୀପ ଦର୍ଶନ କରିବେ, ସେଥିପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ଆଉ ଏହାର ଆନନ୍ଦ ନେବା ସହ ଏହି ଅପୂର୍ବ ସୁନ୍ଦର ଦୃଶ୍ୟକୁ ଫଟୋ ଓ ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରି ଅଧିକ ଲାଇକ୍, କମେଣ୍ଟ, ଭ୍ୟୁ ପାଇବାକୁ ଅନେକଙ୍କ ମଧ୍ୟରେ କ୍ରେଜ୍ କହିଲେ ନ ସରେ। ହେଲେ ଦୀପ ଜାଳୁଥିବା ସମୟରେ ଭିଡିଓ କିମ୍ବା ଫଟୋ ଶୁଟ୍ ବେଳେ ସାମାନ୍ୟ ଅସାବଧାନତା ବି କେବେକେବେ ବଡ଼ ଅଗ୍ନିକାଣ୍ଡ ଭଳି ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଜାଗର ଜାଳିବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ...

**ଦୀପ ଜାଳିବା ବେଳେ ରୁହନ୍ତୁ ସତର୍କ:** ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ମହାଶିବରାତ୍ରିରେ ଜାଗର ଜାଳିବା ବେଳେ ରିଲ୍ସ ଭିଡିଓ ଶୁଟିଂ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ସେମାନେ ସୁନ୍ଦର ସୁନ୍ଦର ଟ୍ରାଡିଶନାଲ୍ ପୋଷାକ ପିନ୍ଧି ଆଉଟ୍‌ଫିଟ୍ ପିନ୍ଧୁଛନ୍ତି। ଯଦିଓ ଏଭଳି ପୋଷାକ ସହ ଦୀପ ଧରି ଫଟୋ ଓ ଭିଡିଓ କରିବା ନିଶ୍ଚିତ ଭାବେ ଆକର୍ଷଣୀୟ, ହେଲେ ଗୋଟିଏ ହାତରେ ଦୀପ ଧରିବା କିମ୍ବା ଦୀପ ପାଖେ ଠିଆ ହୋଇ ଅନ୍ୟ ହାତରେ ମୋବାଇଲ୍ ଧରି ଫଟୋ ଉଠାଇବା ବେଳେ ଡ୍ରେସ୍ ନିଆଁ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତା'ଛଡା ଏହି ସମୟରେ ହଜାର ହଜାର ଭକ୍ତ ଏକାଠି ବସି ଦୀପ ଜାଳୁଥିବାରୁ ସାମାନ୍ୟ ଅସତର୍କତା ନିଜ ସହ ଅନ୍ୟ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିପାରେ। ତେଣୁ ଏଥିପ୍ରତି ବିଶେଷ ସତର୍କ ରୁହନ୍ତୁ।



**ଲାଇଟ୍‌ର କରେଣ୍ଟ ପ୍ରତି ରୁହନ୍ତୁ ସତର୍କ:** ମନ୍ଦିରକୁ ସଜାଇବା ଲାଗି ଫୁଲ ସହିତ ଭଳିକି ଭଳି ରଙ୍ଗର ଲିଟୁ ଲାଇଟ୍ ଲଗାଯାଇଥାଏ। ରାତିରେ ଏହି ଆକର୍ଷଣୀୟ ଆଲୋକସଜ୍ଜା ଭିତରେ ଫଟୋ ଆଉ ଭିଡିଓର ଦୃଶ୍ୟ ସତରେ ଅପୂର୍ବ। ହେଲେ ବର୍ତ୍ତମାନ ଭିଡିଓ ନିଶାରେ ଲିଟୁ ଲାଇଟ୍‌କୁ ଲାଗି ଠିଆ ହେବା କିମ୍ବା ହାତରେ ଦୀପ ଧରି ଏହା ପାଖରେ ଠିଆ ହେବାର ଭୁଲ୍ ଆଦୌ କରନ୍ତୁ ନାହିଁ। କାରଣ କେବେକେବେ ଲାଇଟ୍ କନେକ୍ସନ୍‌ରେ ତ୍ରୁଟି ରହିଯାଇଥାଏ, ଯେଉଁଥିପାଇଁ ଲିକେଜ୍ ଥିଲେ କରେଣ୍ଟ ଲାଗି ଜୀବନ ବିପଦରେ ପଡ଼ିବାର ଆଶଙ୍କା ରହିଛି।

**ଗ୍ରୁପ୍ ଫଟୋଶୁଟ୍ ପଡ଼ିପାରେ ଭାରି:** ଶର୍ଟ୍ସ ବା ରିଲ୍ସର ଏବେ ଟ୍ରେଣ୍ଡ ଚାଲିଛି, ଯେଉଁଥିରେ ଅଧିକାଂଶ ଯୁବତୀଯୁବକ ସବୁଠୁ ବେଶୀ ଆକ୍ଟିଭ୍ ଥିବା ଦେଖିବାକୁ ମିଳୁଛି। ଏକାଠି ଦୀପ ଜାଳିବା, ବିଭିନ୍ନ ଗୀତର ତାଳେତାଳେ ଦୀପ ଧରି ଚାଲିବା, ଡ୍ୟାନ୍ସ କରିବା ଆଦି ଦ୍ୱାରା ଡ୍ରେସ୍‌ରେ ନିଆଁ ଲାଗିବାର ଆଶଙ୍କା ରହିଛି। ତା'ଛଡ଼ା ମନ୍ଦିରକୁ ପ୍ରତ୍ୟେକ ବର୍ଗର ଲୋକ ଉପବାସ କରି ବିଭିନ୍ନ ମନସ୍କାମନା ନେଇ ଆସିଥିବାରୁ ଏଭଳି ରିଲ୍ସ କରିବା ସେମାନଙ୍କୁ ଡିଷ୍ଟର୍ବ ମଧ୍ୟ କରିପାରେ। ତେଣୁ ଶାନ୍ତି, ଶୃଙ୍ଖଳାର ସହ ନିରାପଦ ଭାବେ ପୂଜା କରିବା ଆବଶ୍ୟକ।





**ମନେରଖନ୍ତୁ:** ଭକ୍ତିରେ ନୁହେଁ ବରଂ ଫଟୋ, ଭିଡିଓ କରିବା ଆଳରେ ଅନେକେ ମନ୍ଦିର ଯାଇଥାନ୍ତି ଏବଂ ଦୀପ ଜାଳିଥାନ୍ତି। ଫଟୋଶୁଟ୍ ପରେ ଏଣେତେଣେ ଦୀପ ଫିଙ୍ଗିଥାନ୍ତି। ଯାହାଦ୍ୱାରା ମନ୍ଦିର ପରିସର ଅପରିଷ୍କାର ହୋଇଥାଏ । ତା'ଛଡ଼ା ଭଙ୍ଗାଦୀପର ଖଣ୍ଡ, ଘିଅ ପଡ଼ିବା ଦ୍ୱାରା ଗୋଡ଼ ଖସିବା, ପାଦରେ ଆଘାତ ଲାଗିବା ସହ ଅଧା ଜଳା ବତିରୁ ଅଗ୍ନିକାଣ୍ଡ ହେବାର ବି ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଫଟୋ, ଭିଡିଓ ନିଶାରେ ଯେପରି ନିଜ ପାଇଁ କିମ୍ବା ଅନ୍ୟ କାହା ପାଇଁ କୌଣସି ବିପଦ ନ ଆସେ ସେଥିପ୍ରତି ବିଶେଷ ସତର୍କ ରହିବା ଆବଶ୍ୟକ।

## ଯୁବ ପ୍ରତିଭା

# ସମାଜସେବାରେ ମନକୁ ସମର୍ପି ଦେଇଛି



ଓଡ଼ିଶାର ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟ କରିବା ହେଉ କି ଅଲିଭ୍‌ରିଡ୍‌ଲେ କଇଁଛ ସୁରକ୍ଷା ଅଭିଯାନରେ ହେଉ, ନିଜେ ସକ୍ରିୟ ଭାବେ କାର୍ଯ୍ୟ କରିବା ସହ ୨ ହଜାରରୁ ଅଧିକ ଯୁବପିଢ଼ିଙ୍କୁ ଏହି କାମ ପାଇଁ ପ୍ରେରଣା ଯୋଗାଇଦେବା ଏବଂ ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରାଇ ସମାଜରେ ସେ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ୧୨ଥର ରାଜ୍ୟ ଏବଂ ୩ଥର ଅନ୍ତର୍ଜାତୀୟ ସ୍ତରରେ ଭାରତ ସ୍କାଉଟ ଏବଂ ଗାଇଡ୍‌କୁ ପ୍ରତିନିଧିତ୍ୱ କରି ସେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ସେହିପରି 'ୟୁଥ ଫର୍ ୱାଟର ପ୍ଲସ' ତରଫରୁ ଓଡ଼ିଶାର ପରିବର୍ତ୍ତନକାରୀ ମଧ୍ୟରୁ ଜଣେ ବିବେଚିତ ହୋଇ ୨୦୨୬ ମସିହା କ୍ୟାଲେଣ୍ଡରରେ ନିଜ ସ୍ଥାନ ତିଆରି କରିପାରିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଲୁହାଝର ଗ୍ରାମର ମା' ଶକୁନ୍ତଳା ଓ ବାପା ବାଲ୍ୟକୃଷ୍ଣ ମହାରଣାଙ୍କ ଝିଅ ବର୍ଷାରାଣୀ।

ପିଲାବେଳୁ ମା'ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବା ପ୍ରତି ସେ ଆକୃଷ୍ଟ ହୋଇଥିଲେ। ସେ ଲୋକ ପ୍ରଶାସନ (ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ୍) ଏବଂ ସାମାଜିକ କାର୍ଯ୍ୟ (ସୋସିଆଲ୍ ୱର୍କ) ଦୁଇଟି ବିଭାଗରେ ଏମ୍.ଏ. କରିଛନ୍ତି। ବର୍ତ୍ତମାନ ୟୁଥ୍ ଫର୍ ସୋସିଆଲ ଡେଭ୍‌ଲପ୍‌ମେଣ୍ଟ ସଂସ୍ଥାରେ ଜଳବାୟୁ ପରିବର୍ତ୍ତନ ଏବଂ ପାଣି ସଂଗ୍ରହରେ ପ୍ରମୁଖ ଭାବେ କାର୍ଯ୍ୟରତ। ଭାରତ ସ୍କାଉଟ୍ ଏବଂ ଗାଇଡ୍‌ରେ ୟୁନିଟ୍ ଲିଡରରେ ଜଣେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ। ୨୦୧୯ରେ ଗୋପାଳପୁର ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ, ଭାରତ ସ୍କାଉଟ୍ ଏବଂ ଗାଇଡ୍ ଭଳି ସଂସ୍ଥାରେ ଯୋଡ଼ି ହୋଇ ରାଜ୍ୟ ଏବଂ ରାଷ୍ଟ୍ରୀୟସ୍ତରରେ ଓଡ଼ିଶା ଏବଂ ଭାରତକୁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି। ୨୦୨୧ରେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଗଣେଶୀଲାଲ୍‌ଙ୍କଠାରୁ ସ୍କାଉଟ୍ ଏବଂ ଗାଇଡ୍‌ରେ ରାଜ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

ଏହାଛଡ଼ା ନିଜ ସମାଜରେ ଯୁବଗୋଷ୍ଠୀମାନଙ୍କୁ ନେଇ ସମାଜରେ ପରିବର୍ତ୍ତନ କରିବା ସକାଶେ ନିଜ ସ୍ୱର ଉତ୍ତୋଳନ କରି ଯୁବବର୍ଗମାନଙ୍କୁ ନିଜ ଅଧିକାର ଆଉ ସମାଜ ପ୍ରତି କର୍ତ୍ତବ୍ୟ ଜଣେଇ ଟାଟା ଷ୍ଟିଲ ଫାଉଣ୍ଡେଶନ ତରଫରୁ ଯୁବ ପରିବର୍ତ୍ତନକାରୀ (change maker) ଭାବେ ପୁରସ୍କୃତ ହୋଇଛନ୍ତି। ୨୦୨୪ରେ ୟୁନିସେଫ୍ ପକ୍ଷରୁ ଆୟୋଜିତ ୟୁୱାହ(ଯୁବା) ଏବଂ ଆଇ ଭଲ୍ୟୁଣ୍ଟର ସଂସ୍ଥା ତରଫରୁ ସର୍ବଭାରତୀୟସ୍ତରରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରୁ ଓଡ଼ିଶାରୁ ଏକମାତ୍ର ଝିଅ ଭାବେ ଗ୍ରୀନ ଗାର୍ଡିଆନ୍ ସମ୍ମାନରେ ସମ୍ମାନିତ ହେଇଛନ୍ତି। ୨୦୨୫ରେ ଏସିଆ ପାସିଫିକ୍ ରେଜିଓନାଲ ଜାମ୍ବୋରିରେ ଭାରତ ସ୍କାଉଟ ଏବଂ ଗାଇଡ୍‌ରୁ ଓଡ଼ିଶାରୁ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି। ଏହାଛଡ଼ା ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଏବଂ ଗାଇଡ୍ ଦ୍ୱାରା ପରିଚାଳିତ ଟିକେଟ୍ ଟୁ ଲାଇଫ୍ ପ୍ରୋଜେକ୍ଟରେ ୟୁନିଟ୍ ଲିଡର ଭାବେ ୬୪ ଜଣ ସ୍କାଉଟ ଏବଂ ଗାଇଡଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ତାଙ୍କର ଅଲିଭ୍‌ରିଡ୍‌ଲେ କଇଁଛ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମଟି ଭାରତର ଏକ ପ୍ରଶଂସନୀୟ କାର୍ଯ୍ୟ ଭାବେ ଏସିଆ ପାସିଫିକ ସ୍କାଉଟ ପକ୍ଷରୁ ତାଇୱାନରେ ଏକ ପ୍ରମୁଖ ଲୋକ ଚର୍ଚ୍ଚିତ କାମ ଭାବେ ପ୍ରଦର୍ଶିତ ହୋଇପାରିଛି।



ସମାଜ ପ୍ରତି ନିଜ ଭଲପାଇବା ଓ ନିଷ୍ଠା ଲାଗି ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଭବିଷ୍ୟତରେ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ପୃଥିବୀରେ ହେଉଥିବା ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟା ସମାଧାନର ବାଟ ଖୋଜିବା କାର୍ଯ୍ୟରେ ସାମିଲ କରିବା ତାଙ୍କର ସବୁଠୁ ବଡ଼ ଆଶା ଓ ସ୍ୱପ୍ନ ବୋଲି ପ୍ରକାଶ କରନ୍ତି ବର୍ଷାରାଣୀ।

– ସ୍ମୃତିରଞ୍ଜନ ମାହାଲିକ

## ଏ ସପ୍ତାହର ପ୍ରଶ୍ନ ?

୧– ଶେଙ୍ଗିହାଲି ୱାଇଲ୍ଡ ଲାଇଫ୍ ସାଙ୍କ୍‌ଚୁଆରୀ ...... ରାଜ୍ୟରେ ଅବସ୍ଥିତ ?
୨– ନିକଟରେ ନ୍ୟାଶନାଲ୍ କ୍ରପ୍ ନ୍ୟୁଟ୍ରିଶନ୍ ସମିଟ ୨୦୨୬ ........ଠାରେ ଅନୁଷ୍ଠିତ ହୋଇଯାଇଛି ?
୩– ୟୁନିଅନ୍ ବଜେଟ ୨୦୨୬–୨୦୨୭ରେ ମହିଳା ଉଦ୍ୟୋଗୀଙ୍କ ପାଇଁ ଆରମ୍ଭ ହୋଇଥିବା ନୂଆ ଯୋଜନା .......... ?
୪– ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍ ଡେ' ...........ତାରିଖରେ ପାଳନ କରାଯାଏ ?
୫– ଫୁଏଗୋ ଭଲ୍‌କାନୋ ............... ଦେଶରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଷଷ୍ଠ ସ୍ଥାନ
୨ ଆବୁଧାବି
୩ ସୁଭାଷ ଚନ୍ଦ୍ର ବୋଷ
୪ ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ
୫ ସୌଦି ଆରବ

## ଉତ୍ତରଦାତା



ଶେଖ୍ ୟାକୁବ୍
ଗୋପ



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ସଚ୍ଚିଦାନନ୍ଦ ପରିଡ଼ା
ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ–ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ଲମ୍ବା ସମ୍ବିଧାନ

୧. ଇଣ୍ଡିଆ ........................ ୧,୪୬,୩୮୫ ଶବ୍ଦ
୨. ନାଇଜେରିଆ ........................ ୬୬,୨୬୩ ଶବ୍ଦ
୩. ବ୍ରାଜିଲ୍ ........................ ୬୪,୪୮୮ ଶବ୍ଦ
୪. ମାଲେସିଆ ........................ ୬୪,୦୮୦ ଶବ୍ଦ
୫. ପାପୁଆ ନ୍ୟୁ ଗିନି ........................ ୫୮,୪୯୦ ଶବ୍ଦ
୬. ମେକ୍ସିକୋ ........................ ୫୭,୦୮୭ ଶବ୍ଦ
୭. ପାକିସ୍ତାନ ........................ ୫୬,୨୪୦ ଶବ୍ଦ
୮. ଜିମ୍ବାୱେ ........................ ୫୫, ୮୩୩ ଶବ୍ଦ
୯. ଇକ୍ୱେଡର୍ ........................ ୫୪,୫୫୫ ଶବ୍ଦ
୧୦. ୟୁନାଇଟେଡ୍ କିଙ୍ଗ୍‌ଡମ୍........................ ୫୪,୪୦୮ ଶବ୍ଦ

## ୟୁଥ୍ ଆଲର୍ଟ

# କାନରେ ବାଜୁଛି କି ଗୋଟିଏ ଗୀତ

**ସକାଳୁ ଗୋଟିଏ ଗୀତ ଶୁଣିଥିବେ ଅବା ହଠାତ୍ କେଉଁ ଗୀତ ମନେପଡ଼ିଯାଇଥିବ ଏବଂ ତାହା ଦିନସାରା ବାରମ୍ବାର କାନରେ ବାଜୁଥିବ– ଏଭଳି ଅନୁଭବ ପ୍ରାୟ ଅଧିକାଂଶଙ୍କର ରହିଛି। ହେଲେ ଏହା ପଛରେ କାରଣ କ'ଣ ତା' ହୁଏତ ସଭିଙ୍କୁ ଜଣା ନ ଥିବା ଜାଣନ୍ତୁ ସେ ସମ୍ପର୍କରେ...**

➤ ବହୁତ ସମୟରେ ଏପରି ହୁଏ, କିଛି ଗୀତ ଆମ ମନରେ ଅଟକିଯାଏ ଏବଂ ଦିନସାରା ମନ ଭିତରେ ବାରମ୍ବାର ରିପିଟ୍ ହୋଇଥାଏ। ବିଜ୍ଞାନ ଭାଷାରେ ଏହାକୁ ଇନ୍‌ଭଲ୍ୟୁଣ୍ଟାରୀ ମ୍ୟୁଜିକାଲ୍ ଇମେଜେରୀ ବା ଇୟରୱର୍ମ ବୋଲି କୁହାଯାଏ। ତେବେ ଏହା କୌଣସି ରୋଗ ନୁହେଁ, ଏହା ହେଉଛି ମସ୍ତିଷ୍କର ଏକ ପ୍ରକାରର ସ୍ଥିତି।

➤ ଏହି ସ୍ଥିତିରେ ନିଜ ଇଚ୍ଛାରେ ନୁହେଁ, ବରଂ ଆପେ ଆପେ କୌଣସି ଗୀତ ମନକୁ ବାରମ୍ବାର ଆସିଥାଏ। ତାହା ପୁଣି ସମ୍ପୂର୍ଣ୍ଣ ଗୀତ ନୁହେଁ, ବରଂ ଗୀତର ୧୫ରୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ କୌଣସି ଏକ ନିର୍ଦ୍ଦିଷ୍ଟ ଭାଗ।

➤ ତେବେ କାହିଁକି ମନରେ ଗୀତ ଏପରି ଅଟକିଯାଏ, ତାହାର କାରଣ ହେଉଛି ମଣିଷର ମସ୍ତିଷ୍କ ଦିନସାରା ବିଭିନ୍ନ ପ୍ରକାରର ଶବ୍ଦ, ସ୍ୱର ଶୁଣିଥାଏ। ଯେତେବେଳେ କୌଣସି ଗୀତ ଆମର ଭାବନା ଯେପରି ଖୁସି, ଦୁଃଖ ଆଦି ସହିତ କିମ୍ବା ଅତୀତର ଅନୁଭୂତି ସହିତ ଯୋଡ଼ି ହୋଇଯାଏ, ତେବେ ତାହା ମସ୍ତିଷ୍କର ସାଉଣ୍ଡ ସିଷ୍ଟମରେ ଅଟକିଯାଏ ଏବଂ ଆପେ ଆପେ ବାରମ୍ବାର ମନକୁ ଆସିଥାଏ। ଏହା ପ୍ରୋସେସ୍‌କୁ ଫୋନୋଲୋଜିକାଲ୍ ଲୁପ୍ କୁହାଯାଏ।

➤ ତେବେ ଅଧିକ ଚର୍ଚ୍ଚିତ ଗୀତ ଯେପରି ଟ୍ରେଣ୍ଡିଂରେ ଚାଲିଥିବା ରିଲ୍ସ ଗୀତ, ସବୁ ସମୟରେ ଲୋକପ୍ରିୟ ହୋଇଥିବା ଗୀତ, ସୁନ୍ଦର ମ୍ୟୁଜିକ୍ ଥିବା ଗୀତ, ବାରମ୍ବାର ଲାଇନ୍ ରିପିଟ୍ ହେଉଥିବା ଭଳି ଗୀତ ଶୁଣିଲେ ତାହା ଅଧିକ ମନ ଭିତରକୁ ଆସିଥାଏ।

➤ ତେବେ ଏପରି ଯଦି ବାରମ୍ବାର ହେଉଛି ଏବଂ ଆପଣ ଏହାର ସମାଧାନ କରିବାକୁ ଚାହୁଁଛନ୍ତି, ତେବେ ପ୍ରଥମେ କିଛି ନୂଆ ଓ ଭିନ୍ନ ଧରଣର ଗୀତ ଶୁଣନ୍ତୁ।

➤ ଯଦି ପଢ଼ିବା ବେଳେ କିମ୍ବା ଅଫିସ୍ କାମ ବେଳେ ଏହି ଇୟରୱାର୍ମ ଆପଣଙ୍କୁ ଡିଷ୍ଟର୍ବ କରୁଛି, ତେବେ କିଛି ସମୟ ବ୍ରେକ୍ ନେଇ ସାଙ୍ଗସାଥୀଙ୍କ ସହ ଗପସପ କରିବା, ଶର୍ଟ ଫିଲ୍ମ କିମ୍ବା କମେଡି ଭିଡିଓ ଦେଖନ୍ତୁ ମୁଡ୍ ଚେଞ୍ଜ ହେବା ସହ ସେହି ଗୀତ ମଧ୍ୟ ମନରୁ ଦୂରେଇଯିବ।

➤ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ ଯେ ଡାକ୍ତରମାନଙ୍କ ଗବେଷଣା ମୁତାବକ ଚ୍ୟୁଇଂଗମ୍ ଚୋବାଇବା ଦ୍ୱାରା ମଧ୍ୟ ଏହି ଗୀତର ଲୁପ୍ ଦୂର କରିବାରେ ସାହାଯ୍ୟ କରିଥାଏ। କାରଣ ଚ୍ୟୁଇଂଗମ୍ ଚୋବାଇବା ଦ୍ୱାରା ଆମର ମସ୍ତିଷ୍କ ଏବଂ ମାଢ଼ିର ସେହି ଅଂଶ ବ୍ୟସ୍ତ ହୋଇଯାଏ, ଯାହାକି ଗୀତକୁ ବାରମ୍ବାର ଗୁଣୁଗୁଣାଇବା କାର୍ଯ୍ୟ କରିଥାଏ।









କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ୍‌ରେ ବରଗଡ଼ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚ। (ଫଟୋ: ରାଜକିଶୋର ମହାନ୍ତି)

# ଡବଲ ସ୍ୱର୍ଣ୍ଣ ସହ ପ୍ରମୋଦଙ୍କୁ ରେକର୍ଡ ୬ଷ୍ଠ ଟାଇଟଲ

ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)

ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ପୁଣିଥରେ ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି। ବାହାରିନରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ସେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି। ପୁରୁଷ ଏସ୍ଏଲ୍୩ ବର୍ଗରେ ସେ ରେକର୍ଡ ୬ଷ୍ଠ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶାର ଗର୍ବ ପ୍ରମୋଦ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଇଣ୍ଡୋନେସିଆର ମହମ୍ମଦ ଅଲ୍ ଇମ୍ରାନଙ୍କୁ ୨୧-୧୨, ୨୧-୧୮ରେ ପରାସ୍ତକରି ନିଜ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲକୁ ୬ରେ ପହଞ୍ଚାଇଛନ୍ତି। ପୂର୍ବରୁ ୨୦୦୯, ୨୦୧୫, ୨୦୧୯, ୨୦୨୨ ଓ ୨୦୨୪ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଖେଳରନ୍ ପ୍ରମୋଦ ଏବେ ୨୦୨୬କୁ ସେଥିରେ ଯୋଡ଼ିଛନ୍ତି। ଅର୍ଥାତ୍ ହାଟ୍ରିକ ସହ କ୍ରମାଗତ ୪ଥର ସେ ଟାଇଟଲ ବିଜୟୀ ହୋଇଛନ୍ତି। ଏ କ୍ଷେତ୍ରରେ ସେ କିମ୍ବଦନ୍ତୀ




ବ୍ୟାଡ୍‌ମିଣ୍ଟନ ତାରକା ଚାଇନାର ଲିନ୍ ଡାନ୍‌ଙ୍କ ୫ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ରେକର୍ଡକୁ ପଛରେ ପକାଇଛନ୍ତି। ସେହିପରି ପୁରୁଷ ଡବଲ୍ସ

### ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ

ଏସ୍ଏଲ୍୩-ଏସ୍ଏଲ୍୪ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମ ଅନ୍ୟ ଭାରତୀୟ ଯୋଡ଼ି ଜଗଦୀଶ ଦିଲ୍ଲୀ ଓ ନବିନ ଶିବକୁମାରଙ୍କୁ ୨୧-୧୯, ୨୧-୧୬ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

### ଭାବପ୍ରବଣ ମୁହୂର୍ତ୍ତ: ପ୍ରମୋଦ

"କ୍ରମାଗତ ୪ ଥର ଏବଂ ମୋଟ ୬ ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିବା ମୋ ପାଇଁ ଭାବପ୍ରବଣ ମୁହୂର୍ତ୍ତ। ଲିନ୍ ଡାନ୍ ସବୁବେଳେ ମୋର ଆଦର୍ଶ ଖେଳାଳି ହୋଇ ରହିଛନ୍ତି। ତାଙ୍କ ରେକର୍ଡ ଭାଙ୍ଗିବା ମୋ ପାଇଁ ସମ୍ପୂର୍ଣ୍ଣଭାବେ ସ୍ୱତନ୍ତ୍ର। ନିଜ ଉପରେ ବିଶ୍ୱାସ, ଶୃଙ୍ଖଳା ଏବଂ ବିଭିନ୍ନ ପ୍ରକାର ତ୍ୟାଗର ଏହା ଫଳ। ବଡ଼ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବା ଏବଂ ଇତିହାସ ସୃଷ୍ଟି କରିବା ମୋତେ ଗର୍ବିତ କରିଛି" ବୋଲି ପ୍ରମୋଦ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ରୋମାଞ୍ଚକ ମୁକାବିଲାରେ କେନ୍ଦୁଝର ବିଜୟୀ

କଟକ, ୧୪।୨ (କୁମାରଶ୍ରୀ)

### ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ କବାଡ଼ି

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ୍ ଜାରି ରହିଛି। ଶନିବାର ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ପୁରୁଷ ବର୍ଗର ଏକ ରୋମାଞ୍ଚକ ମ୍ୟାଚ୍‌ରେ ନୟାଗଡ ୨୭-୨୨ ପଏଣ୍ଟରେ କେନ୍ଦୁଝରକୁ ପରାସ୍ତ କରିଛି। ପୁରୁଷ ବର୍ଗର ଅନ୍ୟ ମ୍ୟାଚ୍ ଗୁଡିକରେ ସୁନ୍ଦରଗଡ, ପୁରୀ, ସମ୍ବଲପୁର, ମୟୂରଭଞ୍ଜ, କଟକ, ଅନୁଗୋଳ, ଓଡ଼ିଶା ପୋଲିସ, କିଟ୍ ଦଳ ବିଜୟ ହାସଲ କରିଛି। ଦ୍ୱିତୀୟ ଦିବସରେ ସିଆରଆରଆଇ ନିର୍ଦ୍ଦେଶକ ଜିଏକେ କୁମାର, ଅଧ୍ୟକ୍ଷ(କ୍ରୀଡ଼ା) ପ୍ରତାପ ଭଟ୍ଟାଚାର୍ଯ୍ୟ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ରବିନାରାୟଣ ମହାପାତ୍ର, ଭୁବନେଶ୍ୱର ଆଥଲେଟିକ ଆସୋସିଏସନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ଟି୨୦ ବିଶ୍ୱକପ୍
(ଆଜିର ମ୍ୟାଚ୍)

**ନେପାଳ ବନାମ ୱେଷ୍ଟଇଣ୍ଡିଜ**
ସ୍ଥାନ: ମୁମ୍ବାଇ,
ସମୟ: ପୂର୍ବାହ୍ନ ୧୧ଟା

**ନାମ୍ବିଆ ବନାମ ୟୁଏସ୍ଏ**
ସ୍ଥାନ: ଚେନ୍ନାଇ,
ସମୟ: ଅପରାହ୍ନ ୩ଟା

**ଭାରତ ବନାମ ପାକିସ୍ତାନ**
ସ୍ଥାନ: କଲମ୍ବୋ,
ସମୟ : ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ସ୍କଟ୍‌ଲାଣ୍ଡକୁ ୫ ଉଇକେଟରେ ହରାଇଲା ଇଂଲଣ୍ଡ

କୋଲକାତା, ୧୪।୨ (ପି.ଟି.)

ଭେଟେରାନ ଲେଗ୍ ସ୍ପିନର ଆଦିଲ ରଶିଦ (୩/୩୬)ଙ୍କ ୩ ଉଇକେଟ ସଫଳତା ଏବଂ ମିଡଲ ଓଭରରେ ଟମ୍ ବାଣ୍ଟନଙ୍କ ଆକର୍ଷଣୀୟ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଇଂଲଣ୍ଡ ଚଳିତ ଟି୨୦ ବିଶ୍ୱକପ୍ ଗ୍ରୁପ୍ 'ସି'ର ଏକ ମ୍ୟାଚରେ ସ୍କଟଲାଣ୍ଡକୁ ୫ଉଇକେଟରେ ପରାସ୍ତ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିବା ଇଂଲଣ୍ଡ ରଶିଦଙ୍କ ପ୍ରଭାବୀ ବୋଲିଂ ଜରିଆରେ ସ୍କଟଲାଣ୍ଡକୁ ୧୫୨ରନ ସ୍କୋରରେ ସୀମିତ କରିଦେଇଥିଲା। ପେସର ଜୋଫ୍ରା ଆର୍ଚର ଏବଂ ବାମହାତୀ ସ୍ପିନର ଲିଆମ ଡସନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ସ୍କଟଲାଣ୍ଡର ଟପ୍ ସ୍କୋରର ଅଧିନାୟକ ରିଚି ବେରିଙ୍ଗଟନ ସର୍ବାଧିକ ୪୯ ରନ କରିଥିଲେ। ଇଂଲଣ୍ଡ ୧୦ଟି ବଲ୍ ବାକିଥାଇ ୧୫୩ ରନର ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ: ୧୯.୪ ଓଭରରେ ୧୫୨/ଅଲଆଉଟ (ରିଚି ବେରିଙ୍ଗଟନ-୪୯ ; ଆଦିଲ ରଶିଦ-୩/୩୬)। ଇଂଲଣ୍ଡ: ୧୮.୨ ଓଭରରେ ୧୫୫/୫(ଟମ୍ ବାଣ୍ଟନ-୬୩*, ଅଲିଭର ଡେଭିଡସନ-୧/୧୨)।




# ମାର୍ଚ୍ଚ ୧୫ରୁ ଦେବେନ୍ଦ୍ର ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ




ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି। (ଫଟୋ:ବିକାଶ ନାୟକ)

ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)

### ଭାଗନେବେ ୮ ଦଳ, ରାଜେନ୍ଦ୍ର ବ୍ରାଣ୍ଡ ଆମ୍ବାସାଡର

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଆୟୋଜନ ହେବ ଅଲ୍ ଓଡ଼ିଶା ଫୁଟବଲ ଚାମ୍ପିୟନଶିପ୍। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସ୍ୱୀକୃତିକ୍ରମେ ଭୁବନେଶ୍ୱର ସିଟି କ୍ଲବ, ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଏହି ସମ୍ମାନଜନକ ପ୍ରତିଯୋଗିତା ମାର୍ଚ୍ଚ ୧୫ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଖେଳାଯିବ। ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟର ଚେୟାରମ୍ୟାନ ତଥା ବିଧାୟକ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଏହି ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ପ୍ରକାଶ କରିଛନ୍ତି। ଟୁର୍ଣ୍ଣାମେଣ୍ଟ ଅବସରରେ ମାର୍ଚ୍ଚ ୧୭ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ୱତନ୍ତ୍ରଭାବେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ଆସନ୍ତା ବର୍ଷରୁ ଏହାକୁ ଜାତୀୟ ସ୍ତରର ଟୁର୍ଣ୍ଣାମେଣ୍ଟରେ ପରିଣତ କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ନକ୍‌ଆଉଟ ଭିତ୍ତିରେ ହେବାକୁଥିବା ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲେ ଭୁବନେଶ୍ୱର, କିଶୋର କ୍ଲବ, କଟକ ମଙ୍ଗଳା କ୍ଲବ, ସମ୍ବଲପୁର ଫୁଟବଲ ଏକାଡେମୀ, ଭୁବନେଶ୍ୱର ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ, ରାଉରକେଲା ରେଡ୍ ୟୁନାଇଟେଡ, ବରଗଡ଼ ୟୁନାଇଟେଡ ଏଫ୍‌ସି, ବାଲେଶ୍ୱର ହରି ପ୍ଲାଷ୍ଟ ଟାଇଟନ୍ସ ଏବଂ କଟକ ରାଧା ରମଣ କ୍ଲବ। ଟୁର୍ଣ୍ଣାମେଣ୍ଟ ଲାଗି ମୋଟ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ଟୁର୍ଣ୍ଣାମେଣ୍ଟ ଆମ୍ବାସାଡର ହୋଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ବରିଷ୍ଠ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଆୟୋଜକ କମିଟି ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ପୂର୍ବତନ ଭାରତୀୟ ଫୁଟବଲ କୋଚ୍ ମହମ୍ମଦ ସାହିଦ ଜବାର, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, କ୍ରୀଡ଼ା ସଙ୍ଗଠକ ସହଦେବ ରାଉତ, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରଶାଦ ଦାସ, ସୁବ୍ରତ ଦାସ, ଭାଗ୍ୟଧର ଜଗଦ୍ଦେବ, ଦିଲୀପ ଦାସ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ